

ଜୟନ୍ତୀରେ ପ୍ରଣାମ

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ଗିରଫ ହେଲେ 'ୟେ ରିସ୍ତା କ୍ୟା କେହଲାତା ହେ' ଅଭିନେତା ଆଶିଷ | ୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୫୬ Vol. 22 No-156 5 SEPTEMBER 2025 FRIDAY, BHUBANESWAR ଶୁକ୍ରବାର, ୫ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦







**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ
## ଏବଂ
# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ

ଶିକ୍ଷା ହିଁ ପ୍ରଗତି । ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶର ଦାୟିତ୍ୱ ଶିକ୍ଷକମାନଙ୍କର । ସେଥିପାଇଁ ସେମାନଙ୍କୁ ଗୁରୁ ଭାବରେ ସମ୍ମାନିତ କରାଯାଏ । ଏହି ଦାୟିତ୍ୱକୁ ଠିକ୍ ଭାବରେ ସମ୍ପାଦନ କରି ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଶିକ୍ଷକମାନେ ଉଦ୍ୟମ ଅବ୍ୟାହତ ରଖିବେ ବୋଲି ମୋର ଆଶା ଓ ବିଶ୍ୱାସ ।

(ମୋହନ ଚରଣ ମାଝୀ)

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସମ୍ମାନିତ ଅତିଥି**

**ଶ୍ରୀ ନିତ୍ୟାନନ୍ଦ ଗଣ୍ଡ**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

**ଶ୍ରୀ ସୂର୍ଯ୍ୟବଂଶୀ ସୁରଜ**
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

**୦୫ ସେପ୍ଟେମ୍ବର ୨୦୨୫**
**କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ**

DSPL-249 OIPR 27068/13/0056/2526

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର**



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ଗୁରୁ ଦିବସ । ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କର ଜନ୍ମଦିନ ଉପଲକ୍ଷେ ତାଙ୍କର ସ୍ମୃତିରେ ପ୍ରତିବର୍ଷ ସେପ୍ଟେମ୍ବର ୫ ତାରିଖକୁ ଗୁରୁ ଦିବସ ରୂପେ ପାଳନ କରାଯାଇଥାଏ । ଗୁରୁଙ୍କ ପ୍ରତି ସମ୍ମାନ, ଭଲପାଇବା ଓ ଉତ୍ସର୍ଗର ପର୍ବ ହେଉଛି ଗୁରୁ ଦିବସ । ଏହି ଅବସରରେ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାଣ୍ଡିଲ୍ୟସ୍ୱରୂପ ରଙ୍ଗ ତୂଳୀରେ ଶ୍ରଦ୍ଧା, ଭକ୍ତି ଓ ସମ୍ମାନର ସହ 'ଯୁଗେ ଯୁଗେ ଗୁରୁ ଚିର ବନ୍ଦନୀୟ' ଶୀର୍ଷକ ଚିତ୍ର ଆଙ୍କି ପ୍ରାଚୀନ ଗୁରୁକୁଳର ଗୁରୁ-ଶିଷ୍ୟ ପରମ୍ପରାର ମହାନ୍ ଗାଥାକୁ ପ୍ରତିପାଦନ କରିବା ସହ ସାରା ବିଶ୍ୱକୁ ଦେଖେଇଛନ୍ତି କଳିଙ୍ଗ ବାର୍ତ୍ତା । ଶାନ୍ତନୁଙ୍କ ଏହି ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଉଛି । ସବୁବେଳେ ବିଭିନ୍ନ ପରମ୍ପରାକୁ ନେଇ କୁନି ଚିତ୍ରଶିଳ୍ପୀ ଶାନ୍ତନୁ ସମାଜକୁ ଏଭଳି ବାର୍ତ୍ତା ପ୍ରଦାନ କରୁଥିବାରୁ ତାଙ୍କୁ ମଧ୍ୟ ପ୍ରଶଂସା କରାଯାଉଛି । ତାଙ୍କର ଏଭଳି କାର୍ଯ୍ୟ ସବୁବେଳେ ଜାରି ରହୁ ବୋଲି ସବୁ ମହଲରେ କୁହାଯାଉଛି ।



### ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ରାଜ୍ୟପାଳ

# କାର୍ଯ୍ୟାନ୍ୱୟନ ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ପ୍ରକଳ୍ପଗୁଡ଼ିକର ସମୟୋଚିତ କାର୍ଯ୍ୟାନ୍ୱୟନ ପାଇଁ ସଂପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା ଉପରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଗୁରୁତ୍ୱାରୋପ କରିଛନ୍ତି । ଚଳିତ ସେପ୍ଟେମ୍ବର ୪ ତାରିଖ ଦିନ ରାଜଭବନର ନ୍ୟୁ ଅଡିଟୋରିୟମ୍ ହଲ୍‌ରେ ଜାତୀୟ ରାଜପଥ ପ୍ରାଧିକରଣ, ଜାତୀୟ ରାଜପଥ, ବିମାନ ଚଳାଚଳ ଏବଂ ରେଳବାଇର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତା ଓ ବର୍ତ୍ତମାନର ସ୍ଥିତି ସଂପର୍କରେ ସମୀକ୍ଷା ଅବସରରେ ରାଜ୍ୟପାଳ ଏହି ଗୁରୁତ୍ୱ ଆରୋପ କରିଛନ୍ତି । ଏହି ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ଜାତୀୟ ରାଜପଥ ପ୍ରାଧିକରଣର ରିଜିଓନାଲ ଅଫିସର ବୀରେନ୍ଦ୍ର ସିଂହ, ପୂର୍ବତଟ ରେଳବାଇର ଜି.ଏମ୍. ପରମେଶ୍ୱର ଫଙ୍କୱାଲ, ବିଜୁ ପଟ୍ଟନାୟକ ଆର୍ନ୍ତଜାତୀୟ ବିମାନ ବନ୍ଦରର ଏପିଡି ପ୍ରସନ୍ନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପ୍ରାରମ୍ଭରେ ଉପରୋକ୍ତ ବିଭାଗ ତରଫରୁ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ମାଧ୍ୟମରେ ବିଭିନ୍ନ ବିଭାଗର ପ୍ରକଳ୍ପ ସଂପର୍କରେ ତଥ୍ୟ ଉପସ୍ଥାପନା କରି ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ରାଜ୍ୟରେ ବିମାନ ଚଳାଚଳ କ୍ଷେତ୍ରର ସମୀକ୍ଷା କରି ରାଜ୍ୟପାଳ କହିଥିଲେ ଯେ 'ହେଲି ପୋର୍ଟ' ସ୍ଥାପନ ଏକ ଭଲ ଚିନ୍ତାଧାରା । ଏହା ଯଦି କାର୍ଯ୍ୟକାରୀ କରାଯାଏ, ତେବେ ଜନସାଧାରଣ ଉପକୃତ ହୋଇପାରିବେ । ପିପିପି ମୋଡରେ ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ଦୁଇ ତିନୋଟି ସ୍ଥାନରେ ହେଲି ପୋର୍ଟ ଆରମ୍ଭ କରିବା ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏତଦ୍‌ବ୍ୟତୀତ ରାଜ୍ୟରେ ବିମାନ ପରିଚାଳନାକୁ ସହଜ କରିବା ପାଇଁ ରାଜ୍ୟ ମାଲିକାନାରେ ଥିବା ଏୟାରଷ୍ଟ୍ରିପର ରନୱେକୁ ସଂପ୍ରସାରଣ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ ଏବଂ ଜନଜାତି ଝିଅମାନଙ୍କ ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କ୍ୟାଡେଟ୍ ପାଇଲଟ୍ କାର୍ଯ୍ୟକ୍ରମ ସଂପର୍କରେ ପଚାରି ବୁଝିଥିଲେ । ଏତଦ୍‌ବ୍ୟତୀତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ପରିଚାଳିତ ହେଉଥିବା ଅନ୍ତର୍ଜାତୀୟ ବିମାନ ଉଡାଣ ସଂପର୍କରେ ବିଶଦ ବିବରଣୀ ଦେବାକୁ କର୍ତ୍ତୃପକ୍ଷଙ୍କୁ ରାଜ୍ୟପାଳ କହିଥିଲେ । ଓଡ଼ିଶାର ପର୍ଯ୍ୟଟନ ସମ୍ଭାବନା ଉପରେ ଆଲୋକପାତ କରି ରାଜ୍ୟରେ ଥିବା ବନ୍ଦରମାନଙ୍କରେ ଗ୍ରୀନ ଫିଲ୍ଡ ଟର୍ମିନାଲ ପରିବର୍ତ୍ତେ କ୍ରୁଜ ଟର୍ମିନାଲ ବିକାଶ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏହା ଦ୍ୱାରା କ୍ରୁଜ ଜାହାଜକୁ ଆକର୍ଷିତ ହେବେ । ଏତଦ୍‌ବ୍ୟତୀତ ମତ୍ସ୍ୟଜୀବୀଙ୍କ ଜୀବିକା ସୁରକ୍ଷା ପାଇଁ ବନ୍ଦରରେ ମାଛଧରା ଜେଟି ପ୍ରଚଳନ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ଉପରୋକ୍ତ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟକାରିତା, ଅଗ୍ରଗତି ଏବଂ କାର୍ଯ୍ୟାନ୍ୱୟନ ବେଳେ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜସ୍ୱ, ଜଙ୍ଗଲ ଓ ପରିବେଶ, ପୂର୍ତ୍ତ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ସହ ସଂପୃକ୍ତ ବିଭାଗ ମଧ୍ୟରେ ରହୁଥିବା ସମନ୍ୱୟ ପାଇଁ ରାଜ୍ୟପାଳ ସନ୍ତୋଷ ବ୍ୟକ୍ତ କରିଥିଲେ ।

## ଏଥର ପୂଜା ମେଲୋଡିରେ ଅଶ୍ଳୀଳ ନୃତ୍ୟ ମନା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏଥର ପୂଜା ମେଲୋଡିରେ ଅଶୀଳ ନୃତ୍ୟ ମନା । ପୂଜାକୁ ନେଇ ବିଏମ୍‌ସିର ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି । ପୂଜାରେ ପାର୍କିଂକୁ ଗୁରୁତ୍ୱ ଦିଆଯାଇଛି । ପାର୍କିଂ ନଥିଲେ ମିନା ବଜାର ପଡିବନି କି ମିଳିବନି ରାବଣ ପୋଡି ପାଇଁ ଅନୁମତି । ପ୍ଲାଷ୍ଟିକ ମୁକ୍ତ ହେବ ପୂଜା । ମୁଖ୍ୟ ରାସ୍ତାରେ ତୋରଣ ଲଗେଇ ପାରିବେ ନାହିଁ ପୂଜା କମିଟି । ସବୁ ଭଷାଣି ସ୍ଥାନରେ ଖୋଲିବ କଣ୍ଟ୍ରୋଲ ରୁମ,ରଖାଯିବ ଆମ୍ବୁଲାନ୍ସ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି । ପୂଜା ପେଣ୍ଡାଲରେ ନିଶାକୁ ମନାର ସଚେତନତା ବାର୍ତ୍ତା ବାଣ୍ଟିବ ପୋଲିସ । ପୂଜା ପୂର୍ବରୁ ବିଦ୍ୟୁତଖୁଣ୍ଟ ଓ ତାର ମରାମତିକୁ ଗୁରୁତ୍ୱ ଦିଆଯାଇଛି । ରାସ୍ତା ଖରାପ ନେଇ ପିଡବ୍ଲୁଡିର ବିଭାଗୀୟ ଅଧିକାରୀଙ୍କୁ କମିଶନର ତାଗିଦ କରିଛନ୍ତି । ପୂଜା ପୂର୍ବରୁ ସବୁ ରାସ୍ତା ମରାମତି କାମ ସାରିବା ନେଇ ଡେଡ୍ ଲାଇନ ଦିଆଯାଇଛି । ରାସ୍ତା ଖାଲଖମାର ମରାମତି ନେଇ ସବୁ ୱାର୍ଡକୁ ଦିଆଯିବ ପାଞ୍ଚ ଲକ୍ଷ ଟଙ୍କା । ପେଣ୍ଡାଲ ନିକଟରୁ ହଟିବେ ବୁଲା କୁକୁର । ବୈଠକରେ ବିଏମସି କମିଶନର,ମେୟର,ବିଭିନ୍ନ ୱାର୍ଡର କର୍ପୋରେଟର,ପୋଲିସ, ୱାଟକୋ, ଫାୟାର, ସବୁ ବିଭାଗର ଅଧିକାରୀ ସାମିଲ ଥିଲେ ।

## କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ନୂଆଦିଲ୍ଲୀରେ କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କଲି । ଓଡ଼ିଶା ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ସହ ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ, ସେମିକଣ୍ଡକ୍ଟର ଶିଳ୍ପ ଏବଂ ଆଇଟି କ୍ଷେତ୍ରର ପ୍ରସାର ଆଦି ବିଷୟରେ ଆଲୋଚନା ହୋଇଛି ।

## ଭାଙ୍ଗିଲା ଟ୍ରେଜେରି ଅଫିସ ପାଚେରି, କାନ୍ଥ ପଡି ୪ କାର କ୍ଷତିଗ୍ରସ୍ତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖାରବେଳନଗରରେ ଥିବା ଟ୍ରେଜେରି ଅଫିସ କାନ୍ଥ ହଠାତ ଭାଙ୍ଗି ଯାଇଛି । କାନ୍ଥରେ ଲାଗିଥିବା ଗ୍ରିଲ ମଧ୍ୟ ଗଳି ପଡିଛି । ଫଳରେ ପାର୍କିଂ ହୋଇଥିବା ୪ କାରର ଆଗ ପଟ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଯାଇଛି ।

## ୩ ଜିଲ୍ଲା ପାଇଁ ସଭାପତି ଘୋଷଣା କଲେ ନବୀନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୩ ଜିଲ୍ଲା ପାଇଁ ସଭାପତି ଘୋଷଣା କଲା ବିଜୁ ଜନତା ଦଳ । ଢେଙ୍କାନାଳ, କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ନୂଆ ସଭାପତି ଘୋଷଣା କରାଯାଇଛି । ନୃସିଂହ ଚରଣ ସାହୁ ଢେଙ୍କାନାଳ ଜିଲା ବିଜେଡି ସଭାପତି, ଝିନ ହିକ୍କା କୋରାପୁଟ ଜିଲ୍ଲା ବିଜେଡି ସଭାପତି ଏବଂ ଜଗନ୍ନାଥ ସାରକା ରାୟଗଡା ବିଜେଡି ଜିଲ୍ଲା ସଭାପତି ହୋଇଛନ୍ତି । ଅନ୍ୟପଟେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ହୋଇଛନ୍ତି ସ୍ନେହାଙ୍ଗିନୀ ଛୁରିଆ । ନିଯୁକ୍ତି ଦେଲେ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ । ୩ ବରିଷ୍ଠ ସାଧାରଣ ସଂପାଦିକା ଓ ୧୨ ସାଧାରଣ ସଂପାଦିକା ନିଯୁକ୍ତ ହୋଇଛନ୍ତି । ସୁମିତ୍ରା ଜେନା, ରାଜଶ୍ରୀ ମଲ୍ଲିକ ଓ ଲେଖାଶ୍ରୀ ସାମନ୍ତସିଂହାର-ବରିଷ୍ଠ ସାଧାରଣ ସଂପାଦିକା । ସେହିପରି ସୁଲୋଚନା ଦାସ, ସୁଲତା ଦେଓ, ବର୍ଷା ସିଂ ବରିହା-ସାଧାରଣ ସଂପାଦିକା । ଶ୍ରର୍ମିଷ୍ଠା ସେଠୀ, ଶ୍ରୀମୟୀ ମିଶ୍ର, ଲୋପାମୁଦ୍ରା ବକ୍ସିପାତ୍ର-ସାଧାରଣ ସଂପାଦିକା ଭାବେ ନିଯୁକ୍ତ ହୋଇଛନ୍ତି । ମୀନତି ବେହେରା, କସ୍ତୁରୀ ମହାପାତ୍ର, ପଦ୍ମିନୀ ଦିଆନ- ସାଧାରଣ ସଂପାଦିକା । ଦୀପାଞ୍ଜଳି ଦାସ, ରଞ୍ଜିତା ସାହୁ ଓ ଗୀତାଞ୍ଜଳି ବସ୍ତିଆ- ସାଧାରଣ ସଂପାଦିକା ଭାବେ ନିଯୁକ୍ତ ହୋଇଛନ୍ତି ।

## ଷଣ୍ଢ ଆକ୍ରମଣରେ ବୃଦ୍ଧ ଗୁରୁତର

କଟକ(ଭାସ୍କର ନ୍ୟୁଜ୍): ଜଗତପୁର ଗୋଲେଇଛକରେ ବୁଲା ଷଣ୍ଢ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି । ପୂର୍ବତନ କର୍ପୋରେଟର ନବ କିଶୋର ସ୍ୱାଇଁଙ୍କ ସହାୟତାରେ ବୃଦ୍ଧଙ୍କ ଚିକିତ୍ସା କରାଯାଇଛି । ଆହତ ବୃଦ୍ଧ ଜଣକ ହେଉଛନ୍ତି ନରସିଂହପୁର ଅଞ୍ଚଳର କୁଳମଣୀ ମଲ୍ଲିକ(୭୦) । ବୃଦ୍ଧ କୁଳମଣୀ ଗତ ୪ଦିନ ତଳେ ଜଗତପୁର ଥାନା ଅନ୍ତର୍ଗତ ଆଟୋଡା ସ୍ଥିତ ତାଙ୍କ ଝିଅ ଘରକୁ ଆସିଥିଲେ । ଗୁରୁବାର ସକାଳେ ବୃଦ୍ଧ ଜଣକ ନିଜ ଘର ନରସିଂହପୁରକୁ ଯିବା ନିମନ୍ତେ ଜଗତପୁର ଗୋଲେଇଛକ ତାରେଣୀ ମନ୍ଦିର ସମ୍ମୁଖରେ ଗାଡିକୁ ଅପେକ୍ଷା କରିଥିଲେ । ଏହି ସମୟରେ ହଠାତ୍ ଏକ ବୁଲା ଷଣ୍ଢ ଆସି ବୃଦ୍ଧଙ୍କୁ ସିଙ୍ଗରେ ଟେକି ଫିଙ୍ଗିଦେଇଥିଲା । ଏଥିରେ ବୃଦ୍ଧଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି । ଘଟଣାସ୍ଥଳରେ ଉପସ୍ଥିତ ଥିବା ପୂର୍ବତନ କର୍ପୋରେଟର ନବ କିଶୋର ସ୍ୱାଇଁ ବୃଦ୍ଧଙ୍କୁ ତଳୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଠାଇ ଚିକିତ୍ସା ନିମନ୍ତେ ଅଟୋ ଯୋଗେ ଏକ ଘରୋଇ ହସ୍ପିଟାଲକୁ ପଠାଇଥିଲେ । ଜଗତପୁର ଅଞ୍ଚଳରେ ବୁଲା ଗାଇଗୋରୁଙ୍କ ସହ ବୁଲା ଷଣ୍ଢଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଉଛି । ଏନେଇ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରାଗଲେ ମଧ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ।

## ଡ. କୁଞ୍ଜବିହାରୀ ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡ. କୁଞ୍ଜବିହାରୀ ତ୍ରିପାଠୀଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍ ତଥା ଗବେଷକ ଡ. କୁଞ୍ଜବିହାରୀ ତ୍ରିପାଠୀଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ।

## ଭୁବନେଶ୍ୱରରେ ମୋଷ୍ଟ ୱାଣ୍ଟେଡକୁ ଧରିବାକୁ ଆସାମ ପୋଲିସର ରେଡ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ଆସାମ ପୋଲିସ । ଇନଫୋସିଟି ଅଞ୍ଚଳରେ ଥିବା ସୁଭଦ୍ରା ଆପାର୍ଟମେଣ୍ଟରେ ରେଡ଼ । କମିଶନରେଟ ପୋଲିସ ସହାୟତରେ ଛାପା ମାରିଥିଲା ଆସାମ ପୋଲିସ । ଆପାର୍ଟମେଣ୍ଟ ଭିତରେ ମୋଷ୍ଟ ୱାଣ୍ଟେଡ଼ ଅପରାଧୀ ରହୁଥିବା ନେଇ ସୂଚନା ପାଇଥିଲା ଆସାମ ପୋଲିସ । ୩ ଘଣ୍ଟାଧରୀ ଘର ଲକ୍ ଭାଙ୍ଗି ପଶିଥିଲେ ଆସାମ ପୋଲିସ । ହେଲେ ସମୀର ପଟ୍ଟନାୟକକୁ ପାଇଲାନି ପୋଲିସ । ଚଢ଼ାଉ ବେଳେ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ ହୋଇଛି । ରଘୁନାଥପୁର ଅଞ୍ଚଳରେ ଅଭିଯୁକ୍ତର ମାଲିକାନାରେ ଥିବା ଏକ ବିବାହ ମଣ୍ଡପରେ ମଧ ରେଡ଼ ହୋଇଛି । ପୂର୍ବରୁ ସମୀର ପଟ୍ଟନାୟକ ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲା ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସ୍ୱତନ୍ତ୍ର ଅଧିବେଶନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୌସୁମୀ ଋତୁ ସମୟରେ ରୋଗ ପ୍ରତିରୋଧକ ଶକ୍ତିର ମହତ୍ୱ ସମ୍ପର୍କରେ ସଚେତନା ବୃଦ୍ଧି କରିବା ପାଇଁ ଡାବର ଚ୍ୟବନପ୍ରାଶ ପକ୍ଷରୁ ଭୁବନେଶ୍ୱରର ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀଙ୍କ ସହିତ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଛି । ଡାବର ଚ୍ୟବନପ୍ରାଶର ମୁଖ୍ୟ ଉପାଦାନ ହେଉଛି ଅଁଳା (ଇଣ୍ଡିଆନ ଗୁସ୍‌ବେରୀ) ଯାହା ଏହାର ରୋଗ ପ୍ରତିରୋଧକ ଶକ୍ତି ନିର୍ମାଣକାରୀ ଗୁଣ ପାଇଁ ସୁପରିଚିତ ଅଟେ । ଏସମ୍ପର୍କରେ ଡକ୍ଟର ପ୍ରସନଜିତ କହିଛନ୍ତି, 'ଚ୍ୟବନପ୍ରାଶ ଏକ ସୁପରିଚିତ ଆୟୁର୍ବେଦିକ ପଦ୍ଧତି ଅଟେ, ଯାହାକୁ ଅନେକ ଦଶନ୍ଧି ହେବ ରୋଗ ପ୍ରତିରୋଧକ ଶକ୍ତି ବଢାଇବା ଓ ସଂକ୍ରମଣ ବିରୋଧରେ ପ୍ରତିରୋଧ ପ୍ରଦାନ କରିବା ପାଇଁ ବ୍ୟବହାର କରାଯାଇ ଆସୁଛି । ଏହି ଅବସରରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ଓଝା କହିଛନ୍ତି, 'ଚ୍ୟବନପ୍ରାଶ ତ୍ରିଦୋଷ 'ବାତ, ପିତ ଓ କଫ'କୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ, ଯାହା ପ୍ରାଚୀନ ଆୟୁର୍ବେଦିକ ଶାସ୍ତ୍ରରେ ମଧ ଉଲ୍ଲେଖ ରହିଛି । ତେଣୁ ଏହାକୁ ଦୈନନ୍ଦିନ ଆହାରରେ ସାମିଲ କରିବା ଆବଶ୍ୟକ । ଏ ସମ୍ପର୍କରେ ଡାବର ଇଣ୍ଡିଆ ଲିମିଟେଡର ହେଲ୍‌ଥ ସପ୍ଲିମେଣ୍ଟ୍ସ ବିଭାଗର ମାର୍କେଟିଂ ହେଡ ଅମିତ ଗର୍ଗ କହିଛନ୍ତି, 'ଆୟୁର୍ବେଦର ସମୃଦ୍ଧ ଐତିହ୍ୟ ଓ ପ୍ରକୃତିର ଗଭୀର ଜ୍ଞାନ ସହିତ ଡାବର ସବୁବେଳେ ପ୍ରମାଣିତ ଆୟୁର୍ବେଦ ପୁସ୍ତକ/ ଗ୍ରନ୍ଥ ମାଧ୍ୟମରେ ସମସ୍ତଙ୍କ ପାଇଁ ସୁରକ୍ଷିତ, ମୂଲ୍ୟ ସାପେକ୍ଷ ଓ ପ୍ରଭାବୀ ସ୍ୱାସ୍ଥ୍ୟ ଯତ୍ନ ଉପରେ ଗୁରୁତ୍ୱ ଦେଇଆସୁଛି ।

## ରାଜଧାନୀରେ ହତ୍ୟାକାଣ୍ଡ ହୋଟେଲ ରେଷ୍ଟୋୟାକୁ ମାରିଲା କର୍ମଚାରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ଏକ ହତ୍ୟାକାଣ୍ଡ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି । ୟୁନିଟ୍-୪ ଅଞ୍ଚଳରେ ଥିବା ଏକ ହୋଟେଲରେ ଏଭଳି ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି । ହୋଟେଲରେ ରେଷ୍ଟୋୟା ଭାବେ କାମ କରୁଥିବା ଯୁବକକୁ ଉକ୍ତ ହୋଟେଲ କର୍ମଚାରୀ ହତ୍ୟା କରିଥିବା ଜଣାପଡ଼ିଛି । ମୃତ ଯୁବକଙ୍କ ନାମ ବିକ୍ରମ ବେହେରା ଓ ସେ ବାଙ୍କି ଅଞ୍ଚଳର ବୋଲି ଜଣାପଡ଼ିଛି । ଏହି ହୋଟେଲର କର୍ମଚାରୀ ଗୋପୀନାଥ ନାୟକ ରୁଟି ସେକା ରଡ୍‌ରେ ବିକ୍ରମକୁ ଆକ୍ରମଣ କରିଥିଲା । ସେ ଗୁରୁତର ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଗୁରୁବରା ମୃତ୍ୟୁ ଘଟିଛି । ଖାରବେଳ ନଗର ଥାନା ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## 'ଓଡିଶା ସଂଗୀତ ଜଗତର ଅମ୍ଲାନ ପ୍ରତିଭା ଥିଲେ ସ୍ୱର୍ଗତ ଲିଟିଲ କର'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବହୁମୁଖୀ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରିଣୀ ସ୍ୱର୍ଗତ ଲିଟିଲ କରଙ୍କ ପ୍ରଥମ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ସ୍ଥାନୀୟ ଗୀତଗୋବିନ୍ଦ ପରିସରରେ ଲିଟିଲ କର ସ୍ମୃତି ନ୍ୟାସ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଆନୁକୂଲ୍ୟରେ ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱ ଓ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଲିଟିଲ କର ଗାନ କରିଥିବା ସଂଗୀତ ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଇଷ୍ଟର୍ଣ୍ଣ ମିଡ଼ିଆର ପରିଚାଳନା ନିର୍ଦ୍ଦେଶକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଭାବେ ବିଶିଷ୍ଟ ଚଳଚିତ୍ର ଅଭିନେତା ଅଶ୍ରୁ ମୋଚନ ମହାନ୍ତି, ସଂଗୀତ ନିର୍ଦ୍ଦେଶକ, ଅଭିନେତା ଜୁବୁଲି ସୁନ୍ଦରାୟ, ଭାଷାପ୍ରାଣ ରବି ନନ୍ଦ ଯୋଗଦେଇ ସ୍ୱର୍ଗତ ଲିଟିଲ କର ଓଡିଶା ସଂଗୀତ ଜଗତର ଯୁବ ଉଜ୍ଜ୍ୱଳ ଜ୍ୟୋତିଷ୍କ, ଯୁବ ନୃତ୍ୟଶିଳ୍ପୀ, ଅଭିନେତ୍ରୀ ସହିତ ବହୁମୁଖୀ ପ୍ରତିଭାର ଅଧିକାରିଣୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ 'ଲିଟିଲ ବିଗ ରୋଲ ମଡେଲ' ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମକୁ ମନୋଜ ବଠୁ, ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ସଂଯୋଜକ ବାପୁ ଓଝା, ବରିଷ୍ଠ ସାମ୍ବାଦିକ କ୍ରାନ୍ତି ସକ୍ସେନା ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ତୃପ୍ତିମୟୀ ମକଦମ ।

## ଗୋଟିଏ ଦିନରେ ୩ ଘରୁ ଝରକା ତାଡି ଚୋରି

କଟକ(ଭାସ୍କର ନ୍ୟୁଜ୍): ଜଗତପୁର ଥାନା ଅଞ୍ଚଳରେ ଗୋଟିଏ ଦିନରେ ଏକକାଳୀନ ଭାବେ ୩ଟି ସ୍ଥାନରୁ ଦୁର୍ବୃତ୍ତ ମାନେ ଲୁଟପାଟ୍ କରିଥିବା ଜଣାପଡିଛି । ଗତ ୬ମାସ ମଧ୍ୟରେ ୨୫ରୁ ଉର୍ଦ୍ଧ୍ୱ ଚୋରି ଯୋଗୁ ଅ ଳବାସୀଙ୍କୁ ଭୟଭିତ କରାଇଛି । ଜଗତପୁର ଥାନା ଅନ୍ତର୍ଗତ ବୈକୁଣ୍ଠବିହାର ଅଞ୍ଚଳର ଏମ.ରାମାରାଓ ଡ୍ୟୁଟି ଯାଇଥିବା ସମୟରେ ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତ ମାନେ ତାଙ୍କ ଘର ଝରକା ଗ୍ରୀଲ ଭାଙ୍ଗି ଘର ମଧ୍ୟରେ ପ୍ରବେଶ କରି ୨ଟି ସୁନାଚେନ୍, ୩ହଳ ସୁନା କାନଫୁଲ, ୩ଟି ସୁନାମୁଦି, ରୂପା ପାଉଜି ସହ ନଗଦ ୩୨ହଜାର ଟଙ୍କା ଚୋରି କରି ନେଇଯାଇଛନ୍ତି । ଅନ୍ୟଏକ ଘଟଣାରେ ସେହି ବୈକୁଣ୍ଠବିହାର ଅଂଚଳର ଦିପ୍ତିରନ ପାତ୍ରଙ୍କ ଘର ଝରକା ଗ୍ରୀଲ ଭାଙ୍ଗି ଘର ମଧ୍ୟରେ ପ୍ରବେଶ କରି ଆଲମିରା ଭାଙ୍ଗି ସୁନା ଅଳଙ୍କାର, ନଗଦ ୧୩ହଜାର ଟଙ୍କା ସହ ଟିଭି, ମୋବାଇଲ ନେଇ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଛନ୍ତି । ସେହିପରି ଜଗତପୁର ଗୋପବନ୍ଧୁ ପାର୍କ ନିକଟରେ ଥିବା ପୀରବଜାର ଭୟରପୁର ଅଞ୍ଚଳର ମୁକେଶ କୁମାର ପାତ୍ରଙ୍କ ମୋବାଇଲ ଦୋକାନ ଘର ଉପର ଆଜବେସଟସ ଭାଙ୍ଗି ଦୋକାନ ମଧ୍ୟରୁ ଦୁର୍ବୃତ୍ତ ମାନେ ଟିଭି,ମୋବାଇଲ ସହ ନଗଦ ଟଙ୍କା ଚୋରି କରିନେଇଛନ୍ତି । ଜଗତପୁର ଥାନା ଅଧିକାରୀ ସଠିକ୍ ଭାବେ ତଦନ୍ତ କରୁନଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତୁରନ୍ତ ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତକୁ ଗିରଫ କରିବାକୁ ଦାବି ହୋଇଛି ।

### ଜିଏସ୍‌ଟି ସ୍ଲାବ୍ ପରିବର୍ତ୍ତନ ପ୍ରସଙ୍ଗ

## କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ୍ ସାମଗ୍ରୀ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ହେଉ: ବିଜେଡି




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ଦ୍ୱାରା ପୂର୍ବରୁ ପ୍ରଚଳିତ ହୋଇ ଆସୁଥିବା ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନ ଆଣିବା ପରେ, କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ ଜିନିଷ ଉପରୁ ସମ୍ପୂର୍ଣ୍ଣ ଜିଏସ୍ଟି ଛାଡ଼ ଦାବି ଗ୍ରହଣ କରାଯାଇ ନଥିବାରୁ, ବିଜୁ ଜନତା ଦଳ କ୍ଷୋଭ ପ୍ରକାଶ କରିଛି । ଏହାଛଡା ନୂତନ ସ୍ଲାବ ଜିଏସ୍‌ଟି ଯୋଗୁଁ, ଓଡିଶା ସରକାରଙ୍କୁ ପ୍ରତି ମାସରେ ପ୍ରାୟ ୧୦୦୦ କୋଟି ଟଙ୍କାର ରାଜସ୍ୱହାନୀ ହେବାର ଆଶଙ୍କା ସୃଷ୍ଟି ହୋଇଛି, ଯାହାକୁ କେନ୍ଦ୍ର ସରକାର ଭରଣା କରିବା ଦରକାର ବୋଲି ବିଜେଡି କହିଛି । ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ବିଧାୟକ ତଥା ଦଳର ବରିଷ୍ଠ ଉପସଭାପତି ନିରଞ୍ଜନ ପୂଜାରୀ ଜିଏସ୍‌ଟି ସ୍ଲାବ ପରିବର୍ତ୍ତନ ଯୋଗୁଁ ଓଡ଼ିଶାରେ କ'ଣ ପ୍ରଭାବ ପଡିବ, ତାର ସୂଚନା ଦେଇଥିଲେ । ଶ୍ରୀ ମିଶ୍ର କହିଥିଲେ ୨୦୧୮ ମସିହାରୁ କେନ୍ଦୁପତ୍ର ଉପରେ ଜିଏସ୍‌ଟି ସମ୍ପୂର୍ଣ୍ଣ ଛାଡ଼ ପାଇଁ ବିଜୁ ଜନତା ଦଳ କହି ଆସୁଥିଲା । ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ କେନ୍ଦୁପତ୍ର ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ପାଇଁ ଚିଠି ଲେଖିଥିଲେ । ଜିଏସ୍‌ଟିର ନୂତନ ସ୍ଲାବ ଅନୁଯାୟୀ କେନ୍ଦୁପତ୍ର ଉପରେ ଜିଏସ୍‌ଟିକୁ ୧୮%ରୁ ୫%କୁ ଖସାଇ ଦିଆଯାଇଛି । କିନ୍ତୁ ଏହା କମିଥିଲେ ମଧ କେନ୍ଦୁପତ୍ର ତୋଳାଳୀଙ୍କୁ ବିଶେଷ ଫାଇଦା ମିଳିବ ନାହିଁ । କେନ୍ଦୁପତ୍ର ତୋଳାଳୀ ମାନେ କୌଣସି ସୁବିଧା ପାଇବେ ନାହିଁ । ନିରଞ୍ଜନ ପୂଜାରୀ କହିଥିଲେ, କେନ୍ଦୁପତ୍ର ଭଳି ହ୍ୟାଣ୍ଡଲୁମ କ୍ଷେତ୍ରରେ ମଧ ବୁଣାକାର ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଏସ୍‌ଟି ଛାଡ଼ ପାଇଁ ବିଜେଡି ତରଫରୁ ଦାବି ହୋଇ ଆସୁଥିଲା । ଟେକ୍ସଟାଇଲ କ୍ଷେତ୍ରରେ ପାୱାରଲୁମ ଓ ହ୍ୟାଣ୍ଡଲୁମ ରହିଛି । ପାୱାରଲୁମରେ ଶିଳ୍ପପତି ମାନେ ସମ୍ପୃକ୍ତ ଥିବାବେଳେ ହ୍ୟାଣ୍ଡଲୁମରେ ଗରିବ ବୁଣାକାର ମାନେ ରହିଛନ୍ତି । ସେମାନେ ବିଭିନ୍ନ ସୂତା ଶାଢ଼ୀ, ପାଟ ଶାଢ଼ୀ ଇତ୍ୟାଦି ଜିନିଷ ତିଆରି କରିଥାନ୍ତି । ଏହି ଗରିବ ଶ୍ରେଣୀର ବୁଣାକାର ମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଏସ୍‌ଟି ଛାଡ଼ ପାଇଁ ଦାବି ହୋଇ ଆସୁଥିଲା । କିନ୍ତୁ ସେମାନଙ୍କ ପାଇଁ ମଧ ୫% ଜିଏସ୍‌ଟି ରହିଛି । ତେଣୁ ଉଭୟ କେନ୍ଦୁପତ୍ର ଓ ହ୍ୟାଣ୍ଡଲୁମ ଟେକ୍ସଟାଇଲ ଉପରୁ ସମ୍ପୂର୍ଣ୍ଣ ଜିଏସ୍‌ଟି ଛାଡ଼ ପାଇଁ ବିଜୁ ଜନତା ଦଳ ଆଉଥରେ ଦାବି କରୁଛି ।

## ସିଏମ୍‌ସି କମିସନରଙ୍କ କଟକ ପ୍ରେସ୍ କ୍ଲବ୍ ପରିଦର୍ଶନ

କଟକ(ଭାସ୍କର ନ୍ୟୁଜ୍): ଚୌଧୁରୀବଜାରସ୍ଥିତ କଟକ ପ୍ରେସକ୍ଲବ ଗୃହର ନବୀକରଣ କାର୍ଯ୍ୟ ଗତ ଜାନୁଆରୀ ମାସରେ ଉଦ୍‌ଘାଟିତ ହୋଇଥିବା ବେଳେ କଟକ ମହାନଗର ନିଗମ (ସିଏମ୍‌ସି) କମିସନର କୀରଣଦୀପ କୌର ସାହୋତା ଆଜି ଅପରାହ୍ଣରେ ପରିଦର୍ଶନ କରିଛନ୍ତି । ଏହି ଅବସରରେ କ୍ଲବ ଗୃହରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କଟକ ପ୍ରେସକ୍ଲବ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ପୂର୍ବକ ସ୍ୱାଗତ କରାଯାଇଥିଲା । ରାଜ୍ୟର ସର୍ବ ପୁରାତନ ଏହି ପ୍ରେସ୍‌କ୍ଲବର ଅବଶିଷ୍ଟ ଆବଶ୍ୟକତା ତୁରନ୍ତ ପୂରଣ କରିବା ଲାଗି ପ୍ରେସ୍ କ୍ଲବ ପକ୍ଷରୁ ଦାବି କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ପ୍ରଦୀପ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଲୋକ କୁମାର ନାୟକ କ୍ଲବର ଇତିହାସ ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଥିଲେ । ସ୍ଥାନୀୟ କର୍ପୋରେଟର ଅରୁନ୍ଧତୀ କର, ସିଟି ଇଞ୍ଜିନିୟର ଅତନୁ ସାମନ୍ତଙ୍କ ସମେତ ବିଭାଗୀୟ ଅଧୀକାରୀଙ୍କ ସହ ନବୀକରଣ କାର୍ଯ୍ୟର କମିଶନର ତଦାରଖ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସାମ୍ବାଦିକ ରୋହନ ମହାନ୍ତି, ବିଶ୍ୱଜିତ ଧଳ, ପ୍ରତାପ ଚନ୍ଦ୍ର ସେନାପତି, ପ୍ରଶାନ୍ତ ମହାନ୍ତି, ପ୍ରଣବ ନନ୍ଦୀ, ରବିନ୍ଦ୍ର ପାଢ଼ୀ, ଉମାକାନ୍ତ ଜେନା, ଲକ୍ଷ୍ମୀଧର ସାହୁ, ଆକାଶ ସ୍ୱାଇଁ, ମହମ୍ମଦ ଜାଭେଦ ପ୍ରମୁଖ ଉପସ୍ଥିତ ଥିଲେ ।

## ମୋଦିଙ୍କ ଜନ୍ମଦିନରେ ବଣ୍ଟାଯିବ ୫୦ ହଜାର ଅନ୍ତ୍ୟୋଦୟ ଘର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୧୭ରେ ୫୦ ହଜାର ଅନ୍ତ୍ୟୋଦୟ ଘର ବାଣ୍ଟିବେ ରାଜ୍ୟ ସରକାର । ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମଦିନରେ ବଣ୍ଟାଯିବ ୫୦ ହଜାର ଅନ୍ତ୍ୟୋଦୟ ଘର । ଏନେଇ ସୂଚନା ଦେଇଛନ୍ତ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ । ମୋଦିଙ୍କ ଜନ୍ମଦିନରେ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ଦିଆଯିବ । ପୂର୍ବରୁ ୧ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଯୋଜନାରେ ସାମିଲ୍ କରାଯାଇଛି । ନଭେମ୍ବରରେ ଦିଆଯିବ ପିଏମ୍ ଆବାସର କାର୍ଯ୍ୟାଦେଶ । ନୂଆ ପିଏମ୍ ଆବାସ ସର୍ଭେରେ ଆବେଦନ କରିଥିଲେ ୩୫ ଲକ୍ଷ ହିତାଧିକାରୀ । ନଭେମ୍ବର ସୁଦ୍ଧା ସମସ୍ତ ପ୍ରକ୍ରିୟା ସରିବ, କାର୍ଯ୍ୟାଦେଶ ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

### କଟକ ସହର ସମସ୍ୟା ମାମଲାର ଶୁଣାଣି

## ତୋରଣ ନିର୍ମାଣ କାମ ରାତିରେ କରିବାକୁ ନିର୍ଦ୍ଦେଶ



କଟକ(ଭାସ୍କର ନ୍ୟୁଜ୍): ଗୁରୁବାର ହାଇକୋର୍ଟରେ କଟକ ସହର ସମସ୍ୟା ସମ୍ପର୍କିତ ମାମଲାରେ କଟକ ଜିଲ୍ଲାପାଳଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଛି । ଦାଖଲ ସତ୍ୟପାଠରେ କୁହାଯାଇଛି ଯେ ଏଥର ପାର୍ବଣରେ ଡିଜେ ବଜାଇବା ଉପରେ କଟକଣା ଲଗାଯିବା ସହ ଦୁର୍ଗାପୂଜା ଓ ମୂର୍ତ୍ତି ଭସାଣିବେଳେ ମଧ୍ୟ ଡିଜେ ବ୍ୟବହାରକୁ ବାରଣ କରାଯାଇଛି । ସେହିପରି ପାର୍ବଣରେ ୬୫ ଡେସିବଲରୁ ଅଧିକ ଶବ୍ଦ ଉପୁର୍ଣ୍ଣ ହେବାକୁ ଦିଆଯିବ ନାହିଁ । ସତ୍ୟପାଠରେ ଦର୍ଶାଯାଇଛି ଯେ ସମସ୍ତ ପୂଜା ମଣ୍ଡପ ପାଇଁ ଏସଓପି ଜାରି ହୋଇଛି । ସମସ୍ତ ସାଜସଜ୍ଜା ଓ ତୋରଣ ନିର୍ମାଣ କାମ ରାତିରେ ହେବ । ତୋରଣ ଯୋଗୁ ଯେପରି ଟ୍ରାଫିକ ସମସ୍ୟା ସୃଷ୍ଟି ନହୁଏ ସେ ଦିଗରେ ଦୃଷ୍ଟି ଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି କରି ହାଇକୋର୍ଟ କଟକ ସହରର ବାଦାମବାଡି, ଖାନନଗର, ଚାନ୍ଦିନଚୌକ, ମାଲଗୋଦାମ, ରାଣୀହାଟ, ଶିଖରପୁର ଭଳି କେତେକ ସ୍ଥାନରେ ଜିଲ୍ଲାପାଳଙ୍କ ଅନୁମତିରେ ତୋରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଦୁର୍ଗାପୂଜା ସରିବା ମାତ୍ରେ ତୋରଣ ଖୋଲିବାକୁ ହେବ ବୋଲି ହାଇକୋର୍ଟ କହିଛନ୍ତି । ପାର୍ବଣ ଶୃଙ୍ଖଳାର ସହ ସୁବ୍ୟବସ୍ଥିତରେ ହେବ ସେ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି ।



ଗବେଷଣା କ୍ଷେତ୍ରରେ ଅଗ୍ରଣୀ ହେବ ଭାରତ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
Google Play App Store



କୁଇନ ୨, ତନୁ ୱେଡ୍‌ସ ମନୁ ୩ ପାଇଁ ପ୍ରସ୍ତୁତି ଆରମ୍ଭ କଲେ କଙ୍ଗନା |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୫୬ Vol. 22 No-156 5 SEPTEMBER 2025 FRIDAY, BHUBANESWAR ଶୁକ୍ରବାର, ୫ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୮ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୪।୯(ଭାସ୍କର ନ୍ୟୁଜ): ଆସନ୍ତା ୮ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। କେତେକ ଅନିର୍ବାଯ୍ୟ କାରଣବଶତଃ ଏହି ଶୁଣାଣି ବନ୍ଦ ରହିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଅର୍ଦ୍ଧଦଗ୍ଧ ମହିଳାଙ୍କ ମୃତ୍ୟୁ

କଟକ/ସାଲେପୁର,୪।୯(ଭାସ୍କର ନ୍ୟୁଜ): ଗତ ମଙ୍ଗଳବାର ନିଆଁରେ ପୋଡ଼ିହୋଇ ଗୁରୁତର ହେବାପରେ କଟକ ଏସ୍‌ସିବିରେ ଚିକିତ୍ସିତ ହେଉଥିବା ଅର୍ଦ୍ଧଦଗ୍ଧ ମହିଳାଙ୍କ ଗୁରୁବାର ମୃତ୍ୟୁ ଘଟିଛି। ଗତ ମଙ୍ଗଳବାର ସାଲେପୁରର କଙ୍କ୍ରେଇଲୋ ଗାଁରେ ଏହି ଅଘଟଣ ଘଟିଥିଲା।

### କୋମାରେ ଅଭିଜିତ ମଜୁମ୍‌ଦାର

ଭୁବନେଶ୍ୱର,୪।୯(ଭାସ୍କର ନ୍ୟୁଜ): ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଅଭିଜିତ ମଜୁମଦାର ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଛି। ସେ ଏବେ କୋମାରେ ଥିବା ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ନିମୋନିଆ ସହ ବହୁବିଧ ରୋଗରେ ପୀଡ଼ିତ ହୋଇ ସେ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତେବେ ଗୁରୁବାର ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା।

### ଡଙ୍ଗା ବୁଡ଼ି ୬୦ ମୃତ

ନୂଆଦିଲ୍ଲୀ, ୪।୯: ନାଇଜେରିଆର ନାଇଜର ନଦୀରେ ବଡ଼ ଦୁର୍ଘଟଣା ଘଟିଛି । ଡଙ୍ଗା ବୁଡ଼ିବାରୁ ପାଖାପାଖି ୬୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେବି ଅନେକ ନିଖୋଜ ଅଛନ୍ତି । ଡଙ୍ଗାରେ ୧୦୦ରୁ ଅଧିକ ଜଣ ଯାତ୍ରୀ ଯାତ୍ରା କରୁଥିଲେ । ସେମାନଙ୍କ ମଧ୍ୟରେ ମହିଳା ଓ ଶିଶୁ ମଧ୍ୟ ଥିଲେ । ଘଟଣାସ୍ଥଳରେ ଜରୁରୀକାଳୀନ ବିଭାଗ ଅଧିକାରୀଙ୍କ ପକ୍ଷରୁ ଉଦ୍ଧାର କର୍ଯ୍ୟ ଜାରି ରହିଛି ।

## ହୀରାକୁଦ ଡ୍ୟାମ୍‌ର ୧୬ ଗେଟ୍ ଖୋଲା

# ମହାନଦୀରେ ବନ୍ୟା ଆଶଙ୍କା



ତଳି ଅଞ୍ଚଳ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ

୧୦ ଜିଲ୍ଲାପାଳଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ

ଉତ୍ତର ଓଡ଼ିଶା ସ୍ଥିତି ସାଂଘାତିକ

ଭୁବନେଶ୍ୱର,୪।୯(ଭାସ୍କର ନ୍ୟୁଜ): ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳଭଣ୍ଡାରର ଜଳସ୍ତର ଧିରେ ଧିରେ ବୃଦ୍ଧି ପାଉଥିବାରୁ ପର୍ଯ୍ୟାୟକ୍ରମେ ଡ୍ୟାମର ଗେଟ୍‌ଗୁଡ଼ିକୁ ଖୋଲାଯାଉଛି। ପୂର୍ବରୁ ୧୪ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଥିବାବେଳେ ଗୁରୁବାର ଅପରାହ୍ନରେ ପୁଣି ଆଉ ଦୁଇଟି ଗେଟ୍ ଖୋଲାଯାଇଛି। ଫଳରେ ୧୬ଟି ଗେଟ୍‌ଦେଇ ଜଳ ନିଷ୍କାସନ କରାଯାଉଛି। ହୀରାକୁଦ ଜଳଭଣ୍ଡାରରୁ ଜଳ ଛଡ଼ାଯାଉଥିବାରୁ ମହାନଦୀରେ ବନ୍ୟା ଆସିବାର ଆଶଙ୍କା ଦେଖାଦେଇଛି। ମହାନଦୀରେ ୨.୫ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେବ ବୋଲି ଆକଳନ କରାଯାଇଛି। ଫଳରେ ତଳି ଅଞ୍ଚଳ ଲୋକଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଜଳସ୍ତର ବୃଦ୍ଧି ପାଉଥିବାରୁ ଆବଶ୍ୟକ ହେଲେ ଆହୁରି ଗେଟ୍ ଖୋଲାଯିବ ବୋଲି ସୂଚନା ଦିଆଯାଇଛି। ମହାନଦୀରେ ବନ୍ୟା ଆସିବାର ଆଶଙ୍କା ଥିବାରୁ ତଳି ଅଞ୍ଚଳର ଲୋକଙ୍କୁ ସେମାନଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ପାଇଁ ନଦୀଶଯ୍ୟାଠାରୁ ଦୂରେଇ ଯିବାକୁ କୁହାଯାଇଛି। ସେହିପରି ୧୦ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଗତ କିଛିଦିନ ହେବ ସାରା ରାଜ୍ୟରେ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଛି। ବିଶେଷକରି ଉତ୍ତର ଓଡ଼ିଶାର ସ୍ଥିତି ସଂଗୀନ ରୂପ ଧାରଣ କରିଛି। ବାଲେଶ୍ୱର ଜିଲ୍ଲାର ବସ୍ତା, ବାଲିଆପାଳ, ଭୋଗରାଇ, ନୀଳଗିରି, ଜଳେଶ୍ୱର ଇତ୍ୟାଦି ଅଞ୍ଚଳରେ ବର୍ଷା ଲୋକଙ୍କ ପାଇଁ ଦାଉ ସାଜିଛି। ଲଗାଣ ବର୍ଷାରେ ଲୋକଙ୍କ କାନ୍ଥ ଭୁଶୁଡ଼ି ପଡ଼ିବା ସହ ଛପର ମଧ୍ୟ ଉଡ଼ିଯାଇଛି। ନୀଳଗିରି ଉପଖଣ୍ଡ ମିତ୍ରପୁରର କେପିମହଲ ଗାଁରେ ଘରର କାନ୍ଥ ଭୁଶୁଡ଼ିଛି। ଫଳରେ ୨ଜଣ ଶିଶୁ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଲକ୍ଷାଧିକ ଟଙ୍କାର ଆସବାବପତ୍ର ମଧ୍ୟ ନଷ୍ଟ ହୋଇଯାଇଛି। ବିପନ୍ନ ପରିବାରଙ୍କୁ ସହାୟତା ଯୋଗାଇ ଦେବାପାଇଁ ବିଭିନ୍ନ ମହଲରୁ ଦାବି ଜୋର ଧରିଛି। ସେହିପରି ଲଗାଣ ବର୍ଷାରେ ଗଜପତି ଜିଲ୍ଲା ଗୁମ୍ମା ବ୍ଲକରେ ପାହାଡ଼ ଧସି ରାସ୍ତା ଅବରୋଧ ହୋଇଛି। ଗୁମ୍ମା ବ୍ଲକର ନାମନଗଡ଼ଠାରୁ ଅଜୟଗଡ଼ ଯିବା ରାସ୍ତା ଘାଟିରେ ପାହାଡ଼ ଧସିଛି। ବଡ଼ବଡ଼ ପଥର ରାସ୍ତା ଉପରେ ପଡ଼ିଛି। ଫଳରେ ଯାତାୟତ ସଂପୂର୍ଣ୍ଣ ଠପ୍ ହୋଇଯାଇଛି। ରାସ୍ତା ଖୋଲିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହେଉଥିବାରୁ ଆହୁରି ୩ ଦିନ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଦିଲ୍ଲୀ ସଚିବାଳୟ ଛୁଇଁଲା ଯମୁନା ବନ୍ୟାଜଳ

ନୂଆଦିଲ୍ଲୀ,୪।୯: ଯମୁନା ବନ୍ୟାଜଳରେ ଦିଲ୍ଲୀସ୍ଥିତି ଅଣାୟତ୍ତ। ରିଂ ରୋଡରୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଯମୁନା ଘାଟ ସବୁକିଛି ବନ୍ୟା ପାଣିରେ ପ୍ରଭାବିତ ହୋଇଛି। ଏପରିକି ଯମୁନା ପାଣି ଦିଲ୍ଲୀର ସଚିବାଳୟ ପର୍ଯ୍ୟନ୍ତ ପହଞ୍ଚି ସାରିଥିବା ସୂଚନା ମିଳିଛି । ଦିଲ୍ଲୀରେ ଯମୁନା ନଦୀର ଜଳସ୍ତର ବିପଦ ସଂକେତଠାରୁ ୨ ମିଟର ଅଧିକ ଉପରେ ପ୍ରବାହିତ ହେଉଛି ଏବଂ ବୁଧବାର ପରେ ଗୁରୁବାର ମଧ୍ୟ ଏହାର ଜଳସ୍ତର ବୃଦ୍ଧି ହେଉଛି। ଗୁରୁବାର ସକାଳ ୧୦ଟାରେ ଯମୁନାର ଜଳସ୍ତର ୨୦୭.୪୭ ମିଟର ରେକର୍ଡ କରାଯାଇଛି। ହରିୟାଣାର ହଥିନୀକୁଣ୍ଡ ବନ୍ଧରୁ ଆଜି ୧,୩୩,୯୯୫ କ୍ୟୁସେକ୍ ପାଣି ଛଡ଼ାଯାଇଛି। ୧୨ଟାରେ ଜଳସ୍ତର ସାମାନ୍ୟ କମି ୨୦୭.୪୬ ମିଟର ହୋଇଥିବା ବେଳେ ହଥିନୀକୁଣ୍ଡରୁ ୧,୩୫,୭୦୨ କ୍ୟୁସେକ୍ ପାଣି ଛଡ଼ାଯାଇଛି। ଯମୁନାକୁ ଲାଗିଥିବା ଅଞ୍ଚଳରେ ବୁଧବାରଠାରୁ ଜଳଭରିବା ଆରମ୍ଭ ହୋଇଛି। • ପୃଷ୍ଠା ୫ ଦେଖନ୍ତୁ






### ପରିବର୍ତ୍ତିତ ଜିଏସ୍‌ଟି ସ୍ଲାବ୍‌କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

# ଉପକୃତ ହେବେ କେନ୍ଦୁପତ୍ର ତୋଳାଳି



ନୂଆଦିଲ୍ଲୀ/ଭୁବନେଶ୍ୱର,୪।୯ (ବ୍ୟୁରୋ): ପରିବର୍ତ୍ତିତ ଜିଏସ୍‌ଟି ସ୍ଲାବକୁ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶଂସା କରିବା ସହ ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଭୂରିଭୂରି ପ୍ରଶଂସା କରିଛନ୍ତି। ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଏହା ଯୁଗାନ୍ତକାରୀ ନିଷ୍ପତ୍ତି। ଜିଏସ୍‌ଟିର ଏହି ଐତିହାସିକ ସଂସ୍କାର ଏକ ମୁକ୍ତ ଏବଂ ସ୍ୱଚ୍ଛ ଅର୍ଥନୀତି ସୃଷ୍ଟି କରିବ ତଥା ଅନୁପାଳନ ବୋଝ ହ୍ରାସ କରିବ। କ୍ଷୁଦ୍ର ବ୍ୟବସାୟୀଙ୍କୁ ଉପକୃତ କରାଇବା ସହ ଦେଶର ବାଣିଜ୍ୟ ବ୍ୟବସାୟକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଶ୍ରୀ ମାଝୀ କହିଛନ୍ତି ଯେ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ୧୮ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ ହେବା ଓଡ଼ିଶା ତଥା ଦେଶର ଲକ୍ଷ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ଆନନ୍ଦର ବିଷୟ। ଏହାଦ୍ୱାରା କେନ୍ଦୁପତ୍ରର ବିକ୍ରୟ ବୃଦ୍ଧି ପାଇବ ଏବଂ କେନ୍ଦୁପତ୍ର ତୋଳାଳିଙ୍କ ଉତ୍ପାଦନ ବୃଦ୍ଧି ହେବା ସହ ସେମାନେ ଉଚିତ ମୂଲ୍ୟ ପାଇପାରିବେ। ଏହାଫଳରେ ରାଜ୍ୟର ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା କେନ୍ଦୁପତ୍ର ତୋଳାଳିମାନେ କେନ୍ଦୁପତ୍ର କିଣୁଥିବା ସରକାରୀ ସଂସ୍ଥାମାନଙ୍କ ନିକଟରୁ ସଠିକ ସମୟରେ ସଠିକ ମୂଲ୍ୟ ପାଇପାରିବେ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିବାରୁ ବିଭିନ୍ନ କୃଷି ଉପକରଣ ଯଥା- ଔଷଧ ସିଞ୍ଚନକାରୀ ଯନ୍ତ୍ର, ରୋଲର, ଟ୍ରାକ୍ଟର ଏବଂ ଏହାର ଅମଳ କାମରେ ଲାଗୁଥିବା ଯନ୍ତ୍ର, ସାରପାଣି ବ୍ୟବହୃତ କଞ୍ଚାମାଲ ଉପରୁ ଜିଏସ୍‌ଟି ହ୍ରାସ ନିମନ୍ତେ ଏହି ପଦକ୍ଷେପ ନିଆଯାଇଛି। କୃଷକମାନଙ୍କ ଆର୍ଥିକ ବୋଝକୁ ହ୍ରାସ • ପୃଷ୍ଠା ୫ ଦେଖନ୍ତୁ







ଓଡ଼ିଶା ଭାସ୍କର
ସମ୍ପାଦକୀୟ



"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ।"
- ସ୍ୱଭାବ କବି ଗଙ୍ଗାଧର ମେହେର



"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ।"
-ସନ୍ଥକବି ଭୀମଭୋଇ



## ଜିଏସ୍‌ଟି ମାଡ଼ରୁ ମିଳିଲା ମୁକ୍ତି

# କେନ୍ଦ୍ରର ସ୍ୱାଗତଯୋଗ୍ୟ ପଦକ୍ଷେପ

ଆଜିକୁ ଆଠବର୍ଷ ପୂର୍ବେ ୨୦୧୭ ମସିହାରେ ଆମ ଦେଶରେ ସାମଗ୍ରୀ ଓ ସେବାକର ବା ଜି.ଏସ୍.ଟିର ପ୍ରଚଳନ ଆରମ୍ଭ ହୋଇଥିଲା। ଟିକସ ବ୍ୟବସ୍ଥାର ସରଳୀକରଣ ଯଦିଓ ଜି.ଏସ୍.ଟି ପ୍ରଚଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ତଥାପି ଏହା କାର୍ଯ୍ୟକାରୀ ହେବା ପରେ ଦେଶବାସୀଙ୍କ ଉପରେ ଆର୍ଥିକ ବୋଝ ଲଦି ହେଲା ଭଳି ମନେ ହେଲା। କାରଣ ଜି.ଏସ୍.ଟି ଲାଗୁ ହେବା ଏବଂ ଏହାର ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବାକୁ ଲାଗିଲା। ବିଶେଷ କରି ଶତକଡ଼ା ୫, ୧୨, ୧୮ ଓ ୨୮ ଏଭଳି ଚାରିଟି ସ୍ଲାବ୍‌ରେ ବିଭିନ୍ନ ସାମଗ୍ରୀ ଉପରେ କର ଧାର୍ଯ୍ୟ ହେବାରୁ ଜନସାଧାରଣଙ୍କୁ ଚଢ଼ାଦରରେ ସମସ୍ତ ସାମଗ୍ରୀ କ୍ରୟ କରିବାକୁ ପଡୁଥିଲା। କେତେକ କ୍ଷେତ୍ରରେ ଅସାଧୁ ବ୍ୟବସାୟୀମାନେ ଜି.ଏସ୍.ଟି ଆଳରେ ସାଧାରଣ ଜନତାଙ୍କୁ ଶୋଷଣ କରୁଥିବାର ଅଭିଯୋଗ ମଧ୍ୟ ଉଠିଲା। ତେବେ କେନ୍ଦ୍ର ସରକାର ଜନସାଧାରଣଙ୍କ ଜି.ଏସ୍.ଟି ଯନ୍ତ୍ରଣାକୁ ହୃଦୟଙ୍ଗମ କରି ବୁଧବାର ଦିନ ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି, ଯଦ୍ୱାରା ସାଧାରଣ ଲୋକଙ୍କୁ କିଛିଟା ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ଜି.ଏସ୍.ଟି ପରିଷଦ ବୈଠକରେ ସାମଗ୍ରୀ ବା ସେବାକର ଢ଼ାଞ୍ଚାରେ ଏକ ବଡ଼ଧରଣର ପରିବର୍ତ୍ତନ କରାଯାଇଛି ଏବଂ ୧୨ ଓ ୨୮ ପ୍ରତିଶତ ସ୍ଲାବ୍‌କୁ ହଟାଇ ଦିଆଯାଇ କେବଳ ୫ ଓ ୧୮ ପ୍ରତିଶତ ସ୍ଲାବ୍ ରଖାଯିବାକୁ ନିଷ୍ପତ୍ତି ହୋଇଛି। ଏଥିସହିତ ମଣିଷ ଜୀବନ ପାଇଁ କ୍ଷତିକାରକ ସାମଗ୍ରୀ ତଥା ଅତି ବିଳାସପୂର୍ଣ୍ଣ ଅନେକ ସାମଗ୍ରୀ ଉପରେ ୪୦ ପ୍ରତିଶତର ଏକ ନୂଆ ଜି.ଏସ୍.ଟି ସ୍ଲାବ୍ ଲାଗୁ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ନବରାତ୍ରୀର ପ୍ରଥମ ଦିବସ ସେପ୍ଟେମ୍ବର ୨୨ତାରିଖରୁ ଜି.ଏସ୍.ଟିର ସଂଶୋଧିତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ। କେନ୍ଦ୍ର ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଫଳରେ ରାଜ୍ୟଗୁଡ଼ିକୁ କିଛିଟା ଆର୍ଥିକ କ୍ଷତି ସହ୍ୟ କରିବାକୁ ପଡ଼ିବ। ତେବେ ଏହି ଆର୍ଥିକ କ୍ଷତି ଭରଣା କରିବା ପାଇଁ ତମାଖୁ ଜାତୀୟ ସାମଗ୍ରୀ ଉପରେ ପୂର୍ବଭଳି ୨୮ ପ୍ରତିଶତ ଜି.ଏସ୍.ଟି ଓ ସେସ୍ ବଳବତ୍ତର ରଖିବାକୁ ରାଜ୍ୟଗୁଡ଼ିକୁ କ୍ଷମତା ଦିଆଯାଇଛି। ଜି.ଏସ୍.ଟି ହ୍ରାସ ଫଳରେ ଦେଶର ଚାଷୀ ସାଧାରଣ ଜନତା, ମଧ୍ୟବିତ୍ତ ପରିବାର ଉପକୃତ ହେବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରକାଶ କରିଛନ୍ତି। ଜି.ଏସ୍.ଟି ସ୍ଲାବ୍ ହ୍ରାସ ଯୋଗୁଁ ସମସ୍ତ ବ୍ୟକ୍ତିଗତ ଜୀବନବୀମା, ସ୍ୱାସ୍ଥ୍ୟବୀମା, ୩୩ଟି ଜୀବନ ରକ୍ଷାକାରୀ ଔଷଧକୁ ଟିକସମୁକ୍ତ କରାଯାଇଛି। ସେହିପରି ଦୁଗ୍ଧ, ପନିର, ଛେନା, ସବୁପ୍ରକାର ରୁଟି ଓ ପରଟା, ପାଉଁରୁଟି କରମୁକ୍ତ ହେବା ଯୋଗୁଁ ଏସବୁର ମୂଲ୍ୟ ମଧ୍ୟ ହ୍ରାସ ପାଇବାକୁ ଯାଉଛି। ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ରିହାତି ଦେବା ଉଦ୍ଦେଶ୍ୟରେ ମାନଚିତ୍ର, ପେନ୍‌ସିଲ୍, ନୋଟ୍‌ବୁକ୍, ଅକ୍ଷର ଲିଭାଇବାକୁ ବ୍ୟବହୃତ ରବର, ଚାର୍ଟ ଓ ଗ୍ଲୋବ୍ ଆଦି ଉପରୁ ଟିକସ ଛାଡ଼ କରାଯାଇଛି। ଏଣିକି ଛୋଟ ଗାଡ଼ି, ହସ୍ତକଳା ସାମଗ୍ରୀ, ଟ୍ରାକ୍ଟର, ଦାନ୍ତଘଷା ପାଉଡର, ମହମବତୀ, ସବୁପ୍ରକାର ଦିଆସିଲି, ଶିଶୁଙ୍କ ପିଇବା ବୋତଲ, କପଡ଼ାରେ ତିଆରି ହ୍ୟାଣ୍ଡବ୍ୟାଗ୍, ଛତା ଓ ସିଲାଇ ଛୁଞ୍ଚ ଆଦି ବହୁ ସାମଗ୍ରୀ ଲୋକଙ୍କୁ ଶସ୍ତାରେ ଉପଲବ୍ଧ ହେବ। ଆଗକୁ ଦଶହରା ଓ ଦୀପାବଳୀ ଭଳି ପୂଜା ପାର୍ବଣ ଆସୁଥିବା ବେଳେ କେନ୍ଦ୍ରର ନିଷ୍ପତ୍ତି ଦେଶବାସୀଙ୍କୁ ପୂଜା ଭେଟି ଦେଲା ଭଳି ହୋଇଛି। ଗତ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ଲାଲକିଲ୍ଲା ଅଭିଭାଷଣରେ ଜି.ଏସ୍.ଟି ହ୍ରାସ ନେଇ ପ୍ରଥମ ସୂଚନା ଦେଇଥିଲେ। ଏବେ ବାସ୍ତବ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରାଯିବା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ।

# ସଂପର୍କ: ରାଷ୍ଟ୍ରପତି ରାଧାକ୍ରିଷ୍ଣନଙ୍କ ସହ ରାଷ୍ଟ୍ରପିତା ଗାନ୍ଧୀଜୀଙ୍କର



ପ୍ରହଲାଦ କୁମାର ସିଂହ
E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

ଆମ ଦେଶର ପ୍ରଥମ ଉପରାଷ୍ଟ୍ରପତି ଭାବେ ଦୁଇଥର ଓ ପରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇ ଦଳମତ ନିର୍ବିଶେଷରେ ଦେଶବାସୀଙ୍କ ସ୍ନେହ, ଶ୍ରଦ୍ଧା ଓ ସମ୍ମାନ ଭାଜନ ହୋଇଥିବା ପ୍ରଫେସର ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଜଣେ ଆନ୍ତର୍ଜାତିକ ଖ୍ୟାତି ସଂପନ୍ନ ଶିକ୍ଷାବିତ୍, ଦାର୍ଶନିକ, ସଂସ୍କାରକ ଓ ଚିନ୍ତକ। ଉପରାଷ୍ଟ୍ରପତି ହେବା ପୂର୍ବରୁ ବିଦେଶରେ ସେ ଭାରତୀୟ କୂଟନୀତିଜ୍ଞ ଭାବେ ତାଙ୍କ ଦକ୍ଷତାର ପ୍ରମାଣ ଦେଇଛନ୍ତି। ଏକ ଗରିବ ତେଲଗୁ ପରିବାରରେ ଜନ୍ମିତ ରାଧାକ୍ରିଷ୍ଣନ ନିଜ ଲକ୍ଷ୍ୟରେ ଅଟଳ ରହି ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରି ଦେଶ ବିଦେଶରେ ଜଣେ ଆକର୍ଷଣୀୟ ଓ ଆଦର୍ଶ ବ୍ୟକ୍ତିତ୍ୱ ହୋଇପାରିଛନ୍ତି। ମାଡ୍ରାସର ପ୍ରେସିଡେନ୍ସି କଲେଜ, ମହୀଶୂର ବିଶ୍ୱବିଦ୍ୟାଳୟ, କଲିକତା ବିଶ୍ୱବିଦ୍ୟାଳୟ ଆଦିରେ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିବା ଏହି ବିରଳ ବ୍ୟକ୍ତିତ୍ୱ ପରବର୍ତ୍ତୀ ସମୟରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ, ମାଞ୍ଚେଷ୍ଟର କଲେଜ ପ୍ରଭୃତିରେ ତାଙ୍କ ଜ୍ଞାନ ଓ ଗରିମା ବାଣ୍ଟିଥିଲେ। ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ଭାବେ କାର୍ଯ୍ୟ କରିବା ପରେ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ନିମନ୍ତ୍ରଣ କ୍ରମେ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ରୂପେ ସଫଳତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ଗାନ୍ଧୀ ଦର୍ଶନ ପ୍ରତି ସେ କେବଳ ଆକର୍ଷିତ ହୋଇନଥିଲେ, ନିଜ ଉପରେ ଏହି ବିଚାରର ପ୍ରୟୋଗ କରିବା ସହିତ ଅନେକ ପୁସ୍ତକ ଓ ପ୍ରବନ୍ଧ ମଧ୍ୟ ଲେଖିଯାଇଛନ୍ତି। ଏମିତିକି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମାବର୍ତ୍ତନ ଉତ୍ସବରେ କୁଳପତି ଭାବେ ତାଙ୍କ ଅଭିଭାଷଣରେ ସେ ବାରମ୍ବାର ଗାନ୍ଧୀଜୀଙ୍କ ନାମ ନେବା ସହ ତାଙ୍କ କାମ ବିଷୟରେ ବି ଆଲୋଚନା କରିଥିଲେ। ଗୋଟିଏ ସମୟରେ ରାଧାକ୍ରିଷ୍ଣନ ମହାତ୍ମା ଗାନ୍ଧୀଙ୍କୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ଗ୍ରହଣ ପାଇଁ ସ୍ୱୀକୃତି ଦେବାକୁ ଅନୁରୋଧ କରିଥିଲେ ମଧ୍ୟ ଗାନ୍ଧୀଜୀ ନମ୍ରତାର ସହ ଏଡ଼ାଇ ଯାଇଥିଲେ।

ରାଧାକ୍ରିଷ୍ଣନ ଉଠାଇଥିବା ବହୁ ପ୍ରସଙ୍ଗର ଉତ୍ତର ଗାନ୍ଧୀଜୀ ହରିଜନ ସମେତ ବିଭିନ୍ନ ପତ୍ରିକାରେ ରଖୁଥିଲେ ଏବଂ ରାଧାକ୍ରିଷ୍ଣନଙ୍କୁ ତାଙ୍କ ଚିନ୍ତା, କାମ ଓ କଥା ପାଇଁ ବାରମ୍ବାର ଉତ୍ସାହିତ କରିବାକୁ ଭୁଲୁ ନଥିଲେ। ୧୯୨୮ରୁ ୧୯୪୮ ପର୍ଯ୍ୟନ୍ତ ଏହି ଦୁଇ ମହାମନିଷୀଙ୍କ ମଧ୍ୟରେ ଅନେକ ପତ୍ର ବିନିମୟ ଓ ସାକ୍ଷାତ ଆଲୋଚନା ହୋଇଛି। ବିଶେଷକରି ସତ୍ୟ ଓ ଅହିଂସା ଉପରେ ଆଧାରିତ ଗାନ୍ଧୀଜୀଙ୍କ ସତ୍ୟାଗ୍ରହ ରାଧାକ୍ରିଷ୍ଣନଙ୍କୁ ବେଶ୍ ଆକର୍ଷିତ କରିଥିଲା ଏବଂ ନିଜ ଉପରେ ସେ ଏହାର ପ୍ରୟୋଗ କରିଥିଲେ। ରାଜନୀତି ବିଜ୍ଞାନର ପଣ୍ଡିତମାନେ ଭାରତର ରାଷ୍ଟ୍ରପତି ପଦବୀକୁ ଆଳଙ୍କାରିକ ମୁଖ୍ୟ, ରବର ଷ୍ଟାମ୍ପ ଆଦି ବିଭିନ୍ନ ବିଶ୍ଳେଷଣରେ ପୋତି ପକାଉଥିବା ବେଳେ ରାଷ୍ଟ୍ରପତି ଭାବେ ରାଧାକ୍ରିଷ୍ଣନ ସତ୍ୟ ଓ ତଥ୍ୟ ଆଧାରରେ ସମ୍ବିଧାନର ଗଣ୍ଡି ଭିତରେ ରହି ଯେଭଳି ରୋକ୍ ଠୋକ୍ ମତ ରଖିବା ସହ ଦୃଢ଼ ନିଷ୍ପତ୍ତି ନେଉଥିଲେ ଓ ଦକ୍ଷତାର ସହ ରାଜ୍ୟସଭା ନିରପେକ୍ଷ ଭାବେ ଚଳାଉଥିଲେ ତାହା ଇତିହାସର କଥାବସ୍ତୁ। ଗାନ୍ଧୀଜୀଙ୍କ ଜୀବିତାବସ୍ଥାରେ ଓ ତାଙ୍କ ମହାପ୍ରୟାଣ ପରେ ଏକଥା ବାରମ୍ବାର ରାଧାକ୍ରିଷ୍ଣନ କହିଛନ୍ତି ଯେ ନୈତିକତା, ମାନବିକତା ଓ ରାଷ୍ଟ୍ରୀୟତା ଭଳି ତିନୋଟି ମହାନ୍ ଶକ୍ତିରେ ଗାନ୍ଧୀଜୀ ବଳିଆନ ଥିବାରୁ କାହା ପାଖରେ ମୁଣ୍ଡ ନୁଆଁଉ ନଥିଲେ। ସ୍ୱରାଜ ହାସଲ ପାଇଁ ସତ୍ୟ ଓ ଅହିଂସାର ସମ୍ମିଶ୍ରଣରେ ସୃଷ୍ଟ ସତ୍ୟାଗ୍ରହ ଅସ୍ତ୍ର ଅଭୂତପୂର୍ବ ସଫଳତା ଦେଇଥିବା ବେଳେ ନୈତିକତା ପାଇଁ ଉପବାସ କିପରି ପ୍ରଭାବଶାଳୀ ହୋଇପାରେ ତାହାର ଅନେକ ଉଦାହରଣ ବିଭିନ୍ନ ବକ୍ତବ୍ୟରେ ସେ ରଖିଯାଇଛନ୍ତି।

**ଗାନ୍ଧୀ ବିଚାର**

ଗାନ୍ଧୀଜୀଙ୍କ ଅହିଂସାର ମାର୍ଗ ବିଶ୍ୱ ପାଇଁ ଏକମାତ୍ର ବିକଳ୍ପ ବୋଲି ଆମେରିକା, ରୁଷ୍ ସମେତ ବିଭିନ୍ନ ଦେଶରେ ରାଧାକ୍ରିଷ୍ଣନ ବକ୍ତବ୍ୟ ରଖିବା ସହିତ ଅହିଂସାରେ ହିଁ ସମସ୍ତଙ୍କର ବିଜୟ ଏବଂ ହିଂସାରେ ଉଭୟ ବିଜିତ ଓ ପରାଜିତଙ୍କ ବିଲୟ ନିଶ୍ଚିତ ବୋଲି ଦୃଢ଼ତାର ସହ କହିଥିଲେ। ଗାନ୍ଧୀ ବିଚାରକୁ ଉଲ୍ଲେଖକରି ସେ କହିଯାଇଛନ୍ତି ଯେ ଅବିଶ୍ୱାସରୁ ଭୟ, ଭୟରୁ ଘୃଣା ଓ ପୁଞ୍ଜିଭୁତ ଘୃଣାରୁ ହିଂସା ଉପୁଜୁଥିବାରୁ ପରସ୍ପରକୁ ସତ୍‌ର ଆଧାରଶିଳା ଉପରେ ବିଶ୍ୱାସ କରିବା ସହିତ ବ୍ୟକ୍ତି ଜୀବନରେ ନିର୍ଭୀକତା, ସ୍ନେହ, ପ୍ରେମ, କରୁଣା, ଅହିଂସା ଓ ତ୍ୟାଗର ଯେତେ ବିକାଶ ହେବ ତାହାର ସାମୁହିକ ପ୍ରତିଫଳନ ସମାଜ, ରାଷ୍ଟ୍ର ଓ ବିଶ୍ୱ ଉପରେ ସେତେ ପଡିବ। ବିଶ୍ୱବାସୀଙ୍କ ଉଦ୍ଦେଶ୍ୟରେ ସେତେବେଳେ ଭାରତର ବରପୁତ୍ର ତଥା ରାଷ୍ଟ୍ରପତି କହିଥିଲେ, ମଣିଷ ସମାଜ ପାଇଁ ଏହା ଗର୍ବ ଓ ଗୌରବର କଥା ଯେ ଗାନ୍ଧୀଜୀଙ୍କ ଭଳି ଇତିହାସର ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଆମ ସମୟରେ ରହିଥିଲେ, ଆମ ସହ ଚାଲୁଥିଲେ, କଥା ହେଉଥିଲେ ଓ ଶିଖାଉଥିଲେ ସଭ୍ୟ ଭାବେ ବଞ୍ଚି ରହିବାକୁ। ଅନ୍ୟ ଜୀବନର ବିକାଶ କ୍ଷେତ୍ରରେ ସହାୟତା କରିବା ପାଇଁ ମଣିଷ ବଞ୍ଚୁ ବୋଲି ଗାନ୍ଧୀଜୀଙ୍କ ଆହ୍ୱାନକୁ ମନେ ପକାଇଦେଇ ରାଧାକ୍ରିଷ୍ଣନ କହିଥିଲେ ଯେ ଗାନ୍ଧୀ ଯେପରି ନିର୍ଭୀକ ସେହିଭଳି ଦୃଢ଼ମନା, ସ୍ପଷ୍ଟବାଦୀ ଓ ସିଧାସଳଖ ଦରଦୀ ମଣିଷ ଥିଲେ। ପ୍ରତି କ୍ଷେତ୍ରରେ ନୈତିକତାର ଅବକ୍ଷୟ ଘଟୁଥିବା ବେଳେ ମଣିଷ କିଭଳି ପରାଜୟର ଗ୍ଲାନିରେ ଦଗ୍ଧ ହେଉଛି ଓ ଈର୍ଷା ପରାୟଣ ବ୍ୟବସ୍ଥାରେ ନିଜେ ନିଜର ମୂଳଦୁଆ ଉପରେ ଆଘାତ କରିବା ସହିତ ସହନଶୀଳତାର ଅମୃତ ମାର୍ଗ ଛାଡି ଈର୍ଷା ପ୍ରଣୋଦିତ ବିଷ ବଳୟରେ ଘାଣ୍ଟି ହେଉଛି ସେ ସଂକ୍ରାନ୍ତରେ ଚେତାଇ ଦେଇ ଏଥିରୁ ମୁକ୍ତି ଲାଗି ବୁଦ୍ଧ, ଗାନ୍ଧୀ ଆଦିଙ୍କ ଅହିଂସାର ମାର୍ଗ ହିଁ ଏକମାତ୍ର ମହୌଷଧି ବୋଲି ଉଲ୍ଲେଖ କରିଥିଲେ। ଭାରତର ମୁନିଋଷିମାନେ କିଭଳି ଆଧାତ୍ମିକ ମାର୍ଗରେ ଅହିଂସାର ସାଧନା କରି ମାନବ ସମାଜ ପାଇଁ ତାହା ପ୍ରୟୋଗ କରୁଥିଲେ ଏବଂ ସେମାନଙ୍କ ଚିନ୍ତା ଓ ଚେତନାରୁ ବସୁଧୈବ କୁଟୁମ୍ବକମ୍, ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ, ସର୍ବେ ଭବନ୍ତୁ ସୁଖୀନୋଃ ଭଳି ଅମୃତ ଝରୁଥିଲା ତାଙ୍କର ଅନେକ ଲେଖାରେ ତାହା ଦେଖାଯାଏ। ସକ୍ରେଟିସ୍, ଯୀଶୁଖ୍ରୀଷ୍ଟ ଆଦିଙ୍କ ଭଳି ଗାନ୍ଧୀଜୀ ସତ୍ୟ ଓ ଅହିଂସାର ପ୍ରୟୋଗକୁ କିପରି ସାର୍ବଜନୀନ କରିପାରୁଥିଲେ ସେ ସଂକ୍ରାନ୍ତରେ ମଧ୍ୟ ରାଧାକ୍ରିଷ୍ଣନ ଚମତ୍କାର ବକ୍ତବ୍ୟମାନ ଉପସ୍ଥାପନ କରିଯାଇଛନ୍ତି। ବିଶେଷକରି ଚରିତ୍ରଯୁକ୍ତ ମୌଳିକ ଶିକ୍ଷା ବ୍ୟବସ୍ଥା ଓ ନୈତିକତାପୂର୍ଣ୍ଣ ରାଜନୀତି ପ୍ରସଙ୍ଗରେ ଗାନ୍ଧୀଜୀଙ୍କ ବିଚାର କେବଳ ଭାରତ ପାଇଁ ନୁହେଁ, ସମଗ୍ର ବିଶ୍ୱ ଲାଗି ପ୍ରଯୁଜ୍ୟ ବୋଲି ସେ ଦୃଢ଼ତାର ସହ ଯୁକ୍ତିନିଷ୍ଠ ବକ୍ତବ୍ୟ ରଖିଯାଇଛନ୍ତି।

'ଦି ମାଇଣ୍ଡ୍ ଅଫ୍ ମହାତ୍ମା ଗାନ୍ଧୀ' ପୁସ୍ତକ ପାଇଁ ରାଧାକ୍ରିଷ୍ଣନ ଲେଖିଥିବା ଅଭିମତ ଏକ ଐତିହାସିକ ଦଲିଲ। ଏଥିରେ ସେ ଲେଖିଛନ୍ତି ଯେ ରାଜନୀତି ଏକ ବୃତ୍ତି ଓ ରାଜନେତା ହେଉଛନ୍ତି ସର୍ବସାଧାରଣ ସେବା ଦକ୍ଷତାର ସହ କରିବା ପାଇଁ ପ୍ରଶିକ୍ଷିତ ବ୍ୟକ୍ତି। ରାଜନୈତିକ କାମ ପାଇଁ ଯେଉଁମାନଙ୍କ ମନରେ ଦୃଢ଼ ଧାରଣା ରହିଛି ସେମାନେ ଏହାକୁ ମିଶନ ଭାବେ ନେଇ ସାଧାରଣ ଲୋକଙ୍କ ସେବା କରିବା ସହିତ ସେମାନଙ୍କ ମନରେ ଈଶ୍ୱରଙ୍କ ପ୍ରତି ନିଷ୍ଠା ଓ ମଣିଷ ସମାଜକୁ ଭଲ ପାଇବା ପାଇଁ ପ୍ରେରଣା ସୃଷ୍ଟି କରିପାରନ୍ତେ। ଗାନ୍ଧୀଜୀ ଏହି ଧରଣର ରାଷ୍ଟ୍ରନେତା ଥିଲେ ଏବଂ ଯୁଦ୍ଧ ଓ ରକ୍ତପାତ ବିନା ବିଶ୍ୱକୁ କ୍ଷୁଧା, ଦାରିଦ୍ର୍ୟ ଓ ବେରୋଜଗାରିରୁ ମୁକ୍ତ କରାଯାଇ ପାରିବ ବୋଲି ତାଙ୍କର ଅଟଳ ବିଶ୍ୱାସ ଥିଲା। ସମଗ୍ର ବିଶ୍ୱରେ ଅହିଂସ ସମାଜ ଗଠନ ପାଇଁ ଗାନ୍ଧୀଜୀ ଯେଉଁ ପରିକଳ୍ପନା ରଖିଥିଲେ ସେ ସଂପର୍କରେ ରାଧାକ୍ରିଷ୍ଣନ ବିସ୍ତୃତ ସୂଚନା ଦେବା ସହ ଭୟ ଓ ଦୁର୍ବଳ ମାନସିକତାରୁ ଊର୍ଦ୍ଧ୍ୱରେ ରହିବା ପାଇଁ ଗାନ୍ଧୀଜୀଙ୍କ ମତ ସହ ଏକମତ ଥିଲେ। ବ୍ୟକ୍ତିଙ୍କୁ ନେଇ ବିଶ୍ୱ ହୋଇଥିବାରୁ ପ୍ରତିଟି ବ୍ୟକ୍ତିର ସଂସ୍କାର ହିଁ ଅହିଂସ ସମାଜ ଗଢ଼ିବାରେ ସହାୟକ ହୋଇପାରିବ। ଏଥିଲାଗି ଅସହାୟ ହୋଇ ଅସମ୍ଭବକୁ ଡରିବା ଅପେକ୍ଷା ସମ୍ଭବର ସମ୍ଭାବନାକୁ ଆଖିଆଗରେ ରଖି କାମ କରିଯିବା ଏବଂ ସାଧ୍ୟ ଓ ସାଧନ ସତ୍ ଉପରେ ଆଧାରିତ ହେବା ଆବଶ୍ୟକ ବୋଲି ତାଙ୍କର ସ୍ପଷ୍ଟ ମତ ଥିଲା। ସେ ପୁଣି ଲେଖିଛନ୍ତି, ସମାଜରେ ସାଧାରଣତଃ ତିନି ପ୍ରକାର ବ୍ୟବସ୍ଥା ଦେଖାଯାଇଥାଏ। ପ୍ରଥମଟି ହେଲା ଜଙ୍ଗଲରାଜ୍ ଯେଉଁଥିରେ ହିଂସା ଓ ସ୍ୱାର୍ଥପରତା ଭରି ରହିଥାଏ, ଦ୍ୱିତୀୟଟି ହେଲା ଆଇନର ଶାସନ ଏବଂ କୋର୍ଟ କଚେରୀର ନିରପେକ୍ଷ ନ୍ୟାୟ ତଥା ପୋଲିସ ଓ ଜେଲ୍ ବ୍ୟବସ୍ଥା ଏବଂ ତୃତୀୟ ଓ ସର୍ବୋତ୍ତମ ବ୍ୟବସ୍ଥା ହେଉଛି ଅହିଂସା ଓ ନିସ୍ୱାର୍ଥପର ବ୍ୟବସ୍ଥା, ଯେଉଁଠି ଆଇନ ଓ ଆତ୍ମିକ ପ୍ରେମ ମଧ୍ୟରେ ଥାଏ ଅନାବିଳ ସମ୍ପର୍କ।

ଶିକ୍ଷକମାନଙ୍କ ସଂପର୍କରେ ଗାନ୍ଧୀ ବିଚାରକୁ ଉଦ୍ଧାରକରି ଡଃ ରାଧାକ୍ରିଷ୍ଣନ ଲେଖିଛନ୍ତି ଯେ ଶିକ୍ଷକ ସମାଜ ହେଉଛନ୍ତି ପ୍ରବହମାନ ସାମାଜିକ ବ୍ୟବସ୍ଥାର ଉତ୍ତରାଧିକାରୀ। ସେମାନେ ଛାତ୍ରମାନଙ୍କୁ ଯେଉଁ ଜ୍ଞାନ ଦିଅନ୍ତି, ତାହା ସେମାନେ ଉତ୍ତରାଧିକାର ସୂତ୍ରରେ ପ୍ରାପ୍ତ କରିବା ସହ ପରବର୍ତ୍ତୀ ପିଢ଼ିକୁ ବାଣ୍ଟିଥାନ୍ତି। ୧୯୫୮ ମସିହାରେ ୟୁନେସ୍କୋ ଦ୍ୱାରା ପ୍ରକାଶିତ ଗାନ୍ଧୀ ବିଚାରର ସଂକଳନ 'ଅଲ୍ ମେନ୍ ଆର୍ ବ୍ରଦର୍ସ' ଶୀର୍ଷକ ପୁସ୍ତକଟି ପରବର୍ତ୍ତୀ ସମୟରେ ୧୯୬୯ ମସିହାରେ ଗାନ୍ଧୀ ଜନ୍ମ ଶତବାର୍ଷିକୀ ଅବସରରେ ପୁନଃ ପ୍ରକାଶିତ ହୋଇଥିଲା। ଏହି ପୁସ୍ତକରେ ଡଃ ରାଧାକ୍ରିଷ୍ଣନ ଯେଉଁ ଅଭିମତ ରଖିଛନ୍ତି ତାହା ଅବିସ୍ମରଣୀୟ। ଦର୍ଶନ ଶାସ୍ତ୍ରରେ ଧୂରୀଣ ପ୍ରଫେସର ରାଧାକ୍ରିଷ୍ଣନ ଗାନ୍ଧୀ ଦର୍ଶନର ଅବଗାହନ କରିବା ସହିତ ଏହାକୁ ବ୍ୟକ୍ତି, ରାଷ୍ଟ୍ର ଓ ବିଶ୍ୱ ଜୀବନରେ ପ୍ରତିଫଳିତ କରାଇବା ପାଇଁ ଚମତ୍କାର ଢ଼ଙ୍ଗରେ ବହୁ ପୁସ୍ତକ ଲେଖିଛନ୍ତି। 'ଗାନ୍ଧୀ: ଦି ପ୍ରାକ୍ଟିକାଲ ଆଇଡିଆଲିଷ୍ଟ' ଶୀର୍ଷକ ନିବନ୍ଧରେ ସେ ପୁଣି ଉଲ୍ଲେଖ କରିଛନ୍ତି ଯେ ଇତିହାସରେ ଗାନ୍ଧୀ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯିଏ ଅହିଂସାକୁ ବ୍ୟକ୍ତି ଜୀବନରୁ ସମାଜ ଓ ରାଜନୈତିକ ଜୀବନ ପର୍ଯ୍ୟନ୍ତ ସଂପ୍ରସାରିତ କରାଇଛନ୍ତି ଏବଂ ଏଥିଲାଗି ନିଜେ ଗବେଷଣା କରିବା ସହିତ ରାଜନୈତିକ କ୍ଷେତ୍ରରେ ପ୍ରବେଶ କରି ଅହିଂସାକୁ ଦୃଢ଼ ଭାବେ ପ୍ରତିପାଦିତ କରିପାରିଛନ୍ତି। ବିଶ୍ୱ ଅହିଂସାକୁ ଗ୍ରହଣ ନ କଲେ ମଣିଷ ସମାଜ ପାଇଁ ତାହା ଆତ୍ମଘାତୀ ହେବ ବୋଲି ରାଧାକ୍ରିଷ୍ଣନ ବାରମ୍ବାର ଚେତାବନୀ ଦେଇଆସିଛନ୍ତି।

ଅନ୍ୟପକ୍ଷରେ ରାଧାକ୍ରିଷ୍ଣନଙ୍କୁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ଜଣେ ଭଲ ସଂଯୋଗକାରୀ ଭାବେ ଚିତ୍ରିତ କରିବାକୁ ଗାନ୍ଧୀ ଭୁଲି ନାହାନ୍ତି। ସ୍ୱାଧୀନତା ଆନ୍ଦୋଳନ କାଳରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସତ୍ୟାଗ୍ରହୀ ଛାତ୍ରମାନଙ୍କ ସପକ୍ଷରେ କୁଳପତି ରାଧାକ୍ରିଷ୍ଣନ ଯେଭଳି ରାଜ୍ୟପାଳଙ୍କ ନିକଟରେ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ ତାହାର ଭୂୟସୀ ପ୍ରଶଂସା ଗାନ୍ଧୀଜୀ ଗଣମାଧ୍ୟମରେ ରଖିଥିଲେ। ଶିକ୍ଷା ସଂସ୍କାରଠାରୁ ଆରମ୍ଭ କରି ସାମାଜିକ ପରିବର୍ତ୍ତନ, ଆର୍ଥିକ ଓ ନୈତିକ ବ୍ୟବସ୍ଥାର ଉନ୍ନତି ଆଦି କ୍ଷେତ୍ରରେ ଗାନ୍ଧୀଜୀଙ୍କର ଯେଉଁ ଦୃଷ୍ଟିକୋଣ ଥିଲା ତାହାର ସଫଳ ରୂପାୟନ ପାଇଁ ସମର୍ପିତ ଭାବେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ବଳିଷ୍ଠ ଯୁକ୍ତି ବିଭିନ୍ନ ବକ୍ତବ୍ୟ, ପ୍ରବନ୍ଧ ଓ ପୁସ୍ତକରେ ରଖିଯାଇଛନ୍ତି। ରାଧାକ୍ରିଷ୍ଣନଙ୍କ ଜନ୍ମଦିନକୁ ଗଭୀର କୃତଜ୍ଞତାର ସହ ଆମେ ସାରା ଦେଶରେ 'ଗୁରୁ ଦିବସ' ଭାବେ ପାଳନ କରୁଥିବା ବେଳେ ସେ ଯେଉଁ ଦର୍ଶନ ଓ ବିଚାରର ପ୍ରୟୋଗ ଲାଗି ନିରବଚ୍ଛିନ୍ନ ଉଦ୍ୟମ କରିଥିଲେ ତାହାର ଠିକଣା ଅନୁପାଳନ କରାଯାଇ ପାରିଲେ ଆମେ ଗାନ୍ଧୀଙ୍କ କଳ୍ପିତ ପୂର୍ଣ୍ଣ ସ୍ୱରାଜ ହାସଲ କରିପାରନ୍ତୁ ଏବଂ ଏଥିରେ ଦେଶ ଓ ଦଶର ମଙ୍ଗଳ ହୋଇପାରନ୍ତା। ବିଶ୍ୱ ଗୁରୁରେ ପରିଣତ ହେବା ପାଇଁ ଭାରତ ପାଖରେ ହଜାର ହଜାର ବର୍ଷର ଯେଉଁ ଭିତ୍ତିଭୂମି ରହିଛି ତାହାକୁ ଗାନ୍ଧୀ ବିଚାରରେ ଫେଣ୍ଟି ରାଧାକ୍ରିଷ୍ଣନଙ୍କ ଦର୍ଶନର ଉପଯୋଗ କରିପାରିଲେ ଆମେ ନିଶ୍ଚୟ ଏ କ୍ଷେତ୍ରରେ ସଫଳ ହୋଇ ବାଟହୁଡ଼ା ବ୍ୟବସ୍ଥାକୁ ବତିଘର ଭଳି ବାଟ ଦେଖାଇ ପାରନ୍ତୁ।

# ଭାରତୀୟ ସଂସ୍କୃତିରେ ଗୁରୁପୂଜନ



ଦଶରଥ ହେମ୍ବ୍ରମ୍
ଦୁର୍ନୀତି ନିବାରଣ ଅଧିକାରୀ, ବାଲେଶ୍ୱର ଖଣ୍ଡ
ବାଲେଶ୍ୱର, ମୋ: ୯୩୩୭୪୦୪୨୫୪

ମାନବ ସଭ୍ୟତା ପ୍ରାରମ୍ଭରୁ ଗୁରୁ ପୂଜନ ପରମ୍ପରା ଭାରତରେ ପ୍ରଚଳିତ, ଯେଉଁଥି ପାଇଁ ଭାରତକୁ ପବିତ୍ର 'ଗୁରୁଭୂମି' ବୋଲି ବିବେଚନା କରାଯାଏ। ବେଦ, ପୁରାଣ, ଉପନିଷଦ ଓ ଧର୍ମଶାସ୍ତ୍ରାଦିରେ ପ୍ରାଚୀନ ଗୁରୁ ସମ୍ପ୍ରଦାୟର ଗୌରବ ଉଲ୍ଲେଖ ରହିଛି। ଯେଉଁଠି ଭାବ, ଭକ୍ତି, ଜ୍ଞାନ, ତତ୍ତ୍ୱ ରଜୁରେ ବନ୍ଧା ସତ୍ୟ, ଅହିଂସା, ଦୟା, କ୍ଷମା ଓ ଶାନ୍ତିର ବାତାବରଣ ସୃଷ୍ଟି କରିଛି। ଗୁରୁ ଭକ୍ତି ଓ ଗୁରୁ ଆଶୀର୍ବାଦ ବଳରେ ଏ ସମାଜ ଉଜ୍ଜ୍ୱଳ ଏବଂ ଉନ୍ନତି ପଥରେ ଆଗେଇ ଚାଲିଛି। ତେଣୁ ପବିତ୍ର ଭାରତ ମାଟିରେ ଗୁରୁମାନଙ୍କର ସ୍ଥାନ ଯଥେଷ୍ଟ ଉଚ୍ଚରେ ଆସୀନ। ବିଶ୍ୱାସ କରାଯାଏ, ସମାଜରେ ଥିବା ଅନ୍ଧକାର ଓ କୁସଂସ୍କାର ଦୂରୀଭୂତ ହୁଏ। ଏଣୁ ଗୁରୁ ଶବ୍ଦକୁ ତର୍ଜମା କରି ଜାଣି ହୁଏ, 'ଗୁ' ଅର୍ଥ ଅନ୍ଧକାର ଏବଂ 'ରୁ' ଅର୍ଥ ଅଜ୍ଞାନ, ଅର୍ଥାତ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରୀଭୂତ କରି ଜ୍ଞାନ ରୂପକ ଆଲୋକ ପ୍ରଦାନ କରିବାରେ ବାପା, ମାଆ ଏବଂ ଶିକ୍ଷକମାନେ ହିଁ ସମର୍ଥ। ସାମ୍ପ୍ରତିକ ସମୟରେ ସେହି ତିନି ଜଣ ଶିକ୍ଷକଙ୍କୁ ଗୁରୁର ଆଖ୍ୟା ପ୍ରଦାନ କରାଯାଇଅଛି।

ଭାରତର ପ୍ରାଚୀନ ଗୁରୁ ପରମ୍ପରାରେ ପିତା ଓ ମାତାଙ୍କୁ ପ୍ରଥମ ଗୁରୁର ଆସନ ପ୍ରଦାନ କରାଯାଇଛି। ଏମାନଙ୍କ ପରେ ଶିକ୍ଷକ ଗୁରୁ ହିଁ ଜୀବନରେ ଆଗକୁ ବଢ଼ିବା ପାଇଁ ଠିକଣା ରାସ୍ତା ଦେଖାନ୍ତି। ଶିକ୍ଷା ସହିତ ଜୀବନକୁ ମାର୍ଜିତ ଓ ଶୃଙ୍ଖଳିତ କରିବାରେ ତାଙ୍କର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ଭାରତୀୟ ସଂସ୍କୃତି ଅନୁସାରେ ଗୁରୁ-ଶିଷ୍ୟର ପରମ୍ପରା ସର୍ବାଗ୍ରେ ଉଚ୍ଚରେ ରହି ଆସିଅଛି। ଶିକ୍ଷକଙ୍କୁ ସମ୍ମାନ ଦେବା ପାଇଁ ଏକ ବିଶେଷ ଦିବସ ରୂପେ ଗୁରୁପୂଜନ ଉତ୍ସବର ଆୟୋଜନ ହୁଏ, ତାହା ସେପ୍ଟେମ୍ବର ପାଞ୍ଚ ତାରିଖରେ। ତଥ୍ୟ ଅନୁସାରେ ଊନବିଂଶ ଶତାବ୍ଦୀରେ ଗୁରୁଦିବସ ପାଳନ କରିବାର ଧାରଣା ଆରମ୍ଭ ହୋଇଥିଲା। ଜଣେ ଶିକ୍ଷାବିତ୍ କିମ୍ବା ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କର ସମାଜ ପ୍ରତି ଉତ୍ତମ ପ୍ରଦର୍ଶନକୁ ସ୍ମରଣ କରି ଏହି ଦିବସ ପାଳିତ ହୁଏ। ଏହି ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ, ଭାରତର ପୂର୍ବତନ ପ୍ରଥମ ଉପରାଷ୍ଟ୍ରପତି ଏବଂ ଦ୍ୱିତୀୟ ରାଷ୍ଟ୍ରପତି ତଥା ପୃଥିବୀର ଜଣେ ଶ୍ରେଷ୍ଠ ଦାର୍ଶନିକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଜଣେ ଗୁରୁ ପଦବାଚ୍ୟ ବ୍ୟକ୍ତି, ଯାହାଙ୍କ ଠାରେ ବିଦ୍ୱତ୍ତା, ପାଣ୍ଡିତ୍ୟ, ଦୂରଦୃଷ୍ଟି, ସାଧୁତା, ସ୍ପଷ୍ଟବାଦିତା, କର୍ତ୍ତବ୍ୟପରାୟଣତା, ପ୍ରଚଣ୍ଡ ପ୍ରତିଭା ଓ ଭାବପ୍ରବଣତା ପ୍ରଭୃତି ପରିଦୃଷ୍ଟ ହେଉଥିବାରୁ ସେ ଜଣେ ରାଷ୍ଟ୍ରଗୁରୁ ଭାବେ ସର୍ବଜନବିଦିତ, ଯାହାଙ୍କ ଜନ୍ମଦିନ ସେପ୍ଟେମ୍ବର ୫ ତାରିଖକୁ ଗୁରୁଦିବସ ଭାବେ ଦେଶରେ ୧୯୬୨ ମସିହା ପରଠାରୁ ପାଳନ କରାଯାଇ ଆସୁଅଛି।

ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ୧୮୮୮ରେ ତାମିଲନାଡୁର ତିରୁଟ୍ଟନୀଠାରେ ହୋଇଥିଲା। ତାଙ୍କର ଶୈଶବ ଅବସ୍ଥା ତିରୁଟ୍ଟନୀ ଓ ତିରୁପତିରେ କଟିଥିଲା। ଖ୍ରୀଷ୍ଟିଆନ୍ ମିଶନାରି ସ୍କୁଲରୁ ତାଙ୍କର ପାଠପଢ଼ା ଆରମ୍ଭ କରି ମେଧାବୃତ୍ତି ପାଇବା ସହ ମାଡ୍ରାସର ଖ୍ରୀଷ୍ଟିୟାନ କଲେଜରୁ ଦର୍ଶନ ଶାସ୍ତ୍ରରେ ପ୍ରଥମ ସ୍ଥାନରେ ପ୍ରଥମ ଶ୍ରେଣୀରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହାପରେ ସେ ଏଲ.ଟି. ପାଶ କରି ୧୯୦୯ରେ ମାଡ୍ରାସର ପ୍ରେସିଡେନ୍ସି କଲେଜରେ ଅଧ୍ୟାପକ ଭାବେ ନିଯୁକ୍ତି ହେବାର କିଛିବର୍ଷ ମଧ୍ୟରେ ମହୀଶୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ବିଭାଗୀୟ ମୁଖ୍ୟଭାବେ ଅବସ୍ଥାପିତ ହେଲେ। ୧୯୨୧ରେ କଲିକତା ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗରେ ମୁଖ୍ୟ ଅଧ୍ୟାପକ ଭାବେ କାର୍ଯ୍ୟ କରିଲେ। ୧୯୨୬ରେ ହାଭାର୍ଡ଼ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଆନ୍ତର୍ଜାତିକ ଦର୍ଶନ କଂଗ୍ରେସରେ ଭାରତର ପ୍ରତିନିଧି ଭାବେ ଯୋଗ ଦେଇ ସଫଳତା ସହିତ କାର୍ଯ୍ୟ ନିର୍ବାହ କଲେ। ଏହାର କିଛିବର୍ଷ ପରେ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟରେ କୁଳପତି ଭାବେ ଅଧିଷ୍ଠିତ ହେଲେ। ମାତ୍ର ସେହି ସମୟରେ ସେ କାର୍ଯ୍ୟରତ ଥିବାବେଳେ ଗାନ୍ଧିଜୀ ଓ ମଦନମୋହନ ମାଲବ୍ୟଙ୍କ ଅନୁରୋଧକ୍ରମେ ବନାରସ ହିନ୍ଦୁବିଶ୍ୱବିଦ୍ୟାଳୟରୁ କୁଳପତି ଭାବେ ଯୋଗ ଦେଇଥିଲେ। କିନ୍ତୁ ଶିକ୍ଷକ-ଜୀବନରେ ସେ ଭାରତୀୟ ଦର୍ଶନ, ଧର୍ମ-ଦର୍ଶନ, ତୁଳନାତ୍ମକ ଧର୍ମ-ଦର୍ଶନ ଓ ନୀତିଶିକ୍ଷା ଆଦିରେ ଶିକ୍ଷାଦାନ କରି ଜଣେ ମହାନ ଶିକ୍ଷକ ଭାବେ ପରିଗଣିତ ହୋଇଥିଲେ।

ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଅନୁରୋଧକ୍ରମେ ୧୯୪୯ରେ ଋଷିଆର ରାଷ୍ଟ୍ରଦୂତ ନିଯୁକ୍ତି ହେବା ପରେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗରେ ସେ ଅଧ୍ୟାପକ ଭାବେ ଅବସ୍ଥାପିତ ହୋଇଥିଲେ। ଭାରତର ୧୯୫୨ରେ ପ୍ରଥମ ସାଧାରଣ ନିର୍ବାଚନ ହେବା ପରେ ସେ ପ୍ରଥମ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହେଲେ, ଯଦ୍ୱାରା ଋଷ ପରିତ୍ୟାଗ କରିବାକୁ ପଡ଼ିଥିଲା। ଏକ ଦଶନ୍ଧି କାଳ ଭାରତରେ ଉପରାଷ୍ଟ୍ରପତି ରହିବା ପରେ ୧୯୬୨ ମସିହା ମେ ୧୨ ତାରିଖରେ ଦ୍ୱିତୀୟ ରାଷ୍ଟ୍ରପତିଭାବେ ସେ ଦାୟିତ୍ୱ ଗ୍ରହଣ କରିବାର ସୁଯୋଗ ପାଇଥିଲେ। ତାଙ୍କର କାର୍ଯ୍ୟଦକ୍ଷତା ଦେଖି ୧୯୬୩ରେ ଇଂଲଣ୍ଡର ସର୍ବୋଚ୍ଚ ଉପାଧି 'ଅର୍ଡର ଅଫ ମେରିଟ୍'ରେ ତାଙ୍କୁ ଭୂଷିତ କରାଯାଇଥିଲା। ଆମ ଭାରତରେ ମଧ୍ୟ ୧୯୫୪ରେ ତାଙ୍କୁ ସମ୍ମାନଜନକ 'ଭାରତ ରତ୍ନ' ପ୍ରଦାନ କରାଯାଇଥିଲା।

ସେହି ମହାନ ଜନନାୟକଙ୍କ ଉଦ୍ଦେଶ୍ୟରେ ଦେଶବାସୀ ପାଳନ କରିଥାନ୍ତି ପବିତ୍ର 'ଗୁରୁ ଦିବସ'। ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀମାନେ ଗୁରୁଙ୍କୁ ଜୀବନ୍ତ ଦେବତୁଲ୍ୟ ଭାବି ପୂଜାର୍ଚ୍ଚନା କରିଥାନ୍ତି। ତେବେ ଏହି ଗୁରୁ ଓ ଶିଷ୍ୟର ପରମ୍ପରା ଆଜିର ନୁହେଁ, ବହୁ ପୁରାତନ କାଳରୁ ପ୍ରଚଳିତ। ସୃଷ୍ଟିର ଆରମ୍ଭରୁ ଗୁରୁ ଶବ୍ଦର ମହତ୍ୱ ଆମ ସମାଜରେ ବିଦିତ। ସେମାନଙ୍କ ଅବଦାନ ପାଇଁ ଆଜି ଅଜ୍ଞାନ ରୂପକ ଅନ୍ଧକାର ଦୂରୀଭୂତ ହୋଇ ଆଲୋକ ଆଡ଼କୁ ଠିକଣା ରାସ୍ତାରେ ପରିଚାଳିତ ଏ ସମାଜ, ରାଜ୍ୟ ତଥା ଦେଶ। ସେଥିପାଇଁ କୁହାଯାଏ, ଗୁରୁ ବିନା ଜ୍ଞାନ ଅସମ୍ଭବ। ଏହିସବୁ ଦୃଷ୍ଟିରୁ ବିଚାର କଲେ ଜାଣି ହୁଏ ଯେ, ଯେ କୌଣସି ବିଭାଗରେ କାର୍ଯ୍ୟ କରିବା ସମୟରେ କାହାକୁ ନା କାହାଙ୍କୁ ଗୁରୁ ରୂପରେ ମାନି ନେବାକୁ ପଡ଼ିଥାଏ। ଏହାଦ୍ୱାରା ସଫଳତା ମିଳେ ଏବଂ ସେହି ସଫଳତା ଆଗକୁ ବଢ଼ିବାରେ ସାହସ ଜୁଟାଏ। ଖାଲି ଏତକି ନୁହଁ, ସଂଘର୍ଷମୟ ଜନଜୀବନର ବିଭିନ୍ନ କ୍ଷେତ୍ରରେ ସଫଳତା ପାଇ ଆଗକୁ ବଢ଼ିବା ପାଇଁ ଗୁରୁଟିଏ ନିତାନ୍ତ ଆବଶ୍ୟକ। ଗୁରୁଙ୍କ ଆଶୀର୍ବାଦରେ ହିଁ ଶିଷ୍ୟ ସଫଳତାର ଶିଖର ଦେଶରେ ପହଞ୍ଚେ। ଏହି କାରଣରୁ ଆମ ସମାଜ ସବୁବେଳେ ଗୁରୁଙ୍କ ନିକଟରେ ନତମସ୍ତକ।

# ଗୁରୁ ଦିବସ ଓ ଭାରତୀୟ ଗୁରୁ ଶିଷ୍ୟ ପରମ୍ପରା



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଜ୍ଞାନପ୍ରାପ୍ତି ନିମନ୍ତେ ଶିଷ୍ୟମାନେ ଗୁରୁକୂଳରେ ରହି ପାଠ ପଢୁଥିଲେ ପ୍ରାଚୀନ କାଳରେ। ଶିକ୍ଷାଦାନ କରିବା ଗୁରୁଙ୍କର ମୁଖ୍ୟ କାର୍ଯ୍ୟ ଥିଲା। ସେ ଯୁଗର ଗୁରୁମାନେ ଅର୍ଥ ପାଇଁ ନୁହେଁ ବରଂ ଶିକ୍ଷାଦାନ ଦ୍ୱାରା ଏକ ସାମାଜିକ ଦାୟିତ୍ୱ ତୁଲାଉଥିଲେ। ଶିଷ୍ୟମାନେ ଗଭୀର ଭକ୍ତି ଏବଂ ମନଯୋଗ ସହ ଶିକ୍ଷାଲାଭ କରୁଥିଲେ। ଖ୍ରୀଷ୍ଟପୂର୍ବ ୨୦୦୦ରେ ଭାରତରେ ଗୁରୁକୁଳ ଶିକ୍ଷା ପ୍ରଚଳିତ ଥିଲା। ଗୁରୁମାନେ ଶିକ୍ଷା ଦେଉଥିଲେ ତୁଣ୍ଡରେ। ଶିଷ୍ୟମାନେ ଶୁଣି ଶୁଣି ମନେରଖୁଥିଲେ ତାକୁ। 'ଉପନିଷଦ୍' ଶବ୍ଦଟି 'ଉପ', 'ନି' ଏବଂ 'ସଦ' ଶବ୍ଦର ସମାହାର ଯାହାର ଅର୍ଥ ହେଲା ନିକଟରେ ବସିବା। ଅର୍ଥାତ୍ ଗୁରୁକୁଳରେ ଗୁରୁଙ୍କ ସମୀପରେ ବସିରହି ଶିଷ୍ୟମାନେ ଶୁଣୁଥିଲେ ତାଙ୍କର ତୁଣ୍ଡରୁ ଶାସ୍ତ୍ର ବୋଧଗମ୍ୟ ଭାଷାରେ। ଅତ୍ୟନ୍ତ ପବିତ୍ର ପରିବେଶରେ କିଛି ପାଇବାର ଆଶା ନ ରଖି ଶିକ୍ଷାଦାନ କରୁଥିଲେ ସେମାନେ। ଦକ୍ଷିଣା ଦାବି କରିବା ଗୁରୁଙ୍କର ଅଧିକାର ଥିଲେ ହେଁ କୌଣସି ଗୁରୁ ସେଭଳି କିଛି ଦାବି କରୁଥିବା ଜଣାଯାଏ ନାହିଁ। ଏହାଥିଲା ପ୍ରତୀକାତ୍ମକ। ଫଳଟାଏ ଭଳି ସାଧାରଣ ତୁଚ୍ଛ ଜିନିଷ ମାତ୍ର ସେମାନେ ମାଗୁଥିଲେ ଦକ୍ଷିଣା ବାବଦକୁ। ଏଭଳି ପବିତ୍ର ଗୁରୁକୁଳ ପରମ୍ପରା ବହୁ କାଳ ପର୍ଯ୍ୟନ୍ତ ପ୍ରଚଳିତ ଥିଲା ଭାରତବର୍ଷରେ।



ଭାରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟପ୍ରତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମ ଦିବସକୁ ଭାରତରେ ଗୁରୁ ଦିବସ ଭାବେ ପାଳନ କରାଯାଉଛି। ଏକାଧାରରେ ସେ ଥିଲେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ ଓ କୂଟନୀତିଜ୍ଞ। ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଟ୍ଟନୀରେ ସେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଶୈଶବ ତିରୁଟ୍ଟନୀ ଓ ତିରୁପତିରେ କଟିଥିଲା। ଉଚ୍ଚଶିକ୍ଷା ପରେ ୧୯୦୯ରେ ତାଙ୍କୁ ମାଡ୍ରାସ ପ୍ରେସିଡେନ୍‌ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା। ଏହା ପରଠାରୁ ସେ ମୁଖ୍ୟତଃ ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ଅଧ୍ୟୟନରେ ନିଜକୁ ନିୟୋଜିତ ରଖିଥିଲେ। ୧୯୧୮ରେ ସେ ମୈସୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ। ତାହାପରେ କାଲାକାତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟ, ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସପୋର୍ଡ଼ ବିଶ୍ୱବିଦ୍ୟାଳୟ। ଶିକ୍ଷକ ଜୀବନରେ ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନ, ତୁଳନାତ୍ମକ ଧର୍ମଦର୍ଶନ ଓ ନୀତିଶାସ୍ତ୍ର ଆଦିରେ ଶିକ୍ଷାଦାନ କରି ବିଦ୍ୟାର୍ଥୀମାନଙ୍କର ବିଶେଷ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ଏକଦା ବିଦ୍ୟାର୍ଥୀମାନେ ତାଙ୍କ ଜନ୍ମଦିନ ପାଳନ କରିବାକୁ ଅନୁରୋଧ କରିବାରୁ, ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ଭାବେ ପାଳନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଦେଶରେ ବେଶ୍ କିଛିବର୍ଷ ଶିକ୍ଷାଦାନ ପରେ ସେ ଭାରତ ଫେରି ୧୯୩୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପାଇଥିଲେ। ୧୯୪୯ରେ ସେ ସୋଭିଏତ୍ ରସିଆକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ। ୧୯୫୨ରେ ପ୍ରଥମ ଉପରାଷ୍ଟ୍ରପତି ଏବଂ ୧୯୬୨ରେ ସର୍ବସମ୍ମତିକ୍ରମେ ସେ ହୋଇଥିଲେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି। ୧୯୫୪ରେ ତାଙ୍କୁ ପ୍ରଦାନ କରାଯାଇଥିଲା ସମ୍ମାନଜନକ ଭାରତ ରତ୍ନ।

# ଗୁରୁ ଚରଣେ ଯାର ଶ୍ରଦ୍ଧା



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ଭାରତ ଗୁରୁ ପରମ୍ପରାର ଦେଶ। ଏଠାରେ ଗୁରୁଙ୍କୁ ଭଗବାନଙ୍କ ସହ ତୁଳନା କରାଯାଇଥାଏ। ଗୁରୁ ଅନ୍ଧକାରରୁ ଆଲୋକକୁ, ଅସତ୍ୟରୁ ସତ ପଥକୁ, ମୃତ୍ୟୁରୁ ଅମୃତ ଆଡକୁ ପଥ ପ୍ରଦର୍ଶନ କରୁଥିବା ଏକ ମହାନ ବ୍ୟକ୍ତିତ୍ୱ। ଗୃହରେ ମାତାପିତା, ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଆମେ ଗୁରୁ ଭାବରେ ଶ୍ରଦ୍ଧା ଓ ସମ୍ମାନ ପ୍ରଦାନ କରିଥାଉ। ପୁରାଣରେ ଯେପରି ଦେବଦେବ ମହାଦେବ ପ୍ରଥମ ଗୁରୁର ମାନ୍ୟତା ଲାଭ କରିଛନ୍ତି ସେପରି ଭାରତୀୟ ଗୁରୁଶିଷ୍ୟ ପରମ୍ପରାରେ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ଛାତ୍ରବତ୍ସଳ ଶିକ୍ଷକ ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଶ୍ରେଷ୍ଠ ଗୁରୁର ସମ୍ମାନ ଲାଭ କରିଛନ୍ତି। ଆଦର୍ଶ ଗୁରୁ ଓ ସଫଳ ଜନନାୟକ ଭାବରେ ଭାରତବର୍ଷ ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ। ଅସାଧାରଣ ପାଣ୍ଡିତ୍ୟ, କର୍ତ୍ତବ୍ୟନିଷ୍ଠା, ନିସ୍ୱାର୍ଥପର ଜନସେବା, ମାନବିକତା ଯୋଗୁଁ ରାଧାକ୍ରିଷ୍ଣନ୍‌ଙ୍କୁ ଭାରତର ଶ୍ରେଷ୍ଠ ଜାତୀୟ ସମ୍ମାନ ଭାରତ ରତ୍ନ ଉପାଧି ପ୍ରଦାନ କରାଯାଇଥିଲା। ରାଧାକ୍ରିଷ୍ଣନଙ୍କ ଆଦର୍ଶ ଓ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହୁରୁ ତାଙ୍କୁ ଜାତୀୟ ଗୁରୁ ଭାବରେ ଗ୍ରହଣ କରିଥିଲେ। କଲିକତା ବିଶ୍ୱ ବିଦ୍ୟାଳୟରେ ଦର୍ଶନଶାସ୍ତ୍ର ଅଧ୍ୟାପକ ଭାବରେ ଶିକ୍ଷାଦାନ କରୁଥବା ସମୟରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ବ୍ରିଟିଶ ପାର୍ଲାମେଣ୍ଟ ତାଙ୍କୁ ସାର୍ ଉପାଧିରେ ଭୂଷିତ କରଥିଲେ। ସେ ତାମିଲନାଡୁର ମାନ୍ଦ୍ରାଜ୍ ନିକଟବର୍ତ୍ତୀ ତିରୁଭାନି ଗ୍ରାମରେ ୧୮୮୮ ମସିହା ସେପ୍ଟେମ୍ବର ମାସ ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଛାତ୍ରାବସ୍ଥାରୁ ତାଙ୍କର ପ୍ରତିଭା ଓ ମହନୀୟ ଗୁଣାବଳୀର ପରିଚୟ ମିଳିଥିଲା। ଶିକ୍ଷା ସମାପ୍ତି ପରେ ସେ ପ୍ରେସିଡେନ୍ସି କଲେଜ, କଲିକତା ବିଶ୍ୱବିଦ୍ୟାଳୟ, ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟରେ ଦର୍ଶନ ଶାସ୍ତ୍ର ଅଧ୍ୟାପକ ଭାବେ ଆଦର୍ଶ ଶିକ୍ଷାଦାନ ଓ ଛାତ୍ରବତ୍ସଳତା ଯୋଗୁଁ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ। ବହୁବର୍ଷ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହେବା ସହିତ ଭାରତର ପ୍ରଥମ ଉପରାଷ୍ଟ୍ରପତି ଓ ଦ୍ୱିତୀୟ ରାଷ୍ଟ୍ରପତି ଭାବରେ ରାଧାକ୍ରିଷ୍ଣନ୍ ସ୍ୱୀୟ ପ୍ରତିଭା ଓ କର୍ତ୍ତବ୍ୟ ପରାୟଣତାର ପରିଚୟ ଦେଇଛନ୍ତି। ୧୯୭୫ ମସିହା ଅପ୍ରେଲ ମାସ ୧୭ ତାରିଖରେ ୮୬ ବର୍ଷ ବୟସରେ ସେ ଇହଲୀଳା ସମ୍ବରଣ କରିଥିଲେ। ରାଧାକ୍ରିଷ୍ଣନ ରାଷ୍ଟ୍ରପତି ପଦ ଅଳଙ୍କରଣ କରିବା ପରେ ତାଙ୍କର କିଛି ପୁରାତନ ଛାତ୍ର ଓ ଶୁଭାକାଂକ୍ଷୀ ବନ୍ଧୁ ତାଙ୍କ ଜନ୍ମଦିନକୁ ମହା ଆଡମ୍ବରରେ ପାଳନ କରିବାକୁ ଅନୁମତି ଲୋଡିଥିଲେ। ଆମ ସଂସ୍କୃତିରେ ଗୁରୁ ସର୍ବଦା ଉଚ୍ଚ ଆସନର ଅଧିକାରୀ ଓ ଗୁରୁମାନେ ହିଁ ପ୍ରତି ଦେଶର ଭାଗ୍ୟବିଧାତା ବୋଲି ରାଧାକ୍ରିଷ୍ଣନ ବିଶ୍ୱାସ କରୁଥିଲେ। ତେଣୁ ଗୁରୁଙ୍କୁ ସମ୍ମାନ ଦେବାର ପରମ୍ପରାକୁ ବଜାୟ ରଖିବା ପାଇଁ ତାଙ୍କ ଜନ୍ମଦିନକୁ ଗୁରୁ ଦିବସ ଭାବରେ ପାଳନ କରିବାକୁ ସେ ବନ୍ଧୁ ଓ ଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ତେଣୁ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ସେପ୍ଟେମ୍ବର ୫ ତାରିଖକୁ ସାରା ଦେଶରେ ଗୁରୁଦିବସ ଭାବରେ ପାଳନ କରିବା ପାଇଁ ୧୯୬୨ ମସିହାରେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ।

ଭାରତୀୟ ସଂସ୍କୃତିରେ ଗୁରୁଙ୍କୁ "ଆଚାର୍ଯ୍ୟ ଦେବୋ ଭବଃ" ବୋଲି ସମ୍ବୋଧନ କରାଯାଇ ଅସୀମ ଶ୍ରଦ୍ଧା ପ୍ରଦର୍ଶନ କରାଯାଏ। ଗୁରୁ ସମାଜର ପଥ ପ୍ରଦର୍ଶକ ତଥା ବ୍ୟକ୍ତି ବିଶେଷର ତତ୍ତ୍ୱାବଧାରକ ରୂପେ ବ୍ୟକ୍ତିର ଚିନ୍ତନ, ଭାବନା ଓ କାର୍ଯ୍ୟକୁ ଦିଗଦର୍ଶନ ଦେଇଥାନ୍ତି। ଗୁରୁହିଁ ଶିଷ୍ୟର ମୂଳଦୁଆ ସ୍ଥାପନର ଭିତ୍ତିଭୂମି। ଗୁରୁଙ୍କର ଆନ୍ତରିକ ଆର୍ଶୀବାଦରେ ହିଁ ବ୍ୟକ୍ତିର ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତି ସାଧନ ହୋଇଥାଏ। ତେଣୁ କୁହାଯାଇଛି ଗୁରୁ ଚରଣେ ଯାର ଶ୍ରଦ୍ଧା, ତାକୁ ନଲାଗେ ଭବ ବାଧା। ବିଭିନ୍ନ ଶାସ୍ତ୍ର ପୁରାଣ, ବେଦ, ଭାଗବତ, ଅଷ୍ଟାଦଶ ପୁରାଣରେ ଗୁରୁଙ୍କୁ ଶ୍ରେଷ୍ଠତା ପ୍ରତିପାଦନ କରାଯାଇ କୁହାଯାଇଛି - "ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁର୍ଦେବୋ ମହେଶ୍ୱରଃ, ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ"। ଅର୍ଥାତ୍ ଜଗତର ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନ କର୍ତ୍ତା ବିଷ୍ଣୁ ଓ ସଂହାର କର୍ତ୍ତା ମହେଶ୍ୱରଙ୍କର ସମଗ୍ର ଶକ୍ତି ହିଁ ଏକମାତ୍ର ଗୁରୁଙ୍କ ଉପରେ ପୁଞ୍ଜିଭୂତ ହୋଇରହିଛି। ଏହି ତ୍ରିଶକ୍ତିର ଅଧିକାରୀ ଗୁରୁଙ୍କୁ ମୁଁ ପ୍ରଣାମ କରୁଛି।

ଭାରତ ପରି ପବିତ୍ର ଭୂମିରେ ମହାନ ଗୁରୁ ଓ ଶିଷ୍ୟଙ୍କର ଉଦାହରଣର ଅଭାବ ନାହିଁ। ସ୍ୱୟଂ ଭଗବାନ ରାମଚନ୍ଦ୍ର ଗୁରୁ ବଶିଷ୍ଠଙ୍କୁ, ଭଗବାନ ଶ୍ରୀକୃଷ୍ଣ ଗୁରୁ ସନ୍ଦିପନୀଙ୍କୁ, ଶୁକଦେବ ରାଜର୍ଷି ଜନକଙ୍କଙ୍କୁ, ଶ୍ୱେତକେତୁ ଉଦାଳକଙ୍କୁ, ମୈତ୍ରେୟୀ ଯାଜ୍ଞବଲ୍‌କଙ୍କୁ, ଭୃଗୁ ବରୁଣଙ୍କୁ, ନାରଦ ସନ୍ନତ କୁମାରଙ୍କୁ, ଇନ୍ଦ୍ର ପ୍ରଜାପତିଙ୍କୁ, ନଚିକେତା ଯମଙ୍କୁ, ତୁଳସୀ ମହାପ୍ରଜ୍ଞଙ୍କୁ, ବିବେକାନନ୍ଦ ରାମକୃଷ୍ଣ ପରମହଂସଙ୍କୁ, ଯୋଗାନନ୍ଦ ମୁକ୍ତେଶ୍ୱରଙ୍କୁ, ଛତ୍ରପତି ଶିବାଜୀ ରାମଦାସଙ୍କୁ ଗୁରୁ ଭାବରେ ବରଣ କରି ସତ୍ୟଜ୍ଞାନ ଶିକ୍ଷା କରିଥିଲେ। ଏତଦ୍ ବ୍ୟତୀତ ସତ୍ୟକାମ, ଜାବାଳ, ଆରୁଣି, ଉପମନ୍ୟୁ ଆଦର୍ଶ ଶିଷ୍ୟ ଭାବରେ ଭାରତୀୟ ପରମ୍ପରାର ଜ୍ୱଳନ୍ତ ପ୍ରତୀକ। ଗୁରୁକୂଳ ଶିକ୍ଷା ଆଧୁନିକ ମଣିଷ ଠାରୁ ଦୂରେଇ ଯାଇଥିଲେ ବି ଆମ ନିକଟରେ ଗୁରୁ ଅଛନ୍ତି ଓ ଶିଷ୍ୟ ବି ଅଛନ୍ତି। ଆଦର୍ଶ ଶିଷ୍ୟ ହିଁ ଗୁରୁଙ୍କୁ ଚିର ଅମର କରିଥାଏ।



କେନ୍ଦୁଝର(ଭାସ୍କର ନ୍ୟୁଜ): ରାତି ପାହିଲେ ଗ୍ରାମବାସୀଙ୍କୁ ଘାରିଛି ପାଣିଚିନ୍ତା। ନଳକୂଅ ନ ଥିବାରୁ ଲୋକେ ଅଧ କିଲୋମିଟର ଅତିକ୍ରମ କରି ପାଣି ସଂଗ୍ରହ କରୁଛନ୍ତି। ବିଭିନ୍ନ ସ୍ତରରେ ଅଭିଯୋଗ ହୋଇ ଆସୁଥିଲେ ହେଁ କୌଣସି ସମାଧାନ ହେଉନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତ ତଳକୁସୁମିତା ଡୁମୁରିବାଲି ସାହିରେ। ଗାଁରେ ୧୨ ପରିବାର ବାଳିକା ଉଚ୍ଚବିଦ୍ୟାଳୟ ଆଶ୍ରମ ନିକଟରେ ବସବାସ କରୁଛନ୍ତି। ଲୋକସଂଖ୍ୟା ୫୦ରୁ ଊର୍ଦ୍ଧ୍ୱ। ତେବେ ନଳକୂଅଟିଏ ନଥିବାରୁ ଲୋକେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରୋଷେଇ ବାସ, ଖାଇବା ପିଇବା ପାଇଁ ଗ୍ରାମବାସୀ ନିକଟରେ ଥିବା ଗ୍ରାମରୁ ଅଧ କିମି ଅତିକ୍ରମ କରି ପାଣି ସଂଗ୍ରହ କରୁଛନ୍ତି। ସରକାର ପାନୀୟଜଳ ଯୋଜନା କରିଛନ୍ତି। ଅଞ୍ଚଳରେ ଓଭର ହେଡ ପାଣି ଟାଙ୍କି ନିର୍ମାଣ ସରିଛି। ମାତ୍ର ଠିକାଦାର ମାଟିତଳେ ପାଇପ ପୋତିଲା ପରେ ଶାଣ୍ଟରେ ବସାଇନାହିଁ। କାମ ସରି ନଥିବାରୁ ଜଳଯୋଗାଣ ଆରମ୍ଭ ହୋଇ ପାରୁନଥିବା ଜଣାପଡିଛି। ବିଦ୍ୟୁତ୍ ବିଭାଗ ଖୁଣ୍ଟ ପୋତି ନଥିବାରୁ ଧନୁ ମାଝୀ, ବିଦ୍ୟାଧର ଗିରି, ଦିନବନ୍ଧୁ ସୋରେନ, କାହ୍ନୁ ସୋରେନ, କିଶୋନ ମାଝୀ, ଦୁଃଖବନ୍ଧୁ ମାଝୀ, ପମା ମାଝୀ, ସୁଦାମ ମାଝୀ, ଭଗାନ ସୋରେନ ପରିବାରଗୁଡିକ ବାଉଁଶ ଲାଠି ପୋତି ବିପଦ ସଙ୍କୁଳ ଅବସ୍ଥାରେ ତାରଟାଣି ଲାଇନ ନେଇଛନ୍ତି।

# ନିମାପଡ଼ା ମୁଖ୍ୟ ରାସ୍ତାରେ ଖେଳୁଛନ୍ତି ମୀନ, ପର୍ଯ୍ୟଟକ କାଦୁଅରେ ଲଟପଟ



ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା-ପିପିଲି ମୁଖ୍ୟ ରାସ୍ତାରେ ଖେଳୁଛନ୍ତି ମୀନ । ରାସ୍ତାର ଅବସ୍ଥା ବେହାଲ ହୋଇପଡ଼ିଥିବା ବେଳେ କାଦୁଅ ପଙ୍କରେ ଲଟପଟ ହେଉଛନ୍ତି ପର୍ଯ୍ୟଟକ । ଦୀର୍ଘଦିନ ହେବ ଏହି ସମସ୍ୟା ଲାଗିଥିବା ବେଳେ ପ୍ରଶାସନର ଏଥିପ୍ରତି ନିଘା ନାହିଁ । ବେଳକୁ ବେଳ ଅସନ୍ତୋଷ ବଢ଼ି ଚାଲିଥିବା ବେଳେ କୋଟି କୋଟି ଟଙ୍କାରେ ନିର୍ମାଣ ରାସ୍ତା ପାଲଟିଛି ପୋଖରୀ । ଠିକା ନେଇଥିବା ଠିକାଦାର ମନ, ପ୍ରାଣ ଓ ନିଷ୍ଠାର ସହକାରେ କାର୍ଯ୍ୟ କରି ଥିବାରୁ କାର୍ଯ୍ୟ ସରିବାର ବର୍ଷେ ନ ପୁରୁଣୁ ରାସ୍ତାର ଅବସ୍ଥା କହିଲେ ନସରେ । ପ୍ରଶାସନ ଆଖିବୁଜି ଦେଇଥିବା ବେଳେ କାହାକୁ ଜନସାଧାରଣ ଗୁହାରୀ କରିବେ ତାହାକୁ ନେଇ ଆଲୋଚନାର ଖୋରାକ୍ ଯୋଗାଇଛି । ଗଳିକନ୍ଦିରେ ଏହି ଆଲୋଚନା ଜୋର ଧରିଥିବା ବେଳେ ଠିକାଦାର ଓ ଅଧିକାରୀଙ୍କ ମଧୁଚନ୍ଦ୍ରିକା କାରଣରୁ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏପରିକି ଜରୁରିକାଳୀନ ସେବା ଯାଇ ନପାରି ଅଟକି ରହୁଛି । ଅଧିକାରୀଙ୍କ ପ୍ରତିକ୍ରିୟା ନେବା ପାଇଁ ଉଦ୍ୟମ କରାଯାଉଥିଲେ ମଧ ଅଧିକାରୀଙ୍କ ଦେଖା ମିଳୁ ନାହିଁ । ସୂଚନା ଅନୁଯାୟୀ, ନିମାପଡ଼ା ଏନ୍‌ଏସି ଦୋଳବେଦୀ ଛକରୁ ଗଡ଼ଅଣ୍ଡିଆ ପର୍ଯ୍ୟନ୍ତ ଦୁଇଟିକିଆ ରାସ୍ତା ନିର୍ମାଣ ପାଇଁ ଠିକାଦାରକୁ କାର୍ଯ୍ୟ ଦିଆଯାଇଥିଲା । ଠିକାଦାର କେତେକ ବ୍ୟକ୍ତିଙ୍କୁ ଧରି ରାସ୍ତା ନପୋତି ଖାଲ ଜାଗାରେ ଢ଼ଳେଇ ପକେଇ ଦେଇଥିବା ବେଳେ ଅନେକ ସ୍ଥାନରେ ଢ଼ଳେଇ ଉଠି ଯାତାୟତରେ ବାଧା ସୃଷ୍ଟି ହେଉଛି । ଅନେକ ସ୍ଥାନରେ ଢ଼ଳେଇ ପିଚୁ ପଡ଼ି ନାହିଁ । ପୁରୁଣା ବସ୍‌ଷ୍ଟାଣ୍ଡ ନିକଟରେ ଠିକାଦାର ଏପରି କାର୍ଯ୍ୟ କରୁଛନ୍ତି କି ପୋଖରୀ ଭିତରେ ଢ଼ଳେଇ ପକେଇ ଦେଇ ଯାଇଛନ୍ତି । ବେଙ୍ଗ ମୁତିଲେ ମଧ ଏଠାରେ ରାସ୍ତା ବୁଡ଼ି ଯାଉଛି । ଅସରାଏ ବର୍ଷାରେ ମୁଖ୍ୟ ରାସ୍ତା ବେହାଲ ହୋଇପଡ଼ିଛି । ଯାହାକୁ ବି ଗୁହାରୀ କଲେ କେହି ଏହି ଗୁହାରୀ ପ୍ରତି କର୍ଣ୍ଣପାତ କରୁ ନାହାନ୍ତି । ଗଡ଼ଅଣ୍ଡିଆ ବ୍ରିଜ୍ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପଟ ଆଣ୍ଠୁଏ ପଙ୍କ ଜମା ହୋଇ ରହୁଥିବା ବେଳେ ପର୍ଯ୍ୟଟକମାନେ କାଦୁଅରେ ପଡ଼ି ଲଟପଟ ହେଉଛନ୍ତି । ଏହି ରାସ୍ତାଟି ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏପରି ଘଟଣାକୁ ଦେଖିଲେ କେତେ ବିକାଶ ହୋଇଛି ତାହା ବାରି ହୋଇପଡୁଛି । ଠିକାଦାର ପ୍ରତି କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ନା ରାସ୍ତାର ଏଗ୍ରିମେଣ୍ଟ୍ ଅବଧି ସରି ଯାଇଛି ତାହାକୁ ନେଇ କଳ୍ପନା ଜଳ୍ପନା ଦେଖାଦେଇଛି । ତୁରନ୍ତ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଏହାର ସ୍ଥାୟୀ ପ୍ରତିକାର ପାଇଁ ଦାବି କରୁଥିବା ବେଳେ ବର୍ଷାପାଣିକୁ ପ୍ରଶାସନ ପକ୍ଷରୁ ଯେତେ ଶୁଖାଇଲେ ମଧ ସେତେ ପାଣି ଝରୁଛି ।

# ବ୍ରାଉନ୍‌ସୁଗାର ଜବତ, ୩ ଗିରଫ



ପାରାଦୀପ(ଭାସ୍କର ନ୍ୟୁଜ): ଏବେ ପାରାଦୀପ ଓ ଜଗତସିଂହପୁର ଜିଲ୍ଲାରେ ପୁଣି ସକ୍ରିୟ ହୋଇ ଉଠିଛନ୍ତି ବ୍ରାଉନସୁଗାର ମାଫିଆ । ପୋଲିସର ଘନ ଘନ ଚଢ଼ାଉ ଓ ଗିରଫଦାରୀ ପରେ କିଛିଦିନ ଥିରି ପରିସ୍ଥିତି ନିୟନ୍ତ୍ରଣରେ ରହିବା ପରେ ବୁଧବାର ସକାଳେ ପାରାଦୀପ ଲକ ଥାନା ଅନ୍ତର୍ଗତ ପାରାଦୀପଗଡ଼ ଶିବ ମନ୍ଦିର ନିକଟରେ ବ୍ରାଉନସୁଗାର ଜବତ ସହ ୩ ଜଣଙ୍କୁ ଗିରଫ କରିଛି ପୋଲିସ । ପୋଲିସର ସୂଚନା ଅନୁଯାୟୀ ଲକ ଥାନା ଅଧୀନ ତୃନ ଛକ ନିକଟରେ ବ୍ରାଉନସୁଗାର ଚୋରା ବ୍ୟବସାୟ ହେଉଥିବା ସୂଚନା ପାଇ ଥାନାଧିକାରୀ ରଶ୍ମିରଞ୍ଜନ ଦାସ, ସବ୍ ଇନ୍ସପେକ୍ଟର ଡି.ଓଝାଙ୍କ ନେତୃତ୍ୱରେ ଏକ ଟିମ ଘଟଣା ସ୍ଥଳକୁ ପଠାଇଥିଲେ । ସେଠାରେ ଉଦୟାନନ୍ଦତିଆ ଗ୍ରାମର ନିତ୍ୟାନନ୍ଦ ମହାରଣାଙ୍କ ପୁଅ ବୁଲା ମହାରଣା (୫୨), ଝିମାଣି ଗ୍ରାମର କାଙ୍ଗାଳି ବାହାଲିଆଙ୍କ ପୁଅ ଜିତେନ୍ଦ୍ର ବାହାଲିଆ (୩୨) ଓ ରବିନ୍ଦ୍ରନାଥ ପ୍ରଧାନଙ୍କ ପୁଅ ପ୍ରଳୟ ପ୍ରଧାନ (୨୫)ଙ୍କୁ ପୋଲିସ ଧରିବା ସହିତ ସେମାନଙ୍କ ନିକଟରୁ ୨୧ ଗ୍ରାମ ବ୍ରାଉନ ସୁଗାର, ୧୮ ଶହ ଟଙ୍କା ଜବତ କରିଥିଲା । ଏହି ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ୨ ଲକ୍ଷ ରୁ ଊର୍ଦ୍ଧ୍ୱ ହେବ । ଏନେଇ ଲକ୍ ଥାନାରେ ଏକ କେସ ନମ୍ବର ୨୭୪, ୟୁ/ଏସ-୧୧୧ ବିଏନ୍ଏସ୍ ଆର.ଡବ୍ଲ୍ୟୁ. ୨୧ (ବି)/୨୯(୧) ଏନ୍‌ଡିପିଏସ୍ ଧାରାରେ ମାମଲା ରୁଜୁ କରାଯାଇ ୩ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ପିଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ପ୍ରତାପ ଓ ପ୍ରିୟଦର୍ଶିନୀ



କାକଟପୁର(ଭାସ୍କର ନ୍ୟୁଜ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୪-୨୦୨୫ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଘୋଷଣା କରାଯାଇଛି । ଏହି ଶିକ୍ଷା ପୁରସ୍କାର ପାଇଁ ସମଗ୍ର ପୁରୀଜିଲ୍ଲାର ୧୧ ବ୍ଲକରେ ମୋଟ ୩୩ ଶିକ୍ଷକ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଉକ୍ତ ପୁରସ୍କାର କାକଟପୁର ପିଏମ ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ରାଉତ ଏବଂ ଏଲିମେଣ୍ଟାରୀ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ସ୍ୱାଇଁ ମନୋନୀତ ହୋଇଥିବାବେଳେ ବଟେଶ୍ୱର ଉଚ୍ଚ ବିଦ୍ୟାଳୟର ଶ୍ରୀ ସ୍ମୃତି ସାହୁ ମନୋନୀତ ହୋଇଛନ୍ତି । ଏହି ୩ ଜଣ ଆସନ୍ତା କାଲି ପୁରୀ ଜିଲ୍ଲାପାଳ ସଦଭାବନା ଗୃହରେ ଜିଲ୍ଲାପାଳଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନରେ ସମ୍ମାନୀତ ହେବେ । ଏଥିପାଇଁ ପୁରୀ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଚିଠି ସଂଖ୍ୟା ୭୩୩୯ ରେ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ଜଣାଇ ଦିଆଯାଉଛି । ଶିକ୍ଷକ ପ୍ରତାପ ରାଉତ ଜଣେ ଦକ୍ଷ ଗଣିତ ଶିକ୍ଷକ ଭାବେ ପରିଗଣିତ ହେଉଥିବା ବେଳେ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ଜଡିତ ରଖି ବେଶ ସୁନାମ ଅର୍ଜନ କରିଛନ୍ତି । ସେହିପରି ପ୍ରିୟଦର୍ଶିନୀ ସ୍ୱାଇଁ ଜଣେ ଉତ୍ତମ ଶିକ୍ଷୟିତ୍ରୀ ଭାବେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଓ ବିଭିନ୍ନ କାର୍ଯ୍ୟକ୍ରମ କରି ପାଠପଢା ପ୍ରତି ଆକୃଷ୍ଟ କରିବାରେ ସେ ସିଦ୍ଧହସ୍ତ ହେବା ସହିତ ସାଧାରଣରେ ପ୍ରଶଂସା ସାଉଁଟିଥିବା ଜଣାପଡିଛି ।

# ଗଣ୍ଡଗୋଳରେ ବୃଦ୍ଧଙ୍କ ମୃତ୍ୟୁ ଘଟଣା, ୫ କୋର୍ଟଚାଲାଣ

ଭାପୁର(ଭାସ୍କର ନ୍ୟୁଜ): ଫତେଗଡ ଥାନା ଅନ୍ତର୍ଗତ ଗୋଳାପୋଖରି ପଞ୍ଚାୟତ କରଡ଼ାପଲି ଗ୍ରାମରେ ଗତ ରବିବାର ବିଳମ୍ବିତ ରାତ୍ରୀରେ ଗଣେଶ ମେଢ଼ ବିସର୍ଜନ କୁ ନେଇ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗାଁ କରଡ଼ାପଲ୍ଲି ଓ ପାଥପୁର ମଧ୍ୟରେ ଉପୁଜିଥିବା ଉତ୍ତେଜନା ପରିସ୍ଥିତିରେ ନିଜ ପୁଅକୁ ରକ୍ଷା କରିବା ପାଇଁ ଚେଷ୍ଟା କରୁଥିବା ଜଣେ ବୃଦ୍ଧଙ୍କ ଦଳାଚକଟାରେ ମୃତ୍ୟୁ ଘଟିବା ଘଟଣାରେ ଜଣେ ନାବାଳକଙ୍କ ସମେତ ଅନ୍ୟ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ଚଳିତ ବର୍ଷ ଗତ ରବିବାର ବିଳମ୍ବିତ ରାତ୍ରୀରେ ପାଥପୁର ଗ୍ରାମର ଯୁବକମାନେ ଗଣେଶ ମେଢ଼ ବିସର୍ଜନ ପାଇଁ ଭସାଣି ଶୋଭାଯାତ୍ରା ରେ ଡିଜେ ବଜେଇ କରଡ଼ାପଲ୍ଲି ଗାଁ ଭିତରେ ଆସୁଥିବାବେଳେ ସେ ଗାଁର ଯୁବକମାନେ ଡିଜେ ସାଉଣ୍ଡ କୁ ବିରୋଧ କରିଥିଲେ । ଫଳରେ, ଉଭୟ ଗାଁର ଯୁବକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା । ଫଳରେ, କରଡ଼ାପଲ୍ଲି ଗାଁର ହରିହର ସ୍ୱାଇଁ(୬୦) ଦଳାଚକଟା ରେ ମୃତ୍ୟୁ ବରଣ କରିଥିଲେ । ଏହି ଘଟଣାରେ ଫତେଗଡ ପୋଲିସ ପାଥପୁର ଗ୍ରାମର ଯୋଗିନାଥ ପରିଡ଼ା(୪୮), ସଦାଶିବ ସ୍ୱାଇଁ(୪୨), ବାରବାଟି ଗ୍ରାମର ଶଙ୍କର ଗଣ୍ଡ (୪୩), ଗଦାଧର ସ୍ୱାଇଁ(୩୨)କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବା ବେଳେ ଜାମିନ୍ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠା ଯାଇଥିବା ବେଳେ ନାବାଳକଙ୍କୁ ଜିଲ୍ଲା ଜୁଭେନାଇଲ କୋର୍ଟକୁ ପଠାଯାଇଥିବା ଥାନା ସୂତ୍ରରୁ ପ୍ରକାଶ ।

# ଏମ୍‌ଏସ୍‌ଏମ୍‌ଇ ଓ ଡିଆଇସିର ସ୍ୱାବଲମ୍ବୀ ପ୍ରଶିକ୍ଷଣ

ରଘୁନାଥପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ସ୍ଥାନୀୟ ମଦନମୋହନ ମଠ ପରିଷରରେ ଗୁରୁବାର ମହିଳାମାନଙ୍କୁ ନେଇ ଏକ ସ୍ୱାବଲମ୍ବୀ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏମ୍‌ଏସ୍‌ଏମ୍‌ଇ ଓ ଡିଆସି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିର୍ତୋଲ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ରାଜକିଶୋର ବେହେରା ଯୋଗ ଦେଇଥିବା ବେଳେ ଏଥିରେ ମଣ୍ଡଳ ସଭାପତି ସ୍ୱରାଜ ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସରୋଜ କାନ୍ତ ସ୍ୱାଇଁ, ଜିଲ୍ଲା ସାଧାରଣ ସମ୍ପାଦକ ସୁବାଷ ଜେନା ଯୋଗ ଦେଇଥିଲେ । ଜଇପୁର ମଣ୍ଡଳ ସଂମ୍ପାଦିକା ପ୍ରିୟଙ୍କା ମହାପାତ୍ରଙ୍କ ନେତୃତ୍ୱରେ ଶହ ଶହ ମହିଳା କିପରି ସ୍ୱାବଲମ୍ବୀ ହୋଇପାରିବେ ଶିବିରରେ ପ୍ରଶିକ୍ଷଣ ନେଇଥିଲେ ।

# ଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

ନିମାପଡ଼ା(ଭାସ୍କର ନ୍ୟୁଜ୍): ନିମାପଡ଼ା ଶିକ୍ଷକ ଅବସରକାଳୀନ ସଭା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ବ୍ଲକ୍ ଅନ୍ତର୍ଗତ ଚଅଁରପଦା ପଞ୍ଚାୟତ ଭାଟବନ୍ଧ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରଜ କିଶୋର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମଥ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମରଥ, ମୁଖ୍ୟବକ୍ତା ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ସମ୍ମାନୀୟ ଅତିଥି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫେସର ଅନନ୍ତରାମ ପଣ୍ଡା, ସରପଂଚ ତପନ କୁମାର ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ନାୟକ, କୈଳାସ ଚନ୍ଦ୍ର ସାହୁ, ସଂଯୁକ୍ତା ମହାନ୍ତି, ହରମୋହନ ମହାପାତ୍ର, ଦ୍ୱିଜବର ମୁଦୁଲି, ନିରଞ୍ଜନ କର, ଚାରିଛକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ଲେଙ୍କା, ତ୍ରିଲୋଚନ କର, ଧ୍ରୁବ ଚରଣ ମାଝୀ, ସିଆରସିସି କାଳନ୍ଦୀ ଜେନା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ଛାତ୍ରବତ୍ସଳ, ମିଷ୍ଟଭାଷି ଥିବା ବେଳେ ଉତ୍ତମ ଶିକ୍ଷକ ଥିଲେ । ତାଙ୍କ ଅବସରକାଳୀନ ସଭାରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ବ୍ଲକ୍‌ସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର



ଢେଙ୍କାନାଳ(ଭାସ୍କର ନ୍ୟୁଜ): କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମସ୍ଥିତ ଅଡିଟୋରିୟମ୍‌ରେ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଖାଦ୍ୟ ଯୋଗାଣ ଏବଂ ଗ୍ରାହକ କଲ୍ୟାଣ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା, ଶତ୍ରୁଘ୍ନ ଜେନା, ବିଧାୟକ ବିଭୁତି ଭୂଷଣ ପ୍ରଧାନ, ବିଧାୟକ ପ୍ରେମାନନ୍ଦ ସାହୁ, ଅଧ୍ୟକ୍ଷ, କାମାକ୍ଷାନଗର ପଞ୍ଚାୟତ ସମିତି, କାମାକ୍ଷାନଗର, ଆଶିଷ ଇଶ୍ୱର ପାଟିଲ, ଜିଲ୍ଲାପାଳ, ଦିନମଣି ନାଏକ, ଉପ-ଜିଲ୍ଲାପାଳ, ମୋନାଲିସା ନାୟକ ପ୍ରଭାଗୀୟ ଶ୍ରମ ଆୟୁକ୍ତ, ତପନ କୁମାର ସୂତାର, ଜିଲ୍ଲା ଶ୍ରମ ଅଧିକାରୀ, ସଂଗ୍ରାମ ଦଲାଇ, ବୈଜୟନ୍ତୀ ମାଳା ମଲ୍ଲିକ, ସୁଶ୍ରୀ ନିବେଦିତା ସ୍ୱାଇଁ, ସହାୟକ ଶ୍ରମ ଅଧିକାରୀ ଯୋଗଦାନ କରିଥିଲେ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ଶିବିରକୁ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ପରିଚାଳନା କରିଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ତପନ କୁମାର ସୂତାର ଧନ୍ୟବାଦ ପ୍ରସ୍ତାବ ରଖିଥିଲେ । କାର୍ଯ୍ୟକ୍ରମରେ ୨୦୯ ହିତାଧିକାରୀଙ୍କୁ ବିବାହ ସହାୟତା ରାଶି ୧ କୋଟି ୪ଲକ୍ଷ ଟଙ୍କା, ୯୭ ହିତାଧିକାରୀଙ୍କୁ ମୃତ୍ୟୁ କାଳୀନ ସହାୟତା ରାଶି ୨କୋଟି ୨୮ ଲକ୍ଷ ଟଙ୍କା, ୯୪ ହିତାଧିକାରୀଙ୍କୁ ଅନ୍ତ୍ୟେଷ୍ଟି କ୍ରିୟା ଜନିତ ସହାୟତା ରାଶି ୪ ଲକ୍ଷ ୭୦ ହଜାର ଟଙ୍କା, ୪୫୦ ହିତାଧିକାରୀଙ୍କୁ ଶିକ୍ଷା ସହାୟତା ରାଶି ୪୨ଲକ୍ଷ ୩୯ ହଜାର ୮୦୦ ଟଙ୍କା ଏବଂ ୪ ହିତାଧିକାରୀଙ୍କୁ ପ୍ରସୂତି କାଳୀନ ସହାୟତା ରାଶି ୪୦ ହଜାର ଟଙ୍କା । ମୋଟ ୮୫୪ ହିତାଧିକାରୀଙ୍କୁ ୩,୭୯,୪୯,୮୦୦ ଟଙ୍କା, ଆକାଉଣ୍ଟକୁ ପ୍ରଦାନ କରାଯାଇଛି । ୩୮୦ ହିତାଧିକାରୀ ନିର୍ମାଣ ଶ୍ରମିକ ପରିଚୟ ପତ୍ର ଏବଂ ଓଡିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ୪ ହିତାଧିକାରୀଙ୍କୁ ମୃତ୍ୟୁକାଳୀନ ରାଶି ୮ ଲକ୍ଷ ଟଙ୍କା ଆକାଉଣ୍ଟକୁ ପ୍ରଦାନ କରାଯିବା ସହ ୧୬୫ ହିତାଧିକାରୀଙ୍କୁ ଓଡିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଅଧୀନରେ ପରିଚୟ ପତ୍ର ପ୍ରଦାନ କରାଯାଇଛି ।

### ଜିଲା ଶିକ୍ଷା ଅଧିକାରୀଙ୍କ ଆସ୍ପର୍ଦ୍ଧା

# ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଅବଜ୍ଞା

ବିଞ୍ଝାରପୁର(ଭାସ୍କର ନ୍ୟୁଜ): ଜିଲ୍ଲାପାଳ ତଥା ଯାଜପୁର ଜିଲା ମାଜିଷ୍ଟ୍ରେଟଙ୍କ ତଦନ୍ତ କମିଟି ଗଠନ କରିବା ନିର୍ଦ୍ଦେଶକୁ ଜିଲା ଶିକ୍ଷା ଅଧିକାରୀ ଅଣଦେଖା କରି କାର୍ଯ୍ୟକାରୀ କରିନାହାନ୍ତି । ଏନେଇ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦୁଇ ଦିନ ମଧ୍ୟରେ ତଦନ୍ତ କମିଟି ଗଠନ କରି ଅଭିଯୋଗର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ ଅମ୍ବର କୁମାର କର । ରାଜ୍ୟ ସରକାର ଲୋକଙ୍କୁ ସ୍ୱଚ୍ଛ ଶାସନ ଦେବା ପାଇଁ ସବୁ ଅଭିଯୋଗର ସତ୍ୟତା ନିର୍ଦ୍ଧାରଣ ପାଇଁ ତଦନ୍ତ କରିବା ଏପରିକି ଏକକ ଅଭିଯୋଗର ତଦନ୍ତ ପାଇଁ ପ୍ରାଥମିକତା ଦେଉଛନ୍ତି । ସିଂହପୁର ଗ୍ରାମର ଅଜୟ ମଲ୍ଲିକଙ୍କ ଅଭିଯୋଗ ଉପରେ ତଦନ୍ତ କମିଟି ଗଠନ କରି ତଦନ୍ତ କରିବାକୁ ଯାଜପୁର ଜିଲାପାଳ ଅଗଷ୍ଟ ମାସ ୬ ତାରିଖ ଦିନ ଚିଠି ନମ୍ବର ୪୮୭୧ ରେ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଜିଲା ଶିକ୍ଷାଧିକାରୀ ନିର୍ଦ୍ଧାରିତ ସମୟ ଅଗଷ୍ଟ ୧୪ ତାରିଖ ସୁଦ୍ଧା ରିପୋର୍ଟ ଦେଲେ ନାହିଁ । ଏଥିନେଇ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଛନ୍ତି । ୨ ଦିନ ମଧ୍ୟରେ ତଦନ୍ତ କମିଟି ଗଠନ ଓ ପରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ମଲ୍ଲିକ ଙ୍କ ଅଭିଯୋଗ ହେଲାଯେ ବିଂଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି । ମୁଖ୍ୟ କାର୍ପଟଦାର ବିଇଓ ଙ୍କ ନିୟନ୍ତ୍ରଣରେ ସବୁ ହେର, ଫେର ଦୁର୍ନୀତି, ଜାଲିଆତି କରାଯାଉଛି । ବାରମ୍ବାର ଅଭିଯୋଗ କଲେ ମଧ ସେମାନଙ୍କ ଅଭିଯୋଗ ଶୁଣାଯାଇ ନାହିଁ । ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅନ୍ତର୍ଗତ ବିଞ୍ଝାରପୁର ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନରେ ଥିବା ସିଂହପୁର ନୋଡାଲ ଉ ପ୍ରା ବିଦ୍ୟାଳୟ ଓ ଏବିଜେ ଉପ୍ରା ବିଦ୍ୟାଳୟରେ ଶିକ୍ଷାଦାନ, ବିଦ୍ୟାଳୟ ପରିଚାଳନା କମିଟି ଗଠନ, ମଧ୍ୟାହ୍ନ ଭୋଜନ, ମୋ ସ୍କୁଲ୍ ଅଭିଯାନରେ ଅନିୟମିତତା ଓ ନିମ୍ନମାନର ସ୍କୁଲ ୟୁନିଫର୍ମ ଯୋଗାଣ ନେଇ ଅଜୟ ମଲ୍ଲିକ ଜିଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ । ଜିଲାପାଳ ଏଭଳି ସଙ୍ଗୀନ ଅଭିଯୋଗକୁ ଗୁରୁତ୍ୱ ଦେଇ ତଦନ୍ତ କମିଟି ଗଠନ ଓ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ଏହାକୁ ସବୁଠୁ ଜରୁରି ପ୍ରାଥମିକତା ଦେବାକୁ ଟିପ୍ପଣୀ କରିଥିଲେ । ତେବେ ଜିଲାପାଳଙ୍କ ଜରୁରି ପ୍ରାଥମିକତା ପ୍ରସଙ୍ଗକୁ ଜିଲା ଶିକ୍ଷା ଅଧିକାରୀ ଗୁରୁତ୍ୱ ଦେବା ଦୂରର କଥା ଅବଜ୍ଞା କରିବା ଚିନ୍ତାଜନକ । ଜିଲାପାଳଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଜିଲା ଶିକ୍ଷା ଅଧିକାରୀ ଅଣଦେଖା କରିବା କମ୍ ସାହସର କଥା ନୁହଁ ବୋଲି ବୁଦ୍ଧିଜୀବି କୁହନ୍ତି । ଜିଲାପାଳଙ୍କ ଅସନ୍ତୋଷ ଓ ଦୁଇ ଦିନ ମଧ୍ୟରେ ତଦନ୍ତ କମିଟି ଗଠନ ଓ ରିପୋର୍ଟ ପ୍ରଦାନ ନିର୍ଦ୍ଦେଶକୁ ଜିଲା ଶିକ୍ଷା ଅଧିକାରୀ ଗୁରୁତ୍ୱ ଦେଉଛନ୍ତି କି ନାହିଁ ଆଗକୁ ସ୍ପଷ୍ଟ ହେବ ।

# ମହିଳାଙ୍କୁ ଦୁର୍ବ୍ୟବହାର ନେଇ ଥାନାରେ ଅଭିଯୋଗ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ): ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଶାଳଗାଁ ପଂଚାୟତ ଅନ୍ତର୍ଗତ ନେଳିଆ ଗ୍ରାମର ଜନୈକା ମହିଳାଙ୍କୁ ଦୁର୍ବ୍ୟବହାର ନେଇ ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ସୂଚନାଥାଉକି, ନେଳିଆ ଗ୍ରାମର ବିଷ୍ଣୁପ୍ରସାଦ ରାଉତଙ୍କ ଧର୍ମପତ୍ନୀ ଝରଣା ରାଉତ ନାଣ୍ଡୁଆର ପଡ଼ାଗ୍ରାମରେ ଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ଜଣେ ସଭ୍ୟା ହୋଇଥିବା ବେଳେ ଗତ ୨୩ ତାରିଖ ଦିନ ପଡ଼ାର ଠାକୁରଘରକୁ ଗୋଷ୍ଠୀର ସମସ୍ତ ସଭ୍ୟାମାନଙ୍କୁ ବୈଠକ ପାଇଁ ଡକାଯାଇଥିବା ବେଳେ ବିଜୟ ରନ ରାଉତ ଓ ନିରୁପମା ଜଟ ତାଙ୍କୁ ସେଠାରେ ଗାଳିଗୁଲଜ କରିବା ସହ ତାଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏପରିକି ନାଣ୍ଡୁଆ ଗ୍ରାମର ଜଗବନ୍ଧୁ ପ୍ରଧାନ ଓ ହେମନ୍ତ ଜଟ ମଧ ସେଠାରେ ଝରଣାଙ୍କୁ ବିଭିନ୍ନ ପ୍ରକାର ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏଥିରେ ମହିଳା ଜଣକ ଅତିଷ୍ଠ ହୋଇ ଟାଙ୍ଗୀ ଥାନାରେ ଦ୍ୱାରସ୍ଥ ହୋଇଥିଲେ । ଝରଣାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ପରିବାରକୁ ଗ୍ରାମରୁ ସାମାଜିକ ବାସନ୍ଦ କରାଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିବା ସହ ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି ।

# ୮ ଠକ ରୋଡ୍‌ସେଫ୍ଟି ଅଧିକାରୀ ଗିରଫ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ପୋଲିସ୍‌କୁ ଏକ ବଡ ସଫଳତା ମିଳିଛି । ଜାତୀୟ ରାଜପଥ ଓଡାପଡା ଓ ୫୩ନଂ ଜାତୀୟ ରାଜପଥ କାମାକ୍ଷାନଗରରୁ ଅନୈତିକ ଭାବରେ ୮ ଠକ ରୋଡ୍ ସେଫ୍ଟି ଅଧିକାରୀ ଅର୍ଥ ଆଦାୟ କରୁଥିବା ବେଳେ ପୋଲିସ୍ ଗିରଫ କରିଛି । ମୋଟଙ୍ଗା ପୋଲିସ୍ କୌଣସି ସୂତ୍ରରୁ ଖବର ପାଇ ଜାତୀୟ ରାଜପଥର ବିଆର୍‌ଜି ଛକରେ ରାସ୍ତା ଉପରେ ନିଜକୁ ରୋଡ୍ ସେଫ୍ଟି ବିଭାଗର ଅଧିକାରୀ ବୋଲି ପରିଚୟ ଦେଇ ବିଭିନ୍ନ ଗାଡି ଚାଳକଙ୍କ ଠାରୁ ଅର୍ଥ ଆଦାୟ କରୁଥିଲେ । ପୋଲିସ୍ ଏହି ୮ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ଉତ୍ତରପ୍ରଦେଶ ମିରଟ୍‌ର ସଞ୍ଜୟ ସିଂ (୩୮), ଦିଲ୍ଲୀର ରାହିସୁଦ୍ଦିନ୍ (୩୫), ବିହାର ଗୋପାଳଗଞ୍ଜର ବିକାଶ କୁମାର ଶ୍ରୀବାସ୍ତବ (୩୩), ଉତ୍ତରପ୍ରଦେଶ ଗାଜିଆବାଦର ଶିବଶଙ୍କର ରାମସିଂହ (୪୬), ରୋହିତ କୁମାର (୩୩), ଦିଲ୍ଲୀର ପବନ ଶର୍ମା (୩୯), ଉତ୍ତରପ୍ରଦେଶ ଆଜମ୍ ଗଡର ଅବିନାଶ ଶର୍ମା (୨୭) ଓ ଦିଲ୍ଲୀର ସୁନି ମାଧରେ (୩୧) ଙ୍କୁ ଗିରଫ କରି ସେମାନଙ୍କ ଠାରୁ ୨୫ ପ୍ରଥମ ସହାୟତା କିଟ୍, ଅଗ୍ନି ନିବାରଣ ଯନ୍ତ୍ର, ଡ୍ରିଲ୍ ମେସିନ୍, ସଡକ ସୁରକ୍ଷା ଅଭିଯାନର ବ୍ୟାନର, ୮ ମୋବାଇଲ୍ ଫୋନ୍ ଓ ନଗଦ ୧୨ ହଜାର ଟଙ୍କା ଜବତ କରିଛି । ଏହି ଗ୍ରୁପ୍‌ର ମାଷ୍ଟର ମାଇଣ୍ଡ୍ ହୋସେନ୍‌ଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ । ପ୍ରତିଦିନ ୭୦୦ ଟଙ୍କା ଦରରେ ଏହି ଠକେଇ କାର୍ଯ୍ୟରେ ନିୟୋଜିତ ହୋଇଥିଲେ । ସଂଗୃହିତ ଟଙ୍କା ସେମାନଙ୍କ ମୁଖ୍ୟ ଯୋଜନାକାରୀଙ୍କୁ ଦେଉଥିଲେ । ପୋଲିସ୍ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରଖିଛି ।

# ଠିକାଦାରଙ୍କ ଗାଡିକୁ ପୋଡିଦେଲେ ଦୁର୍ବୃତ୍ତ



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ନିଶ୍ଚିନ୍ତକୋଇଲି ବ୍ଲକ୍ ମହମ୍ମଦପୁର ନିକଟରେ ଜଣେ ଠିକାଦାରଙ୍କ କାର୍ଯ୍ୟରତ ଗାଡିକୁ ଦୁର୍ବୃତ୍ତମାନେ ପୋଡି ଦେଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ କିଶନନଗର ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ପୋଲିସ ଘଟଣାର ତଦନ୍ତ କରୁଛନ୍ତି । କେନ୍ଦ୍ରାପଡା ଜିଲ୍ଲାର ଠିକାଦାର ବିଜୟ କୁମାର ରାଉତ ନିଶ୍ଚିନ୍ତକୋଇଲି ବ୍ଲକ୍‌ରେ ଏକ ରାସ୍ତା ନିର୍ମାଣ ନିମନ୍ତେ ଠିକା ନେଇଥିଲେ । ଗତକାଲି ଠିକାଦାରଙ୍କ କର୍ମଚାରୀମାନେ ମହମ୍ମଦପୁର ନିକଟରେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଥିଲେ । ତେବେ ରାସ୍ତା ନିର୍ମାଣରେ ବିନିଯୋଗ ହୋଇଥିବା ତାଙ୍କର ଏକ ଜେସିବି ମେସିନକୁ ରାତ୍ରର ବିଳମ୍ବିତ ପ୍ରହରରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ଦେଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଶ୍ରୀ ରାଉତ କିଶନନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି କିଶନନଗର ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛନ୍ତି । ତେବେ ଶ୍ରୀ ରାଉତ ଜଣେ ଠିକାଦାର ହୋଇଥିବାରୁ ପୂର୍ବ ଶତୃତାକୁ କେନ୍ଦ୍ରକରି କିମ୍ବା ଦାଦାବଟିକୁ ନେଇ ଦୁର୍ବୃତ୍ତମାନେ ତାଙ୍କର ଗାଡିକୁ ପୋଡି ଦେଇଥିବା ସନ୍ଦେହ କରାଯାଉଛି ।

# ନିଖୋଜ ମହିଳା ପୁରୀରୁ ଉଦ୍ଧାର

ବାଙ୍କୀ/କଟକ(ଭାସ୍କର ନ୍ୟୁଜ): ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍ ହାଉସ ଅନ୍ତର୍ଗତ ରତାଗଡ ଗୋବିନ୍ଦପୁର ପଞ୍ଚାୟତର ବହୁ ଚର୍ଚ୍ଚିତ ମହାନଦୀରେ ଭାସିଯାଇଥିବା ନିଖୋଜ ମହିଳାଙ୍କ ସନ୍ଧାନ ମିଳିଲା ପୁରୀରୁ । ରେସ୍କୁ କରି ଧରିଲା ବାଙ୍କୀ ପୋଲିସ । ପ୍ରେମ ପାଇଁ ପାଗଳ ହୋଇ ଏଭଳି ଘଟଣା ରଚିଥିଲା ନିଖୋଜ ମହିଳା ପିଙ୍କି ସ୍ୱାଇଁ । ସୂଚନାଥାଉ କି ରତାଗଡ ଗୋବିନ୍ଦପୁର ପଞ୍ଚାୟତରେ ଗତ ରବିବାର ଖୁଦୁରୁକୁଣୀ ବ୍ରତ ଓଷା ପାଳନ ପରେ ସୋମବାର ଭୋର ୪ଟାରେ ଗୋବିନ୍ଦପୁର ଗ୍ରାମର କେତେକ ମହିଳା ବୋଇତ (ଦୁହୁଡ଼ି) ପୂଜା ସାରି ମହାନଦୀରେ ବିସର୍ଜନ ପରେ ସୁରେଶ ଚନ୍ଦ୍ର ସ୍ୱାଇଁଙ୍କ ପତ୍ନୀ ପିଙ୍କି ସ୍ୱାଇଁ ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ପାଖରେ ଥିବା ଅନ୍ୟ ମହିଳା ମାନେ ପିଙ୍କି ଭାସିଯିବା ନେଇ ପାଟି କରିଥିଲେ । ପାଟି ଶୁଣି ଗାଁ ଲୋକେ ଖୋଜାଖୋଜି କରିବା ସହ ଅଗ୍ନିଶ୍ରମ ବିଭାଗକୁ ଖବର ଦେବାପରେ ଅଗ୍ନିଶ୍ରମ ଓ ଓଡ୍ରାଫ୍ଟ ଟିମ୍ ଖୋଜିବା ଆରମ୍ଭ କରିଥିଲେ । ଖବର ପାଇ ପ୍ରଥମେ ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ପ୍ରସନ୍ନ କୁମାର ମାହଳୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ବାଙ୍କୀ ଥାନାକୁ ଖବର ଦେଇଥିଲେ । ବାଙ୍କୀ ଥାନା ଏସ୍‌ଡିପିଓ ବାଳକୃଷ୍ଣ କହଁର, ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିଲେ । ପ୍ରେମ ସମ୍ପର୍କକୁ ନେଇ ଏଭଳି ଘଟଣା ଘଟାଇ ପିଙ୍କି ପୁରୀରେ ତାର ପ୍ରେମିକ ପାଖରେ ପହଞ୍ଚିଥିଲା । ବାଙ୍କୀ ପୋଲିସର ଅକ୍ଳାନ୍ତ ଉଦ୍ୟମରେ ଗତ ମଙ୍ଗଳବାର ରାତିରେ ସନ୍ଧାନ ପାଇଥିଲେ ନିଖୋଜ ମହିଳା ପିଙ୍କି ପୁରୀରେ ରହିଛି । ଏସପିଙ୍କ ନିର୍ଦ୍ଦେଶ କ୍ରମେ ବାଙ୍କୀ ଥାନା ଆଇଆଇସି ଶ୍ରୀ ଭୂୟାଁ ଏବଂ ଏସଡିପିଓ ଶ୍ରୀ କହଁରଙ୍କ ନିର୍ଦ୍ଦେଶ କ୍ରମେ ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ପ୍ରସନ୍ନ କୁମାର ମହାଳି ଓ ବାଙ୍କି ଥାନା ଏଏସ ଆଇ ଅସ୍ମିତା ରାଣୀ ଆଚାର୍ଯ୍ୟ ପୁରୀ ଟାଉନ ଥାନାରେ ପହଞ୍ଚି ପିଙ୍କିକୁ ରେସ୍କୁ କରି ଆଣିଥିଲେ । ବାଙ୍କୀ ଥାନା ମାମଲା ଏମ୍,ଏମ୍‌ଆର୍ ୭୧/୨୫ରେ ମାମଲା ରୁଜୁ କରିବା ସହ ବୟାନ ରେକର୍ଡ କରି ପିଙ୍କିକୁ ସ୍ୱାମୀ ସୁରେଶ ଓ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ ।

# ଇଫ୍‌କୋ ପାରାଦୀପ ୟୁନିଟ୍‌ରେ ଅନ୍-ସାଇଟ୍ ଜରୁରିକାଳୀନ ଅଭ୍ୟାସ କୌଶଳ




ପାରାଦୀପ(ଭାସ୍କର ନ୍ୟୁଜ): ଇଫକୋ ପାରାଦୀପ ୟୁନିଟ ପରିସରରେ ଏକ ଅନ୍-ସାଇଟ୍ ଜରୁରୀକାଳୀନ ଅଭ୍ୟାସ କୌଶଳ ବା ମକ୍ ଡ୍ରିଲ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିଳ୍ପ ସୁରକ୍ଷା ଏବଂ ଜରୁରିକାଳୀନ ପ୍ରସ୍ତୁତି ପ୍ରତି ଇଫ୍‌କୋର ପ୍ରତିବଦ୍ଧତା ଦର୍ଶାଯାଇଥିଲା । ଏହି ଅଭ୍ୟାସ ମଧ୍ୟରେ ଆମୋନିଆ ଗ୍ୟାସ୍ ଲିକ୍ ପରିସ୍ଥିତିର ମୁକାବିଲା ଓ ନିୟନ୍ତ୍ରଣର ଅଭ୍ୟାସ କରାଯାଇଥିବା ବେଳେ ଏକ ସୂଚନା ଅଧିବେଶନ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ) ନିରଞ୍ଜନ ବେହେରା ଯୋଗଦେଇ ଇଫକୋର ଜରୁରିକାଳୀନ ପ୍ରସ୍ତୁତିକୁ ପ୍ରଶଂସା କରି ନିୟମିତ ମକ୍ ଡ୍ରିଲ୍ ବା ଅଭ୍ୟାସ କୌଶଳ ଜାରି ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ଫ୍ୟାକ୍ଟ୍ରି ଆଣ୍ଡ ବଏଲର ପାରାଦୀପ ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ସି.ଏସ୍.ବେହେରା, ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପି.ସି.ବେହେରା, ପାରାଦୀପ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର, କଟକ ଏନ୍‌ଡିଆରଏଫ ଡେପୁଟି କମାଣ୍ଡାଣ୍ଟ ଡ଼ଃ.ନବୀନ କୁମାର, ଏନ୍‌ଡିଆରଏଫ୍‌ର ଅଧିକାରୀ କେଆରଏନ ମୂର୍ତ୍ତି, ଏ.ଏନ୍.ଓଝା, ଆର.କେ.ସ୍ୱାଇଁ ପ୍ରମୁଖ ଯୋଗଦେଇ ଜରୁରିକାଳୀନ ପରିସ୍ଥିତିରେ ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ଇଫ୍‌କୋ ପାରାଦୀପ ୟୁନିଟ ମୁଖ୍ୟ ପି.କେ.ମହାପାତ୍ର ପାରାଦ୍ୱୀପରେ ଶିଳ୍ପଙ୍କର ଆନ୍ତଃ ସହଯୋଗ ଏବଂ ସାମୁହିକ ପ୍ରସ୍ତୁତିର ମୂଲ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅଭ୍ୟାସ କୌଶଳରେ ସରକାରୀ କର୍ତ୍ତୃପକ୍ଷ, ଜରୁରିକାଳୀନ ସଂସ୍ଥାଙ୍କ ସହଯୋଗ, ସହାୟତା ଏବଂ ଅଂଶଗ୍ରହଣ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ମକ୍ ଡ୍ରିଲ୍‌ରେ ଇଫକୋ ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ସମେତ ଏନ୍‌ଡିଆରଏଫ୍, ସିଆଇଏସ୍‌ଏଫ୍, ଭାରତୀୟ ତଟ ରକ୍ଷୀ ବାହିନୀ, ଓଡିଶା ଅଗ୍ନି ସେବା, ପାରାଦୀପ ବନ୍ଦର ପ୍ରାଧିକରଣ ସମେତ ଆଖପାଖ ଶିଳ୍ପାଞ୍ଚଳର ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

# ମାସିକ ପ୍ରାପ୍ୟ ପ୍ରଦାନ ପାଇଁ ଜିପିଏଲ୍‌ଏଫ୍ ସାମୁଖ୍ୟ ସଂଘର ଦାବିପତ୍ର



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜିପିଏଲଏଫର ୬ ଗୋଟି କମ୍ୟୁନିଟି ସାପୋର୍ଟ ଷ୍ଟାଫ ମାନଙ୍କ ମାସିକ ପ୍ରାପ୍ୟ ନ ମିଳି ସେମାନଙ୍କୁ ସରକାରଙ୍କ ପତ୍ର ସଂଖ୍ୟା- ୨୬୭୦ ତା-୨୯/୩/୨୦୨୫ ରିଖ ଅନୁଯାଇ ସେମାନଙ୍କ ପାରିଶ୍ରମିକ ପ୍ରାପ୍ୟ ଆର୍ଥିକ ରାଶି ଫିକ୍ସ ବା ସ୍ଥିର ଦରମା ପରିବର୍ତ୍ତେ ସଂସାରଣ ପ୍ରୋତ୍ସାହନ ହିସାବରେ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯଦି ସଂସାରଣ ପ୍ରୋତ୍ସାହନ ହିସାବରେ ଦିଆଯାଏ, ତାହାଲେ କମ୍ୟୁନିଟି ସାପୋର୍ଟ ଷ୍ଟାଫ ମାନଙ୍କ ମଧ୍ୟରେ ତାରତମ୍ୟ ସୃଷ୍ଟି ହେବା ସହିତ ସେମାନଙ୍କ ମଧ୍ୟରେ ଅସମାନତା ଦେଖାଦେବ ନିଶ୍ଚିତ । କାରଣ ରାଜ୍ୟରେ ରାଜ୍ୟରେ ଥିବା ୬୭୯୪ ଗ୍ରାମ ପଞ୍ଚାୟତରେ ସମାନ ସଂଖ୍ୟକ ଏସଏଚଜି ଓ ସିଏଲଏଫ ନ ଥିବାରୁ କମ୍ୟୁନିଟି ସାପୋର୍ଟ ଷ୍ଟାଫ ମାନଙ୍କର ପ୍ରାପ୍ୟ ସମାନ ହୋଇ ପାରିବ ନାହିଁ । ଅଧିକ ଏସଏଚଜି ଓ ସିଏଲଏଫ ଥିବା ଗ୍ରାମ ପଞ୍ଚାୟତରେ କମ୍ୟୁନିଟି ସାପୋର୍ଟ ଷ୍ଟାଫମାନେ ଅଧିକ ଅଧିକ ପ୍ରାପ୍ୟ ପାଇବାର ସୁଯୋଗ ଥିବା ବେଳେ କମ ସଂଖ୍ୟକ ଥିବା ଏସଏଚଜି ଓ ସିଏଲଏଫ ଗ୍ରାମ ପଞ୍ଚାୟତରେ କମ୍ୟୁନିଟି ସାପୋର୍ଟ ଷ୍ଟାଫମାନେ କମ ପ୍ରାପ୍ୟ ପାଇବାର ସୁଯୋଗ ସୃଷ୍ଟି ହେବ । ଯଦି କୌଣସି କମ୍ୟୁନିଟି ସାପୋର୍ଟ ଷ୍ଟାଫଙ୍କ ଶାରୀରିକ ଅସୁସ୍ଥତା ପାଇଁ କିଛି ଦିନ କାର୍ଯ୍ୟ ନ କରି ପାରନ୍ତି, ତେବେ ସେ ସଂସାରଣ ପ୍ରୋତ୍ସାହନ ପାଇ ପାରିବେ ନାହିଁ । ତେଣୁ କମ୍ୟୁନିଟି ସାପୋର୍ଟ ଷ୍ଟାଫମାନଙ୍କୁ ସଂସାରଣ ପ୍ରୋତ୍ସାହନ ପରିବର୍ତ୍ତେ ମାସିକ ଦରମା ଆକାରରେ ପ୍ରଦାନ ପାଇଁ ଜଳେଶ୍ୱର ବ୍ଲକ ଅଧୀନ ଜିପିଏଲଏଫ ସାମୁଖ୍ୟ ସଂଘ ପକ୍ଷରୁ ଆଜି ପୂର୍ବାହ୍ନରେ ଜଳେଶ୍ୱର ବିଡିଓଙ୍କୁ ଲିଖିତ ଦରଖାସ୍ତ ପ୍ରଦାନ କରିଛନ୍ତି । ଏହା ସହିତ ଉକ୍ତ ଦରଖାସ୍ତର ଅବିକଳ ନକଲ ଜଳେଶ୍ୱର ବିପିଏମ ଓ ଡିପିଏମ ବାଲେଶ୍ୱରଙ୍କୁ ପ୍ରେରଣ କରାଯାଇଛି । ଯେ ପର୍ଯ୍ୟନ୍ତ ମାସିକ ଦରମା ନ ମିଳିଛି ସେ ପର୍ଯ୍ୟନ୍ତ ଦରମା ନ ନେଇ କାର୍ଯ୍ୟ ଚାଲୁ ରଖିବେ ବୋଲି ସଙ୍ଘ ଦରଖାସ୍ତରେ ଉଲ୍ଲେଖ କରିଛି । ସଙ୍ଘ ପକ୍ଷରୁ ସଭାନେତ୍ରୀ ଶାନ୍ତିଲତା ବେହେରା, ସମ୍ପାଦିକା ଚାରୁବାଳା ଜେନାଙ୍କ ନୃତୃତ୍ୱରେ ଶିବ ନାରାୟଣ ସିଂହ, ସନ୍ଧ୍ୟାରାଣୀ ଦାସ, ମିନତି ଦାସ, ସଂଯୁକ୍ତା ବାରିକ, ପ୍ରତିମା ମଣ୍ଡଳ, ଅଜୟ କୁମାର ମଣ୍ଡଳ, ପ୍ରଣମିତା ସିଂହ, ଚାନ୍ଦନା ଗିରି, ମଞ୍ଜୁଶ୍ରୀ ପଣ୍ଡା, ସନ୍ଧ୍ୟାରାଣୀ ଗିରି, ପଦ୍ମାବତୀ ସେନାପତି, ଜ୍ୟୋତ୍ସ୍ନାରାଣୀ ଗିରି, ଅନିମା ଦାସ, ବୀଣାପାଣି ପ୍ରଧାନ, ଭବାନୀ ଘୋଷ, ଛାୟାରାଣୀ ଘୋଷ ଓ ନିତ୍ୟାନନ୍ଦ ଘୋଷ ପ୍ରମୁଖ ସଂଘର କର୍ମକର୍ତ୍ତା ମାନେ ସାମିଲ ଥିଲେ ।



ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍): ପବିତ୍ର ସୁନିଆଁ ଓ ବାମନ ଜନ୍ମ ଅବସରରେ ଚଣ୍ଡିଖୋଲ ସାର୍ବଜନିନ ଦୂର୍ଗା ପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ମୃମୟୀ ମୂର୍ତ୍ତୀ ନିର୍ମାଣ ପାଇଁ ପବିତ୍ର ମାଟି ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଛି। ଦୂର୍ଗା ମଣ୍ଡପଠାରୁ ପୁରୋହିତ, କର୍ତ୍ତା ଓ କମିଟିର କର୍ମକର୍ତା ସଭ୍ୟ ମାନେ ବାଜା ବାଣ ସଂକୀର୍ତ୍ତନ ସହ ଏକ ଶୋଭାଯାତ୍ରାରେ ଯାଇ ସୁଙ୍ଗୁଡା ଖେଳ ପଡିଆରୁ ପବିତ୍ର ମାଟି ସଂଗ୍ରହ କରିଥିଲେ। ପାରମ୍ପରିକ ରୀତିନୀତି ଓ ପୂଜା ପଦ୍ଧତି ଅନୁଯାୟୀ ପୁଜକ ତପନ କୁମାର ଦାଶ, କର୍ତ୍ତା ଲଲାଟେନ୍ଦୁ ବିଶ୍ୱାଳ ପବିତ୍ର ମାଟି ସଂଗ୍ରହ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାର୍ବଜନିନ ଦୂର୍ଗା ପୂଜା କମିଟି ସଭାପତି ବିଭୂତି ଭୂଷଣ ଜେନା, ଉପ ସଭାପତି ସଂଜଯ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ଜେନା,ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ସହ ସମ୍ପାଦକ ଅଟଳ ବିହାରୀ ଜେନା, ମନୋଜ କୁମାର ସାହୁ, କୋଷାଧକ୍ଷ ରତିକାନ୍ତ ସ୍ୱାଇଁ, ବରିଷ୍ଠ ସଭ୍ୟ ଶୈଳେନ୍ଦ୍ର ନାୟକ, ସନ୍ତୋଷ କୁମାର ରାଉତ, ବ୍ରଜ କିଶୋର ସ୍ୱାଇଁ, ବୈକୁଣ୍ଠ ସାମନ୍ତରାୟ, ପ୍ରମୋଦ ଜେନା, ସମରେନ୍ଦ୍ରମୋହାଲା, ଅନିନ୍ଦ୍ୟ ସାମଲ ସମ୍ପିତ କୁମାର ମହାପାତ୍ର ପ୍ରଦୀପ କୁମାର ନାୟକ, ରବୀନ୍ଦ୍ର ନାୟକ, ଉମ୍ବରୁଧର ଜେନା ପ୍ରଭାତ କୁମାର ବିଶ୍ୱାଳ, ଦୟାନିଧି ସାହୁ, ମନମୋହନ ରାଉତ, ପ୍ରକାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ଇପ୍ସିତା ପ୍ରଥମ



ବାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଳାର ଝିଅ ଇପ୍ସିତା ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ବାଲିମେଳା ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଗତ ଜୁଲାଇ ମାସରେ ଓଡିଶା ସାହିତ୍ୟ ଏକାଡେମୀ ତରଫରୁ ଭୁବନେଶ୍ୱର ସ୍ଥିତ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ରାଜ୍ୟ ସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢୁଥିବା ସପ୍ତମ ଶ୍ରେଣୀ ଛାତ୍ରୀ ଇପ୍ସିତା ସ୍ୱାଇଁ ଭାଗ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେଠାରେ ତାଙ୍କୁ ମାନ ପତ୍ର ସହ ପାଞ୍ଚ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସେ ଲେଖିଥିବା ପ୍ରବନ୍ଧଟି ହେଲା ଓଡ଼ିଆ ସାହିତ୍ୟ ଉପରେ ଛାତ୍ରଛାତ୍ରୀ ମାନଙ୍କ ଭୂମିକା। ଗତକାଲି ନିଜ ସ୍କୁଲରେ ଏକ ସଭାରେ କୋରୁକୋଣ୍ଡା ବିଇଓ ଅସିତ ମିସ୍ତ୍ରୀ, ପ୍ରଧାନ ଶିକ୍ଷୟତ୍ରୀ ସୁଶିଳା କୁମାରୀ ହିଆଲ ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଉପସ୍ଥିତ ରହି ଝିଅ ଇସିତା ସଂମାନିତ କରିଛନ୍ତି। ତାଙ୍କ ବାପା ସଞ୍ଜୟ କୁମାର ସ୍ୱାଇଁ ପେସାରେ ଜଣେ ଡ୍ରାଇଭର ମା ହେଲେ ଇସିତା ସ୍ୱାଇଁ ଗୃହିଣୀ ଝିଅର କୃତକାର୍ଯ୍ୟ ନିମନ୍ତେ ପରିବାର ଅତ୍ୟନ୍ତ ଖୁସି ଅଛନ୍ତି।ଇପ୍ସିତା ଭବିଷ୍ୟତରେ ଜଣେ ଓକିଲ ହେବେ ବୋଲି କହିଛନ୍ତି। ଏ ପ୍ରଚାରିତ ହେବା ପରେ ବାଲିମେଳା ସହରରେ ଖୁସିର ଲହରୀ ଖେଳିଯାଇଛି।

## କାରଖାନା ପ୍ରତିଷ୍ଠା ଓ ନିଯୁକ୍ତି ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର




କୋରାପୁଟ, (ଭାସ୍କର ନ୍ୟୁଜ) କୋଡିଙ୍ଗାମାଳି ଖଣି ଅଞ୍ଚଳରେ କାରଖାନା ପ୍ରତିଷ୍ଠା ଓ ନିଯୁକ୍ତି ଦାବିରେ ଜିଲ୍ଲାପାଳଙ୍କୁ ଭେଟିଛନ୍ତି କୋଡିଙ୍ଗାମାଳି ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଓ ଲକ୍ଷ୍ମୀପୁର ଅଞ୍ଚଳର ବହୁନେତା । ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବା ସହ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଓଡିଶା ଖଣି ନିଗମ ୨୦୧୭-୧୮ ମସିହାଠାରୁ କୋଡିଙ୍ଗାମାଳି ଏକ ସଂସ୍ଥାକୁ ବକ୍ସାଇଟ ଯୋଗାଇ ଆସୁଛି। କିନ୍ତୁ ୮ବର୍ଷରୁ ଉର୍ଦ୍ଧ୍ୱ ହେବ ଉକ୍ତ କମ୍ପାନି ସ୍ଥାନିୟ ଅଞ୍ଚଳର ଶିକ୍ଷିତ ଯୁବକ ଓ ଯୁବତୀଙ୍କୁ ନିଯୁକ୍ତି ଦେଇନାହିଁ କି ଅଚଂଳରେ ଉନ୍ନୟନ କାର୍ଯ୍ୟ କରିନି । କୋଡିଙ୍ଗାମାଳି ଖଣିକୁ ନେଇ ଅଞ୍ଚଳରେ ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା ନେଇ ଅଞ୍ଚଳବାସୀଙ୍କୁ ବାରମ୍ବାର ଦାବି ପରେ ରାଜ୍ୟ ସରକାର ଏହାକୁ ମଞ୍ଜୁରି ପ୍ରଦାନ କରିଥିଲେ । ବର୍ତମାନ ଅଞ୍ଚଳରେ ଏକ ବକ୍ସାଇଟ କାରଖାନା ପ୍ରତିଷ୍ଠା କାମ ଚାଲୁ ରହିଛି । ଏହି କାରଖାନା ହେଲେ ଅଚଂଳର ଶିକ୍ଷିତ ଯୁବକ ଓ ଯୁବତୀ ନିଯୁକ୍ତି ପାଇବା ସହ ଅଚଂଳର ଅର୍ଥନୈତିକ ଅଭିବୃଦ୍ଧି ହେବ । କିନ୍ତୁ ସ୍ଥାନିୟ ପ୍ରକଳ୍ପ ନିମନ୍ତେ କଞ୍ଚାମାଲ ଗଚ୍ଛିତ ନରଖି ଅନ୍ୟତ୍ର ଚାଲାଣ କରିବା ପାଇଁ ବର୍ତମାନ କୋଡିଙ୍ଗାମାଳିରୁ ବାର୍ଷିକ ୩ମିଲିୟନ ଟନ୍‌ରୁ ୬ମିଲିୟ ଟନ୍ ଖଣି ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବା ପ୍ରୟାସକୁ ବିରୋଧ କରୁଛୁ ବୋଲି ଏଥିରେ ଉଲ୍ଲେଖ ରହିଛି । ଏହାର ପ୍ରତିବାଦରେ ଆସନ୍ତା ୧୦ ଓ ୧୧ ତାରିଖରେ ଜନଆନ୍ଦୋଳନ କରାଯାଇ ଓଏମସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ଜିଲ୍ଲାପାଳଙ୍କ ସହିତ ଅଲୋଚନା ସମୟରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, ପୂର୍ବତନ ସାଂସଦ ଝିନ ହିକକା, ପୂର୍ବତନ ବିଧାୟକ ପ୍ରଭୁ ଜାନି, କୃଷ୍ଣଚନ୍ଦ୍ର ସଗରିଆ, ମକରନ୍ଦ ମୁଦୁଲି, କୁମୁଦ ସାଉନ୍ତା ପ୍ରମୁଖଙ୍କ ସମେତ ବହୁ ଦଳର ନେତା ଉପସ୍ଥିତ ଥିଲେ ।

## ଶିକ୍ଷକଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ପ୍ରଦାନ

କାଳିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକରେ କାର୍ଯ୍ୟରତ ବରିଷ୍ଠ ଶିକ୍ଷକ ନିଶିକାନ୍ତ ଅଧିକାରୀ ଗତ ୩୧ ଅଗଷ୍ଟ ୨୦୨୫ରେ ଚାକିରିରୁ ଅବସର ନେଇଛନ୍ତି। ସେ ଜଓ୍ୱାନପାଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଦର ପୋଷ୍ଟରେ ରହି ଏମଭି-୭୨ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡେପୁଟେସନରେ ରହିଥିଲେ। ଅବସର ନେବାର ଗୋଟିଏ ଦିନ ପରେ ତଥା ୧/୯/୨୦୨୫ ରେ ତାଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରାଯାଇଛି। ସେ ବିଗତ ୩୦/୭/୧୯୯୧ ମସିହାରେ ଶିକ୍ଷକତା ଆରମ୍ଭ କରିଥିବା ବେଳେ ତାଙ୍କ ଘର କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୬୮ ବୋଲି ଜଣାପଡ଼ିଛି। ମାଓ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଶିକ୍ଷକତା ସମୟରେ ୭ ବର୍ଷ ବୁଥସ୍ତରୀୟ ଅଧିକାରୀ ଏବଂ ୫ ବର୍ଷ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭାବେ କାର୍ଯ୍ୟ ତୁଲାଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ବାରଇଙ୍କ ହାତରେ ଶ୍ରୀ ଅଧିକାରୀ ପେନସନ ପେମେଣ୍ଟ ଓଡର ଗ୍ରହଣ କରିଥଲେ। ଏହି ମୁହୁର୍ତ୍ତରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନେଶ୍ୱର ନାୟକଙ୍କ ସମେତ ଅନ୍ୟ ଶିକ୍ଷକ ମଧ୍ୟ ଉପସ୍ଥିତ ରହିଥିଲେ। ସେମାନେ ହେଲେ ଏନ୍‌ପିଏସ୍ ସଭାପତି କେ.ପୂର୍ଣ୍ଣଚନ୍ଦ୍ର ପାତ୍ର, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରଦୀପ ତାପାଲି ଏବଂ ସମ୍ପାଦକ ଦାମୋଦର ଡୁରୁକା, ମାନସ ସେଠୀ, ନିକୁଞ୍ଜ ମଣ୍ଡଳ, ଉଜ୍ଜ୍ୱଳ ମିସ୍ତ୍ରୀ, ବିପୁଳ ମିସ୍ତ୍ରୀ ଏବଂ ବିପୁଳ ଦାସ ବୋଲି ଜଣାପଡ଼ିଛି ।

## ୨୫ କେଜିର ଗଣେଶଙ୍କ ଆଞ୍ଚା ଲଡୁ ନିଲାମ



ରଙ୍ଗେଇଲୁଣ୍ଡା, (ଭାସ୍କର ନ୍ୟୁଜ୍) : ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଠାରସିଂ ପଞ୍ଚାୟତ ଭାଲିଆଗଡ଼ ଗ୍ରାମର ଶ୍ରୀ ସିଦ୍ଧ ବିନାୟକ ପୂଜା କମିଟି ପକ୍ଷରୁ ଆୟୋଜିତ ଗଣେଷ ପୂଜା ଉତ୍ସବର ନବମ ଦିନରେ ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟରେ ବିସର୍ଜନ ପୂର୍ବରୁ ଗଣେଷଙ୍କ ଆଞ୍ଚାଲଡୁ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପୂଜା କମିଟି ସଭାପତି ତଥା ସମିତି ସଭ୍ୟ ଆଶିଷ ରାଉଳଙ୍କ ସଭାପତିତ୍ୱରେ ଆଞ୍ଚାଲଡୁ ନିଲାମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ୨୫ କିଲୋ ବିଶିଷ୍ଟ ଆଞ୍ଚାଲଡୁର ନିଲାମରେ ଗ୍ରାମବାସୀ ମାନେ ନିଲାମ ପ୍ରକ୍ରିୟାରେ ସାମିଲ ହୋଇ ଅଂଶ ଗ୍ରହଣ କରିଥିବା ବେଳେ ଲଡୁ ନିଲାମ ୨୦,୦୦୦ହାଜର ଟଙ୍କାରୁ ଆରମ୍ଭ ହୋଇ ପରିଶେଷରେ ସିଦ୍ଧ ବିନାୟକ ପୂଜା କମିଟିର ସଦସ୍ୟ ଆଶିଷ କୁମାର ରାଉଳ, ଏମ. ପୂର୍ଣ୍ଣ ଚନ୍ଦ୍ର, ଏମ.ଡିଲେସ୍ସୁ,ଏସ, ଶ୍ରୀନୁ, ଏସ.ଦେବରାଜ,ଏମ. ସୋମା,ଏ. ପ୍ରକାଶ, ଧର୍ମା ରାଓ ପ୍ରମୁଖ ଶୀର୍ଷ ସ୍ଥାନରେ ରହି ୧ଲକ୍ଷ ୩୨ ହଜାର ଟଙ୍କାରେ ଆଞ୍ଚାଲଡୁ ପ୍ରାପ୍ତ କରିଥିଲା। ପ୍ରଭୁ ଗଣେଷଙ୍କ ନିକଟରେ ପୂଜା ପାଉଥିବା ଲଡୁ ନିଲାମ ପ୍ରକ୍ରିୟା ଦେଖିବା ପାଇଁ ପ୍ରବଳ ଜନ ସମାଗମ ହୋଇଥିଲା। ନିଲାମରୁ ମିଳିଥିବା ଅର୍ଥ ରାଶି ଆସନ୍ତା ବର୍ଷ ପୂଜାରେ ବିନିଯୋଗ କରାଯିବ ବୋଲି ପୂଜା କମିଟି ସଭାପତି ଶ୍ରୀ ରାଉଳ କହିଛନ୍ତି।

## ନୂତନ ଥାନା ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଫୁଲନଖରା, (ଭାସ୍କର ନ୍ୟୁଜ୍): ୪୨ ମୌଜା ନୂତନ ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କୁ ୪୨ ମୌଜା ବିଜେପିର ବରିଷ୍ଠ କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମ୍ବର୍ଧନା ପ୍ରଦାନ ଅବସରରେ ଭାରତୀୟ କିଶାନ ସଂଘ ରାଜ୍ୟ ସମ୍ପାଦକ କୃଷକ ନେତା ଦେବୀ ପ୍ରସାଦ ପତି ଭାରତୀୟ କିଶାନ ସଂଘ ରାଜ୍ୟ ସମ୍ପାଦକ, ପୂର୍ବ ତନ ମଣ୍ଡଳ ସଭାପତି ପୀୟୁଷ ରଞ୍ଜନ ପରିଡ଼ା, ଜିଲ୍ଲା ବିଜେପି ସମ୍ପାଦକ ଶୁଭନ୍ୟାଶ ମହାନ୍ତି, କିଶାନ ସଂଘ ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ମହାନ୍ତି, ଯୁବ ନେତା ଅନିଲ ମହାପାତ୍ର, ଜିଲ୍ଲା ପ୍ରଭାରୀ କିଶାନ ସଂଘ ତାପସ ମହାପାତ୍ର, ବିଜେପି ନେତା ଯୁବରାଜ ପଣ୍ଡା, ଅବସରପ୍ରାପ୍ତ ସୈନିକ ବିଶ୍ୱରଂଜନ ଜେନା, ଯୁବନେତା ବୁଲୁ ଭାଇ, ସମାଜସେବୀ ସୁକନ ପଣ୍ଡା, ଯୁବନେତା ନିରଞ୍ଜନ ସେନାପତି, ସମାଜସେବୀ ରଞ୍ଜନ ନାୟକ, ସମାଜସେବୀ ରାକେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଖାଦ୍ୟ ଓ ଯୋଗାଣ ବିଭାଗ କାର୍ଯ୍ୟାବଳୀ ସମୀକ୍ଷା ବୈଠକ


ନୂଆପଡା, (ଭାସ୍କର ନ୍ୟୁଜ୍) : ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଖାଦ୍ୟ ଓ ଯୋଗାଣ ବିଭାଗ କାର୍ଯ୍ୟାବଳୀର ସମୀକ୍ଷା ବୈଠକ ଅନୁଷ୍ଠିତ ହେଇଥିଲା। ସମୀକ୍ଷାରୁ ଜଣାଗଲା ଯେ ଜିଲ୍ଲାରେ ଥିବା ୧୪୧ ଟି ଖାଉଟି ଦୋକାନରୁ ୧୧୩ଟି ପଞ୍ଚାୟତ ଏବଂ ୨୭ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ। ଜିଲ୍ଲାରେ ୫୦୯୭ଟି ପ୍ରବାସୀ ଶ୍ରମିକ ପରିବାରଙ୍କୁ ଖାଉଟି ସୁରକ୍ଷା ଯୋଜନାରେ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି। ସମଗ୍ର ୫୪୪୧୫୭ ଜଣ ଉପଭୋକ୍ତା ମାନଙ୍କ ମଧ୍ୟରୁ ୯୩ ପ୍ରତିଶତଙ୍କର ଇ-କେଓ୍ୱାସି ଭେରିଫିକେସନ୍ ସରିଛି। ୨୦୨୫ / ୨୬ ଖରିଫ୍ ଋତୁରେ ଧାନ କ୍ରୟ ପାଇଁ ୨୬ଟି ସମବାୟ ସଂସ୍ଥାଙ୍କୁ ଦାୟିତ୍ୱ ଦିଆଯିବ। ବର୍ତ୍ତମାନ ସୁଦ୍ଧା ୫୧୩୩୫ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଛନ୍ତି। ଆଜିର ଏହି ବୈଠକରେ ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ବିଭାଗର ବିବରଣୀ ପାଠ କରିଥିଲେ। ଉପଜିଲ୍ଲାପାଳ ସୂର୍ମୀ ସୋରେନ୍‌ଙ୍କ ସମେତ ସମସ୍ତ ବିଡ଼ିଓ ଏବଂ ଯୋଗାଣ ବିଭାଗ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ। ବୈଠକକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ଜିଲ୍ଲାରେ ବିଭାଗ ଦ୍ୱାରା ସମସ୍ତ ଖାଉଟି ସାମଗ୍ରୀର ଉଠାଣ ଓ ବିତରଣ ଠିକ୍ ସମୟରେ ସରିବ। ପ୍ରବାସୀ ଶ୍ରମିକ ପରିବାର ମାନଙ୍କୁ ସଠିକ୍ ଚିହ୍ନଟ କରି ଅଗ୍ରାଧିକାର ଭିତ୍ତିରେ ଖାଉଟି କାର୍ଡ ସହିତ ଖାଉଟି ସାମଗ୍ରୀ ଯୋଗାଇ ଦିଆଯିବ। ସେମାନଙ୍କୁ ଉଜ୍ଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ୍ ସିଲିଣ୍ଡର୍ ଯୋଗାଇ ଦିଆଯିବ। ଜନସାଧାରଣଙ୍କୁ ଖାଉଟି ସେବା ଠିକ୍ ଭାବରେ ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀ ମାନେ ସମର୍ପିତ ଭାବରେ କାର୍ଯ୍ୟ କରନ୍ତୁ।

## ଗାଡ଼ି ଠକେଇ ମାମଲାରେ ଜଣେ ଗିରଫ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ବ୍ରହ୍ମପୁର ସଦର ପୋଲିସ ଅନେକ ଗାଡ଼ି ମାଲିକଙ୍କ ଗାଡ଼ି ଭଡ଼ା ନେଇ ଏବଂ ବିନା ସମ୍ମତିରେ ବନ୍ଧକ ରଖି ଠକେଇ କରିଥିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କୁ କୁକୁଡାଖଣ୍ଡି ସୂର୍ଯ୍ୟନଗରର ଶରତ ଚନ୍ଦ୍ର ତ୍ରିପାଠିଙ୍କ ପୁଅ ସରଗମ ତ୍ରିପାଠି (୩୪) ଭାବରେ ଚିହ୍ନଟ କରାଯାଇଛି। ତାଙ୍କୁ ଆଜି ଭୁବନେଶ୍ୱରରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୋଲିସ ଅନୁଯାୟୀ, ନୟାଗଡର ଅଭିଯୋଗକାରୀ ସ୍ୱାଭିମାନ ପ୍ରଧାନ (୨୮) ଋଣ ନେଇ ଏକ ମାରୁତି ବାଲେନୋ କିଣିଥିଲେ କିନ୍ତୁ ଆର୍ଥିକ ସମସ୍ୟା ଯୋଗୁଁ, ତ୍ରିପାଠିଙ୍କ ମାଧ୍ୟମରେ ଏହାକୁ ଭଡା ଦେଇଥିଲେ, ଯିଏ ତାଙ୍କୁ ପ୍ରତି ମାସରେ ୩୦,୦୦୦ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ବଦଳରେ, ଅଭିଯୁକ୍ତ ତାମିଲନାଡୁର ହୋସୁରରେ ଗାଡ଼ି ବନ୍ଧକ ରଖିଥିଲେ ଏବଂ କେବେ ବି ଚୁକ୍ତି ହୋଇଥିବା ଭଡା ଦେଇ ନଥିଲେ। ତଦନ୍ତରୁ ଜଣାପଡିଛି ଯେ ତ୍ରିପାଠି ଅନ୍ୟ ଛଅ ଜଣ ଗାଡ଼ି ମାଲିକଙ୍କୁ ଠକିବା ପାଇଁ ସମାନ ପଦ୍ଧତି ବ୍ୟବହାର କରିଥିଲେ, ସେମାନଙ୍କ ଗାଡ଼ି ହୋସୁରର ଜଣେ ଆର. ହରି ଚରଣଙ୍କ ନିକଟରେ ବନ୍ଧକ ରଖିଥିଲେ। ତାଙ୍କ ବିରୁଦ୍ଧରେ ବଡ଼ବଜାର ପିଏସ୍‌ରେ ଓଡଉ ଧାରା ୪୨୦/୨୯୪/୫୦୬/୩୪ ଅନୁଯାୟୀ ଆଉ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କଠାରୁ ପୋଲିସ କାରର ପଞ୍ଜିକରଣ ପ୍ରମାଣପତ୍ର, ଏକ ଯାନ ଭଡ଼ା ଚୁକ୍ତିନାମା ଏବଂ ଏକ ଆଇଫୋନ୍ ଜବତ କରିଛି। ପୀଡିତମାନଙ୍କୁ ଅଭିଯୋଗ ପଞ୍ଜିକରଣ ଏବଂ ସେମାନଙ୍କ ଯାନବାହାନର ପୁନରୁଦ୍ଧାର ପାଇଁ ନିକଟସ୍ଥ ପୋଲିସ ଷ୍ଟେସନକୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ବିକାଶର ନକ୍ସା ପ୍ରଦାନ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଗୁରୁବାର ଦିନ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ଉପାନ୍ତ ପ୍ରହରୀ ପୂର୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ପ୍ରସ୍ତୁତ ଗଜପତି ଜିଲ୍ଲାର ବିକାଶର ନକ୍ସା - ୨୦୩୬ ପ୍ରସ୍ତୁତି ତଥ୍ୟ ଭିତ୍ତିକ ୮୦ ଗୋଟି ପ୍ରସ୍ତାବିତ ବିକାଶ ଯୋଜନାର ମୁଦ୍ରଣ ପୁସ୍ତିକା ଟି ମାନନୀୟା ଜିଲ୍ଲାପାଳ ଗଜପତିଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଗଲା ଏହାସହିତ ଆଜି ଜିଲ୍ଲାର ସମସ୍ତ ସରକାରୀ ମୁଖ୍ୟ ମାନଙ୍କୁ ମଧ୍ୟ ପ୍ରସ୍ତାବିତ ଯୋଜନାର ଫଳପ୍ରସୂ ନିମନ୍ତେ ପଦକ୍ଷେପ ପାଇଁ ଅନୁରୋଧ କରାଗଲା। ଏହି ଅନୁରୋଧ ଯାତ୍ରାରେ ବିଚିତ୍ରାନନ୍ଦ ବେବର୍ତ୍ତା, ଅଶ୍ୱିନୀ ପାଢ଼ୀ,ଭାରତ ଭୂଷଣ ମହାନ୍ତି, ସୁଶୀଳ କୁମାର ପଣ୍ଡା, ସୁରେଶ୍ ବେହେରା, ଗୌରହରି କରସୁଧା ପଟ୍ଟନାୟକ, ଅରକ୍ଷିତ ଜେନା, ପ୍ରମୋଦ ଚନ୍ଦ୍ର ପାଢୀ, ସୁରେନ୍ଦ୍ର ରଥ, ଲୋକନାଥ ମିଶ୍ର, ଲିଙ୍ଗରାଜ ଦାଶ ସଚ୍ଚିଦାନନ୍ଦ ସାମଲ,ଶଶୀଭୂଷଣ ପଟ୍ଟନାୟକ ପ୍ରଭୃତି ଯୋଗଦାନ କରିଥିଲେ।

## ବାୟୋଡିଗ୍ରେଡବଲ କ୍ୟାରିବ୍ୟାଗ ପ୍ଲାଣ୍ଟ ଉଦ୍‌ଘାଟିତ



ଉମରକୋଟ, (ଭାସ୍କର ନ୍ୟୁଜ୍) : ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରଥମ ଥର ପାଇଁ ନବରଙ୍ଗପୁର ଜିଲ୍ଲାର ଉମରକୋଟର ଡଙ୍ଗରିଗୁଡା ଠାରେ ପରିବେଶ ପାଇଁ ଅନୁକୂଳ ବାୟୋଡିଗ୍ରେଡବଲ କେରି ବେଗ ଉତ୍ପାଦନ ୟୁନିଟ ଆଜି ଉଦ୍‌ଘାଟିତ ହେଇଛି। ଏହି ୟୁନିଟକୁ ଆଜି ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଏହି ପ୍ଲାଣ୍ଟ ସ୍ଥାପନ ଦ୍ୱାରା କୌଣସି ଧୂଆଁ ବାହାରିବ ନାହି କିମ୍ବା କୌଣସି ଶବ୍ଦ ପ୍ରଦୂଷଣ ସୃଷ୍ଟି କରିବ ନାହି। ଏହି କ୍ୟାରିବ୍ୟାଗର କଞ୍ଚାମାଲ ମକା ଗୁଣ୍ଡରୁ ପ୍ରସ୍ତୁତ ଓ ବର୍ତ୍ତମାନ ଏହା ଗୁଜୁରାଟରୁ ଆମଦାନୀ କରାଯାଉଛି ବୋଲି ଏହାର ମାଲିକ ଋତୁ ମହନ୍ତ ସୂଚନା ପ୍ରଦାନ କରିଛନ୍ତି। ଏହି ପ୍ଲାଣ୍ଟରୁ ପ୍ରସ୍ତୁତ କ୍ୟାରିବ୍ୟାଗ ଶୁନ୍ୟ ପ୍ରତିଶତ ପ୍ଲାଷ୍ଟିକ ଓ ଏହା ସମ୍ପୂର୍ଣ୍ଣ ଭାବେ ପରିବେଶ ଅନୁକୂଳ। ଏହା ମାଟିରେ ପଡ଼ିଲେ ୨ ରୁ ୩ ମାସ ମଧ୍ୟରେ ମିଶି ଯାଏ ଓ ଜଳରେ ପଡ଼ିଲେ ସଙ୍ଗେ ସଙ୍ଗେ ମେଲ୍ଟ ହୋଇଯାଏ। ଏହି ବେଗକୁ ଗାଈ କିମ୍ବା ଛେଳି ଖାଇଲେ ମଧ ତାଙ୍କ ଶରୀରକୁ କ୍ଷତି କରିବ ନାହି ବୋଲି ରିତୁ ସୂଚନା ପ୍ରଦାନ କରିଛନ୍ତି। ଯଦି ଦୈନିକ ୮ ଘଣ୍ଟା ପ୍ଲାଣ୍ଟ ଚାଲେ ପ୍ରତିଦିନ ୨ ରୁ ୩ କ୍ୱିଣ୍ଟାଲ ଯାଏଁ କ୍ୟାରି ବେଗ ଉତ୍ପାଦନ ହେଇପାରିବ। ବର୍ତ୍ତମାନ ଏହି ପ୍ଲାଣ୍ଟରେ ପାଉଚ ଠାରୁ ଆରମ୍ଭ କରି ୨୫ କେଜିଆ ବେଗ ଉତ୍ପାଦନ ହେଉଛି। ଏହି ପ୍ଲାଣ୍ଟ ବର୍ତ୍ତମାନ ୧୨ ଜଣଙ୍କୁ ରୋଜଗାର ଦେବାରେ ସମର୍ଥ ହେଇଛି, ସେଥି ମଧ୍ୟରୁ ୫ ଜଣ ମହିଳା, ୭ ଜଣ ପୁରୁଷ କର୍ମଚାରୀ। ବର୍ତ୍ତମାନ ଏହାର ବଜାର ଉମରକୋଟ ଅଞ୍ଚଳରେ ଗୁରୁତ୍ୱ ଦିଆ ଯାଇଛି ଆଗାମୀ ଦିନରେ ଅବିଭକ୍ତ କୋରାପୁଟ ଜିଲ୍ଲା ଓ ପଡୋଶୀ ଛତିଶଗଡ ରାଜ୍ୟ ଉପରେ ଗୁରୁତ୍ୱ ଦିଆ ଯିବ ବୋଲି ଏହାର ମାଲିକ କହିଛନ୍ତି। ଏହାର ମାଲିକ ରିତୁ ମହାନ୍ତ କୃଷି ବିଜ୍ଞାନ ରେ ସ୍ନାତକ ଡିଗ୍ରୀ ହାସଲ କରି ମଧ ଚାକିରି ପଛରେ ନ ଗୋଡ଼େଇ ନିଜ ଗୋଡ଼ରେ ନିଜେ ସ୍ୱାବଲମ୍ବୀ ହେବା ନିଶ୍ଚିତ ଭାବରେ ଏହି ପ୍ରେରଣା ଅନ୍ୟ ବେକାର ଯୁବକ ଯୁବତୀଙ୍କୁ ପ୍ରେରଣା ଯୋଗେଇବ ଏଥିରେ ତିଳେ ହେଲେ ସନ୍ଦେହ ନାହିଁ। ଝିଅଙ୍କ ସାହସିକ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିବା ସହ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଏହି ବ୍ୟାଗ ନିତ୍ୟ ବ୍ୟବହୃତ ହୋଇପାରିବ ତା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାପାଳଙ୍କ ସହ ଉମରକୋଟ ତହସିଲଦାର ମେଗବାନ ବାଗ, ପୌର ପରିଷଦର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବାଇଓ ଡିଗ୍ରେଡବଲ କ୍ୟାରିବ୍ୟାଗ ଯଦି ସମସ୍ତେ ବ୍ୟବହାର କରନ୍ତି ତେବେ ସହରରେ ପରିବେଶ ନଷ୍ଟ ହେବ ନାହିଁ ବୋଲି କହିବା ଶହ ଏହା ପଶୁ ମାନଂକ ପାଇଁ ମଧ ନିରାପଦ ବୋଲି ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଏହି ଅବସରରେ ମତ ବ୍ୟକ୍ତ କରିଥିଲେ।

### ଆଦିତ୍ୟ ଆଲୁମିନା ରିଫାଇନେରୀ ପକ୍ଷରୁ ଆଇଟିଆଇ ତାଲିମ୍

## 'କୌଶଳ' ଅଧୀନରେ ବେରୋଜଗାର ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ପ୍ରୟାସ



ରାୟଗଡ଼ା, (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ କଂସାରିଗୁଡା ସ୍ଥିତ ଆଦିତ୍ୟ ଆଲୁମିନା ରିଫାଇନାରୀ, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍, ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ସ୍ଥାନୀୟ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ପ୍ରୟାସ ଆରମ୍ଭ ହୋଇଛି। ପ୍ରକଳ୍ପ 'କୌଶଳ' ଅଧୀନରେ ସ୍ଥାନୀୟ ବେରୋଜଗାର ଯୁବକ ଯୁବତୀମାନଙ୍କୁ ଆଇଟିଆଇ ପାଠ୍ୟକ୍ରମରେ ପ୍ରବେଶ କରି ଦକ୍ଷତା ବିକାଶ କରିବା ସହିତ ଏହା ଯୁବ ସଶକ୍ତିକରଣ ଦିଗରେ କମ୍ପାନୀ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି କ୍ରମରେ ସ୍ଥାନୀୟ ଯୁବକମାନଙ୍କୁ ଭୁବନେଶ୍ୱର ଠାରେ ପ୍ରତିଷ୍ଠିତ କିଟ୍ ଶିକ୍ଷାନୁଷ୍ଠାନରେ ଉନ୍ନତମାନର ବୈଷୟିକ ତାଲିମ ପ୍ରଦାନ କରାଯିବ। ଏଥିସହ ଉକ୍ତ ପ୍ରଶିକ୍ଷଣ ପାଇଁ ପଞ୍ଜୀକୃତ ପ୍ରାର୍ଥୀଙ୍କୁ ରହଣି ଓ ଖାଦ୍ୟପେୟ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ଉକ୍ତ ଅଭିଯାନ ଦ୍ୱାରା ସ୍ୱଳ୍ପ ଶିକ୍ଷିତ ଯୁବଗୋଷ୍ଠୀଙ୍କ ମଧ୍ୟରେ ଶିଳ୍ପ-ଉପଯୋଗୀ ଦକ୍ଷତା ଏବଂ ବାସ୍ତବ ଅନୁଭୂତି ଯୋଗାଇ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ବୃଦ୍ଧି କରିବା ଲକ୍ଷ ରହିଛି । ଆଜି ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଦିତ୍ୟ ଆଲୁମିନା ରିଫାଇନେରୀର ୟୁନିଟ୍ ମୁଖ୍ୟ ତଥା ସଭାପତି ଶ୍ରୀ ମଜହର ବେଗ ଏବଂ ଅନ୍ୟ ବରିଷ୍ଠ ନେତୃତ୍ୱ ବୃନ୍ଦ ଉପସ୍ଥିତ ରହି ଏହାର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଉକ୍ତ କୌଶଳ ପ୍ରକଳ୍ପ ଅଧିନରେ ପ୍ରଥମ ପର୍ଯ୍ୟାୟରେ ୫୦ ଜଣ ସ୍ଥାନୀୟ ଯଥା, ବିଶେଷ ଭାବେ ଆଦିବାସୀ ସମ୍ପ୍ରଦାୟର ଯୁବବର୍ଗଙ୍କୁ ଦୁଇ ବର୍ଷର ପୂର୍ଣ୍ଣକାଳୀନ ଆଇଟିଆଇ ପାଠ୍ୟକ୍ରମ ଏବଂ ପରେ ଭୁବନେଶ୍ୱରରେ ଏକ ବର୍ଷର ଅନ୍-ଦି-ଜବ୍ ତାଲିମ ପାଇଁ ନାମ ପଞ୍ଜୀକରଣ କରାଯାଇଛି । ଏହି ଅବସରରେ ପ୍ରତିକ୍ରିୟା ଦେଇ ଶ୍ରୀ ବେଗ କହିଛନ୍ତି ଯେ, "ପ୍ରୋଜେକ୍ଟ କୌଶଳ ହେଉଛି ଯୁବ ପାଢୀଙ୍କ ପାଇଁ ନିରନ୍ତର ଜୀବିକା ଅର୍ଜନ ପାଇଁ ମୂଳଦୁଆ। ଏହି ଦିଗରେ ଏକ ପଦକ୍ଷେପ ସ୍ୱରୂପ ସ୍ଥାନୀୟ ପ୍ରତିଭାଙ୍କ ମଧ୍ୟରେ ବୈଷୟିକ ଦକ୍ଷତାକୁ ପ୍ରୋତ୍ସାହିତ କରି ଆମେ ସମ୍ପ୍ରଦାୟକୁ ଏହି ଅଞ୍ଚଳର ଶିଳ୍ପ ବିକାଶ ଗାଥାରେ ଅଂଶଗ୍ରହଣ କରିବା ପାଇଁ ସଶକ୍ତ କରୁଛୁ ବୋଲି ଶ୍ରୀ ବେଗ ପ୍ରକାଶ କରିଛନ୍ତି" ତେବେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ଦ୍ୱାରା ଆଦିତ୍ୟ ଆଲୁମିନା ରିଫାଇନେରୀ ସମ୍ପ୍ରଦାୟର ବିକାଶ, ନିରନ୍ତର ଜୀବିକା ଏବଂ ଅଞ୍ଚଳର ଯୁବକମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରି ସମନ୍ୱିତ ଅଭିବୃଦ୍ଧି ପ୍ରତି ଏହାର ପ୍ରତିବଦ୍ଧତାକୁ ପୁଣି ଥରେ ଦୋହରାଇଛି।

## ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ମହାବିଦ୍ୟାଳୟରେ ଅଧ୍ୟୟନ କରିବାକୁ ଯାଉଥିବା ନବାଗତ ଛାତ୍ର ଛାତ୍ରୀଙ୍କୁ ବିଭିନ୍ନ ବିଭାଗ ପକ୍ଷରୁ ସ୍ୱାଗତୋତ୍ସବ ଦିଆଯାଉଥିବା ବେଳେ ବୁଧବାର ଦିନ କଳାରେ ନୃତତ୍ତ୍ୱ ବିଭାଗ ପକ୍ଷରୁ ନବାଗତ ଛାତ୍ର ଛାତ୍ରୀଙ୍କୁ ସ୍ୱାଗତୋତ୍ସବ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ସଭା ଗୃହରେ ବିଭାଗର ବରିଷ୍ଠ ଅଧାପିକା ଜୟଯୁକ୍ତା ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସ୍ୱାଗତୋତ୍ସବ କାର୍ଯ୍ୟ କ୍ରମରେ ଅଧକ୍ଷା ସ୍ମିତାରାଣୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଓଡ଼ିଆ ବିଭାଗର ବରିଷ୍ଠ ଅଧାପକ ପ୍ରସନ୍ନ କୁମାର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ନୃତତ୍ତ୍ୱ ବିଭାଗର ଅଧାପକ ସଞ୍ଜୟ କୁମାର ମୁଦୁଲି, ଅଧାପିକା କବିତା ସ୍ୱାଇଁ, ଦିବ୍ୟଦର୍ଶନୀ ସାହୁ ପ୍ରମୁଖ ଉପସ୍ଥିତ ରହି ନବାଗତ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଶୃଙ୍ଖଳିତ ମନୋଭାବ ନେଇ ନିଜର ଜ୍ଞାନ ଆହରଣ କରିବା, ଅଧ୍ୟୟନରତ ସିନିଅର ଛାତ୍ର ଛାତ୍ରୀଙ୍କ ପ୍ରତି ସଠିକ୍ ଭାବେ ଆଚାର ବ୍ୟବହାର କରିବା, ଗୁରୁଜନ ମାନଙ୍କ ପ୍ରତି ଭକ୍ତିଭାବ ରଖିବା ଏହିପରି ଅନ୍ୟ କେତେକ ଦିଗ ଉପରେ ଅଧକ୍ଷା ଶ୍ରୀମତୀ ସାହୁ ନବାଗତ ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ପରିଶେଷରେ ସମସ୍ତ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ବିଭାଗୀୟ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲା ବେଳେ ମହା ବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ମାନେ ନବାଗତଙ୍କୁ ଉତ୍ସାହିତ ପାଇଁ ସାମିଲ ହୋଇଥିଲେ।

## କନ୍ଧମାଳ ଜିଲ୍ଲା କଂଗ୍ରେସ ସଭାପତି ଚୟନ ନିମନ୍ତେ ଆଲୋଚନା

କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଫୁଲବାଣୀ ଠାରେ ଜିଲ୍ଲା ସଂଯୋଜକ ଚନ୍ଦ୍ରଶେଖର ପରିଡାଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ ଯୋଶୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ଅଖିଳ ଭାରତୀୟ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ବୋକୋଳି ସେଠି, ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ପ୍ରଧାନ, ଅମୀର ଚାନ୍ଦ, ପୂର୍ବତନ ସାଂସଦ ନକୁଳ ନାୟକ, ପୂର୍ବତନ ସାଂସଦ ରାଧାକାନ୍ତ ଦିଗାଲ, ଶ୍ରମିକ ନେତା ଘନ ଶବର, ପୂର୍ବତନ ବିଧାୟକ ଯାକବ ପ୍ରଧାନ, ପ୍ରଶାନ୍ତ ବିଶୋଇ ପ୍ରମୁଖ ଉପସ୍ଥିତ ରହି କଂଗ୍ରେସର ତୃଣମୂଳ ସଙ୍ଗଠନ ସୃଜନ କାର୍ଯ୍ୟକ୍ରମ ଓ ଜିଲ୍ଲା ସଭାପତି ଚୟନ ନିମନ୍ତେ ଆଲୋଚନା ହୋଇଥିଲା। ଆମ୍ଭ ଟାକୁଆ ଘଟଣା ସମ୍ବନ୍ଧରେ ଏବଂ ବିଜେପିର ଏକ ଛତ୍ର ବାଦ ଶାସନ ଚଳେଇଥିବା ନେଇ ଆଲୋଚନା ହୋଇଥିଲା।

## ଗଞ୍ଜେଇ ସହ ଗାଡ଼ି ଜବତ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ) : ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ପୋଲିସ ଦ୍ୱାରା ବିପୁଳ ପରିମାଣର ଗଞ୍ଜେଇ ସହ ଏକ ବୁଲେରୋ ଓ ଏକ ଟ୍ରକ ଜବତ କରାଯାଇଥିବା ବେଳେ ଜଣକୁ କୋର୍ଟ ଚାଲାଣ କରାଯାଇଛି। ସିଏ ହେଲେ ମଧ ପ୍ରଦେଶ ର ରାଜଗଡ଼ ଜିଲ୍ଲା ମାକମପୁର ଗ୍ରାମର କାଲୁ ସିଙ୍ଗ। ଦାମନଯୋଡ଼ି ପାଖ ଡଙ୍ଗାପାଇ ଛକ ନିକଟରେ ଏକ ବୁଲେରୋ ଗାଡ଼ିରୁ ତେର ବସ୍ତା ଗଞ୍ଜେଇ ଓହ୍ଲାଇ ଅନ୍ୟ ଏକ ଟ୍ରକରେ ଲୋଡ଼ କରାଯାଉଥିବା ବେଳେ କାକିରିଗୁମା ପୋଲିସ ପହଞ୍ଚିଥିଲା। ପୋଲିସକୁ ଦେଖି ମାଫିଆ ମାନେ ଦୌଡ଼ି ପଳାଇବା ସମୟରେ ଟ୍ରକ ଡ୍ରାଇଭର ଧରା ପଡିଥିଲା।ପରେ ବୁଲେରୋ ଟ୍ରକ କୁ ଜବତ କରି ପୋଲିସ ଥାନାକୁ ଆଣି ମାଜିଷ୍ଟ୍ରେଟ ଦାଇତ୍ୱରେ ଥିବା ଲକ୍ଷ୍ମୀପୁର ତହସିଲଦାର ନୈବେଦ୍ୟ ଭୋଇଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ସମସ୍ତ ବସ୍ତା ରେ ୩୯୪ କିଲୋ ୯ ଶହ ଗ୍ରାମ ଗଞ୍ଜେଇ ବାହାରିଥିଲା। ସମସ୍ତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଦଶ ଲକ୍ଷରୁ ଉର୍ଦ୍ଧ ହେବ ବୋଲି ପୋଲିସ କହିଥିବା ବେଳେ ୬୧/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଡ୍ରାଇଭରକୁ କୋର୍ଟଚାଲାଣ କରାଜାଇଥିବା ଥାନା ଅଧିକାରୀ ଉମ୍ବରୁ ଧର ବଡ୍ରିଆ ପ୍ରକାଶ କରିଛନ୍ତି।

## ନୂଆଁଖାଇ ଭେଟଘାଟ

ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାର ଏକ ନିଆରା ନୂଆଖାଇ, ସବୁଠି ଏକାସଙ୍ଗେ ପାଳିତ ହୁଅନି। କାରଣ ନିଜର ବନ୍ଧୁ ବାନ୍ଧବ ଏକତ୍ରିତ ହୋଇ ଏ ପର୍ବ ପାଳନ କରନ୍ତି। ଗୋଟେ ଗାଁରେ ସରିଲା ପରେ ଆଉ ଗୋଟେ ଗାଁ ପାଳନ କରନ୍ତି। ସବୁଠି ପିଠା ପଣା, ନୂଆ ପୋଷାକ ସହ ନିଜ ଲୋକଙ୍କୁ ମିଶିବା ପାଇଁ ଯିଏ ଜୋଠି ଥିଲେବି ଘରକୁ ଫେରନ୍ତି। ନୂଆଁଖାଇ ପ୍ରାୟ ତିନିଦିନ ଧରି ଚାଲେ, ନୂଆ, ବାସି ଓ ତିଆସି ଏହି ପର୍ବ ଏକ ଦକ୍ଷିଣ ଓଡ଼ିଶାର ମୁଖ୍ୟ ପର୍ବ। ବେହେଡା, ଲିମାଗୁଡା, ତୋହରା, କୁର୍ସି, ବୋକୋଦା, କୋପେନା, ଇଙ୍ଗିରା ପଞ୍ଚାୟତରେ ଅଲଗା ଅଲଗା ଦିନରେ ନୁଆଁଖାଇ ପାଳନ କରାଯାଇଛି। ଘରେ ଘରେ ପିଠା ପଣାର ଅସର ଦେଖିବାକୁ ମିଳୁଛି। ଯାହାକୁ ନେଇ ଏ ଅଞ୍ଚଳରେ ଗୋଟେ ଖୁସିର ଲହରୀ ଖେଳିଯାଇଛି।



ଡେରାବିଶ (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲାର ନିର୍ମାଣ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଆଜି ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତାମାନେ ଡେରାବିଶ ବ୍ଲକ ଗୁହାଳସିଂ ପଂଚାୟତ ଅନ୍ତର୍ଗତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଦ୍ମନାଭ ମହାମାନସିଂଙ୍କୁ ଭେଟି ଆଲୋଚନା କରିଥିଲେ। ଶ୍ରୀ ତ୍ରିପାଠୀ ଶ୍ରମ ଅଧିକାରୀ ଶ୍ରୀ ମହାମାନସିଂଙ୍କୁ ଭେଟି ୨୦୨୦ ମସିହାରୁ ମହିଳା ନିର୍ମାଣ ଶ୍ରମିକ ମାନେ ସେମାନଙ୍କ ପଞ୍ଜିକରଣ ପାଇଁ ଆବେଦନ କରିଥିଲେ ମଧ ତାହା ଅଦ୍ୟାବଧି କାର୍ଯ୍ୟକାରୀ ନହେବା, ୨୦୨୦ ମସିହା ଠାରୁ ନିର୍ମାଣ ଶ୍ରମିକମାନଙ୍କ ପିଲାଙ୍କ ଶିକ୍ଷାବୃତ୍ତି ପ୍ରଦାନ, ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍‌ରେ ଆବେଦନ କରିଥିବା ନିର୍ମାଣ ଶ୍ରମିକମାନଙ୍କ ଝିଅ ବିଭାଘର ସହାୟତା ପ୍ରଦାନ ଓ ବର୍ଷ ବର୍ଷ ଧରି ନିର୍ମାଣ ଶ୍ରମିକମାନଙ୍କ ନିମନ୍ତେ ବିଭିନ୍ନ ଅନୁଦାନ ରାଶିକୁ ମଞ୍ଜୁର କରିବା ନିମନ୍ତେ ଅନୁରୋଧ କରିଥିଲେ। ଏଥିପାଇଁ ସଂଘ ପୂର୍ବରୁ ୨୦୨୩ ମସିହା ଓ ୨୦୨୪ ମସିହାରେ ତତ୍କାଳୀନ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ଭେଟି ସମସ୍ୟାର ସମାଧାନ ନିମନ୍ତେ ଅନୁରୋଧ କରିଥିଲେ ମଧ ତାହା ଅଦ୍ୟାବଧି ପୂରଣ ହୋଇପାରି ନାହିଁ ବୋଲି ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ । ତେବେ ନିର୍ମାଣ ଶ୍ରମିକମାନଙ୍କ ଅଭିଯୋଗକୁ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ମହାମାନସିଂ ଶୁଣିବା ପରେ ଏଗୁଡ଼ିକର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି। ଆଜି ଶ୍ରୀ ତ୍ରିପାଠୀଙ୍କ ସହିତ ସଂଘର ବରିଷ୍ଠ ସଭ୍ୟପ୍ରଦିପ୍ତ କୁମାର ସାମଲ, ମହେଶ୍ୱର ନାୟକ, ନିତ୍ୟାନନ୍ଦ ସାମଲ, ଧିରେନ୍ଦ୍ର କୁମାର ସାହୁ ଓ ମନୋଜ ପରିଡ଼ା ପ୍ରମୁଖ ଉପସ୍ଥିତ ରହିଥିଲେ।

# ୨୩୨ ଲିଟର ଦେଶୀମଦ ସହ କାର୍ ଜବତ, ୨ କୋର୍ଟଚାଲାଣ

ବାଙ୍କୀ (ଭାସ୍କର ନ୍ୟୁଜ୍) : କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଆଠଗଡ ଅବକାରୀ ଅଧିକାରୀ ସି ଏଚ ତିରୁପତିଙ୍କ ତତ୍ତ୍ୱାବଧାନରେ ବାଙ୍କୀ ଥାନା ଅନ୍ତର୍ଗତ ହରିହର ଭେଟ ଓ ରଗଡ଼ି ଆଦି ବିଭିନ୍ନ ଗ୍ରାମରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଉକ୍ତ ଚଢ଼ାଉ ବେଳେ ୨୩୨ ଲିଟର ଦେଶୀମଦ ଓ ଏକ କାର୍ ଜବତ ହୋଇଛି । ଚୋରା ମଦ ବ୍ୟବସାୟରେ ସଂପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବାଙ୍କୀ ଥାନା ଅନ୍ତର୍ଗତ




ରଗଡ଼ି ଗ୍ରାମର ସ୍ୱର୍ଗତ ମାଧବ ମାଝୀଙ୍କ ପୁତ୍ର ବାସୁଦେବ ମାଝି(୪୦) ଏବଂ କଦଳୀବାଡି ପଞ୍ଚାୟତସ୍ଥିତ ମାଳବିହାରପୁର ଗ୍ରାମର କୃଷ୍ଣଚନ୍ଦ୍ର ବେହେରାଙ୍କ ପୁତ୍ର କାଳନ୍ଦୀ ଚରଣ ବେହେରା (୩୫) ବୋଲି ବାଙ୍କୀ ଅବକାରୀ ବିଭାଗ ଅଧିକାରୀ ସୌମ୍ୟ ରଞ୍ଜନ ମାଝୀ ସୂଚନା ଦେଇଛନ୍ତି। ଏହି ଚଢାଉରେ ବାଙ୍କୀ ଅବକାରୀ ସହ ଉପ ନିରୀକ୍ଷକ ପ୍ରଦୀପ କୁମାର ଦଳାଇ, ଅବକାରୀ ସିପାହୀ ମନ୍ମଥ ସିଂ, ଈଶ୍ୱର ଟୁଡୁ ଏବଂ ମନୋଜ ଖାଲଖୋ ପ୍ରମୁଖ ସହଯୋଗ କରିଥିଲେ।

## ଲିଙ୍ଗଗତ ସମାନତା ଦିଗରେ ଟାଟାଷ୍ଟିଲ୍ କଳିଙ୍ଗନଗରର ନିଆରା ପ୍ରୟାସ

# ଆଉଟବାଉଣ୍ଡ ଲଜିଷ୍ଟିକ୍ସ ବିଭାଗର ସମସ୍ତ ସିଫ୍ଟରେ ମହିଳା କର୍ମଚାରୀ ନିୟୋଜିତ

ବ୍ୟାସନଗର (ଭାସ୍କର ନ୍ୟୁଜ୍) : ଟାଟାଷ୍ଟିଲ କଳିଙ୍ଗନଗର ପ୍ଲାଣ୍ଟର କାରଖାନାରୁ ବାହାରକୁ ସାମଗ୍ରୀ ପରିଚାଳନା ବିଭାଗ (ଆଉଟବାଉଣ୍ଡ ଲଜିଷ୍ଟିକ୍ସ) ବିଭାଗରେ ମହିଳା କର୍ମଚାରୀଙ୍କୁ ସଫଳତାର ସହ ସମସ୍ତ ସିଫ୍ଟରେ ନିୟୋଜନ କରାଯାଇଛି। ପାରମ୍ପରିକ ଭାବେ ପୁରୁଷପ୍ରଧାନ ଏହି ଶିଳ୍ପ କ୍ଷେତ୍ରରେ ଲିଙ୍ଗଗତ ସମାନତା ଆଣିବା ଦିଗରେ କମ୍ପାନୀର ଯାତ୍ରାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଜାନୁଆରୀ ୨୦୨୫ରେ, ଟାଟାଷ୍ଟିଲ୍ କଳିଙ୍ଗନଗର ୨୦୨୩ ବ୍ୟାଚ୍‌ରୁ ୩୯ଜଣ ଟ୍ରେଡ୍ ଅପ୍ରେଣ୍ଟିସ୍‌ଙ୍କୁ ସ୍ୱାଗତ କରିଥିଲା, ସେମାନଙ୍କମଧ୍ୟରେ ୨୬ ଜଣ ମହିଳା ଥିଲେ। ଏଥିରୁ ୧୮ ଜଣଙ୍କୁ ଆଉଟବାଉଣ୍ଡ ଲଜିଷ୍ଟିକ୍ସ ବିଭାଗରେ ନିଯୁକ୍ତି ଦିଆଯାଇଥିଲା ଏବଂ ସେମାନଙ୍କୁ ସୁରକ୍ଷା, ଗୁଣବତ୍ତା, ପ୍ଲାଣ୍ଟରୁ ସାମଗ୍ରୀ ପ୍ରେରଣ ପ୍ରକ୍ରିୟା, ସାମଗ୍ରୀ ଦେଣନେଣ ପରିଚାଳନା ଏବଂ ଡିଜିଟାଲ୍ ଟୁଲ୍ ଆଦିରେ କଠିନ ପ୍ରଶିକ୍ଷଣ ଦିଆଯାଇଥିଲା। ସେମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ଉଭୟ କ୍ଲାସରୁମ୍ ଶିକ୍ଷା ଏବଂ କାର୍ଯ୍ୟସ୍ଥଳୀରେ ପ୍ରଶିକ୍ଷଣ ଉଭୟ ଅନ୍ତର୍ଭୁକ୍ତ ଥିଲା, ଯାହା ସେମାନଙ୍କୁ କାର୍ଯ୍ୟକ୍ଷେତ୍ର ଏବଂ ସିଷ୍ଟମ୍-ଆଧାରିତ ଭୂମିକା ପାଇଁ ପ୍ରସ୍ତୁତ କରିଥିଲା। ଟାଟା ଷ୍ଟିଲ୍ କଳିଙ୍ଗନଗରର ଜେନେରାଲ୍ ମ୍ୟାନେଜର୍ (ଅପରେସନ୍ସ) କରମବୀର ସିଂହ କହିଛନ୍ତି, ଯେ 'ଖଣି, ଲଜିଷ୍ଟିକ୍ସ ଏବଂ ସମସ୍ତ ସିଫ୍ଟରେ ମହିଳାମାନଙ୍କର ବ୍ୟାପକ ନିୟୋଜନ ବିଶେଷକରି ମାନୁଫାକ୍‌ଚରିଂ କ୍ଷେତ୍ରରେ, କାର୍ଯ୍ୟସ୍ଥଳର ସମାବେଶକୁ ସୁଦୃଢ କରିବାରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ବିଶେଷକରି ପ୍ରୌଦ୍ୟୋଗିକ ଉନ୍ନତି କ୍ଷେତ୍ରରେ, ଯେଉଁଥିରେ ପୂର୍ବରୁ ପୁରୁଷଙ୍କ ପ୍ରାଧାନ୍ୟ ରହି ଥିଲା, ସେଠାରେ ମହିଳାମାନଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିଛି। ଏହି ନୂତନ ପ୍ରୟାସରେ ମହିଳାଙ୍କ ସକ୍ରିୟ ଭାଗୀଦାରି ଦେଖିବାକୁ ମିଳୁଛି। 'ଏହି ସଫଳତା ଆମକୁ ପ୍ରୋତ୍ସାହିତ କରୁଛି ଏବଂ ସମାନ କାର୍ଯ୍ୟଭୂମିକାରେ ଅଧିକ ସଂଖ୍ୟକ ମହିଳାଙ୍କୁ ନିୟୋଜନ କରିବା ପାଇଁ ଆମେ ଅଗାମୀ ଦିନରେ ମଧ



ପ୍ରୟାସ ଜାରି ରଖିବୁ ସେପ୍ଟେମ୍ବର ୨୦୧୯ରେ, ଟାଟାଷ୍ଟିଲ୍ ଭାରତର ପ୍ରଥମ କମ୍ପାନୀ ଭାବରେ ଝାଡ଼ଖଣ୍ଡର ନୋଆମୁଣ୍ଡି ଖଣିରେ ସମସ୍ତ ସିଫ୍ଟରେ ମହିଳା ମାଇନିଂ ଇଞ୍ଜିନିୟରଙ୍କୁ ନିଯୁକ୍ତି ଦେଇଥିଲା। ଆର୍ଥିକବର୍ଷ ୨୦୨୪-୨୫ରେ, ଟାଟାଷ୍ଟିଲ୍ ଅନେକ ଅଗ୍ରଗାମୀ ପଦକ୍ଷେପ ମାଧ୍ୟମରେ ସମାନ କାର୍ଯ୍ୟସ୍ଥଳ ଗଠନରେ ନିଜ ପ୍ରତିବଦ୍ଧତାକୁ ଦର୍ଶାଇଛି। ସେଥିରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେଲା ନୋଆମୁଣ୍ଡି ଲୋହ ଖଣିରେ ଭାରତର ପ୍ରଥମ ସମ୍ପୂର୍ଣ୍ଣ ମହିଳା ସିଫ୍ଟ ଆରମ୍ଭ, ଯାହା 'ୱୋମେନ ଆଟ ମାଇନ' ଓ 'ତେଜସ୍ୱିନୀ' କାର୍ଯ୍ୟକ୍ରମର ସଫଳତା ଉପରେ ଆଧାରିତ। ସେହିପରୀ, 'ଫ୍ଲେମ ଅଫ ଚେଞ୍ଜ' ପଦକ୍ଷେପ ଅଧୀନରେ, ଟାଟାଷ୍ଟିଲ୍ ମହିଳା ଅଗ୍ନିଶମବାହିନୀ ଟ୍ରେନିଙ୍କୁ ନିଯୁକ୍ତି ଦେଇଥିଲା, ଯାହା ଭାରତର ଷ୍ଟିଲ୍ କ୍ଷେତ୍ରରେ ଏକ ସର୍ବ-ମହିଳା ଅଗ୍ନିଶମ ଦଳ ଗଠନକାରୀ ପ୍ରଥମ କମ୍ପାନୀ ହୋଇଥିଲା।

## ଏନ୍‌ଏସି ଦାବିରେ ବିଜେଡିର ବିକ୍ଷୋଭ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗକୁ ପୂର୍ବ ସରକାର ସମୟରେ ଗଡ଼ପରଜଙ୍ଗ ପଞ୍ଚାୟତ ଓ ବାରିହାପୁର ଗ୍ରାମପଞ୍ଚାୟତ ଏହି ଦୁଇ ପଞ୍ଚାୟତକୁ ନେଇ ପରଜଙ୍ଗ ଏନଏସି ଘୋଷଣା କରାଯାଇଥିବା ବେଳେ, ବର୍ତ୍ତମାନ ସରକାର ଏହାକୁ ବାଦ୍ ଦେଇଥିବାରୁ ଏହାର ପ୍ରତିବାଦରେ ଗୁରୁବାର ବିଜେଡି ରାଜରାସ୍ତାକୁ ଓହ୍ଲାଇ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଡିହଡୋଳସ୍ଥିତ ଡାକ୍ତର ସାହୁଙ୍କ ବାସଭବନରୁ ବାହାରି ବ୍ୟାନର ଓ ଦଳୀୟ ପତାକା ଧରି ପରଜଙ୍ଗ ବଜାର ମଧ୍ୟରେ ରହିଥିବା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ମହେନ୍ଦ୍ର ସୁବାହୁସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସମ୍ମୁଖରେ ପହଞ୍ଚି ପରଜଙ୍ଗକୁ ତୁରନ୍ତ ଏନଏସି ଗଠନ ଦାବିରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ପ୍ରତିବାଦ ସଭା ସାରି ଶାନ୍ତିପୂର୍ଣ୍ଣ ଭାବେ ବଜାର ମଧ୍ୟରେ ଏକ ଶୋଭାଯାତ୍ରାରେ ଯାଇ ତହସିଲ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ଦାବି ପୂରଣ ନହେଲେ ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସୂଚନା ମିଳିଥିଲା। ଏହି ବିକ୍ଷୋଭରେ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ଜିଲ୍ଲା ପରିଷଦ ସଦସ୍ୟା ରୁନୁ ବର୍ମା, ଯୁବନେତା ଭୂପେଶ ପ୍ରଧାନ, ନିର୍ମଳ ବାରିକ, ସମୀର ସାହୁ, ଜିତେନ୍ଦ୍ର ବେହେରାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଏଥିରେ ସାମିଲ ହୋଇଥିଲେ।

## ଯଶିପୁରରେ କଂଗ୍ରେସର ସାଙ୍ଗଠନିକ ବୈଠକ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲାର ଯଶିପୁର ସ୍ଥିତ କନକ ରେସିଡେନ୍ସିରେ ଭାରତୀୟ ଜାତୀୟ କଂଗ୍ରେସର ଯଶିପୁର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ଯଶିପୁର ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ବୈଠକରେ ବିଶେଷତଃ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଭାପତି ଚୟନ ନିମନ୍ତେ ସଙ୍ଗଠନ ସୃଜନ ଅଭିଯାନ ଜାରି ରହିଛି । ଏଆଇସିସି ଯୁଗ୍ମ ସମ୍ପାଦକ ତଥା ସଙ୍ଗଠନ ସୃଜନ ଅଭିଯାନର ପର୍ଯ୍ୟବେକ୍ଷକ ନୀତିନ କୁମ୍ଭାଲକର ଉକ୍ତ ବୈଠକରେ ଯୋଗଦେଇ ସଙ୍ଗଠନକୁ ମଜବୁତ କରିବା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ପର୍ଯ୍ୟବେକ୍ଷକ ସଂଗ୍ରାମ ଦାସ, ବନମାଳୀ ଦାସ, ପୂର୍ବତନ ସାଂସଦ ଶୁଶିଳା ତିରିଆ, ଜିଲ୍ଲା ସଂଯୋଜକ ଭୁବନ ବିହାରୀ ସାହୁ, ପିସିସି ସମ୍ପାଦକ ଲକ୍ଷ୍ମୀଧର ସିଂ, ପୂର୍ବତନ ବିଧାୟକ ପ୍ରାର୍ଥୀ ମହେନ୍ଦ୍ର ନାୟକ, ବରିଷ୍ଠ କର୍ମୀ ଇମତାଜ୍ ହୁସେନ, ନବୀନ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ।

## ଶୈଳେଶ ପାଇବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ୍) : ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପଞ୍ଚସଖା ଶିକ୍ଷାସେତୁ ସଙ୍ଗଠନ ପକ୍ଷରୁ ପବିତ୍ର ଗୁରୁଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ପ୍ରଦାନ କରାଯିବ। ଏହି ଅବସରରେ ବଡ଼ଚଣା ଶିକ୍ଷା ମଣ୍ଡଳ ଅଧିନସ୍ଥ ବଡ଼ଚଣା ସ୍ଥିତ ପିଏମଶ୍ରୀ ସରକାରୀଉଚ୍ଚ ବିଦ୍ୟାଳୟ ଖଇରାର ଶାରିରୀକ ଶିକ୍ଷା ବିଭାଗର ଶିକ୍ଷକ




ଶୈଳେଶ କୁମାର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ପ୍ରଦାନ କରାଯିବା ପାଇଁ ଘୋଷଣା କରାଯାଇଛି। ଫଳରେ ସମଗ୍ର ବଡଚଣା ବ୍ଲକ୍ ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଶ୍ରୀ ମିଶ୍ର ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଓ ଅଭିଜ୍ଞ କ୍ରୀଡା ଶିକ୍ଷକ ଭାବରେ ସମଗ୍ର ଯାଜପୁର ଜିଲ୍ଲାରେ ପରିଚିତ। ତାଙ୍କର ବହୁ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ, ସ୍ମୃତି ରଂଜନ ଆଚାର୍ଯ୍ୟଙ୍କ ସମେତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। କ୍ରମାଗତ ଭାବେ ଦ୍ୱିତୀୟ ଥର ପାଇଁ ଏହି ବିଦ୍ୟାଳୟର ଏତେ ସଂଖ୍ୟକ ଶିକ୍ଷକ ଶିକ୍ଷୟତ୍ରୀ ଏହି ପୁରସ୍କାର ପାଇବାକୁ ଯାଉଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁଜାତା ଶୁଖଦାୟିନୀ ଆଚର୍ଯ୍ୟ ଓଡ଼ିଆ ବିଭାଗ,ନମିତା ସାହୁ ଇଂରାଜୀ ବିଭାଗ, ଗୀତାଞ୍ଜଳୀ ସାହୁ, ଗଣିତ ବିଭାଗ ପ୍ରମୁଖ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି।

## ଶିକ୍ଷାଦାନ କ୍ଷେତ୍ରରେ ହାର୍ ମାନିଛି ବୟସ

# ମଣିଷ ଗଢୁଛନ୍ତି ଦିବ୍ୟାଙ୍ଗ କାରିଗର

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ମାଟି ପିଣ୍ଡୁଳାଟିକୁ ଗୁରୁଜୀ ଯେମିତି ଗଢିବେ ସେ ସେମିତି ଗଢି ହେବ। କୁନି ପିଲା ମାନେ ବି ଠିକ୍ ମାଟି ପିଣ୍ଡୁଳା ପରି। ସେମାନଙ୍କୁ ଗଢିବା ପାଇଁ ଜଣେ ସୁନ୍ଦର କାରିଗର ଆବଶ୍ୟକତା ଅଛି। ଗୁରୁ ସିଏ ଯିଏ ଆମକୁ ଅନ୍ଧାରରୁ ଆଲୋକର ରାସ୍ତା ଦେଖାନ୍ତି। ଗୁରୁ ଆମ ଜୀବନରେ ଗଢି ଦିଅନ୍ତି ଶିକ୍ଷାର ଭଣ୍ଡାର। ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳର ଜଣେ ଗୁରୁ ଯିଏ ନିଜ ଛାତ୍ରଛାତ୍ରୀମାନଙ୍କ ସୁନ୍ଦର ଭବିଷ୍ୟତ ଗଢିବା ପାଇଁ ତିଳେମାତ୍ର ଅବହେଳା କରୁନାହାନ୍ତି। ନିଜେ ଅକ୍ଷମ ହୋଇ ବୟସର ଅପରାହ୍ନରେ ବି ଛାତ୍ରଛାତ୍ରୀଙ୍କୁ ସକ୍ଷମ କରିବାରେ ଲାଗି ପଡିଛନ୍ତି। ଖବର ମୁତାବକ, ଜନ୍ମରୁ ସେ ଦିବ୍ୟାଙ୍ଗ। ହେଲେ ତାଙ୍କର ଏହି ଅକ୍ଷମତା ତାଙ୍କୁ ଜୀବନ ଯୁଦ୍ଧରେ ହରାଇ ପାରିନି। ନିଜର ଏହି ଦୁର୍ବଳତାକୁ ହିଁ ସେ କରିଛନ୍ତି ଅସ୍ତ୍ର। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ନୂଆଗଡ ପଂଚାୟତ ସାନବାସୁଳେପଡା ଗ୍ରାମର ୮୨ବର୍ଷ ଦିବ୍ୟାଙ୍ଗ ବୃଦ୍ଧ ଗୁରୁଜୀ ଭିକାରୀ ଚରଣ ସ୍ୱାଇଁ। ଜନ୍ମରୁ ସେ ଜଣେ ଦିବ୍ୟାଙ୍ଗ। ହେଲେ ନିଜର ଦୃଢ଼ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ଫଳରେ ସେ ଆଜକୁ ୫୦ବର୍ଷରୁ ଉର୍ଦ୍ଧ୍ୱ ହେବ ଗାଁର କୁନି କୁନି ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ହାତଧରି ଖଡ଼ି ଲେଖା ଶିଖାଇବା ଠାରୁ ଆରମ୍ଭ କରି ପଣିକିଆ ପର୍ଯ୍ୟନ୍ତ ଗୋଟି ଗୋଟି କରି ପିଲାଙ୍କୁ ଅତି ସୁନ୍ଦର ବୁଝାଇଥାନ୍ତି। ଖାଲି ସେତିକି ନୁହେଁ; ଓଡ଼ିଆ ଏବଂ ଇଂରାଜୀ ଭାଷାରେ ପିଲାଙ୍କୁ ଶିକ୍ଷା ଦେଇଥାନ୍ତି। ଉଠିବା ଓ ବସିବା ଦିବ୍ୟାଙ୍ଗ ଶିକ୍ଷକ ଭିକାରୀଙ୍କ ପାଇଁ କଷ୍ଟକର। ୨୦ବର୍ଷ ବୟସରୁ ଶିକ୍ଷାଦାନ କରୁଥିବା ବେଳେ ଆଜୀବନ ମଧ ଅବିବାହିତା ହୋଇ ରହିଗଲେ।




କିନ୍ତୁ ଗୁରୁଜୀଙ୍କ ବର୍ତ୍ତମାନ ବୟସ ୮୨ବର୍ଷରୁ ଉର୍ଦ୍ଧ୍ୱ ହେଲେ ମଧ ଏବେ କୁନି କୁନି ପିଲାଙ୍କୁ ପାଠ ପଢାଉଛନ୍ତି। ଏ ନେଇ ନୂଆଗଡ ଗ୍ରାମର ସମିତି ସଭ୍ୟ ରାମଚନ୍ଦ୍ର ନାୟକ କୁହନ୍ତି ଗୁରୁଜୀ ଭିକାରି ସ୍ୱାଇଁ ଜଣେ ଦିବ୍ୟାଙ୍ଗ ହେଲେ ମଧ ତାଙ୍କ ପାଠ ପଢ଼ାଇବା ଶୈଳୀ ବହୁ ଉଚ୍ଚକୋଟିର। ଯାହାକି କେତେ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷିତ କରିପାରିଛି। ଆଜି ମଧ ଗୁରୁଜୀଙ୍କ ଛାତ୍ରଛାତ୍ରୀ ବଡ଼ ବଡ଼ ପଦ ପଦବୀ ରହିଛନ୍ତି। ସକାଳ ସୂର୍ଯ୍ୟ ଉଇଁଲା ଭଳି ଦିବ୍ୟାଙ୍ଗ ଶିକ୍ଷକ ପିଲାଙ୍କ ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖୁଥିବା ବେଳେ ପିଲାମାନଙ୍କୁ ଶିକ୍ଷିତ କରିବା ସହ ଜୀବନରେ ଭଲ ପାଠ ପଢ଼ି କିପରି ପ୍ରତିଷ୍ଠିତ ହେବେ ସେନେଇ ଉଦ୍ୟମ ଜାରି ରଖିଛନ୍ତି। ଯାହାକି ଦିବ୍ୟାଙ୍ଗ ଶିକ୍ଷକ ଅନ୍ୟ ବ୍ୟକ୍ତିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିବେ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି। ସରକାରଙ୍କ ତରଫରୁ ସହାୟତା ପାଇଁ ଆଶା ପ୍ରକଟ କରିଛନ୍ତି ଦିବ୍ୟାଙ୍ଗ ଗୁରୁଜୀ ଭିକାରି ସ୍ୱାଇଁ। ଶିକ୍ଷା ଜଣେ ଛାତ୍ରକୁ ଶୀର୍ଷରେ ପହଞ୍ଚାଏ। ଆଉ ଗୁରୁ ହିଁ ଛାତ୍ରଙ୍କୁ ଜୀବନର ଅଙ୍କାବଙ୍କା ରେଖାକୁ ପାର୍ କରି ଗୋଟିଏ ସରଳ ରେଖାରେ ଚାଲିବା ପାଇଁ ବାଟ ଦେଖାଏ। ଚାଲିବା ବାଟରେ ଥକି ପଡୁଥିବା ଛାତ୍ରଟିକୁ ସେ ହାତ ଧରି ଆଗକୁ ଯିବା ପାଇଁ ପ୍ରେରଣା ଦେଇଥାଏ। ଏମିତି ଜଣେ ଗୁରୁ ଦୀର୍ଘ ୫୦ବର୍ଷରୁ ଉର୍ଦ୍ଧ୍ୱ ହେବ କୁନି କୁନି ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି ୮୨ବର୍ଷର ଭିକାରୀ ଚରଣ ସ୍ୱାଇଁ। ଯାହାକି ଅନ୍ୟ ମାନଙ୍କ ପାଇଁ ଉଦାହରଣ ସଦୃଶ।

## ଗଣେଶ ପୂଜାରେ ନିଆରା ପ୍ରୟାସ

# ୟୁନିୟନ ଫର୍ କଟକସଦର ଡେଭଲପ୍‌ମେଣ୍ଟର ରକ୍ତଦାନ ଶିବିର

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକସଦର ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠନ ୟୁନିୟନ ଫର୍ କଟକ ସଦର ଡେଭ୍ ଲପମେଣ୍ଟ ଓ ଇଣ୍ଡିପେଣ୍ଡେନ୍ସ କ୍ଲବ୍ ଏବଂ ନୂଆପଡ଼ା ଗଣେଶ ମହୋତ୍ସବ କମିଟି ସହଭାଗିତାରେ କଟକ ସଦର ୫୦ ନମ୍ବର ୱାର୍ଡ ଇଣ୍ଡିପେଣ୍ଡେନ୍ସ କ୍ଲବ୍ ଗଣେଶ ମଣ୍ଡପ ନିକଟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।



ଉକ୍ତ ଶିବିରକୁ ମଧୁପାଟଣା ଥାନା ଅଧିକାରୀ ଚିତରଞ୍ଜନ ରାଉତ ଉଦ୍‌ଘାଟନ କରିଥିଲେ। ସଂଗଠନର ସଭାପତି ପ୍ରଫେସର ମନୋଜ କୁମାର ନାୟକ ଶିବିର ପରିଚାଳନା କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ଶିବିରରୁ ମୋଟ ୧୦୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କ୍ଲବ୍ ସଭାପତି ପୁରୁଷୋତ୍ତମ ନାୟକ ସମ୍ପାଦକ ମନୋରଞ୍ଜନ ମହାପାତ୍ର, ସଂଗଠନ ଉପଦେଷ୍ଟା ବିଜୟ କୁମାର ନାୟକଙ୍କ ସମେତ କ୍ଲବର ସଦସ୍ୟ, ପୂଜା କମିଟି ସଦସ୍ୟ ଏବଂ ୟୁନିୟନ ଫର୍ କଟକ ସଦର ସଂଗଠନର ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ତାପସ ମଲ୍ଲିକ୍, ଅମର ଆଚାର୍ଯ୍ୟ, ସ୍ମୃତି ରଞ୍ଜନ ବେହେରା, ଶଶାଙ୍କଶେଖର ପଟ୍ଟନାୟକ, ଶୁଭେନ୍ଦୁ ଦାଶ, ଜ୍ୟୋତିରଂଜନ ପରିଡ଼ା, ଶଙ୍କର ମାଝୀ, ତାପସ କୁମାର ନାଥ, ରୋହିତ କୁମାର ମହାପାତ୍ର, ଭାରତୀ କର, ସୌମ୍ୟ ରଞ୍ଜନ କର, ସୋମନାଥ ଚୌଧୁରୀ, କୃଷ୍ଣ ଚନ୍ଦ୍ର ପରିଡ଼ା, ପ୍ରତାପ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ।

# ଉପଖଣ୍ଡସ୍ତରୀୟ ଶାନ୍ତି କମିଟି ବୈଠକ

କରଞ୍ଜିଆ (ଭାସ୍କର ନ୍ୟୁଜ୍) : ପାର୍ବଣ ଋତୁରେ ଅନୁଷ୍ଠିତ ପୂଜା ନିମନ୍ତେ ଉପଖଣ୍ଡ ସ୍ତରୀୟ ଶାନ୍ତି କମିଟି ବୈଠକ କରଞ୍ଜିଆ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉପଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଖଣ୍ଡର ପାଞ୍ଚଟି ବ୍ଲକ କରଞ୍ଜିଆ, ଠାକୁରମୁଣ୍ଡା, ଶୁକ୍ରୁଳି, ରରୁଆ ଓ ଯଶିପୁର ଅଞ୍ଚଳରେ ହେଉଥିବା ବିଭିନ୍ନ ପୂଜା କମିଟିର କାର୍ଯ୍ୟକର୍ତ୍ତା, ସାମ୍ବାଦିକ, ନିର୍ବାଚିତ ପ୍ରତିନିଧି ଓ ଶାନ୍ତି କମିଟି ର ସଭ୍ୟ ସଭ୍ୟା ମାନଙ୍କ ସହିତ ଉପଖଣ୍ଡ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ପ୍ରଥମେ ସହକାରୀ ଜିଲ୍ଲାପାଳ ନିହାର ରଂଜନ ସେଠୀ ସମସ୍ତଙ୍କୁ ପାର୍ବଣର ଅଭିନନ୍ଦନ ଜଣାଇବା ପରେ ଉପଜିଲ୍ଲାପାଳ ସଭା ଆରମ୍ଭ କରିଥିଲେ। ମା'ଙ୍କ ପୂଜା ଆଡମ୍ବର ସହିତ ପାଳନ ହେବ ବୋଲି କମିଟିର କାର୍ଯ୍ୟକର୍ତ୍ତାମାନେ ସୂଚନା ଦେଇଥିଲେ। ତେଣୁ ଶାନ୍ତି କମିଟିର ଅଧ୍ୟକ୍ଷ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଓ ପୂଜା ନିୟମକୁ ମାନି ପୂଜା କରିବାକୁ ଅନୁରୋଧ କରିଥିଲେ। ପୂଜା



ସମୟରେ କେବଳ ଭଜନ ସଙ୍ଗୀତ ବାଜିବ, ପୂଜାମଣ୍ଡପରେ ଅଗ୍ନିନିର୍ବାପକ ଯନ୍ତ୍ର ରହିବ, ଭକ୍ତମାନେ ଶାନ୍ତିଶୃଙ୍ଖଳାର ସହିତ ଯେପରି ମା'ଙ୍କୁ ଦର୍ଶନ କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ପୂଜା କମିଟିକୁ ଅନୁରୋଧ କରିଥିଲେ। ଭସାଣି ଗୋଟିଏ ଦିନରେ ହେବ। ମୂର୍ତ୍ତି ଭସାଣିରେ ଡିଜେ ବାଜିପାରିବ ନାହିଁ ବୋଲି ଉପଜିଲ୍ଲାପାଳ ଶୁଣାଇଥିଲେ। ପ୍ରତି ମଣ୍ଡପରେ ପୋଲିସ ସହିତ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ମୃତୟନ ହେବେ ଓ ଚଳିତ ପୂଜାରେ ଡିଜେକୁ ବାରଣ ବୋଲି ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାଏକ ମଧ ସୂଚନା ଦେଇଥିଲେ। କେବଳ ପୂଜାରେ ନୁହେଁ ବର୍ଷସାରା କୌଣସି କାର୍ଯ୍ୟରେ ଡିଜେକୁ ବାରଣ କରାଗଲା। ଏହି ଶାନ୍ତି କମିଟି ବୈଠକରେ କରଞ୍ଜିଆର ସାର୍ବଜନୀନ ଦୁର୍ଗାପୂଜା କମିଟି, ମିଳନ ପଡିଆ ଦୁର୍ଗାପୂଜା କମିଟି, ମହାନ୍ତି ସାହି ଦୁର୍ଗାପୂଜା କମିଟି, ଶାରଦୀୟ ଦୁର୍ଗାପୂଜା କମିଟି ପଟାକାଟ ସାହି ଦୁର୍ଗାପୂଜା କମିଟି, ଡେଲି ମାର୍କେଟ ପୂଜା କମିଟି, ବଣ ସାହି ପୂଜା କମିଟି, ଗୋଷଦା ପୂଜା କମିଟି, ତାଟ ପୂଜା କମିଟି, ଯଶିପୁର ପୂଜା କମିଟି, କାର୍ଯ୍ୟକର୍ତ୍ତାଙ୍କ ସହିତ ଗଜଲକ୍ଷ୍ମୀ ପୂଜା କମିଟି, କୁମାର ଉତ୍ସବ ପୂଜା କମିଟି, ଶିରାକୁଲି ଲକ୍ଷ୍ମୀପୂଜା କମିଟି ଓ ରାବଣ ପୋଡି କମିଟିର ସଭାପତି ଓ ସମ୍ପାଦକ ମାନେ ବୈଠକରେ ବସି ଆଲୋଚନାରେ ଭାଗ ନେଇଥିଲେ। ଚଳିତ ବର୍ଷ କରଞ୍ଜିଆର ଦୁଇଟି ସ୍ଥାନରେ ରାବଣ ପୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମିଳନ ପଡିଆ ଓ ଘୋଷଦାରେ ରାବଣ ପୋଡି ଅନୁଷ୍ଠିତ ହେବ। ଏହି ବୈଠକରେ ଉପଜିଲ୍ଲାପାଳ କସ୍ତୁରୀ ପଣ୍ଡାଙ୍କ ସହିତ ଅତିରିକ୍ତ ଉପଜିଲ୍ଲାପାଳ ପ୍ରକାଶ କୁମାର ଦାସ, ଉପଖଣ୍ଡ ପୋଲିସ୍ ଅଧିକାରୀ ନବକୃଷ୍ଣ ନାଏକ ଅବକାରୀ ବିଭାଗ, ବିଦ୍ୟୁତ୍ ବିଭାଗ, ଯଶିପୁର୍ ଥାନା ଆଇଆଇସି ସଂଯୁକ୍ତା ମହାଳିକ ଅନ୍ୟ ସମସ୍ତ ଲାଇନ ବିଭାଗର ଅଧିକାରୀ ଓ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ। ଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ।

## ଇବ୍ ଭ୍ୟାଲି ଡିଏଭି ପବ୍ଲିକ ସ୍କୁଲରେ ରକ୍ତଦାନ ଶିବିର

ବ୍ରଜରାଜନଗର (ଭାସ୍କର ନ୍ୟୁଜ୍) : ଗୁରୁବାର ଦିନ ଇବ୍ ଭ୍ୟାଲି ଡିଏଭି ପବ୍ଲିକ ସ୍କୁଲରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ପୂର୍ବାହ୍ନ ୯ଟା ସମୟରେ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିରକୁ ଇବ୍ ଭ୍ୟାଲି ସମଲେଶ୍ୱରୀ ଏରିଆ ପ୍ରକଳ୍ପ ଅଧିକାରୀ କନ୍ହେୟା ମିଶ୍ର, କେନ୍ଦ୍ରୀୟ ଚିକିତ୍ସାଳୟ ମୁଖ୍ୟ ଡାକ୍ତର ମଦନ ଦାସ, ଅବସର ପ୍ରାପ୍ତ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା ଓ ଝାରସୁଗୁଡ଼ା ରକ୍ତ ଭଣ୍ଡାର ଅଧିକାରୀ ଶୀଲବନ୍ତି ଜୋଜୋ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ଡିଏଭି ପବ୍ଲିକ ସ୍କୁଲର କେତେକ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କ ସହିତ ଅଞ୍ଚଳର ଆଗ୍ରହୀ ବ୍ୟକ୍ତିମାନେ ରକ୍ତଦାନ କରିଥିଲେ। ଏହି ଶିବିରରେ ୯ ଜଣ ମହିଳା ଓ ୪୯ ଜଣ ପୁରୁଷ ରକ୍ତଦାନ କରିଥିଲେ। ରକ୍ତଭଣ୍ଡାର ଲେବ କର୍ମଚାରୀ କାହ୍ନା ମନ୍ଦୋଦରୀ, କିରଣ କୁମାର ସାହୁ, ଭବାନୀ ଶଙ୍କର ସୁନ୍ୟାନି, ଦିଲ୍ଲୀପ ବଞ୍ଚୋରଙ୍କ ସହଯୋଗରେ ୫୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରକୁ ଶିକ୍ଷକ/ଶିକ୍ଷୟିତ୍ରୀ ନିବେଦିତା ରାଉତରାୟ, ପୁନମ ସିହ୍ନା, ମମତା ପାତ୍ର, ଏନ ସି ସାହୁ, ଇସାନି ଗୁରୁ, ସଂଗୀତା ଦାସ ଓ ଦେଓ ପ୍ରକାଶ ଗୁପ୍ତା ପରିଚାଳନା କରିଥିଲେ।





# ରାଶିଫଳ


ଶୁକ୍ରବାର, ୦୫ ସେପ୍ଟେମ୍ବର ୨୦୨୫



**ମେଷ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ଆପଣ ଯେ କୌଣସି ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ସୁଖ ଏବଂ ମନୋରଞ୍ଜନ ଉପଲବ୍ଧ ହେବ। ବ୍ୟବସାୟ ଲାଭଦାୟକ ହେବ। ଭାଇମାନଙ୍କ ଠାରୁ ସମର୍ଥନ ପାଇବ। ଦୁର୍ଦ୍ଦଶା ଯୋଗୁଁ କ୍ଷତି ହେବ। ଚାକିରିରେ ତୁମେ ପ୍ରଶଂସା ପାଇବ। ତତ୍ପରତା ନାହିଁ।




**ବୃଷ:** ଟଙ୍କା ଅଭାବରୁ ନିରାଶ ହେବେ। ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ଅଧିକାରୀମାନେ ଚାକିରିରେ ଅଧିକ ଆଶା କରିବେ। ବସଙ୍କ ସମର୍ଥିତ ହେବେ ନାହିଁ। କ୍ଲାନ୍ତ ହୋଇଯିବ। ବ୍ୟବସାୟ ଲାଭଦାୟକ ହେବ। ଖରାପ ଖବର ଗ୍ରହଣ କରାଯାଇପାରେ।




**ମିଥୁନ:** ଜମି କ୍ରୟ ଏବଂ ବିକ୍ରୟ ଲାଭଦାୟକ ହେବ। ପ୍ରଗତିର ରାସ୍ତା ପକ୍କା ହେବ। ବିପଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟ ବୃଦ୍ଧି ପାଇବ। ବିନିଯୋଗ ଶୁଭ ହେବ। ରୋଜଗାର ବୃଦ୍ଧି ପାଇବ। ଲାଭ ସୁଯୋଗ ଆସିବ। ଘର ବାହାରେ ସୁଖ ମିଳିବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।




**କର୍କଟ:** ରାଜ୍ୟ ସହାୟତାରେ କାର୍ଯ୍ୟ ସମାପ୍ତ ହେବ। ବ୍ୟବସାୟ ଅନୁକୂଳ ଲାଭ ଦେବ। ବିବାହ ପ୍ରସ୍ତାବ ମିଳିପାରିବ। ଯଦି ଜରୁରୀ ଜିନିଷ ଠିକ୍ ସମୟରେ ଉପଲବ୍ଧ ନହୁଏ ତେବେ ଅକ୍ଷମତା ସେଠାରେ ରହିବ ନାହିଁ। ବିନିଯୋଗ ଶୁଭ ହେବ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ।



**ସିଂହ:** ଯୋଜନା ଫଳପ୍ରଦ ହେବ। ପଦ୍ଧତିରେ ଉନ୍ନତି ହେବ। ଏହି ସଫଳତାରେ ଖୁସି ହେବେ। କଠିନ ପରିଶ୍ରମ ସଫଳ ହେବ। ଲାଭ ସୁଯୋଗ ଆସିବ। ସମ୍ମାନ ପାଇବେ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ସେୟାର ବଜାରରେ ଶୀଘ୍ର ଏଡ଼ାନ୍ତୁ।



**କନ୍ୟା:** ଆଧ୍ୟାତ୍ମିକତା ପାଇଁ ଆଗ୍ରହୀ ହେବ। କୌଣସି ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିବ। ସୁଖ ଏବଂ ଶାନ୍ତି ରହିବ। ବ୍ୟବସାୟ ସୁରୁଖୁରୁରେ ଚାଲିବ। ସାଙ୍ଗମାନଙ୍କ ସହଯୋଗ ଲାଭ ବୃଦ୍ଧି କରିବ। ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ।




**ତୁଳା:** ପୁରୁଣା ସହକର୍ମୀ ଏବଂ ସମ୍ପର୍କୀୟଙ୍କୁ ଭେଟିବା ଆନନ୍ଦଦାୟକ ହେବ। ଭଲ ଖବର ଗ୍ରହଣ କରାଯିବ। ମୂଲ୍ୟ ବୃଦ୍ଧି ହେବ। ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଚିନ୍ତା କରାଯିବ। ଦୀର୍ଘ ଯାତ୍ରା ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ।



**ବିଛା:** ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଘର ବାହାରେ ପଚରାଉଚରା କରାଯିବ। ବ୍ୟବସାୟ ଅନୁକୂଳ ଲାଭ ଦେବ। ଟଙ୍କା ମିଳିବା ସହଜ ହେବ। ଲାଭ ସୁଯୋଗ ଆସିବ। ଚାକିରିରେ ଠିକ୍ ସମୟରେ ପ୍ରଶଂସା ପାଇବେ। ସମୟ ସୁସଙ୍ଗତତାର ସୁଯୋଗ ନିଅନ୍ତୁ। ପାରିବାରିକ ଚିନ୍ତା ହ୍ରାସ ପାଇବ।




**ଧନୁ:** ବୁଡିଯାଇଥିବା ଟଙ୍କା ଗ୍ରହଣ କରାଯାଇପାରେ। ଯାତ୍ରା ଅନୁକୂଳ ହେବ। ନୂତନ କାର୍ଯ୍ୟଗୁଡ଼ିକ ଆସିବ। ବ୍ୟବସାୟ ଅଭିବୃଦ୍ଧିରେ ଖୁସି ହେବେ। ସମୟ ସୁସଙ୍ଗତତାର ଲାଭ ନିଅ। ଅଧସ୍ତନମାନଙ୍କ ସହଯୋଗ ମିଳିବ। ଲାଭ ସୁଯୋଗ ଆସିବ। ଅଜ୍ଞାତ ଭୟ ରହିବ। ପାରିବାରିକ ସହଯୋଗରେ ଖୁସି ହେବେ। ତତ୍ପରତା ନାହିଁ।




**ମକର:** ନୂତନ ପୋଷାକ ପାଇଁ ଖର୍ଚ୍ଚ ହେବ। ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଯାତ୍ରା ଅନୁକୂଳ ଲାଭ ଦେବ। ନୂତନ ଚାକିରି ମିଳିପାରିବ। କାର୍ଯ୍ୟ ସନ୍ତୁଷ୍ଟ ହେବେ। ସେଠାରେ ସୁଖ ଏବଂ ଉତ୍ସାହର ପରିବେଶ ରହିବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଏବଂ ଚାକିରି ଅନୁକୂଳ ଲାଭ ଦେବ। ଶୀଘ୍ର କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଉପହାସରୁ ଦୂରେଇ ରୁହନ୍ତୁ।



**କୁମ୍ଭ:** ଯାନ, ଯନ୍ତ୍ରପାତି ଏବଂ ଅଗ୍ନି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। କୌଣସି ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ। ବ୍ୟବସାୟରୁ ଲାଭବାନ ହେବ। ବିନିଯୋଗରେ ତତ୍ପର ହୁଅନ୍ତୁ ନାହିଁ। ଆୟ ରହିବ। ଥକ୍କା ଏବଂ ଦୁର୍ବଳତା ହୋଇପାରେ। ଅଜ୍ଞାତ ଭୟ ରହିବ। ଅପ୍ରତ୍ୟାଶିତ ଘଟଣାର ସମ୍ଭାବନା ରହିବ।



**ମୀନ:** କାର୍ଯ୍ୟରେ ମନ ରହିବ ନାହିଁ। ବ୍ୟବସାୟ ଲାଭଦାୟକ ହେବ। ଆୟରେ ନିଶ୍ଚିତତା ରହିବ। ପରିବାରରେ ଶାନ୍ତି ରହିବ। ଇଚ୍ଛାଶକ୍ତି ବୃଦ୍ଧି ପାଇବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। କୌଣସି ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ ନିଅନ୍ତୁ।



ଜ୍ୟୋତିଷ ଗୁରୁ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ତାଳସରଡା ପଂଚାୟତ ଅନ୍ତର୍ଗତ କନେକପୁର ଗ୍ରାମରେ ମହିଳା ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ (ସୂତା ରଙ୍ଗ ତାଲିମ) ଉଦ୍‌ଘାଟିତ ହୋଇଯାଇଛି । ବରିଷ୍ଠ ବୁଣାକାର ସଭ୍ୟ ଯୋଗୀନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ସହକାରୀ ବୟନ ଶିକ୍ଷ ନିର୍ଦ୍ଦେଶକ ବୌଦ୍ଧର ସୁଶାନ୍ତ କୁମାର ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳା ସୂତା ରଙ୍ଗ ତାଲିମ କେନ୍ଦ୍ରକୁ ଶୁଭଉଦଘାଟନ କରି ତାଲିମ ଗ୍ରହୀତାମାନଙ୍କୁ ବୁଣାକାର୍ଯ୍ୟରେ ପକ୍କାରଙ୍ଗର ବ୍ୟବହାର କରିବାକୁ ହେଲେ ଦକ୍ଷତା ବୃଦ୍ଧିର ଆବଶ୍ୟକତା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କର୍ମନିଯୋଜନ ଅଧିକାରୀ ହେମନ୍ତ ତିୱାରୀ ଯୋଗଦେଇ ହସ୍ତତନ୍ତ ହେଉଛି ଏକ ପ୍ରାଚୀନ କଳା । ତାକୁ ଆହୁରି ଉତ୍କର୍ଷ କରିବାକୁ ପଡିବ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବୟନ ତତ୍ତ୍ୱାବଧାରକ ଦେବେନ୍ଦ୍ର ଭୋଇ, ବୈଷୟିକ ସହାୟକ ଅଶୋକ ମେହେର,ସୌମ୍ୟରଞ୍ଜନ ସାହୁ, ବୟନ ନିରୀକ୍ଷକ ହରିହରଦାସ ଏବଂ ପ୍ରଶିକ୍ଷଣ ଦାତା ଧରଣୀଧର ମେହେର ମଂଚାସୀନ ଥିଲେ। ଆୟୋଜକ ଅନୁଷ୍ଠାନର ସମ୍ପାଦକ ରମେଶ ପ୍ରସାଦ ମେହେର ଅତିଥି ପରିଚୟ ଓ ତାଲିମ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ରଖି ସଭାକାର୍ଯ୍ୟ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ କୋଡ଼ିଏ ଜଣ ମହିଳା ହିତାଧିକାରୀ ଦୁଇମାସ ଧରି ତାଲିମ ଗ୍ରହଣ କରିବେ। କାର୍ଯ୍ୟକ୍ରମରେ ବେଦବ୍ୟାସ ମେହେର,ରଘୁନାଥ ମେହେର, କାର୍ତିକ ମେହେର, ହେମନ୍ତ ମେହେର, ଫକିର ମେହେର ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

# ପାଳିତ ହେବ ରୌପ୍ୟ ଜୟନ୍ତୀ ଉତ୍ସବ



ଲକ୍ଷ୍ମୀପୁର(ଭାସ୍କର ନ୍ୟୁଜ୍):. କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଠାରେ ଫ୍ରେଣ୍ଡ୍ସ ୟୁଥ ଆସୋସିଏସନ ତରଫରୁ ସ୍ଥାନୀୟ ବାସନ୍ତୀ କଲ୍ୟାଣ ମଣ୍ଡପ ଠାରେ ଚଳିତ ବର୍ଷ ଦୁର୍ଗା ପୂଜା ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଦୁର୍ଗା ପୂଜାକୁ ୨୫ ବର୍ଷ ହେଉଥିବାରୁ ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କରିବା ନିମନ୍ତେ ସର୍ବ ସହମତି କ୍ରମେ ନିଷ୍ପତି ନିଆଯାଇଛି। ବୈଠକରେ ପ୍ରଥମେ ଗତ ବର୍ଷ ଦୁର୍ଗାପୂଜାର ଆୟ ବ୍ୟୟର ହିସାବ ସାର୍ବଜନୀନ କରାଯିବା ପରେ ଚଳିତ ବର୍ଷ କିପରି ପୂଜା ଆୟୋଜନ କରାଯିବ ସେନେଇ ଆଲୋଚନା ହୋଇଥିଲା। ଗତବର୍ଷ ପୂଜା ଖର୍ଚ୍ଚର ସମସ୍ତ ବିବରଣୀ ପାଠ କରାଯିବା ପରେ ତିନି ଲକ୍ଷ ପଇଁତିରିଶି ହଜାର ଟଙ୍କା ବଳକା ଥିବା ନେଇଁ ସୂଚନା ଦିଆଯାଇଥିଲା। ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ ଷଷ୍ଠୀରୁ ପୂଜା ଆରମ୍ଭ କରାଯିବା ସହ ରାବଣ ପୋଡ଼ି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମେଲୋଡି ଓ ପୌରାଣିକ ନାଟକ କରାଯିବାକୁ ନିଷ୍ପତି ନିଆଯାଇଥିଲା ।ଏହି ବୈଠକରେ ପୂର୍ବତନ ସାଂସଦ ଝିନ ହିକକା ଉପସ୍ଥିତିରେ ସର୍ବ ସହମତି କ୍ରମେ ଚଳିତ ବର୍ଷର ପୂଜା ପାଇଁ ପୁରୁଣା ଓ କିଛି ନୂଆଁ ସଦସ୍ୟ କୁ ନେଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଚଳିତବର୍ଷ ପୂଜା କମିଟିର ସଭାପତି ଭାବେ ଅମରେଶ ଶତପଥି,ଉପସଭାପତି ଭାବେ ମନୋଜ କୁମାର ସାହୁ,ସମ୍ପାଦକ ଭାବେ ଉମାଶଙ୍କର କର୍କରା ଓ କୋଷାଧକ୍ଷ ଭି.ଶ୍ରବଣ କୁମାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। କମିଟିରେ ଉପଦେଷ୍ଟା ଭାବେ ସଂଗ୍ରାମ ବେହେରା, ଭି.ରାମ କ୍ରିଷ୍ଣା, ପରମେଶ୍ୱର ସାହୁ, ଭି.ଚାନ୍ଦୁ, ଏକଲବ୍ୟ ଚୌଧୁରୀ,ଓଜସ୍ୱୀ ସାହୁ, ତପନ କୁମାର ସାହୁ,ପଞ୍ଚାନନ ଟାକ୍ରୀଙ୍କୁ ଦାୟିତ୍ୱ ଦିଆ ଯାଇଥିଲା ।ପରେ ପୂଜାର ଆୟୋଜନରେ ସାହଯୋଗ କରିବା ପାଇଁ ୪୦ରୁ ଉର୍ଦ୍ଧ୍ୱ ସଦସ୍ୟଙ୍କୁ ଅନ୍ୟାନ୍ୟ କମିଟି କରାଯାଇ ବିଭିନ୍ନ ପ୍ରକାରର ଦାୟିତ୍ୱ ଦିଆଯାଇଥିଲା। ଦୁର୍ଗାପୂଜା କିପରି ଶାନ୍ତି ଶୃଙ୍ଖଳା ସହ ଅନୁଷ୍ଠିତ କରାଯିବ ସେଥିନେଇ ଏକ ବିସ୍ତୃତ ଆଲୋଚନା କରାଯାଇଥିବାବେଳେ ଆସୋସିଏସନରେ ଥିବା ସଦସ୍ୟ ମାନଙ୍କ ଠାରୁ ପ୍ରଥମେ ପ୍ରାୟ ଅଢେଇ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା।

## ଗଣଶିକ୍ଷା ବିଭାଗ ଡେପୁଟି ଡାଇରେକ୍ଟରଙ୍କ ବିଦ୍ୟାଳୟ ପରିଦର୍ଶନ

ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ ଗଣଶିକ୍ଷା ବିଭାଗର ଡେପୁଟି ଡାଇରେକ୍ଟର ଜୟଶ୍ରୀ ଦୋରା ବୌଦ୍ଧ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ମୁର୍ଶୁଣ୍ଡି ୧, ମର୍ଯାଦାପୁର ପ୍ରାଥମିକ ବିଦ୍ୟାଳୟ, ଜହ୍ନାପଙ୍କ, ସଂଗ୍ରାମପୁର ବାଉଁଶୁଣୀ, ଦହ୍ୟା ହାଇସ୍କୁଲ ପରିଦର୍ଶନ କରିବା ସହିତ ବଲାସିଙ୍ଗା କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ବିଦ୍ୟାଳୟ ଗୁଡିକର ଭିତ୍ତିଭୂମି, ଶିକ୍ଷାଦାନ, ମଧ୍ୟାହ୍ନ ଭୋଜନ ଓ ଆସିଥିବା ଅନୁଦାନର ବିନିଯୋଗ ସମୀକ୍ଷା କରିଥିଲେ। ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୁଡାମଣି ବାରିକ ସାମିଲ୍ ହୋଇଥିଲେ ।

# ରାମନାଗୁଡ଼ା ପରିଦର୍ଶନରେ ରାୟଗଡ଼ ଜିଲ୍ଲାପାଳ



ରାମନାଗୁଡା/ରାୟଗଡ଼/ଗୁଣପୁର (ଭାସ୍କର ନ୍ୟୁଜ୍): ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଦିନିକିଆ ରାମନାଗୁଡ଼ା ବ୍ଲକ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ପ୍ରଥମେ କରଡାଗ୍ରାମକୁ ଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ତେନ୍ତୁଳି ପ୍ରକ୍ରିୟାକରଣ ୟୁନିଟ ବୁଲିଦେଖିଥିଲେ। ପରେ ଖାମ୍ବାଗୁଡ଼ାରେ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ଗୋଲାପ ବଗିଚା, ରାମନାଗୁଡ଼ା ଇ-ଲାଇବ୍ରେରୀ, ଗୋସାଇଁ ଗୁଲୁମୁଣ୍ଡାରେ ଇଣ୍ଡଷ୍ଟ୍ରିଆଲ ପାର୍କ, ନୀଳକଣ୍ଠପୁରରେ ସ୍ୱୟଂ ସହାୟିକ ସଦସ୍ୟାଙ୍କ ଦ୍ୱାରା ମଲ୍ଲିଫୁଲ ବଗିଚା, ଗଦଗଦା ଶୈବ ପୀଠ ତଥା ଜଳ ପ୍ରପାତ, କୁଜେନ୍ଦ୍ରି ଗ୍ରାମାଞ୍ଚଳ ପାର୍କ, କୁଜେନ୍ଦ୍ରୀ ଉଚ୍ଚ ବିଦ୍ୟାଳୟ, ଅମଡିଙ୍ଗର ନିର୍ମାଣାଧିନ ପୋଲ ଆଦି ପ୍ରକଳ୍ପ ବୁଲି ଦେଖିଥିଲେ। ଗୋଗୁପଡୁ ଅଞ୍ଚଳରେ ଚାଲିଥିବା ଡ୍ରାଗନ ଫଳ ହେଉଥିବା ବୁଲି ଦେଖିଥିଲେ ।ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବାସହ ଗୋଲାପ ଚାଷ କରୁଥିବା ସଦସ୍ୟାଙ୍କୁ ଦେଶୀ ଗୋଲାପ ଚାଷ କରି ସେଥିରୁ ଗୋଲାପ ଜଳ ପ୍ରକ୍ରିୟାକରଣ ୟୁନିଟ କାର୍ଯ୍ୟକାରୀ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ବିଡ଼ିଓଙ୍କୁ କହିଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଗୁଣପୁର ଉପଜିଲ୍ଲାପାଳ ଅଭିଷେକ ଦିଲୀପ ଦୁଧାଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ଖେମୁଣ୍ଡୁ, ରାମନାଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ, ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ରାମନାଗୁଡା ବ୍ଲକ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ,ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁସ୍ମିତା ରଥ,ସହକାରୀ ଯନ୍ତ୍ରୀ ପ୍ରତାପଚନ୍ଦ୍ର ମିଶ୍ର, ବିଭାଗର ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ବ୍ଲକ ପରିଦର୍ଶନ ପରେ ବିଭିନ୍ନ ଉନ୍ନତିମୂଳକ କାମ ତ୍ୱରାନ୍ୱିତ ହୋଇପାରିବ ବୋଲି ବୁଦ୍ଧିଜୀବୀ ଆଶା ପ୍ରକାଶ କରିଛନ୍ତି।

# ଯୁବ ରେଡ୍‌କ୍ରସ୍ ଜିଲ୍ଲା କାର୍ଯ୍ୟକାରିଣୀ ସମିତି ବୈଠକ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି କଲେଜରେ ଯୁବ ରେଡ୍ କ୍ରସ୍ ଜିଲ୍ଲା କାର୍ଯ୍ୟକାରିଣୀ ସମିତିର ବୈଠକ-୨୦୨୫ ଗମ୍ଭୀର ଓ ଗାରିମାଯୁକ୍ତ ପରିବେଶରେ ଆୟୋଜିତ ହୋଇଯାଇଛି ।କାର୍ଯ୍ୟକ୍ରମର ଆରମ୍ଭରେ ଯୁବ ରେଡ୍ କ୍ରସ ପ୍ରତିଷ୍ଠାତା Jean Henry Dunant ଙ୍କ ଫଟୋଚିତ୍ର ରେ ଅତିଥିମାନେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ ଏହାପରେ ଯୁବ ସେବକ-ସେବିକାମାନେ ମଧୁର ସ୍ୱରରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ପରେ ଯୁବ ରେଡ୍‌କ୍ରସ ସଂଯୋଜକ ତଥା ସମ୍ପାଦକ ବିଘ୍ନେଶ୍ୱର ପିଡ଼ିସିକା ଅତିଥିମାନଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇ ସ୍ୱାଗତ ଅଭିଭାଷଣ ପ୍ରସ୍ତୁତ କଲେ । କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଯଥାଯଥ ଭାବରେ କରିଥିଲେ ପ୍ରଫୁଲ୍ଲ କୁମାର ବିଶ୍ୱାଳ, ଯୁବ ରେଡକ୍ରସ ଜିଲ୍ଲା ସମନ୍ୱୟକାରୀ । ଅନୁଷ୍ଠାନରେ ମୁଖ୍ୟ ଅତିଥି ଭାବେ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ତଥା ଉପାଧ୍ୟକ୍ଷ, ଜିଲ୍ଲା ରେଡ୍‌କ୍ରସ୍ ସୋସାଇଟି ଯୋଗଦେଇଥିଲେ। ପ୍ରେମ ରେଖା ଭତ୍ର ।, ଅଧ୍ୟକ୍ଷା, ମାଲକାନଗିରି କଲେଜ ତଥା ଯୁବ ରେଡକ୍ରସ୍ ଅଧ୍ୟକ୍ଷା ସଭାରେ ଅଧ୍ୟକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ସୁନୀଲ କୁମାର ନାୟକ ଜିଲ୍ଲା ଅଗ୍ନିଶ୍ରମ ଅଧିକାରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଶେଷରେ ସୁଶାନ୍ତ ମାଝୀ, ANO, ସମର ଶକ୍ଷାର୍ଥୀ ବାହିନୀ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ମାଲକାନଗିରି କଲେଜ ପରିସରରେ ଆୟୋଜିତ ଏହି ବୈଠକରେ ମହାବିଦ୍ୟାଳୟର ବହୁ YRC ସଦସ୍ୟ ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାଗ ନେଇଥିଲେ। ଏଥିରେ ଜିଲ୍ଲା ଯୁବ ରେଡକ୍ରସ ତରଫରୁ ଉନ୍ନତିକରଣ ଦିଗରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

## ଜିଲ୍ଲାପାଳଙ୍କ ବିଭିନ୍ନ ଗ୍ରାମ ଓ ବିଦ୍ୟାଳୟ ପରିଦର୍ଶନ

କନ୍ଧମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ କନ୍ଧମାଳ ବ୍ଲକ ଗସ୍ତରେ ଯାଇଥିବା ବେଳେ ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମକୁ ପରିଦର୍ଶନରେ ଯାଇଥିଲେ । ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବାକୁ ସହ ଏହାର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ସ୍କୁଲକୁ ଜିଲ୍ଲାପାଳ ଅଚାନକ ଭାବରେ ପରିଦର୍ଶନ କରି




ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ନିଜେ ଯାଞ୍ଚ କରିବା ସହ ସ୍କୁଲର ଶିକ୍ଷାଦାନ କିଭଳି ହେଉଛି ସେ ନେଇ ଛାତ୍ରଛାତ୍ରୀଙ୍କୁ ପଚାରି ବୁଝିଥିଲେ ଓ ଏହି ପରିଦର୍ଶନ ସମୟରେ କନ୍ଧମାଳ ବିଡ଼ିଓ ସାମି ଜୟଶ୍ରୀ ରେଡ୍ଡୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ସମସ୍ତ ପଂଚାୟତର ନିର୍ବାହୀ ଅଧିକାରୀ, ବିଭାଗୀୟ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ବରଗାଁ ପଂଚାୟତର ମଳିକୁଦ, ଶ୍ରୀମାଳ, ଖୁଣ୍ଟିଗୋରା, ଉମା, ନାରାୟଣ ପ୍ରସାଦ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗସ୍ତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଲୋକଙ୍କ ସହ ଆଲୋଚନା କରିଥିବା ଜଣାପଡିଛି ।

# ଜିଲ୍ଲାପାଳଙ୍କ ଖାଦ୍ୟ ଓ ଯୋଗାଣ ବିଭାଗ କାର୍ଯ୍ୟାବଳୀ ସମୀକ୍ଷା ବୈଠକ



ନୂଆପଡା (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଖାଦ୍ୟ ଓ ଯୋଗାଣ ବିଭାଗ କାର୍ଯ୍ୟାବଳୀର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଥିବା ୧୪୧ ଟି ଖାଉଟି ଦୋକାନରୁ ୧୧୩ଟି ପଞ୍ଚାୟତ ଏବଂ ୨୭ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଅଛି । ଜିଲ୍ଲାରେ ୫୦୯୭ ଟି ପ୍ରବାସୀ ଶ୍ରମିକ ପରିବାରଙ୍କୁ ଖାଉଟି ସୁରକ୍ଷା ଯୋଜନାରେ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉଛି । ସମଗ୍ର ୫ଲକ୍ଷ ୪୪ ହଜାର ୧୫୭ ଜଣ ଉପଭୋକ୍ତାମାନଙ୍କ ମଧ୍ୟରୁ ୯୩ ପ୍ରତିଶତଙ୍କର ଇକେୱାଇସି ଭେରିଫିକେସନ୍ ଶେଷ ହୋଇଅଛି। ୨୦୨୫ / ୨୬ ଖରିଫ୍ ଋତୁରେ ଧାନ କ୍ରୟ ପାଇଁ ୨୬ ଟି ସମବାୟ ସଂସ୍ଥାଙ୍କୁ ଦାୟିତ୍ୱ ଦିଆଯିବ। ବର୍ତ୍ତମାନ ସୁଦ୍ଧା ୫୧ ହଜାର ୩୩୫ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକୃତ କରିଛନ୍ତି। ଏହି ବୈଠକରେ ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ବିଭାଗର ବିବରଣୀ ପାଠ କରିଥିଲେ। ଉପଜିଲ୍ଲାପାଳ ସୂର୍ମୀ ସୋରେନ୍‌ଙ୍କ ସମେତ ସମସ୍ତ ବିଡ଼ିଓ ଏବଂ ଯୋଗାଣ ବିଭାଗ ସମସ୍ତ ଅଧିକାରୀ ଯୋଗ ଦେଇଥିଲେ। ବୈଠକକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ ଜିଲ୍ଲାରେ ବିଭାଗ ଦ୍ୱାରା ସମସ୍ତ ଖାଉଟି ସାମଗ୍ରୀର ଉଠାଣ ଓ ବିତରଣ ଠିକ୍ ସମୟରେ ସରିବ। ପ୍ରବାସୀ ଶ୍ରମିକ ପରିବାରମାନଙ୍କୁ ସଠିକ୍ ଚିହ୍ନଟ କରି ଅଗ୍ରାଧିକାର ଭିତ୍ତିରେ ଖାଉଟି କାର୍ଡ ଖାଦ୍ୟ ଯୋଗାଣ ଦେବାକୁ ଆହ୍ୱାନ କରାଯାଇଛି।

## ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ

ମାଲକାନାଗିରି (ଭାସ୍କର ନ୍ୟୁଜ୍): ବିହାର ନିର୍ବାଚନ ରାଲିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ତେଜସ୍ୱୀ ଯାଦବଙ୍କ ସଭା ମଞ୍ଚରେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କୁ ଓ ତାଙ୍କ ସ୍ୱର୍ଗୀୟ ମାତାଙ୍କୁ ଅପଶବ୍ଦ କହିବା ନେଇ ସାରା ଦେଶରେ ପ୍ରତିକ୍ରିୟା ହୋଇଥିବା ବେଳେ ଭାଜପା ପକ୍ଷରୁ ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥନା କରିବାକୁ ଦାବି ହୋଇଥିବାବେଳେ ଆଜି ମାଲକାନଗିରି ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିରୋଧ ସ୍ୱରୂପ ମହିଳା



ମୋର୍ଚ୍ଚାଙ୍କ ନେତୃତ୍ୱରେ ବିଜେପି ଜିଲ୍ଲା ସଭାପତି ଅଶୋକ କୁମାର ପରିଡ଼ାଙ୍କ ଉପସ୍ଥିତିରେ ସନ୍ଧ୍ୟାରେ କଂଗ୍ରେସ ଭବନ ସମ୍ମୁଖରେ ରାହୁଲ ଗାନ୍ଧୀ ମୁର୍ଦ୍ଦାବାଦ ନାରା ଦେବା ସହ କୁଶପୁଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ମହିଳା ମୋର୍ଚ୍ଚା କର୍ମୀ ବେଣୀ କାର୍ତ୍ତୁଲ, ସବିତା ମିଶ୍ର, ଦ୍ରୌପଦୀ ପଟ୍ଟନାୟକ, ମମତା ମହାନ୍ତି, ଲକ୍ଷ୍ମୀପ୍ରିୟା ବାରିକ, ସନ୍ତୋଷୀ ପାତ୍ର, ଉଜ୍ଜ୍ୱଳା ଦୋରା ଉପସ୍ଥିତ ରହିଥିବାବେଳେ ଜିଲ୍ଲା ସାଧାରଣ ସମ୍ପାଦକ ମାଣିକ ଲାଲ ଚକ୍ରବର୍ତୀ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରତନ ବଣିକ, ଜିଲ୍ଲା ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା ବିଧାୟକ ପ୍ରତିନିଧି ନିହାର ରାୟଙ୍କ ସମେତ ଜିଲ୍ଲା ବିଜେପି ଦଳର ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

# ଅତିରିକ୍ତ ଜିଲ୍ଲାପାଳଙ୍କ ଚନ୍ଦ୍ରପୁର ତହସିଲ ପରିଦର୍ଶନ



ରାୟଗଡ(ଭାସ୍କର ନ୍ୟୁଜ୍): ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କ ଚନ୍ଦ୍ରପୁର ତହସିଲ ପରିଦର୍ଶନ ଓ ରାଜସ୍ୱ କାର୍ଯ୍ୟକ୍ରମ ସମୀକ୍ଷା କରିଛନ୍ତି । ଡ଼ାଙ୍ଗସରଡା ରାଜସ୍ୱ ସର୍କଲ ଅନ୍ତର୍ଗତ ସାରିକମା ଗ୍ରାମ ଓ ଚନ୍ଦ୍ରପୁର ତହସିଲ କାର୍ଯାଳୟର ରାଜସ୍ୱ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ। ଏହାପରେ ତହସିଲଦାରଙ୍କ କାର୍ଯ୍ୟାଳୟ ଠାରେ ଏକ ସମୀକ୍ଷା ବୈଠକ କରି ରାଜସ୍ୱ କାର୍ଯ୍ୟକ୍ରମ ଉପରେ ବିଶେଷ କରି ରାଜସ୍ୱ ଆଦାୟ, ବସୁନ୍ଧରା ଯୋଜନା ଓ ସରକାରୀ ଜମିର ସମୀକ୍ଷା କରିଥିଲେ। ଏହା ସହିତ ପଟ୍ଟାର ଖାନା ଦୁଇ ସଂଶୋଧନ, ଜମିଜମା କମ୍ପ୍ୟୁଟରୀକରଣ, ଜଙ୍ଗଲଜମି ଅଧିକାର ଆଇନରେ ସଫଳ ପରିଚାଳନା, ବିଦ୍ୟାଳୟ ମହାବିଦ୍ୟାଳୟ ନାମରେ ପଟ୍ଟା ସଂଶୋଧନ, ଜାତୀୟ ପ୍ରମାଣ ପତ୍ର, ଆୟ ପ୍ରମାଣ ପତ୍ର, ରାଜସ୍ୱ ଡାକ ବଙ୍ଗଳା ନିର୍ମାଣ, ଜମିଜମା କ୍ରୟ ବିକ୍ରୟର ପୁଙ୍ଖାନୁପୁଙ୍ଖ ସମୀକ୍ଷା ତଥା ତ୍ୱରିତ ପଦକ୍ଷେପ ନେବା ନିମନ୍ତେ ସମସ୍ତ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମନ୍ତେ ସାରିକାମ ଗ୍ରାମକୁ ଯାଇ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ତହସିଲଦାର ଚନ୍ଦ୍ରପୁର ଶ୍ରୀ ସୁନୀଲ କୁମାର ପ୍ରଧାନ, ସ୍ଥାନୀୟ ସରପଞ୍ଚ, ପ୍ରଦାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମଚାରୀ,ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସାର ଗୋଦାମଗୁଡ଼ିକର ଷ୍ଟକ୍ ଯାଞ୍ଚ କଲେ ଜିଲ୍ଲାପାଳ



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଉମରକୋଟ ଗସ୍ତରେ ଆସିଥିବା ଅବସର ରେ ଉମରକୋଟ ଲ୍ୟାମ୍ପ, ଅଧିକାରୀଗୁଡା ଠାରେ ଥିବା ଜିତ ଫର୍ଟିଲାଇଜର, ଉମରକୋଟ ସହର ନିକଟସ୍ଥ ଦାଡ଼ିଗୁଡା ଠାରେ ଥିବା ସିଦ୍ଧି ବିନାୟକ ଟ୍ରେଡର୍ସର ଗୋଦାମ ଗୁଡ଼ିକରେ ପଶି ଅଚାନକ ସାରର ଷ୍ଟକ୍ ଯାଞ୍ଚ କରିବା ସହ ସମସ୍ତ କାଗଜ ପତ୍ର ଓ ରେଜିଷ୍ଟର ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଜିଲ୍ଲାପାଳ କୌଣସି ତ୍ରୁଟି ପରିଲକ୍ଷିତ କରିନଥିଲେ । ନବରଙ୍ଗପୁର ଜିଲ୍ଲାର ଉମରକୋଟ ଏକ ପ୍ରଧାନ କୃଷି ଅଞ୍ଚଳ ହେଇଥିବାବେଳେ ପ୍ରତି ବର୍ଷ ଚାଷୀ ମାନେ ଠିକ ସମୟରେ ୟୁରିଆ ଓ ବିଭିନ୍ନ ସାର ପାଇ ପାରୁନଥିବା ବେଳେ ଅନେକ ସମୟରେ ରାସ୍ତାରୋକ ମଧ୍ୟ କରୁଥିବ। ଦେଖିବାକୁ ମିଳୁଛି। ଏପରି କି କଳାବେପାରୀ ମାନେ ଚଢ଼ାଦରରେ ସାର ବିକ୍ରି କରୁଥିବା ଓ ଛତିଶଗଡ ରାଜ୍ୟରୁ ସାର ଅଣି ଚଢ଼ା ଦରରେ ଚାଷୀମାନଙ୍କୁ ବିକ୍ରୀ କରି ଚାଷୀମାନଙ୍କୁ ଶୋଷଣ କରୁଥିବା ଜିଲ୍ଲାପାଳ ଅବଗତ ଥିଲେ। ଉମରକୋଟ ଅଞ୍ଚଳରେ ସାର ଅଭାବ ରହିଥିଲା ବର୍ତ୍ତମାନ ପର୍ଯ୍ୟାପ୍ତ ପରିମାଣର ସାର ଉମରକୋଟକୁ ଯୋଗାଇ ଦିଆଯାଇଛି। ଚାଷୀ ବ୍ୟସ୍ତ ବିବ୍ରତ ନ ହୋଇ ଲ୍ୟାମ୍ପ ଓ ଡିଲରଙ୍କ ପାଖରୁ ସାର ନେଇ ପାରିବେ । କଳାବଜାରୀ ରୋକିବାକୁ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏହି ଅବସରରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ସହ ଉମରକୋଟ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ନାୟକ, ରାଇଘର ବ୍ଲକ କୃଷି ଅଧିକାରୀ ରଶ୍ମି କାନ୍ତ ସାହୁ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ନିହାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କର ଆଜିର ଏହି ପଦକ୍ଷେପ ପରେ ସାର କଳା ବେପାରୀ ଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହେଇଛି।

## ମହୁଲି ମଦ ସହ ବାଇକ୍ ଜବତ; ୨ ଗିରଫ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ଅବକାରୀ ଅଧିକ୍ଷଙ୍କ ନିର୍ଦ୍ଦେଶକ୍ରମେ ମୋହନା ଅବକାରୀ ବିଭାଗକୁ ମିଳିଛି ସଫଳତା । ଦୀର୍ଘ ଦିନ ଧରି ମୋହନା ବ୍ଲକର ବିଭିନ୍ନ ଅଞ୍ଚଳର ଲୁଚାଛପାରେ ଚାଲିଛି ଅବାଧ ଦେଶୀ ମହୁଲି କାରବାର । ଅବକାରୀ ବିଭାଗର ତତ୍ପରତା ଯୋଗୁଁ କିଛି ଦିନ ହେଲା ମାଫିଆଙ୍କ ନିଦ ହଜିଯାଇଛି। ଆଜି ଅବକାରୀ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଦଣ୍ଡ ଶବର ,ଏଏସଆଇ ଜିମୁତ ବେହେରା ଓ କର୍ମଚାରୀମାନେ ବିଶେଷ ସୂତ୍ରରୁ ଖବର ପାଇ ଅଡ଼ବା ଥାନା ଅନ୍ତର୍ଗତ ମାଣ୍ଡିମେରା ଗ୍ରାମ ନିକଟରେ ବହି ଯାଉଥିବା ଏକ ନାଳ ନିକଟରୁ ୨୭୦ ଲିଟର ରନ୍ଧା ମହୁଲି ମଦ ଜବତ କରିବା ସହ ୨ହଜାର ଲିଟର ପୋଚ଼ ନଷ୍ଟ ଓ ବ୍ୟବହାର ଉପଯୋଗୀ ସାମଗ୍ରୀ ଗୁଡ଼ିକୁ ଭାଙ୍ଗି ନଷ୍ଟ କରିଛନ୍ତି। ସେହିପରି ମୋହନା ଥାନା ଅନ୍ତର୍ଗତ ଜିରାଙ୍ଗ ପଞ୍ଚାୟତ ଅଧିନ ଶଗଡ଼ା ଗ୍ରାମର ମନୁ ଶବର ନିଜ ବାଇକ ନଂ ଓଡ଼ି୦୭ଏଫ୍୮୦୯୫ ଯୋଗେ ନିଜ ଗ୍ରାମରୁ ମହେନ୍ଦ୍ରଗଡ଼ ଗ୍ରାମ ଅଭିମୁଖେ ଯିବା ସମୟରେ ଅବକାରୀ ବିଭାଗ କର୍ମଚାରୀ ତାଙ୍କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିବା ବେଳେ ତାଙ୍କଠାରୁ ୨୮ ଲିଟର ରନ୍ଧା ମହୁଲି ମଦ ଓ ବାଇକକୁ ଜବତ କରିବା ସହ ତାଙ୍କୁ ଗିରଫ କରିଥିଲେ। ସେହିଭଳି ଅଡ଼ବା ଥାନା ଅଞ୍ଚଳର ଭୀମା ପ୍ରଧାନୀ ନିଜ ସାଇକେଲରେ ଏକ ପ୍ଲାଷ୍ଟିକ ବ୍ୟାରେଲରେ ୨୪ ଲିଟର ରନ୍ଧା ମହୁଲି ମଦ ନେଇ ରାଇପଙ୍କା ରାସ୍ତାରେ ଯିବା ସମୟରେ ଅବକାରୀ କର୍ମଚାରୀ ତାଙ୍କୁ କାବୁ କରି ମଦ ଓ ସାଇକେଲ ଜବତ କରିଛନ୍ତି।

# ଷଷ୍ଠତମ ଜିଲ୍ଲାପରିଷଦର ଅଷ୍ଟମ ସାଧାରଣ ବୈଠକ



ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଷଷ୍ଠତମ ଜିଲ୍ଲାପରିଷଦର ଅଷ୍ଟମ ସାଧାରଣ ବୈଠକ ଅଧ୍ୟକ୍ଷ ମୋତିରାମ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ( ଲୋକସଭା) ବଳଭଦ୍ର ମାଝି, ସାଂସଦ ( ରାଜ୍ୟସଭା) ମୁଜିବୁଲ୍ଲା ଖାଁ, ବିଧାୟକ ଡ଼ାବୁଗାଁ ମନୋହର ରାନ୍ଧାରୀ, ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ବିଧାୟକ ଝରି ଗାଁ ନରସିଂହ ଭତ୍ରା, ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଲିପିକା ବାରୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ସମସ୍ତ ଜନ ପ୍ରତିନିଧି, ସଭ୍ୟ ଓ ଅଧିକାରୀମାନଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ପରିଷଦ ବୈଠକରେ ସଫଳ ଆଲୋଚନା ଉପରେ ବିଶେଷ କହିଥିଲେ। ବୈଠକ ରେ ନବରଙ୍ଗପୁର ଜିଲ୍ଲାର ୨୬ ଜଣ ଜିଲ୍ଲାପରିଷଦ ସଭ୍ୟ ଓ ୧୦ ଜଣ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯୋଗଦେଇ ନିଜ ଅଞ୍ଚଳରେ ବିଭିନ୍ନ ସମସ୍ୟା ଓ ଅସୁବିଧା, ଉନ୍ନତିମୂଳକ କାର୍ଯ୍ୟର ତଥ୍ୟ, ଅଭିଯୋଗ ଉପରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ ପଚାରିଥିଲେ। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଦ୍ୟାଳୟ ଓ ଗଣଶିକ୍ଷା, କୃଷି, ମହିଳା ଓ ଶିଶୁ ବିକାଶ, ଗ୍ରାମ୍ୟ ନିର୍ମାଣ, ଅନୁସୂଚିତ ଜାତି ଓ ଜନଜାତି, ଅବକାରୀ, ବିଦ୍ୟୁତ, ଜିଲ୍ଲା ସାମାଜିକ ସୁରକ୍ଷା ଇତ୍ୟାଦି ବିଭାଗର ଅଧିକାରୀ ଜନ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ସୂଚନା ଅନୁସାରେ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିରାମୟ ଯୋଜନାରେ ସମସ୍ତ ଔଷଧ ବିନା ମୂଲ୍ୟରେ ଯୋଗାଇ ଦିଆଯାଉଛି। ଏହା ସହିତ ୪୦ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୧୬୯ଟି ଉପସ୍ୱାସ୍ଥ୍ୟ କେନ୍ଦ୍ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ରେ ପ୍ରତ୍ୟେକ ମାସରେ ଆୟୁଷ୍ମାନ ସ୍ୱାସ୍ଥ୍ୟ ଆରୋଗ୍ୟ ଶିବିର ଆୟୋଜନ କରାଯାଉଛି। ବିଧାୟକ ଡ଼ାବୁଗାଁ ମନୋହର ରାନ୍ଧାରୀ ପ୍ରତ୍ୟେକ ବ୍ୟକ୍ତି ଯେଭଳି ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ପାଇପାରିବେ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ଶୀଘ୍ର ଅବଧି ସମାପ୍ତି ହେଉଥିବା ଔଷଧ ଯୋଗାଣ ନ ହେଉ ତାହା ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କହିଥିଲେ। ଜିଲ୍ଲାପରିଷଦ ସଭ୍ୟ ବିଭିନ୍ନ ଗ୍ରାମରେ ନଳକୂପ ମରାମତି ଠିକ୍ ସମୟରେ ହେଉନାହିଁ ଏବଂ ଘରକୁ ଘର ପାଇପ ଲାଇନ୍ ବ୍ୟବସ୍ଥା ଉପରେ ବିଶେଷ ଦୃଷ୍ଟି ଦେବାକୁ କହିଥିଲେ। ଖାଦ୍ୟ ଯୋଗାଣ ବିଭାଗର ତଥ୍ୟ ଅନୁସାରେ ଜିଲ୍ଲାରେ ୩,୧୪,୯୩୬ ରାସନ୍ କାର୍ଡ ୧୦୪୯୭୭୯ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ରେ ଅନ୍ତର୍ଭୂକ୍ତ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ତଥ୍ୟ ଅନୁଯାୟୀ ଜିଲ୍ଲାରେ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ୧୯୬୫ ଟି ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ସ୍ଥାପିତ ହୋଇଛି। ବିଧାୟକ ଡ଼ାବୁଗାଁ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କୁ ପୋଷାକ ପ୍ରସ୍ତୁତ ଓ ଯୋଗାଣ, ଗୁଣବତ୍ତା ଓ ଦୁର୍ନୀତି ଉପରେ ଅଭିଯୋଗ କରି ଏହାର ତଦନ୍ତ କରି ବାକୁ ଶିକ୍ଷା ଅଧିକାରୀଙ୍କୁ କହିଥିଲେ। ମକା ଚାଷରେ ଅତ୍ୟଧିକ ସାରର ପ୍ରୟୋଗ ଉପରେ ସାଂସଦ ବଳଭଦ୍ର ମାଝି ପଞ୍ଜୀକୃତ ଚାଷୀଙ୍କ ସମୁଦାୟ ଚାଷଜମିକୁ ରେକର୍ଡ ଭୁକ୍ତ କରି ଏହି ଅନୁଯାୟୀ ସାର ଯୋଗାଣ, ପ୍ରାଧିକୃତ ବ୍ୟବସାୟୀଙ୍କୁ ଛାଡି ବେଆଇନ ସାର ଗଚ୍ଛିତ ଓ ବିକ୍ରୟ କେନ୍ଦ୍ରମାନଙ୍କରେ ଧରପଗଡ କରିବାକୁ ମୁଖ୍ୟ କୃଷି ଅଧିକାରୀଙ୍କୁ କହିଥିଲେ। ସମବାୟ ବିଭାଗ ଦ୍ୱାରା ଜିଲ୍ଲାରେ ୩୦.୮.୨୦୨୫ ସୁଦ୍ଧା ୯୭୩୩୫ ଜଣଙ୍କୁ କିଷାନ କାର୍ଡ ବିତରଣ କରାଯାଇଛି ।ଜିଲ୍ଲା ପରିଷଦ ସଭ୍ୟ ଲ୍ୟାମ୍ପସ୍‌ରେ ସାର ଯୋଗାଣରେ ଦୁର୍ନୀତି ରୋକିବାକୁ ପ୍ରଶାସନକୁ ଅନୁରୋଧ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତଥ୍ୟ ଅନୁସାରେ ମୋଟ ୫୦୮୦୧ ଜଣ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା,୧୭୧୩୦ ଜଣ ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା,୨୬୫୩ ଜଣ ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ଏବଂ ମଧୁବାବୁ ପେନସନ ଯୋଜନା ୮୮୪୮୪ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ବିଦ୍ୟୁତ୍ ବିଭାଗ ତଥ୍ୟ ଅନୁସାରେ ଜିଲ୍ଲାରେ ବିଜୁ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନାରେ ୮୭୨ ଟି ଗ୍ରାମ ବିଦ୍ୟୁତିକରଣ କରାଯାଇଛି।

# ଗଣେଶ ବିସର୍ଜନରେ ଯୋଗଦେଲେ ମନ୍ତ୍ରୀ



ନନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍): ନନ୍ଦାହାଣ୍ଡି ବ୍ଲକ ଧଣ୍ଡରା ପଞ୍ଚାୟତ ଅନ୍ତର୍ଗତ ନରସିଂହଗୁଡ଼ାର ଗଣେଶ ବିସର୍ଜନ ଉତ୍ସବରେ ଓଡ଼ିଶାର ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସାମିଲ ହୋଇଥିଲେ । ସାଥିରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମଧ୍ୟ ଉପସ୍ଥିତ ରହିଥିଲେ। ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ଉଭୟ ମନ୍ତ୍ରୀ ଓ ବିଧାୟକ ଉତ୍ସବରେ ଯୋଗ ଦେଇଥିଲେ । ଏତଦ୍ ବ୍ୟତୀତ ବିଜେପି ଡଙ୍ଗରଭେଜା ମଣ୍ଡଳ ସଭାପତି ଭାବଗ୍ରାହୀ ନେନ୍ୟା ସମେତ ଅନେକ କାର୍ଯ୍ୟକର୍ତ୍ତା ରହିଥିଲେ । ମନ୍ତ୍ରୀ ଶ୍ରୀ ଗଣ୍ଡ ଓ ବିଧାୟକ ଶ୍ରୀ ମାଝୀ ଶ୍ରୀଗଣେଶଙ୍କ ବିଗ୍ରହ ଦର୍ଶନ କରିବା ସହ ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରିଥିବା କହିଥିଲେ। ଏହା ସହିତ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଅନୁରୋଧ କରିଥିଲେ । ବିସର୍ଜନ ଉତ୍ସବରେ ଯୋଗ ଦେଇଥିବାରୁ ପୂଜା କମିଟି ଓ ଗ୍ରାମବାସୀ ମନ୍ତ୍ରୀ ଓ ବିଧାୟକଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଜିଲ୍ଲା ସଭାପତି ଓ ବ୍ଲକ ସଭାପତି ଚୟନ ପାଇଁ ବୈଠକ



ପାପଡାହାଣ୍ଡି (ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ଏବଂ ପାପଡାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ଚୟନ ନିମନ୍ତେ ବୁଧବାର ପାପଡାହାଣ୍ଡି ସ୍ଥିତ କେର୍ଲା ହୋଟେଲଠାରେ ପାପଡାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ତଥା ଜିଲ୍ଲା କଂଗ୍ରେସ ସଭାପତି ଦୌଡରେ ଥିବା ଶ୍ରୀକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ବ୍ଲକ ସଭାପତି ଏବଂ ଜିଲ୍ଲା ସଭାପତି ଚୟନ ପାଇଁ ଏକ ଦଳୀୟ ବୈଠକ ରେ ଦଳର ବରିଷ୍ଠ କର୍ମୀମାନଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ଏଥିରେ ଏଆଇସିସି ପର୍ଯ୍ୟବେକ୍ଷକ ତଥା ତେଲେଙ୍ଗାନା ପିସିସି କାର୍ଯ୍ୟକାରୀ ସଭାପତି ଜେଟି କୁସୁମ କୁମାର, ପିସିସି ପର୍ଯ୍ୟବେକ୍ଷକ କୃଷ୍ଣଚନ୍ଦ୍ର କୁଲଦୀପ, କଳାହାଣ୍ଡିର ବରିଷ୍ଠ ନେତା ପୁରୁଷୋତ୍ତମ ଗୁପ୍ତା, କଳାହାଣ୍ଡି ସାଂସଦ ପ୍ରାର୍ଥୀନୀ ଦ୍ରୌପଦୀ ମାଝୀ ପ୍ରାର୍ଥି ଚୟନ ନିମନ୍ତେ ପାପଡାହାଣ୍ଡି ର ବରିଷ୍ଠ ଦଳୀୟ କର୍ମୀମାନଙ୍କ ମତାମତ ଗ୍ରହଣ କରିଥିଲେ, ପାପଡାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ପାଇଁ ସେକ ୱାଜିର ହୁସେନ ଜଣେ ମାତ୍ର ପ୍ରାର୍ଥୀ ଆବେଦନ କରିଛନ୍ତି।

## ଟ୍ରେନ୍ ଧକ୍କାରେ ଜଙ୍ଗଲୀ ହାତୀ ଗୁରୁତର

ବାମରା(ଭାସ୍କର ନ୍ୟୁଜ୍): ଚକ୍ରଧରପୁର ଡିଭିଜନ ଅନ୍ତର୍ଗତ ସୋନାଖାନ-ସଗରା ରେଳ ଷ୍ଟେସନ ଅପ୍ ଲାଇନ ଖମ୍ବ ସଂଖ୍ୟା ୪୫୩/୨୩/୨୫ ନିକଟରେ ଟ୍ରେନ ଧକ୍କାରେ ଏକ ଜଙ୍ଗଲୀ ହାତୀ ଗୁରୁତର ଅବସ୍ଥାରେ ରେଳ ଧାରଣାରେ ପଡ଼ି ରହିଥିବା ଜଣାପଡିଛି। ଉକ୍ତ ସ୍ଥାନଟି ବାମରା ବନ୍ୟପ୍ରାଣୀ ବନଖଣ୍ଡ ଓ ବଣେଇ ବନଖଣ୍ଡର ସୀମାବର୍ତ୍ତୀ ହୋଇଥିବା ଜଣାପଡିଛି। ସୂତ୍ରରୁ ଖବର ଯେ ଘଟଣା ସ୍ଥଳଟି ବଣେଇ ବନଖଣ୍ଡ ଅଟେ। ବାମରା ବନ୍ୟପ୍ରାଣୀ ବନଖଣ୍ଡ କାର୍ଯ୍ୟାଳୟର ଅଧିକାରୀମାନେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ବଣେଇ ବନଖଣ୍ଡର ଅଧିକାରୀ ମାନେ ମଧ୍ୟ ଉକ୍ତ ସ୍ଥାନରେ ପହଞ୍ଚି ଆହତ ହାତୀର ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।



ଜଳେଶ୍ୱର(ଭାସ୍କର ନ୍ୟୁଜ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ହାତୀଗର୍ଡ଼ ଅଞ୍ଚଳର ସ୍ୱର୍ଗତ କୁନୁ ସୋରେନଙ୍କ ପୁତ୍ର ଚୈତନ୍ୟ ସୋରେନ ବୟସ ୫୭ ବର୍ଷ, ବହୁ ଦିନ ଧରି ଜଳେଶ୍ୱର ଷ୍ଟେସନରେ ରହି ଆସୁଥିଲେ। ପିଲା ଦିନରୁ ତାଙ୍କର ଗୋଡ଼ ପୋଡ଼ି ଯାଇ ଥିବାରୁ ସେ ଠିକ ଭାବେ ଚାଲି ପାରନ୍ତି ନାହିଁ। ଦୁଇ ଆଖିକୁ ମଧ ସମ୍ପୂର୍ଣ ଦେଖା ଯାଏ ନାହିଁ। ସ୍ତ୍ରୀର ମୃତ୍ୟୁ ପରେ ଚୈତନ୍ୟ ଏଠି ସେଠି ହନ୍ତସନ୍ତ ହୋଇ ଜଳେଶ୍ୱର ବଡ଼ ବଜାର ପୋଲ ଉପରେ, ଖୋଲା ଆକାଶ ଛତା ତଳେ ଖରା ବର୍ଷା ସହି ରହି ଆସୁଥିଲେ। ଏହା ଦେଖି ଜଳେଶ୍ୱରର ଅଗ୍ରଣୀ ସେଚ୍ଛାସେବୀ ସଙ୍ଗଠନ ଭୋଳା ଭଣ୍ଡାରୀ ଅନ୍ନଦାତା ପରିବାର ଜଳେଶ୍ୱରର ଉପଦେଷ୍ଟା କହ୍ନେୟା ଲାଲ ଜାଜୁ, ଉପ ସଭାପତି ଗିରିଜା ଶଙ୍କର ଦାସ, ଉଦ୍ୟୋକ୍ତା ମଣ୍ଟୁ ଚରଣ ରଣା, ବିଶ୍ୱରଞ୍ଜନ ଦାସ, ସୁଜୟ କୁମାର ଦାସ, ସ୍ୱରୂପ କୁମାର ଦାସ, ଭୂପତି ଭୋଇ, ସଂଯୁକ୍ତା ଭୋଇ, ଗୀତାରାଣୀ ଘୋଷ, ଶୁଭଦ୍ରା ବେହେରା, ସସ୍ମିତା ଦାସ, ଲାଲୀ ଦିଦି ପ୍ରମୁଖ କର୍ମକର୍ତ୍ତାଙ୍କ ସହ ହରିଶଙ୍କର ପଣ୍ଡା ପ୍ରମୁଖ ଏହା ଦେଖି ସହି ନ ପାରି ତାଙ୍କର ରହିବା ପାଇଁ ଜିଆଇ ଏବଂ ପାଲ ଦ୍ୱାରା ଏକ କୁଡ଼ିଆ ନିର୍ମାଣ କରିଛନ୍ତି। ସଂଗଠନର ଏପରି କାର୍ଯ୍ୟକୁ ଜଳେଶ୍ୱରର ବୁଦ୍ଧିଜୀବି ମାନେ ପ୍ରଶଂସା କରିଛନ୍ତି।

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଦିଲ୍ଲୀ ସଚିବାଳୟ...

ପ୍ରଶାସନ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଛି। ଦିଲ୍ଲୀର ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା ଗୁରୁବାର କହିଛନ୍ତି ଯେ, 'ଆମେ ସମସ୍ତ ପ୍ରସ୍ତୁତି କରିଛୁ ଓ ଯମୁନାର ଜଳସ୍ତର ଉପରେ ନଜର ରଖିଛୁ। ଅନେକ ବର୍ଷ ପରେ ଏତେ ପାଣି ଆସିଛି, ଲୁହା ପୋଲ୍ ପର୍ଯ୍ୟନ୍ତ ପାଣି ପହଞ୍ଚିଯାଇଛି।' ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଓ ବନ୍ୟା ନିୟନ୍ତ୍ରଣ ଓ ଜଳସେଚନ ମନ୍ତ୍ରୀ ପ୍ରବେଶ ସାହିବ ସିଂହ ଏହାର ସମୀକ୍ଷା ଜାରି ରଖିଛନ୍ତି। ହଥିନୀକୁଣ୍ଡରୁ ଛଡ଼ାଯାଉଥିବା ପାଣି ବିଷୟରେ ମୁଖ୍ୟମନ୍ତ୍ରୀ ହରିୟାଣାର ମୁଖ୍ୟମନ୍ତ୍ରୀଙ୍କ ସହିତ ମଧ କଥାହୋଇଛନ୍ତି। ସେ କହିଛନ୍ତି ଯଦି ବୃଷ୍ଟି ବନ୍ଦ ହୋଇଯାଏ ଓ ବର୍ଷାର ପାଣି ଜଳଗ୍ରହଣ କ୍ଷେତ୍ରକୁ ନ ପହଞ୍ଚେ, ତେବେ ପରିସ୍ଥିତି ନିୟନ୍ତ୍ରଣରେ ରହିଛି ଓ ନିୟନ୍ତ୍ରଣରେ ମଧ ରହିବ ।

## ଉପକୃତ ହେବେ...

କରିବା ସହ ଏହା କୃଷି ଉତ୍ପାଦନ ଲାଗି ହେଉଥିବା ଖର୍ଚ୍ଚକୁ ମଧ୍ୟ କମାଇବ। ଏହା ଗ୍ରାମୀଣ ଲୋକଙ୍କ ଆୟ ବୃଦ୍ଧି କରିବା ସହ ଜାତୀୟ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବ। ଅନେକ ଜୀବନରକ୍ଷାକାରୀ ଔଷଧ ଉପରେ କର ହ୍ରାସ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ପରିବାରଙ୍କ ଉପଯୁକ୍ତ ଚିକିତ୍ସାରେ ସହାୟକ ହେବ। ସେହିପରି ସିମେଣ୍ଟ ଉପରେ ଜିଏସ୍‌ଟି ହାର ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ ନିର୍ମାଣ ଶିଳ୍ପ ଓ ସାଧାରଣ ଲୋକଙ୍କ ପାଇଁ ଏକ ବଡ଼ ମାଇଲଖୁଣ୍ଟ ହେବ। ଔଷଧ, ଦୁଗ୍ଧଜାତ ଦ୍ରବ୍ୟ, ପ୍ରକ୍ରିୟାକୃତ ଖାଦ୍ୟ ସହିତ ସାଧାରଣ ଲୋକେ ବ୍ୟବହାର କରୁଥିବା ଅନ୍ୟ ପ୍ରାୟ ୧୫୦ରୁ ଅଧିକ ସାମଗ୍ରୀ ଯଥା ୨୫୦୦ ଟଙ୍କାରୁ କମ୍ ମୂଲ୍ୟର ବସ୍ତ୍ର ସାମଗ୍ରୀ, ଜୋତା, ସଂରକ୍ଷିତ କରାଯାଇଥିବା ମାଛ, ମାଂସ, ଚିଙ୍ଗୁଡ଼ି, କଙ୍କଡ଼ା, ଛତୁ, ଜାମଜେଲି, ଫଳରସ, ଭୁଜିଆ, ମିକ୍ସଚର, ମଧୁମେହ ରୋଗୀଙ୍କ ଖାଦ୍ୟ, ଗାଲିଚା, ଟୁଥପେଷ୍ଟ, ଟିଭି, ସିଲେଇ ମେସିନ, କେଶତୈଳ ଆଦି ଉପରୁ କର ହ୍ରାସ କରାଯାଇଛି।



ନୂଆଦିଲ୍ଲୀରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ଉଭୟଙ୍କ ମଧ୍ୟରେ ଓଡ଼ିଶା ବିକାଶ ପରିଯୋଜନା, ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଦୃଷ୍ଟିକୋଣ ନେଇ ଆଲୋଚନା ହୋଇଥିଲା।

**AVANSE FINANCIAL SERVICES** ASPIRE WITHOUT BOUNDARIES

**ଆଭାନ୍ସ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍**
ପଞ୍ଜିକୃତ କାର୍ଯ୍ୟାଳୟ: ଟାଇମ୍ସ ସ୍କୋୟାର ବିଲଡିଂ, ଇ-ୱିଙ୍ଗ, ଚତୁର୍ଥ ମହଲା, ମିତ୍ତଲ ଶିଳ୍ପ ଇଷ୍ଟେଟ୍ ସାମ୍ନାରେ ଗାମଦେବୀ ଅନ୍ଧେରୀ-କୁର୍ଲା ରୋଡ୍, ମାରୋଲ, ଅନ୍ଧେରୀ ପୂର୍ବ ମୁମ୍ବାଇ ୪୦୦୦୫୯ ମହାରାଷ୍ଟ୍ର
କୋଲକାତା ଶାଖା କାର୍ଯ୍ୟାଳୟ:୪୪, ମଦର ଟେରେସା ସରଣୀ, ଦ୍ୱିତୀୟ ମହଲା, ସାକେତ ବିଲଡିଂ କୋଲକାତା - ୭୦୦୦୧୬

### ପରିଶିଷ୍ଟ-IV [ନିୟମ ୮(୧)] ଅଧିକାର ନୋଟିସ (ଅସ୍ଥାବର ସମ୍ପତ୍ତି ପାଇଁ)

ଯେତେବେଳେ,
ଆଭାନ୍ସ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡର ପ୍ରାଧିକରଣ ଅଧିକାରୀ ଭାବରେ ନିମ୍ନ ସ୍ୱାକ୍ଷରିତ, ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ ଆଇନ, ୨୦୦୨ ('ସେଡ୍ ସେଡ୍ ଆଇନ') ଅନୁଯାୟୀ ଏବଂ ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ ('ସେଡ୍ ନିୟମ')ର ନିୟମ ୩ ସହିତ ପଠିତ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି ୨୩ ତାରିଖରେ ଏକ ଦାବି ନୋଟିସ ଜାରି କରିଛନ୍ତି। ଏପ୍ରିଲ, ୨୦୨୫ ରେ ଋଣ ଆକାଉଣ୍ଟ ନମ୍ବର କଙଖରର୦୦୨୭୮୫୭୮ ('ଋଣ ଆକାଉଣ୍ଟ') ରେ ଋଣଗ୍ରହୀତା / ସହ-ଋଣଗ୍ରହୀତା / ଗ୍ୟାରେଣ୍ଟର / ବନ୍ଧକଦାତାମାନଙ୍କୁ ଯଥାକ୍ରମେ, ୧. ଶ୍ରୀଯୁକ୍ତ ପ୍ରତୀକ ଅଗ୍ରୱାଲ, ୨. ଶ୍ରୀଯୁକ୍ତ ଆମ୍ବା ସିଂହ, ୩. ସ୍ୱର୍ଗତ ସୁମନ ପ୍ରୀତ କୌର ତାଙ୍କ ଆଇନଗତ ଉତ୍ତରାଧିକାରୀ ୪. ଶ୍ରୀଯୁକ୍ତ ଜ୍ୟୋତି ଅଗ୍ରୱାଲ (ସାମୁହିକ ଭାବରେ 'ଋଣଗ୍ରହୀତା' ଭାବରେ ଜଣାଶୁଣା) ମାଧ୍ୟମରେ ୨୩ ଏପ୍ରିଲ, ୨୦୨୫ ପର୍ଯ୍ୟନ୍ତ ବକେୟା ଥିବା ଉପରୋକ୍ତ ଦାବି ନୋଟିସରେ ଉଲ୍ଲେଖିତ ରାଶି (ନିମ୍ନରେ ଦିଆଯାଇଥିବା ସାରଣୀରେ ବିସ୍ତୃତ ବିବରଣୀ) ପରିଶୋଧ କରିବାକୁ ଯାହା ୨୩ ଏପ୍ରିଲ, ୨୦୨୫ ପର୍ଯ୍ୟନ୍ତ ଆଦାୟ ହୋଇଥିବା ସୁଧ ଏବଂ ଆନୁଷଙ୍ଗିକ ଖର୍ଚ୍ଚ, ମୂଲ୍ୟ, ଚାର୍ଜ ଇତ୍ୟାଦି ସହିତ ଅତିରିକ୍ତ ସୁଧ ସହିତ, ଚୂଡ଼ାନ୍ତ ଦେୟ ଏବଂ/ଅଥବା ଆଦାୟ ତାରିଖ ପର୍ଯ୍ୟନ୍ତ ଉକ୍ତ ନୋଟିସ୍ ପ୍ରାପ୍ତି ତାରିଖରୁ ୬୦ ଦିନ ମଧ୍ୟରେ ପରିଶୋଧ କରିବାରେ ବିଫଳ ହୋଇଛନ୍ତି :
ଉପରୋକ୍ତ ଋଣଗ୍ରହୀତା ଉପରୋକ୍ତ ରାଶି ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟର/ବନ୍ଧକଦାତା ଏବଂ ସାଧାରଣ ଜନତାଙ୍କୁ ଏତଦ୍ୱାରା ସୂଚନା ଦିଆଯାଉଛି ଯେ ନିମ୍ନସ୍ୱାକ୍ଷରକାରୀ ଏହି ୦୨ ଡିସେମ୍ବର ୨୦୨୩ ରେ ଉକ୍ତ ନିୟମର ନିୟମ ୮ ସହିତ ପଠିତ ଆଇନର ଧାରା ୧୩ (୪) ଅନୁଯାୟୀ ତାଙ୍କୁ ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି ଏଠାରେ ସୂଚୀ ('ସ୍ଥାବର ସମ୍ପତ୍ତି')ରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିର ଭୌତିକ ଅଧିକାର ଗ୍ରହଣ କରିଛନ୍ତି।

| ଋଣଗ୍ରହୀତା/ ସହ-ଋଣଗ୍ରହୀତା/ ବନ୍ଧକଦାତା | ଋଣ ଆକାଉଣ୍ଟ ନମ୍ବର | ଡିମାଣ୍ଡ ନୋଟିସ ତାରିଖ | ୨୩ ଏପ୍ରିଲ, ୨୦୨୫ ପର୍ଯ୍ୟନ୍ତ ବକେୟା ରାଶି |
|---|---|---|---|
| ୧. ଶ୍ରୀଯୁକ୍ତ ପ୍ରତୀକ ଅଗ୍ରୱାଲ, ୨. ଶ୍ରୀଯୁକ୍ତ ଆମ୍ବା ସିଂହ, ୩. ସ୍ୱର୍ଗତ ଶ୍ରୀମତୀ ସୁମନ ପ୍ରୀତ କୌର ତାଙ୍କ ଆଇନଗତ ଉତ୍ତରାଧିକାରୀଙ୍କ ମାଧ୍ୟମରେ ୪. ଶ୍ରୀମତୀ ଜ୍ୟୋତି ଅଗ୍ରୱାଲ | କେଓଏଲ୍‌ଇଇ୦୦୨୭୮୫୭୮ | ୨୩ ଏପ୍ରିଲ, ୨୦୨୫ | ଟ.୩୧,୧୫,୯୯୭/- (ଟଙ୍କା ଏକତିରିଶ ଲକ୍ଷ ପନ୍ଦର ହଜାର ନଅ ଶହ ସତାନବେ) |

ବିଶେଷକରି ଋଣଗ୍ରହୀତା/ ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟର/ ବନ୍ଧକଦାତାମାନଙ୍କୁ ଏବଂ ସାଧାରଣତଃ ଜନସାଧାରଣଙ୍କୁ ଉପରୋକ୍ତ ଅସ୍ଥାବର ସମ୍ପତ୍ତି ସହିତ କାରବାର ନକରିବାକୁ ସତର୍କ କରାଯାଉଛି ଏବଂ ଅସ୍ଥାବର ସମ୍ପତ୍ତି ସହିତ ଯେକୌଣସି କାରବାର ପାଇଁ ଆଭାନ୍ସ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍‌ର ଦେୟ ଲାଗୁ ହେବ, ଯାହା ୨୩ ଏପ୍ରିଲ, ୨୦୨୫ ପର୍ଯ୍ୟନ୍ତ ବକେୟା ଥିବା ମୋଟ ଟ.୩୧,୧୫,୯୯୭/- (ଟଙ୍କା ଏକତିରିଶ ଲକ୍ଷ ପନ୍ଦର ହଜାର ନଅ ଶହ ସତାନବେ କେବଳ) ଏବଂ ୨୩ ଏପ୍ରିଲ, ୨୦୨୫ ପର୍ଯ୍ୟନ୍ତ ଆଦାୟ ହୋଇଥିବା ସୁଧ ଏବଂ ଉପରୋକ୍ତ ଋଣ ଆକାଉଣ୍ଟରେ ଚୂଡ଼ାନ୍ତ ଦେୟ ଏବଂ/ଅଥବା ଆଦାୟ ତାରିଖ ପର୍ଯ୍ୟନ୍ତ ଅଧିକ ସୁଧ ଅନ୍ତର୍ଭୁକ୍ତ।
ଉପଲବ୍ଧ ସମୟ ଅନୁଯାୟୀ, ସୁରକ୍ଷିତ ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ଉକ୍ତ ଆଇନର ଧାରା ୧୩ (୮)ର ବ୍ୟବସ୍ଥା ପ୍ରତି 'ଋଣଗ୍ରହୀତା/ ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟର/ ବନ୍ଧକଦାତାଙ୍କ' ଦୃଷ୍ଟି ଆକର୍ଷଣ କରାଯାଉଛି।

**ଅସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

କାର୍ଯ୍ୟସୂଚୀ : ୟୁନିଟର ସମସ୍ତ ଅଂଶ ଏବଂ ଅଂଶ ପ୍ରାୟ ୧୧୮୦.୦୦ ବର୍ଗଫୁଟ ପରିମିତ, ଯେଉଁଥିରେ ସୁମନପ୍ରୀତ କୌରଙ୍କ ମାଲିକାନାରେ ଥିବା ଜମିରେ ନିର୍ମିତ ୩ ଶୟନ କକ୍ଷ, ୧ ରୋଷେଇ ଘର, ୩ ସ୍ନାନାଗାର, ୧ ଷ୍ଟୋର ରୁମ୍ ଅନ୍ତର୍ଭୁକ୍ତ, ଯାହାର କ୍ଷେତ୍ରଫଳ ପ୍ରାୟ ୪ ମାର୍ବଲ ୨୩୨ ବର୍ଗଫୁଟ (ଚାର ମାରି ଦୁଇ ଶହ ବତିଶ ବର୍ଗଫୁଟ) ପରିମିତ ୨୨X୬୦-୧୩୨୦ ବର୍ଗଫୁଟ। ପ୍ରତି ମାର୍ବଲର ମାପ ୨୭୨ ବର୍ଗଫୁଟ ସମାନ ଯାହା ପୂର୍ବ: ଅନ୍ୟାନ୍ୟ, ପଶ୍ଚିମ ଅନ୍ୟାନ୍ୟ, ଉତ୍ତର: ଅନ୍ୟାନ୍ୟ, ଦକ୍ଷିଣ : ରାସ୍ତା ୨୦ ଭାବରେ ସୀମାବଦ୍ଧ। ୨୦୧୮-୧୯ ବର୍ଷ ପାଇଁ ଜମାନବନ୍ଦୀ ଅନୁଯାୟୀ, ହାଡବଷ୍ଟ ନମ୍ବର ୨୩୧, ଖେୱାଟ/ ଖାଟୋନି ନମ୍ବର ୮୭/୧୧୭,୧୪୮/୨୦୦ ଖସରା ନମ୍ବର-୧୬//୧୪, ୧୬//୧୭,୧୬//୩, ଅଫିସର କଲୋନି, ସଫି ପିଣ୍ଡ, ତହସିଲ ଏବଂ ଜିଲ୍ଲା-ଜଳନ୍ଧର, ପଞ୍ଜାବ-୧୪୪୦୨୪ ଉପରେ ଅନ୍ତର୍ଭୁକ୍ତ।

ତାରିଖ: ୦୫/୦୯/୨୦୨୫
ସ୍ଥାନ: ଓଡ଼ିଶା

ସ୍ୱା/-ପ୍ରାଧିକରଣ ଅଧିକାରୀ,
ଆଭାନ୍ସ ଫାଇନାନ୍ସିଆଲ୍ ସର୍ଭିସେସ୍ ଲିମିଟେଡ୍ (ଆଭାନ୍ସ) ପାଇଁ

### AFFIDAVIT

By virtue of an affidavit sworn before Notary Public, Cuttack on dated 30.08.2025, I Dipa Sahoo, W/o- Parsuram Sahoo, resident of village-Pikol, Post- Bodamundai, Ps-Salipur Dist- Cuttack, declares that I have changed my name from Dipa Bhoi to Dipa Sahoo. Henceforth, I shall be known as Dipa Sahoo for all purposes.
Sd/- Dipa Sahoo

### AFFIDAVIT

By virtue of an affidavit SlNo.145 sworn before the Notary Public, Khordha on date 03.09.2025, I SK Imran Tarafdar, S/o- Shaikh Badruuddin Tarafdar,, resident of village/post-Kadab, Ps- Begunia, Dist-Khordha, declares that I have lost my B.Tech(Electrical) degree certificate which was issued from TITE College in the year 2015. Inspite of my best effort. I could not traceit out. This affidavit is to be produced before concerned authority for issue me a duplicate Degree Certificate in my favour for future purpose.
Sd/- SK Imran Tarafdar

Tele MANAS 14416


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆପଣଙ୍କ ସେବାରେ
ରାଷ୍ଟ୍ରୀୟ 'ଟେଲି ମାନସ' ସେବା ସହାୟତା
୧୪୪୧୬ କିମ୍ବା ୧୮୦୦-୮୯-୧୪୪୧୬ରେ ଯୋଗାଯୋଗ କରନ୍ତୁ

ଉପଲବ୍ଧ ପରାମର୍ଶ ସେବା
- ମାନସିକ, ସ୍ନାୟବିକ ଓ ନିଶାନିବାରଣ ସମ୍ବନ୍ଧୀୟ ସମସ୍ୟାର ସମାଧାନ ସମ୍ପର୍କିତ ପରାମର୍ଶ
- ମାନସିକ ରୋଗ ପ୍ରତିରୋଧ ସମ୍ବନ୍ଧୀୟ ପରାମର୍ଶ
- ଆତ୍ମହତ୍ୟାର ବିକଳ୍ପ ସମାଧାନ ଓ ନିରାକରଣ

ସୁସ୍ଥ ଓଡ଼ିଶା, ବିକଶିତ ଓଡ଼ିଶା
DSPL-247
OIPR 10003/13/0255/2526
ମହିଳା ସହାୟତା କେନ୍ଦ୍ର ୧୮୧ ଏବଂ
ଶିଶୁ ସହାୟତା ନିମନ୍ତେ ୧୦୯୮ ସହ ଯୋଗାଯୋଗ କରନ୍ତୁ।
facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

भारत सरकार
GOVERNMENT OF INDIA
सत्यमेव जयते

ଆତ୍ମନିର୍ଭର ଭାରତ ଗଠନ ପାଇଁ
ଯୁଗାନ୍ତକାରୀ ପଦକ୍ଷେପ
ନେକ୍ସଟ-ଜେନ ଜିଏସ୍‌ଟି:
୨ କର ସ୍ଲାବ୍ କ୍ରାନ୍ତି
ସରଳୀକୃତ ଅନୁପାଳନ ଏବଂ ବୃହତ ବୈଶ୍ୱିକ ପ୍ରତିସ୍ପର୍ଦ୍ଧାତ୍ମକତା


"ବିକଶିତ ଭାରତ ଗଠନ ପାଇଁ ନା ମୁଁ ରୋକିପାରିବି ନା ମୁଁ ବସିପାରିବି, ମୋର ପରିଶ୍ରମର ପରାକାଷ୍ଠା ଜାରି ରହିବ ଏବଂ ଆମେ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିପାରିବା।"
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ବ୍ୟବସାୟ ପାଇଁ ଲାଭ

ଦୁଇ ଦର ସଂରଚନା
ଜିଏସ୍‌ଟି ପ୍ରଣାଳୀ ଅନ୍ତର୍ଗତ ୯୯%ରୁ ଅଧିକ ସାମଗ୍ରୀ ଏବଂ ସେବା ଏବେ କର-ମୁକ୍ତ ଅଟେ, ଯାହା ନିମ୍ନ କରଶ୍ରେଣୀର ଅନ୍ତର୍ଗତ ଅଟେ
- ୫% ଜିଏସ୍‌ଟି ସ୍ଲାବ୍
- ୧୮% ଜିଏସ୍‌ଟି ସ୍ଲାବ୍
ଏହା ବର୍ଗୀକରଣକୁ ସରଳ କରିବା ଏବଂ ମାମଲାରେ ଉଲ୍ଲେଖନୀୟ ହ୍ରାସ ଆଣିବ

ପଞ୍ଜୀକରଣ
ଆବେଦନକାରୀଙ୍କ ପାଇଁ ୩ କାର୍ଯ୍ୟଦିବସ ମଧ୍ୟରେ ସ୍ୱୟଂଚାଳିତ ପଞ୍ଜୀକରଣ
- ତଥ୍ୟ ବିଶ୍ଳେଷଣ ଉପରେ ଆଧାର କରି ସିଷ୍ଟମ ଦ୍ୱାରା ଚିହ୍ନଟ
- ଯିଏ ନିର୍ଣ୍ଣୟ କରେ ଯେ ପ୍ରତି ମାସରେ ୨.୫ ଲକ୍ଷରୁ ଅଧିକ ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍ ପାସ୍ କରିବେ ନାହିଁ ଏବଂ ଯୋଜନାକୁ ବାଛିବେ
ଏହା ପ୍ରାୟ ୯୬% ଆବେଦନକାରୀଙ୍କୁ ଲାଭ ଦେବ

ଫେରସ୍ତ
ସିଷ୍ଟମ ଆଧାରିତ ବିପଦ ମୂଲ୍ୟାଙ୍କନ ମାଧ୍ୟମରେ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ସମସ୍ତ ରିଫଣ୍ଡର ବ୍ୟବସ୍ଥା ମଞ୍ଜୁର
- ଶୂନ୍ୟ ହାରରେ ଯୋଗାଣ
- ଇନର୍ଭର୍ଟେଡ୍ ଡ୍ୟୁଟି ଷ୍ଟ୍ରକ୍ଚର ସହିତ ଯୋଗାଣ
ଏହା ନଗଦ ପ୍ରବାହ ସୀମାକୁ କମ୍ କରିବ ଏବଂ ଭାରତର ଅର୍ଥନୀତିକୁ ସମୃଦ୍ଧ କରିବ

CBC- 15502/13/0007/2526
ଅନୁଶାସିତ ସଂଶୋଧିତ ଦର ଏବଂ ଅନ୍ୟ ସାମଗ୍ରୀ ତଥା ସେବାକର ପରିବର୍ତ୍ତନର ସଂପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ
@cbic_india @cbicindia @CBICINDIA @cbicindia @CBICIndia www.cbic.gov.in

ଓଡ଼ିଶା ଭାସ୍କର
ODISHA BHASKAR

# ଜାତୀୟ ଓ ଅନ୍ତର୍ଜାତୀୟ





ଶ୍ରୀନଗର: ଜମ୍ମୁରେ ବନ୍ୟା ପରିସ୍ଥିତି ଉପରେ ପିଡିପି ମୁଖ୍ୟ ମେହବୁବା ମୁଫତି କହିଛନ୍ତି ଯେ ଦିଲ୍ଲୀରେ ବର୍ତ୍ତମାନ ସରକାର ଆମର ପର୍ବତ, ଆମର ଜଙ୍ଗଲ, ଆମର ନଦୀଗୁଡ଼ିକୁ ଠିକାଦାରଙ୍କୁ ଦେଇଦେଇଛନ୍ତି । ବୈଷ୍ଣୋ ଦେବୀ ଏବଂ ଅନ୍ୟାନ୍ୟ ଧାର୍ମିକ ସ୍ଥଳଗୁଡ଼ିକ ଆଡ଼କୁ ଇଙ୍ଗିତ କରି ସେ କହିଛନ୍ତି ଯେ ଏହି ମନ୍ଦିରଗୁଡ଼ିକ ପୂଜା ପାଇଁ। ଏଥିପାଇଁ ତିନି-ଚାରି ମାସର ଯୋଜନା ହେବା ଉଚିତ। ଆପଣ ଏହାକୁ ଏକ ପିକନିକ୍ ସ୍ପଟ୍ କରିଛନ୍ତି। ମେହବୁବା ମୁଫତି କହିଛନ୍ତି ଯେ ଆଜି ନିର୍ମିତ ସେତୁଗୁଡ଼ିକ ଭାଙ୍ଗି ଯାଉଛି ଏବଂ ୫୦-୬୦ ବର୍ଷ ପୂର୍ବେ ନିର୍ମିତ ସେତୁଗୁଡ଼ିକ ନ ଭାଙ୍ଗି ସେମିତି ଅଛି। ଏବେ ସିମେଣ୍ଟ ବଦଳରେ କେବଳ ବାଲି ବ୍ୟବହାର କରାଯାଉଛି କି ବୋଲି ପ୍ରଶ୍ନ କରିଥିଲେ। ସେ ସରକାରଙ୍କୁ ଅନୁରୋଧ କରିଥିଲେ ଯେ ଯେଉଁ ଘରେ ପାଣି ଜମା ହୋଇଛି ତାହାକୁ ଆଂଶିକ କ୍ଷତିଗ୍ରସ୍ତ ଘୋଷଣା ନକରି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘୋଷଣା କରାଯାଉ ଏବଂ ସମ୍ପୂର୍ଣ୍ଣ କ୍ଷତିପୂରଣ ଦିଆଯାଉ।

## ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ କୃଷିମନ୍ତ୍ରୀ

ନୂଆଦିଲ୍ଲୀ: କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଗୁରୁବାର ପଞ୍ଜାବର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ଶ୍ରୀ ଚୌହାନ ଅମୃତସର, କପୁରଥାଲା ଓ ଗୁରୁଦାସପୁର ଜିଲ୍ଲାର ବିଭିନ୍ନ ଗ୍ରାମ ପରିଦର୍ଶନ କରି କୃଷକମାନଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ। ସେଥିସହିତ, ଜଳମଗ୍ନ କ୍ଷେତଗୁଡ଼ିକୁ ଯାଇ ଫସଲର କ୍ଷୟକ୍ଷତିର ଆକଳନ ମଧ୍ୟ କରିଥିଲେ। ଏହି ସମୟରେ କୃଷକମାନେ କେନ୍ଦ୍ର ମନ୍ତ୍ରୀଙ୍କୁ ଫସଲର ବ୍ୟାପକ କ୍ଷୟକ୍ଷତି ବିଷୟରେ ସୂଚନା ଦେଇଥିଲେ, ଯାହାକୁ ନେଇ ଶିବରାଜ ସିଂହ କହିଥିଲେ ଯେ କୃଷକ ଭାଇ ଓ ଭଉଣୀମାନେ ଚିନ୍ତା କରନ୍ତୁ ନାହିଁ,



ସରକାର ସେମାନଙ୍କ ସହିତ ଅଛନ୍ତି। କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ସକାଳେ ଅମୃତସର ପହଞ୍ଚିବା ପରେ, ପଞ୍ଜାବର ରାଜ୍ୟପାଳ ଗୁଲାବଚାନ୍ଦ କଟାରିଆ ବିମାନବନ୍ଦରରେ ବନ୍ୟା ପରିସ୍ଥିତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏଥିସହିତ ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ଗୁରୁତର ବନ୍ୟା ପରିସ୍ଥିତି ବିଷୟରେ ଅବଗତ କରାଇଥିଲେ। ଏହାର ପରେ ଶ୍ରୀ ଚୌହାନ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କହିଥିଲେ ଯେ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର, ସଙ୍କଟ ଭୟଙ୍କର। ବନ୍ୟା ଯୋଗୁଁ ଫସଲ ଜଳମଗ୍ନ ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପ୍ରାୟ ୧୪୦୦ ଗ୍ରାମ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି। ଅଗଷ୍ଟ ୨୬ ତାରିଖରୁ ଏଠାକାର ଜମିଗୁଡ଼ିକ ଜଳମଗ୍ନ ହୋଇ ରହିଛି। ରାବି ନଦୀର ପାଣି ଚାଷଜମି ଉପରେ ପ୍ରବାହିତ ହେଉଛି। ପାଦ ତଳେ ମାଟି ନୁହେଁ, କାଦୁଅ ଜମା ହୋଇଛି।


## ବିଧାନସଭାରେ ହଟ୍ଟଗୋଳ, ବିଧାୟକ ନିଲମ୍ବିତ

କୋଲକାତା: ପଶ୍ଚିମବଙ୍ଗ ବିଧାନସଭାରେ ଗୁରୁବାର ପ୍ରବଳ ହଟ୍ଟଗୋଳ ହୋଇଥିଲା। ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ଟିଏମସି କର୍ମୀମାନେ ମୁହାଁମୁହିଁ ହୋଇଥିଲେ। ଏହାପରେ ମାର୍ଶାଲମାନଙ୍କୁ ଡକାଯାଇଥିଲା। ଭାଜପା ବିଧାୟକମାନେ ମଧ୍ୟ ସେମାନଙ୍କ ସହିତ ମୁହାଁମୁହିଁ ହୋଇଥିଲେ। ଗୃହରେ ହଟ୍ଟଗୋଳ ପରେ ଭାଜପା ବିଧାୟକ ଶଙ୍କର ଘୋଷଙ୍କୁ ନିଲମ୍ବିତ କରାଯାଇଛି। ବିଧାନସଭାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଭାଜପା, ପ୍ରଧାନମନ୍ତ୍ରୀ ମୋଦି ଏବଂ ସ୍ୱମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ୍ କରିଛନ୍ତି। ସେ କହିଛନ୍ତି, ଭାଜପା ବଙ୍ଗଳା ବିରୋଧୀ। ସେମାନେ ଗୃହରେ ବଙ୍ଗଳାର ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାର ବିଷୟରେ ଆଲୋଚନା କରିବାକୁ ଚାହାଁନ୍ତି ନାହିଁ। ଭାଜପା ଦୁର୍ନୀତିଗ୍ରସ୍ତ ଏବଂ ଭୋଟ ଚୋରଙ୍କ ଦଳ। ବଙ୍ଗଳାରେ ନିଶ୍ଚିତ ଭାବରେ ଏପରି ଏକ ଦିନ ଆସିବ, ଯେତେବେଳେ ବଙ୍ଗଳା ବିଧାନସଭାରେ ଜଣେ ବି ଭାଜପା ବିଧାୟକ ବସିବେ ନାହିଁ। ଲୋକମାନେ ଭାଜପାକୁ ଭୋଟ ଦେବେ ନାହିଁ। ମୋଦି ଏବଂ ଅମିତ ଶାହଙ୍କ ନେତୃତ୍ୱରେ କେନ୍ଦ୍ରରେ ଭାଜପା ସରକାରର ଖୁବଶୀଘ୍ର ପତନ ହେବ। ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ବିଧାନସଭାରେ ହଙ୍ଗାମାର ଭିଡିଓ ତାଙ୍କ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସେ ଲେଖିଛନ୍ତି, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତାଙ୍କ ନେତାମାନେ ଆଜି ଗୃହରେ ଗଣତନ୍ତ୍ରକୁ ହତ୍ୟା କରିଛନ୍ତି।

### ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରେ ସାକ୍ଷାତ୍ ଆଲୋଚନା

## ଗବେଷଣା କ୍ଷେତ୍ରରେ ଅଗ୍ରଣୀ ହେବ ଭାରତ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ: ଭାରତ ଓ ସିଙ୍ଗାପୁର ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜଭୂତ୍ କରିବା ଦିଗରେ ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସିଙ୍ଗାପୁର ପ୍ରଧାନମନ୍ତ୍ରୀ ଲରେନ୍ସ ୱଙ୍ଗଙ୍କ ମଧ୍ୟରେ ଏକ ଫଳପ୍ରଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ଓ ସିଙ୍ଗାପୁରର ଦ୍ୱିପାକ୍ଷିକ ସହଯୋଗରେ ଶିକ୍ଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ସିଙ୍ଗାପୁର ପ୍ରଧାନମନ୍ତ୍ରୀଙ୍କ ଭାରତ ଗସ୍ତ ଏଥର ବିଶେଷ ହୋଇଛି, କାରଣ ଚଳିତବର୍ଷ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କର ଷାଠିଏ ବର୍ଷ ପୂରଣ ହୋଇଛି । ବୈଠକରେ ସ୍କୁଲ ଶିକ୍ଷା, ଉଚ୍ଚଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ଗବେଷଣା, ନବସୃଜନ ଏବଂ ଉଦ୍ୟମିତା କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼



କରିବା ଉପରେ ଚର୍ଚ୍ଚା ହୋଇଛି। ଶିକ୍ଷକଙ୍କ କାପାସିଟି ବିଲଡିଂ, ଗବେଷଣା ଦକ୍ଷତା ଏବଂ କ୍ଷମତା ବୃଦ୍ଧି, ଦକ୍ଷତା ଇକୋସିଷ୍ଟମକୁ ସୁଦୃଢ଼ କରିବା ଉପରେ ମଧ୍ୟ ଉଭୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସେହିପରି ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱସ୍ତରୀୟ ଦୃଷ୍ଟିକୋଣ ଏବଂ ସମୃଦ୍ଧ ପରିବେଶ ପ୍ରଦାନ କରିବା ଉଦ୍ଦେଶ୍ୟରେ ଆମ ଉଭୟ ଦେଶର ଉଚ୍ଚଶିକ୍ଷା ପ୍ରତିଷ୍ଠାନ ମଧ୍ୟରେ ଅଧିକ ଷ୍ଟୁଡେଣ୍ଟ୍ ଏକ୍ସଚେଞ୍ଜକୁ ସୁଗମ କରିବା ପାଇଁ ଏକାଠି କାମ କରିବା ଦିଗରେ ସମ୍ମତି ପ୍ରକାଶ କରିଛନ୍ତି । ଶିକ୍ଷା, ଦକ୍ଷତା ବିକାଶ, ଷ୍ଟାର୍ଟ-ଅପ୍ ଏବଂ ଅଗ୍ରଣୀ ଗବେଷଣା କ୍ଷେତ୍ରରେ ଭାରତ - ସିଙ୍ଗାପୁର ସହଯୋଗକୁ ଉଚ୍ଚ ସ୍ତରକୁ ନେବା ଦିଗରେ ସିଙ୍ଗାପୁର ପିଏମଙ୍କ ନିରନ୍ତର ପ୍ରଚେଷ୍ଟାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି।

## ରାୟପୁର ଏନ୍ଆଇଟି-ଏଫ୍ଆଇଟିକୁ ରାଷ୍ଟ୍ରୀୟ ଇନ୍କ୍ୟୁବେଟର ପୁରସ୍କାର



ରାୟପୁର: ଏନ୍ଆଇଟି ରାୟପୁର ଫାଉଣ୍ଡେସନ ଫର୍ ଇନୋଭେସନ ଏଣ୍ଡ ଏଣ୍ଟରପ୍ରେନ୍ୟୁଅରସିପ୍ (ଏଫ୍ଆଇଇ) କୁ ଚତୁର୍ଥ ଭାରତୀୟ ଉଦ୍ୟମତା ଶିଖର ସମ୍ମିଳନୀରେ ରାଷ୍ଟ୍ରୀୟ ଇନ୍କ୍ୟୁବେଟର ସମ୍ମାନରେ ସମ୍ମାନୀତ କରାଯାଇଛି । ଗତ ସେପ୍ଟେମ୍ବର ୧୩ରେ ନୂଆଦିଲ୍ଲୀର ସଂସଦ ମାର୍ଗସ୍ଥିତ ଏନ୍ଡିଏନ୍ସି କନ୍ଭେନସନ ସେଣ୍ଟରରେ ଏହା ଆୟୋଜିତ ହୋଇଥିଲା। ସଂସ୍ଥାର ଏହି ସମ୍ମାନକୁ ରାଜ୍ୟର ୩୫ରୁ ଅଧିକ ଷ୍ଟାଟ୍ଅପ୍ ମାର୍ଗଦର୍ଶନ ସହ ଉତ୍କୃଷ୍ଟ ବୈଷୟିକ ସହଯୋଗ ପାଇଁ ମିଳିଛି। ଭାରତ ଉଦ୍ୟମତା ଶିଖର ସମ୍ମିଳନୀର ଆୟୋଜନ ଭାରତୀୟ ଉଦ୍ୟମୀ ସଂଘ ଏବଂ ଇଣ୍ଟରପ୍ରାଇଜ୍ ଜୋନ୍ ଦ୍ୱାରା ଆୟୋଜିତ କରାଯାଇଥିଲା। ବିଶେଷ ଭାବେ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହା ଅନ୍ତରାଷ୍ଟ୍ରୀୟ ସ୍ତରରେ ମାନ୍ୟତାପ୍ରାପ୍ତ ଇନ୍କ୍ୟୁବେସନ କେନ୍ଦ୍ର ଅଟେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ସଂସ୍ଥାକୁ ବଧାଇ ଜଣାଇବା ସହ କହିଛନ୍ତି ଯେ ଛତିଶଗଡ ଲଗାତାର ଷ୍ଟାଟଅପ୍ କ୍ଷେତ୍ରରେ ଆଗକୁ ମାଡି ଚାଲିଛି। ଏନ୍ଆଇଟି ରାୟପୁର ଫାଉଣ୍ଡେସନ ଫର ଇନୋଭେସନ ଫର୍ ଏଣ୍ଟରପ୍ରୋନୋଅରସିପ୍ ଏକ ପ୍ରତିଷ୍ଠିତ ସଂସ୍ଥା ଅଟେ। ବୈଷୟିକ ଗବେଷଣା କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ଭଳି କାର୍ଯ୍ୟ କରୁଛି। ଏହାର ସମସ୍ତ କାର୍ଯ୍ୟ ଟେକ୍ନୋଲୋଜି ଆଧାରିତ ଯାହାକି ଛତିଶଗଡର ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ସହାୟକ ହୋଇପାରିଛି। ଏନ୍ଆଇଟି ରାୟପୁର ନିର୍ଦ୍ଦେଶକ ଡ. ଏନ୍ୟୁଏନ୍ବି ରମଣାରାଓ କହିଛନ୍ତି ଯେ, ଏହି ପୁରସ୍କାର ଆମକୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ।

### କେନ୍ଦ୍ର ଏବଂ ମଣିପୁର ସରକାରଙ୍କ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ

## ଜାତୀୟ ରାଜପଥ-୨ ଖୋଲିବା ନେଇ ସହମତି

ନୂଆଦିଲ୍ଲୀ: ଜାତୀୟ ରାଜପଥ-୨ ଖୋଲିବା ନେଇ ହେଲା ସହମତି। ଆଜି କେନ୍ଦ୍ର ଏବଂ ମଣିପୁର ସରକାର କୁକି-ଜୋ କାଉନ୍ସିଲ ବା କେଜେଡସି ସହିତ ଏକ ନୂତନ ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି,



ଯାହା ଅନୁଯାୟୀ ଜାତୀୟ ରାଜପଥ-୨ ଖୋଲିବାକୁ ସହମତ ହୋଇଛନ୍ତି। ଗତ କିଛି ଦିନ ମଧ୍ୟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଅଧିକାରୀ ଏବଂ କେଜେଡ଼ସିର ଏକ ପ୍ରତିନିଧିମଣ୍ଡଳୀ ମଧ୍ୟରେ ଅନେକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ ଦୁଇ ପକ୍ଷ ମଣିପୁରରେ ସ୍ଥାୟୀ ଶାନ୍ତି ଏବଂ ସ୍ଥିରତା ଆଣିବା ପାଇଁ ଆଲୋଚନା ମାଧ୍ୟମରେ ସମାଧାନର ଆବଶ୍ୟକତା ଉପରେ ମଧ୍ୟ ସହମତ ହୋଇଥିଲେ। ଗୃହ ମନ୍ତ୍ରଣାଳୟ କହିଛି ଯେ କୁକି ପରିଷଦ ରାଜ୍ୟ ପାଇଁ ଜୀବନରେଖା ଭାବରେ ବିବେଚିତ ଏନଏଚ-୨ରେ ଶାନ୍ତି ବଜାୟ ରଖିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟୋଜିତ ସୁରକ୍ଷା ବାହିନୀ ସହିତ ସହଯୋଗର ପ୍ରତିଶ୍ରୁତି ଦେଇଛି। ଜାତୀୟ ରାଜପଥ-୨, ମଣିପୁରକୁ ନାଗାଲାଣ୍ଡ ଏବଂ ଉତ୍ତର-ପୂର୍ବର ଅନ୍ୟାନ୍ୟ ରାଜ୍ୟ ସହିତ ସଂଯୋଗ କରୁଥିବାବେଳେ, ଜାତିଗତ ଉତ୍ତେଜନା ଯୋଗୁଁ ମେ ୨୦୨୩ ରୁ ବନ୍ଦ ଥିଲା। ଜାତୀୟ ରାଜପଥ ପୁନଃ ଖୋଲିବା ଦ୍ୱାରା ହିଂସା ପ୍ରଭାବିତ ମଣିପୁରରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହଜରେ ପହଂଚିପାରିବ ଯାହାଦ୍ୱାରା ବିସ୍ଥାପିତ ପରିବାର ଏବଂ ରିଲିଫ୍ ଶିବିରରେ ରହୁଥିବା ନାଗରିକଙ୍କୁ ସହାୟକ ହେବ। ନୂଆଦିଲ୍ଲୀରେ ଗୃହ ମନ୍ତ୍ରଣାଳୟ, ମଣିପୁର ସରକାର, କୁକି ନ୍ୟାସନାଲ ଅର୍ଗାନାଇଜେସନ (କେଏନଓ) ଏବଂ ୟୁନାଇଟେଡ ପିପୁଲ୍ସ ଫ୍ରଣ୍ଟ (ୟୁପିଏଫ) ପ୍ରତିନିଧିମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ, ତିନି ଦଳ ମଣିପୁରରେ ସ୍ଥାୟୀ ଶାନ୍ତି ଏବଂ ସ୍ଥିରତା ଆଣିବା ପାଇଁ ଆଲୋଚନା ମାଧ୍ୟମରେ ସମାଧାନର ଆବଶ୍ୟକତା ଉପରେ ମଧ୍ୟ ସହମତ ହୋଇଥିଲେ। ଗୃହ ମନ୍ତ୍ରଣାଳୟ କହିଛି, 'ଏହି ବୈଠକରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏଥିରେ, ନୂତନ ଆଲୋଚନା ଅନୁଯାୟୀ ନିୟମ ଏବଂ ସର୍ତ୍ତାବଳୀକୁ ଗୋଟିଏ ବର୍ଷ ପାଇଁ ପ୍ରଭାବଶାଳୀ ବୋଲି ବିବେଚନା କରାଯିବ।'

## କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ଏନ୍ଆଇଆର୍ଏଫ୍ ରାଙ୍କିଂ ପ୍ରକାଶ, ଶୀର୍ଷରେ ଆଇଆଇଟି ମାଡ୍ରାସ


ନୂଆଦିଲ୍ଲୀ: କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରକାଶ ପାଇଲା ଏନ୍ଆଇଆର୍ଏଫ୍ ରାଙ୍କିଂ ତାଲିକା। ଏହି ତାଲିକାର ଶୀର୍ଷରେ ଆଇଆଇଟି ମାଡ୍ରାସ। ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆଜି ଜାତୀୟ ପ୍ରତିଷ୍ଠାନ ରାଙ୍କିଂ ଫ୍ରେମୱାର୍କ (ଏନଆଇଆରଏଫ୍) ୨୦୨୫ ଘୋଷଣା କରାଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀରେ ଆନୁଷ୍ଠାନିକ ଭାବରେ ରାଙ୍କିଂ ପ୍ରକାଶ କରିଛନ୍ତି। ଏନଆଇଆରଏଫର ଶିକ୍ଷା ମନ୍ତ୍ରଣାଳୟର ଦ୍ୱାରା ସରକାରୀ ୱେବସାଇଟ୍ nirfindia.orgରେ ଉପଲବ୍ଧ କରାଯାଇଛି। ଏହି ବର୍ଷ ମଧ୍ୟ, ଆଇଆଇଟି ମାଡ୍ରାସ ସାମଗ୍ରିକ ବର୍ଗରେ ପ୍ରଥମ ସ୍ଥାନରେ ରହିଛି। ଏହି ପ୍ରତିଷ୍ଠାନ ଲଗାତାର ଦଶମ ଥର ପାଇଁ ଏହି ରାଙ୍କ୍ ଅଧିକାର କରିଛି। ସେହିପରି ଆଇଆଇଏସ୍ସି ବାଙ୍ଗାଲୋର ଶ୍ରେଷ୍ଠ ୟୁନିଭର୍ସିଟି ଏବଂ ୨ୟରେ ରହିଛି ଜେଏନ୍ୟୁ। ଟପ୍ ମ୍ୟାନେଜମେଣ୍ଟ ତାଲିକାରେ ଆଇଆଇଏମ୍ ଅହମ୍ମଦାବାଦ ଶୀର୍ଷରେ ରହିଛି। କଲେଜ ତାଲିକାର ଶୀର୍ଷରେ ଅଛି ହିନ୍ଦୁ କଲେଜ। ୨ୟରେ ମିରାଣ୍ଡା, ୩ୟରେ ହଂସ ରାଜ କଲେଜ ରହିଛି। ପ୍ରତିବର୍ଷ ପରି ଏଥର ମଧ୍ୟ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଜାଣିବା ପାଇଁ ଉତ୍ସାହର ସହିତ ଅପେକ୍ଷା କରିଥିଲେ ଯେ କେଉଁ ଶିକ୍ଷାନୁଷ୍ଠାନ ଶୀର୍ଷରେ ପହଞ୍ଚିବ ଏବଂ କେଉଁ କଲେଜଗୁଡ଼ିକ ଉନ୍ନତ ପ୍ରଦର୍ଶନ ପାଇଁ ସ୍ୱୀକୃତି ପାଇବେ। ଏନଆଇଆରଏଫ୍ ରାଙ୍କିଂକୁ ଦେଶବ୍ୟାପୀ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଗୁଣାତ୍ମକ ମାନର ଏକ ବଡ଼ ମାପକାଠି ଭାବରେ ବିବେଚନା କରାଯାଏ ଏବଂ ଏହା ଛାତ୍ରଛାତ୍ରୀମାନଙ୍କ ପାଇଁ ସଠିକ୍ କ୍ୟାରିଅର ବାଛିବାରେ ସହାୟକ ପ୍ରମାଣିତ ହୁଏ। ଏଥର ରାଙ୍କିଂରେ ଇଞ୍ଜିନିୟରିଂ, ମେଡିକାଲ୍, ମ୍ୟାନେଜମେଣ୍ଟ, ଡେଣ୍ଟାଲ୍, ଫାର୍ମାସି, ଆଇନ ଏବଂ ଗବେଷଣା ସମେତ ଅନେକ ବର୍ଗ ଅନ୍ତର୍ଭୁକ୍ତ। ଏହା ସହିତ, ବିଶ୍ୱବିଦ୍ୟାଳୟ ଏବଂ ସାମଗ୍ରିକ ବର୍ଗରେ ମଧ୍ୟ ପ୍ରତିଷ୍ଠାନର ରାଙ୍କିଂ ସ୍ଥିର କରାଯାଇଛି । ଏହି ତାଲିକା ଛାତ୍ରଛାତ୍ରୀମାନଙ୍କୁ ପାଠପଢ଼ା, ଗବେଷଣା ଏବଂ ସ୍ଥାନ ନିରୂପଣ ଦୃଷ୍ଟିରୁ କେଉଁ କଲେଜ ଭଲ ତାହା ବୁଝିବା ସହଜ କରିବ। ଏହି କାରଣରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଏନଆଇଆରଏଫ୍ ରାଙ୍କିଂ ପାଇଁ ଅପେକ୍ଷା କରନ୍ତି। ଏନଆଇଆରଏଫ୍ ଅର୍ଥାତ୍ ଜାତୀୟ ପ୍ରତିଷ୍ଠାନ ରାଙ୍କିଂ ଫ୍ରେମୱାର୍କ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକୁ ନିର୍ଦ୍ଦିଷ୍ଟ ନିର୍ଦ୍ଦିଷ୍ଟ ମାନଦଣ୍ଡ ଉପରେ ମୂଲ୍ୟାଙ୍କନ କରେ। ପ୍ରତ୍ୟେକ ପ୍ରତିଷ୍ଠାନକୁ ପାଞ୍ଚଟି ପ୍ରମୁଖ ପାରାମିଟର ଉପରେ ମୂଲ୍ୟାଙ୍କନ କରାଯାଏ ଏବଂ ଏହି ଆଧାରରେ ମାର୍କ ଦେଇ ରାଙ୍କ ନିର୍ଣ୍ଣୟ କରାଯାଏ।

# ବାଣିଜ୍ୟ



ନୂଆଦିଲ୍ଲୀ : ଭାରତର ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲମି ପକ୍ଷରୁ ଏହାର ନୂଆ ସ୍ମାର୍ଟଫୋନ ରିଅଲମି ୧୫ଟିର ଉନ୍ମୋଚନ କରାଯାଇଛି। ରିଅଲ୍ମି ୧୫ଟି ଏକ ୫୦ଏମ୍ପି ଫ୍ରଂଟ ଓ ୫୦ଏମ୍ପି ରିୟର ଏଆଇ କ୍ୟାମେରା ସେଟଅପ ଥିବା ସେଗ୍ମେଂଟର ଏକମାତ୍ର ସ୍ମାର୍ଟଫୋନ ଅଟେ। ୭୦୦୦ ଏମଏଏଚ ଟାଇଟନ ବ୍ୟାଟେରୀ , ୪୦୦୦ ନିଟ୍ ୪ଆର କର୍ଟ+ ଆମୋଲେଡ, ମିଡିଆଟେକ ଡାଇମେନସିଟି ୬୪୦୦ ମ୍ୟାକ୍ସ ୫ଜି ପ୍ରୋସେସର, ଶିଳ୍ପ ଅଗ୍ରଣୀ ଆଇପି୬୬ / ୬୮/୬୯ ୱାଟର ରେଜିଷ୍ଟାନ୍ସ ଓ ପ୍ରୋ-ଗ୍ରେଡ ଡୁଆଲ ଏଆଇ କ୍ୟାମେରା ଭଳି ଅତ୍ୟାଧୁନିକ ଫିଚର ସହିତ ରିଅଲମି ୧୫ଟି ନିଜ ସେଗ୍ମେଂଟରେ ନୂଆ ମାନଦଣ୍ଡ ସ୍ଥିର କରିଛି। ଏଥିରେ ନାନୋ-ସ୍କେଲ ମାଇକ୍ରୋକ୍ରିଷ୍ଟାଲ ଲାଇନ ଫିନିଶ ସହ ଏକ ଟେକ୍ସଚର୍ଡ ମ୍ୟାଟ ୪ଆର ଡିଜାଇନ ରହିଛି। କେବଳ ୭.୭୯ ଏମଏମ ପତଳା ଓ ୧୮୧ଗ୍ରାମ ହାଲୁକା ଥିବା ଏହି ଫୋନ ଭାରତର ଅନ୍ୟତମ ସର୍ବାଧିକ ପତଳା ଓ ହାଲୁକା ବୃହତ-ବ୍ୟାଟେରୀ ସ୍ମାର୍ଟଫୋନ ଅଟେ। ଏହି ସ୍ମାର୍ଟଫୋନ ସୁଟ ଟାଇଟାନିୟମ, ସିଲ୍କ ବ୍ଲୁ ଓ ଫ୍ଲୋୟିଙ୍ଗ ସିଲ୍ଭର କଳରରେ ଉପଲବ୍ଧ ହେବ। ରିଅଲମି ୧୫ଟି ୩ଟି ଷ୍ଟୋରେଜ ଭାରିଆଂଟ ୮ଜିବି+୧୨୮ଜିବି, ୮ଜିବି+୨୫୬ଜିବି ଓ ୧୨ଜିବି+୨୫୬ଜିବିରେ ଉପଲବ୍ଧ ହେଉଛି।

## ଗ୍ରାମୀଣ ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରୁଛି ବେଦାନ୍ତ ଆଲୁମିନିୟମ



ଭୁବନେଶ୍ୱର (ଭାସ୍କର ନ୍ୟୁଜ) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ସୁନ୍ଦରଗଡ଼ ଜିଲ୍ଲାର ବିଲେଇମୁଣ୍ଡା ଗ୍ରାମରେ ଏହାର ପ୍ରମୁଖ ଭେଦକ୍ଷତା ତାଲିମକେନ୍ଦ୍ର ମାଧ୍ୟମରେ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନକୁ ଆଗେଇ ନେଉଛି। ଆଜି ପର୍ଯ୍ୟନ୍ତ, ଏହି କାର୍ଯ୍ୟକ୍ରମ ଅଧୀନରେ ତାଲିମପ୍ରାପ୍ତ ୮୭ଜଣ ଯୁବପିଢ଼ି ଭାରତର ବିଭିନ୍ନ ପ୍ରତିଷ୍ଠିତ ସଂଗଠନରେ ନିଯୁକ୍ତି ପାଇଛନ୍ତି, ଯାହା ସ୍ଥାନୀୟ ଯୁବକମାନଙ୍କୁ ଶିକ୍ଷଜନିତ ଦକ୍ଷତା ସହିତ ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି। ଡିସେମ୍ବର୨୦୨୪ରେ ଆରମ୍ଭ ହୋଇଥିବା ଭେଦକ୍ଷତା ଅଭିଯାନ ସ୍କୁଲନେଟ୍ ଇଣ୍ଡିଆ ଲିମିଟେଡ୍, ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍ଏସ୍ଡିସି) ଏବଂ ଲର୍ଣ୍ଣନେଟ୍ ସ୍କିଲ୍ସ ଲିମିଟେଡର ମିଳିତ ଉଦ୍ୟମରେ କାର୍ଯ୍ୟକାରୀ ହୋଇଛି। ଏହି କେନ୍ଦ୍ର ୩ଟି ବୃତ୍ତି ନିମନ୍ତେ ମାଗଣା ତାଲିମ ପ୍ରଦାନ କରେ। ଯଥା, ସିଲାଇ ମେସିନ ପରିଚାଳନା, ବୈଦ୍ୟୁତିକ ରକ୍ଷଣାବେକ୍ଷଣ, ଖାଦ୍ୟ ଏବଂ ପାନୀୟସେବା। ଆଗାମୀ ୩ବର୍ଷ ମଧ୍ୟରେ, ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଘୋଘରପାଲି, ଜାମଖାନି ଏବଂ କୁରାଲୋଇରେ ଏହାର କୋଇଲା ଖଣି ପ୍ରକଳ୍ପ ପାଖରେ ଥିବା ସମ୍ପ୍ରଦାୟର ୭୦୦ରୁ ଅଧିକ ଗ୍ରାମୀଣ ଯୁବପିଢ଼ିଙ୍କୁ ତାଲିମ ଦେବାକୁ ଲକ୍ଷ୍ୟ ରଖିଛି। ଏପର୍ଯ୍ୟନ୍ତ, ୩୬ଜଣ ସହାୟକ ବିଦ୍ୟୁତ କର୍ମଚାରୀ, ୩୧ଜଣ ସିଲେଇ ମେସିନ୍ ଅପରେଟର ଏବଂ ୨୦ଜଣ ଖାଦ୍ୟ ଏବଂ ପାନୀୟ ସେବା ପରିଚାଳକଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତାର ସହ ନିଯୁକ୍ତି ଦିଆଯାଇଛି। ଏହି ପ୍ରୟାସ ବିଷୟରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଯୁବପିଢିଙ୍କ ବ୍ୟବସାୟିକ କୌଶଳ ବିକାଶ ମାଧ୍ୟମରେ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଆମ ସମ୍ପ୍ରଦାୟର ସମ୍ଭାବନାକୁ ଉନ୍ମୋଚନ କରିବା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ ଆଗେଇ ନେବାର ପ୍ରମୁଖକାରଣ। ଭେଦକ୍ଷତା ମାଧ୍ୟମରେ, ଆମେ ଗ୍ରାମୀଣ ଓଡ଼ିଶାର ଯୁବକମାନଙ୍କୁ ବ୍ୟବହାରିକ ଦକ୍ଷତା ସହିତ ସଜ୍ଜିତ କରୁଛୁ ଏବଂ ସେମାନଙ୍କୁ ଅର୍ଥପୂର୍ଣ୍ଣ ନିଯୁକ୍ତି ସୁଯୋଗ ସହିତ ସଂଯୋଗ କରୁଛୁ। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି ଏବଂ ତୃଣମୂଳସ୍ତରୀୟ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି। ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେଏବଂ ବାହାରେ ପରିବର୍ତ୍ତନ ଆଣିବା ପ୍ରତିପ୍ରତିବଦ୍ଧତାକୁ ରେଖାଙ୍କିତ କରେ। ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ଉନ୍ନତି ପ୍ରତି ସମ୍ପ୍ରଦାୟ ଅବଦାନର ଭାବନାକୁ ପ୍ରୋତ୍ସାହିତ କରେ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ ସହଯୋଗ କରି କମ୍ପାନୀ ନିଶ୍ଚିତକରେ ଯେ ଏହାର ହସ୍ତକ୍ଷେପ ଗୁଡ଼ିକ ଦୃଶକ୍ର ସାମାଜିକ ଓ ଆର୍ଥିକ ପ୍ରଗତି ଆଡ଼କୁ ନେଇଯିବ।

## ଅର୍ବାନ କମ୍ପାନି ଲିମିଟେଡ୍ର ବିଡ୍ ଦାଖଲ ୯ରୁ

ନୂଆଦିଲ୍ଲୀ: ଅର୍ବାନ କମ୍ପାନି ଲିମିଟେଡ୍ର ଇକ୍ୱିଟି ସେୟାରର ଇନିସିଆଲ ପବ୍ଲିକ୍ ଅଫରିଂ ୨୦୨୫ ସେପ୍ଟେମ୍ବର ୧୦ରେ ବୁଧବାର ଦିନ ଖୋଲିବ। ଆଙ୍କର ନିବେଶକମାନେ ଗୋଟିଏ କାର୍ଯ୍ୟଦିବସ ପୂର୍ବରୁ ୨୦୨୫ ସେପ୍ଟେମ୍ବର ୯, ମଙ୍ଗଳବାରରେ ବିଡ୍ ଦାଖଲ କରିପାରିବେ। ୨୦୨୫ ସେପ୍ଟେମ୍ବର ୧୨ ଶୁକ୍ରବାର ଦିନବିଡ୍ ଦାଖଲ ଶେଷ ହେବ। ଏହି ଅଫରରେ ମୋଟ ୧୯୦୦ କୋଟି ଟଙ୍କାର ଇକ୍ୱିଟି ସେୟାର ଜାରି କରାଯିବ। ସେଥିରୁ ୪୭୨ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ହୋଇଥିବା ବେଳେ ଅଫର୍ ଫର୍ ସେଲ୍ରେ ଅଂଶଧନକାରୀମାନେ ୧୪୨୮ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ। ଏହି ଅଫର୍ରେ ଇକ୍ୱିଟି ସେୟାର ପିଛା ଦାମ୍ ୯୮ ଟଙ୍କାରୁ ୧୦୩ଟଙ୍କା ମଧ୍ୟରେ ରହିଛି। ନିବେଶକମାନେ ସର୍ବନିମ୍ନ ୧୪୫ଟି ଇକ୍ୱିଟିସେୟାର ପାଇଁବିଡ୍ ଦାଖଲ କରିପାରିବେ ଏବଂ ସେଥିରେ ୧୪୫ଟି ଲେଖାଏଁ ଇକ୍ୱିଟି ସେୟାର ଯୋଡ଼ି ପାରିବେ। ଯୋଗ୍ୟ କର୍ମଚାରୀମାନଙ୍କୁ ଇକ୍ୱିଟି ସେୟାର ପିଛା ୯ ଟଙ୍କାର ରିହାତି ପ୍ରଦାନ କରାଯିବ।

## ଆଡଭାନ୍ସଡ ରେଟିନାଲ ସର୍ଭିସର ଶୁଭାରମ୍ଭ

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ସୁପର-ସ୍ପେଶାଲିଟି ଆଇ ହସ୍ପିଟାଲ ଶୃଙ୍ଖଳା ସେଂଟର ଫର ସାଇଟ ଗ୍ରୁପ ଅଫ୍ ଆଇ ହସ୍ପିଟାଲ୍ସ ପକ୍ଷରୁ ଭୁବନେନଶ୍ୱରରେ ଏହାର ଆଡଭାନ୍ସଡ ରେଟିନା ସେବାର ଶୁଭାରମ୍ଭ ହୋଇଛି। ଯାହା ଓଡିଶାରେ ବିଶ୍ୱସ୍ତରୀୟ ଚକ୍ଷୁ ଚିକିତ୍ସା ପ୍ରଦାନ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୁଦୃଢ କରିଛି। ଏହି ଶୁଭାରମ୍ଭ ସମୟରେ ସେଂଟର ଫର୍ ସାଇଟ ପକ୍ଷରୁ ଭିଟ୍ରିଓରେଟିନାଲ ସର୍ଭିସ ପାଇଁ ଏହାର ସିନିଅର କନ୍ସଲ୍ଟାଂଟ ଭାବେ ଭାରତର ଅଗ୍ରଣୀ ଭିଟ୍ରିଓରେଟିନାଲ ସର୍ଜନ ଡକ୍ଟର ସମର୍ଥ ମିଶ୍ରଙ୍କୁ ସ୍ୱାଗତ କରାଯାଇଛି। ଭୁବନେଶ୍ୱରରେ ନୂଆ କରି ଉଦ୍ଘାଟିତ ରେଟିନା ୟୁନିଟ ଡାଇବେଟିକ ରେଟିନୋପାଥି, ରେଟିନାଲ ଡିଟାଚମେଂଟ, ଏଜ-ରିଲେଟେଡ ମାକ୍ୟୁଲାର ଡିଜେନେରେଶନ (ଏଆରଏମଡି), ମାକ୍ୟୁଲାର ହୋଲ୍ ଓ ଜଟିଳ ଭିଟ୍ରିଓରେଟିନାଲ ରୋଗ ଭଳି ଏକ ବିସ୍ତୃତ ଶୃଙ୍ଖଳାର ରେଟିନା ରୋଗର ନିଦାନ ଓ ଚିକିତ୍ସା କରିବା ପାଇଁ ସୁସଜ୍ଜିତ ରହିଛି। ନେକ୍ସଟ-ଜେନେରେଶନ ସର୍ଜିକାଲ ଓ ଇମେଜିଂ ଟେକ୍ନୋଲୋଜି ସହିତ ଏହି ସେଂଟର ରୋଗୀମାନଙ୍କ ପାଇଁ ଆଧୁନିକ ରେଟିନା ଚିକିତ୍ସା ପାଇଁ ଓଡିଶା ବାହାରକୁ ଯିବାର ଆବଶ୍ୟକତାକୁ ଦୂର କରିଛି। ଏହି ଶୁଭାରମ୍ଭ ସମୟରେ ସେଂଟର ଫର ସାଇଟ, ଭୁବନେଶ୍ୱରର ଭିଟ୍ରିଓରେଟିନାଲ ସର୍ଭିସେସ ବିଭାଗର ସିନିଅର କନ୍ସଲଟାଂଟ ଡକ୍ଟର ସମର୍ଥ ମିଶ୍ର କହିଛନ୍ତି, 'ରେଟିନା ସମ୍ବନ୍ଧିତ ରୋଗଗୁଡିକ ପ୍ରାୟତଃ ନୀରବରେ ଗମ୍ଭୀର ସ୍ଥିତି ଆଡକୁ ଅଗ୍ରସର କରିଥାଏ ଏବଂ ଏହାକୁ ସଠିକ ସମୟରେ ଚିକିତ୍ସା କରାନଗଲେ ତାହା ଅପରିବର୍ତ୍ତନୀୟ ଦୃଷ୍ଟିଶକ୍ତି କ୍ଷୟର କାରଣ ହୋଇପାରେ।' ସେଂଟର ଫର ସାଇଟ ଭୁବନେଶ୍ୱର ଓଡିଶାର ପ୍ରତିଷ୍ଠିତ ଭିଟ୍ରିଓରେଟିନାଲ ସର୍ଜନ ଡକ୍ଟର ସମର୍ଥ ମିଶ୍ରଙ୍କୁ ସ୍ୱାଗତ କରି




ଆନନ୍ଦିତ। ଏମ.କେ.ସି.ଜି ମେଡିକାଲ କଲେଜ, ବ୍ରହ୍ମପୁର ଏବଂ ଭିମସାର, ବୁର୍ଲାର ଜଣେ ଛାତ୍ର ଥିବା ଡକ୍ଟର ମିଶ୍ର ଏଲଭି ପ୍ରସାଦ ଆଇ ଇନ୍ଷ୍ଟିଚ୍ୟୁଟରେ ପ୍ରଶିକ୍ଷିତ ଅଟନ୍ତି ଏବଂ ସଙ୍କର ନେତ୍ରାଳୟ, ଚେନ୍ନାଇ ଓ କୋଲକାତାରେ ନିଜର ଫେଲୋସିପ ସମ୍ପୂର୍ଣ୍ଣ କରିଛନ୍ତି। ଆଡଭାନ୍ସଡ ରେଟିନାଲ ସର୍ଜରୀ କ୍ଷେତ୍ରରେ ୨୫ ବର୍ଷରୁ ଅଧିକ ଦକ୍ଷତା ସହିତ ଡା. ମିଶ୍ର ଓଡିଶାର ଅଗ୍ରଣୀ ହସ୍ପିଟାଲଗୁଡିକରେ ଭିଟ୍ରିଓରେଟିନାଲ ସେବାର ନେତୃତ୍ୱ ନେଇଛନ୍ତି ଏବଂ ନିଜର ଚିକିତ୍ସକୀୟ ଦକ୍ଷତା, ଗବେଷଣା ଓ ରୋଗୀ-କେନ୍ଦ୍ରିତ ଚିକିତ୍ସା ପାଇଁ ବ୍ୟାପକ ସ୍ତରରେ ସ୍ୱୀକୃତିପ୍ରାପ୍ତ ଅଟନ୍ତି। ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ପ୍ରଫେସର (ଡକ୍ଟର) ମହିପାଲ ଏସ. ସଚଦେବଙ୍କ ଦ୍ୱାରା ୧୯୯୬ରେ ସ୍ଥାପିତ ସେଂଟର ଫର ସାଇଟ ୩୦ରୁ ଅଧିକ ସହରରେ ୮୫ରୁ ଅଧିକ ହସ୍ପିଟାଲ, ୩୫୦ରୁ ଅଧିକ ବିଶେଷଜ୍ଞ ଡାକ୍ତରଙ୍କ ଏକ ଟିମ ଏବଂ ପ୍ରାୟ ୩ ଦଶନ୍ଧିର ବିଶେଷଜ୍ଞତା ସହିତ ଭାରତର ଅନ୍ୟତମ ବିଶ୍ୱସନୀୟ ଆଇ କେୟାର ନେଟ୍ୱର୍କରେ ପରିଣତ ହୋଇଛି। ଏହି ସମ୍ପ୍ରସାରଣ ସହିତ ସେଂଟର ଫର ସାଇଟ ଭାରତରେ ସୁଲଭ, ନୈତିକ ଓ ଉଚ୍ଚମାନର ଚକ୍ଷୁ ଚିକିତ୍ସା ପ୍ରଦାନ କରି ଲୋକମାନଙ୍କ ଜୀବନକୁ ପରିବର୍ତ୍ତନ କରିବାର ଏହାର ଲକ୍ଷ୍ୟକୁ ସୁଦୃଢ କରିଛି।

## ଏଥର୍ ଏନର୍ଜି ପକ୍ଷରୁ ନେକ୍ସଟ-ଜେନେରେଶନ ସ୍କୁଟର ପ୍ଲାଟଫର୍ମ ଇଏଲ ଉନ୍ମୋଚିତ

ନୂଆଦିଲ୍ଲୀ: ଭାରତର ଅଗ୍ରଣୀ ଇଲେକ୍ଟ୍ରିକ ଦୁଇଚକିଆ ଯାନ ନିର୍ମାତା ଏଥର୍ ଏନର୍ଜି ପକ୍ଷରୁ ଥର କମ୍ୟୁନିଟି ଡେ ୨୦୨୫ର ୩ୟ ସଂସ୍କରଣରେ ଗୁରୁତ୍ୱପୂର୍ଣ୍ଣ ଉତ୍ପାଦ ଓ ଟେକ୍ନୋଲୋଜି ବିକାଶର ଏକ ନୂତନ ଶୃଙ୍ଖଳା ସମ୍ପର୍କରେ ଘୋଷଣା କରାଯାଇଛି। ଏଥର୍ ପକ୍ଷରୁ ଏହାର ବହୁପ୍ରତିକ୍ଷୀତ ଅଲ୍-ନ୍ୟୁ ଇଏଲ୍ ପ୍ଲାଟଫର୍ମ, ୪୫୦ ପରେ ଏହାର ପ୍ରଥମ ଭେଇକିଲ ଆର୍କିଟେକ୍ଟର୍ର ଉନ୍ମୋଚନ କରିଛି। ବିବିଧତା, ବ୍ୟାପକତା ଓ ମୂଲ୍ୟ ଉନ୍ନତିକରଣ ପାଇଁ ନିର୍ମିତ ଇଏଲ ପ୍ଲାଟଫର୍ମ ଏକାଧିକ ସେଗମେଂଟରେ ଏଥର ସ୍କୁଟରଗୁଡିକର ଏକ ସମ୍ପୂର୍ଣ୍ଣ ନୂଆ ପିଢି ପାଇଁ ମଂଚ ପ୍ରସ୍ତୁତ କରିଛି, ଯାହା ଭାରତୀୟ ଚାଳକଙ୍କ ପାଇଁ କାର୍ଯ୍ୟଦକ୍ଷତା, ପସନ୍ଦ ଓ ଉଦ୍ଭାବନକୁ ନୂତନ ରୂପ



ଦେଉଛି। ଏଥର୍ ପକ୍ଷରୁ ଏଥରଷ୍ଟାକଟିଏମ ୭.୦ର ମଧ୍ୟ ଶୁଭାରମ୍ଭ କରାଯାଇଛି ଯେଉଁଥିରେ ଏକାଧିକ ନୂଆ ଫିଚର ସହିତ ସ୍କୁଟରଗୁଡିକ ସହ ଯୋଗାଯୋଗର ଏକ ନୂଆ ମାଧ୍ୟମ ଭାବେ ଭଏସକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହାବ୍ୟତୀତ ଏଥର୍ ପକ୍ଷରୁ ଏହାର ନେକ୍ସଟ-ଜେନେରେଶନ ଫାଷ୍ଟ୍ ଚାର୍ଜରର ଘୋଷଣା କରାଯାଇଛି ଯାହା ବର୍ତ୍ତମାନର ଉତ୍ପାଦ ଶୃଙ୍ଖଳାରେ ଅପ୍ଡେଟ ପ୍ରଦାନ କରିବା ସହିତ ଇଭି ମାଲିକଙ୍କ ପାଇଁ ଶୀଘ୍ର ଚାର୍ଜିଙ୍ଗକୁ ସକ୍ଷମ କରୁଛି। ଏ ସମ୍ପର୍କରେ ଏଥର ଏନର୍ଜିର ସହ-ପ୍ରତିଷ୍ଠାତା ଓ ସିଇଓ ତରୁଣ ମେହତା କହିଛନ୍ତି, 'ଇଏଲ ପ୍ଲାଟଫର୍ମ ସହିତ ଆମେ ଏଥରର ପରବର୍ତ୍ତୀ ପର୍ଯ୍ୟାୟର ଅଭିବୃଦ୍ଧି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛୁ। ଠିକ୍ ଯେପରି ୪୫୦ ଆମର ପ୍ରଥମ ଅଧ୍ୟାୟକୁ ପରିଭାଷିତ କରିଥିଲା, ଠିକ ସେହିପରି ଇଏଲ୍ ପରବର୍ତ୍ତୀ ପର୍ଯ୍ୟାୟକୁ ପରିଭାଷିତ କରିବ, ଯାହା ଆମକୁ ଅଧିକ ଦକ୍ଷତା ସହ ବ୍ୟାପକ ସ୍ତରରେ ଏକାଧିକ ପ୍ରକାରର ସ୍କୁଟର ବିକଶିତ କରିବାକୁ ସକ୍ଷମ କରିବ।'

## ବଜାରରେ ପ୍ରବେଶ କଲା ହୋଣ୍ଡା ଏଲିଭେଟର

ନୂଆଦିଲ୍ଲୀ: ଭାରତରେ ପ୍ରିମିୟମ କାରଗୁଡିକର ଏକ ଅଗ୍ରଣୀ ନିର୍ମାତା, ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ) ପକ୍ଷରୁ ଆଜି ଏହାର ଲୋକପ୍ରିୟ ଏସୟୁଭି ହୋଣ୍ଡା ଏଲିଭେଟରେ ନୂତନ ଅପଡେଟ କରାଯାଇଛି। ଏହି ନୂଆ ଅପ୍ଡେଟରେ ଇଂଟେରିୟରର କଲର ବିକଳ୍ପ, ଉନ୍ନତ ଏକ୍ସଟେରିୟରର ଷ୍ଟାଇଲିଂ ଏଲିମେଂଟ ଏବଂ ବିଭିନ୍ନ ପ୍ୟାକେଜ ସାମିଲ ରହିଛି ଯାହା ପାର୍ବଣ ଋତୁ ପାଇଁ ଏସୟୁଭିର ପ୍ରିମିୟମ ଲୁକ ଦେବାକୁ ଲକ୍ଷ୍ୟ ରଖିଛି। ଏହି ନୂଆ ଅପଡେଟ ସମ୍ପର୍କରେ ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡର ମାର୍କେଟିଂ ଓ ସେଲ୍ସ ବିଭାଗର ଉପାଧ୍ୟକ୍ଷ, କୁନାଲ ବେହେଲ କହିଛନ୍ତି,





'ହୋଣ୍ଡା ଏଲିଭେଟ ହେଉଛି ଏକ ସଫଳ ମଡେଲ ଏବଂ ଉଭୟ ଘରୋଇ ରପ୍ତାନୀ ବଜାରରେ ଏହାର ବିବିଧତା ପାଇଁ ଗ୍ରାହକଙ୍କ ଦ୍ୱାରା ଏହା ବହୁମାତ୍ରାରେ ଆଦୃତ ହୋଇଛି। ସମସ୍ତ ଗ୍ରେଡରେ ଆଇଭୋରି ଇଂଟେରିୟର ଓ ନୂଆ ଉନ୍ନତିକରଣ ସହ ନୂଆ ଜେଡଏକ୍ସ ଗ୍ରେଡର ଉନ୍ମୋଚନ କରାଯାଇଛି । ପାର୍ବଣ ସମୟରେ ଗ୍ରାହକଙ୍କୁ ଅଧିକ ବିକଳ୍ପ ପ୍ରଦାନ କରିବା ଏବଂ ସେମାନଙ୍କୁ ହୋଣ୍ଡା ପରିବାରରେ ସ୍ୱାଗତ କରିବା ପାଇଁ ଏହା ଆମର ପ୍ରୟାସ ଅଟେ।' ବର୍ତ୍ତମାନ ହୋଣ୍ଡା ଏଲିଭେଟ ଜେଡଏକ୍ସ ଗ୍ରେଡ ଏକ ନୂଆ ଆଇଭୋରି ଇଂଟେରିୟର ଥିମ ସହ ଆସିଛି ଯେଉଁଥିରେ ଆଇଭୋରି ଲେଦରେଟ ସିଟ, ଡୋର ଲାଇନିଂ ଓ ଇନ୍ଷ୍ଟ୍ରୁମେଂଟ ପ୍ୟାନେଲରେ ଆଇଭୋରି ସଫ୍ଟ ଟଚ ଇନ୍ସର୍ଟ ଆଦି ରହିଛି। ଏହାର ପ୍ରିମିୟମ ଅନୁଭୂତିକୁ ଉନ୍ନତକରି ଜେଡଏକ୍ସ ଗ୍ରେଡ ଏକ ଅପ୍ସନାଲ ଫିଚର ଭାବେ ନୂଆ ଆଲଫା-ବୋଲ୍ଡ ପ୍ଲସ ଗ୍ରିଲ ପ୍ରଦାନ କରିବ, ଯାହା ଫ୍ରଂଟ ପ୍ରୋଫାଇଲକୁ ଏକ ଅଧିକ ଆକର୍ଷଣୀୟ ଓ ଷ୍ଟାଇଲିଶ ଲୁକ ପ୍ରଦାନ କରୁଛି। ହୋଣ୍ଡା ଏଲିଭେଟ ବ୍ଲାକ ଏଡିସନ ଏକ ଅଧିକ ଡାର୍କ ଓ ଆକ୍ରମଣାତ୍ମକ ଲୁକ ପସନ୍ଦ କରୁଥିବା ଗ୍ରାହକଙ୍କ ପାଇଁ ଦୁଇଟି ସ୍ୱତନ୍ତ୍ର ଷ୍ଟାଇଲିଂ ବିକଳ୍ପ ପ୍ରଦାନ କରିବା ଜାରି ରଖିଛି।



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଟିମର ଓପନିଂ ବ୍ୟାଟ୍ସମ୍ୟାନ ତଥା ହିଟ୍ ମ୍ୟା୍ ରୋହିତ ଶର୍ମା ଆନ୍ତର୍ଜାତୀୟ ମ୍ୟାଚକୁ ପ୍ରତ୍ୟାବର୍ତନ କରିବା ପାଇଁ ବ୍ୟଗ୍ର ହୋଇ ଉଠିଛନ୍ତି । ଗତ ସପ୍ତାହରେ ରୋହିତ ବେଙ୍ଗାଲୁରରେ ଥିବା ବିସିସିଆଇର ସେଂଟର ଅଫ ଏକ୍ସଲେନ୍ସରେ ୟୋ ୟୋ ଫିଟନେସ ଟେଷ୍ଟ ପାସ କରିଛନ୍ତି । ଏଥିସହ ସେ ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ପୂର୍ବରୁ ରୋହିତ ଏବଂ ଅନ୍ୟ ଖେଳାଳିଙ୍କ ବ୍ରୋଙ୍କୋ ଟେଷ୍ଟ ହେବ ବୋଲି ଖବର ପ୍ରକାଶ ପାଇଥିଲା । ଯାହାକୁ ନେଇ ବିବାଦୀୟ ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇ ଥିଲା। ଏବେ ସ୍ପଷ୍ଟ ହୋଇଛି ଯେ, ରୋହିତଙ୍କ ବ୍ରୋଙ୍କୋ ଟେଷ୍ଟ ହୋଇନି । ବର୍ତ୍ତମାନ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ ଏହି ଟେଷ୍ଟକୁ ବିଧିବଦ୍ଧ ଭାବେ ଲାଗୁ କରି ନାହିଁ । ଫଳରେ ରୋହିତଙ୍କୁ ଏହି ଟେଷ୍ଟ ଦେବାକୁ ପଡି ନ ଥିଲା । ଟାଇମ୍ସ ଅଫ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟ ଅନୁସାରେ ଟିମ ଇଣ୍ଡିଆ ସେପ୍ଟେମ୍ବର ୪ରେ ଏସିଆ କପ ଟି୨୦ ଟ୍ରଫି ପାଇଁ ଦୁବାଇ ଗସ୍ତରେ ଯିବ । ସେପ୍ଟେମ୍ବର ୫ରେ ବିସିସିଆଇ ଯଦି ଚାହିଁବ ସେଠାରେ ଖେଳାଳିଙ୍କ ବ୍ରୋଙ୍କୋ ଟେଷ୍ଟ କରିପାରିବ । ରୋହିତ ଓ ବିରାଟ କୋହଲି ଆନ୍ତର୍ଜାତୀୟ ଟି୨୦ ଏବଂ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରି ସାରିଛନ୍ତି । ଉଭୟ ଦିନିକିଆ କ୍ରିକେଟ ଖେଳିବା ଜାରୀ ରଖିଛନ୍ତି। ଏସିଆ କପ୍‌ରେ ରୋହିତ ଭଲ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି।

# ଶିଖର ଧାୱନଙ୍କୁ ଇଡିର ସମନ



ନୂଆଦିଲ୍ଲୀ: ଭାରତୀୟ ଦଳର ପୂର୍ବତନ ଓପନର ଶିଖର ଧାୱନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସମନ କରିଛି। ଏକ ବେଟିଂ ଆପ ପ୍ରମୋସନ ସହ ଜଡିତ ଏକ ମାମଲାରେ ପଚରାଉଚରା ପାଇଁ ଇଡି ପକ୍ଷରୁ ଡକାଯାଇଛି। ଏହି ମାମଲା ଏକ ଅନଲାଇନ୍ ବେଟିଂ ଆପ୍ ସହ ଜଡିତ। ଏବେ ଇଡି ଶିଖର ଧାୱନଙ୍କୁ ଏହି ମାମଲାରେ ତାଙ୍କର ଭୂମିକା ସ୍ପଷ୍ଟ କରିବା ପାଇଁ ତଦନ୍ତରେ ଯୋଗ ଦେବାକୁ କହିଛି। ସମ୍ପ୍ରତି, ପୂର୍ବତନ ଟିମ ଇଣ୍ଡିଆ କ୍ରିକେଟର ସୁରେଶ ରାଇନାଙ୍କୁ ମଧ୍ୟ ଇଡି ପଚରାଉଚରା କରିଥିଲା। ଗତ ବର୍ଷଠାରୁ, ଅନେକ ବଲିଉଡ ଏବଂ ଦକ୍ଷିଣ ଚଳଚ୍ଚିତ୍ର ଅଭିନେତା ଏବଂ କ୍ରିକେଟରଙ୍କ ବିରୋଧରେ ବେଆଇନ ବେଟିଂ ଆପ ପ୍ରମୋଟ କରିବା ପାଇଁ ତଦନ୍ତ ଚାଲିଛି। ଏହି ତାଲିକାରେ ବିଜୟ ଦେବରକୋଣ୍ଡା, ରାଣା ଦାଗ୍‌ଗୁବାଟି, ପ୍ରକାଶ ରାଜ, ହରଭଜନ ସିଂହ, ଉର୍ବଶୀ ରଉଟେଲା ଏବଂ ସୁରେଶ ରାଇନା ଅନ୍ତର୍ଭୁକ୍ତ। ନିକଟରେ ପୂର୍ବତନ ଭାରତୀୟ କ୍ରିକେଟର ସୁରେଶ ରାଇନା ଏବଂ ହରଭଜନ ସିଂହ ଇଡି ଦ୍ୱାରା ସେମାନଙ୍କର ବୟାନ ରେକର୍ଡ କରିଥିଲେ। ଏବେ ଶିଖର ଧାୱନଙ୍କୁ ମଧ୍ୟ ଏହି ମାମଲାରେ ଇଡି ସମନ କରିଛି। ଇଡି ଅଭିଯୋଗ କରିଛି, ଗିରଫ ହୋଇଥିବା କର୍ଣ୍ଣାଟକ କଂଗ୍ରେସ ବିଧାୟକ କେସି ବୀରେନ୍ଦ୍ରଙ୍କ ଦ୍ୱାରା ପରିଚାଳିତ ଅନଲାଇନ ବେଟିଂ ସାଇଟଗୁଡ଼ିକ ବହୁତ କମ ସମୟ ମଧ୍ୟରେ ୨,୦୦୦ କୋଟି ଟଙ୍କାରୁ ଅଧିକ ରୋଜଗାର କରିଛନ୍ତି। ଏହା ମଧ୍ୟ ଦାବି କରିଛି, ଅବୈଧ ଅନଲାଇନ ବାଜି ମାଧ୍ୟମରେ ଲୋକଙ୍କୁ ଠକିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ବୀରେନ୍ଦ୍ର ଏବଂ ଦୁବାଇରେ ତାଙ୍କ ସହଯୋଗୀମାନେ ବିଭିନ୍ନ ଗେଟୱେ ଏବଂ ଫିନଟେକ ସେବା ପ୍ରଦାନକାରୀ ବ୍ୟବହାର କରି ପାଣ୍ଠି ସଂଗ୍ରହ କରିବା ଏବଂ ସେମାନଙ୍କର ବେଆଇନ କାର୍ଯ୍ୟକଳାପକୁ ପ୍ରକୃତ ଇ-କମର୍ସ ବ୍ୟବସାୟ ଭାବରେ ଲୁଚାଇବା ପାଇଁ ଅନେକ ଗେମିଂ ୱେବସାଇଟ ଚଳାଉଥିଲେ। ଇଡି ଅଗଷ୍ଟ ମାସରେ ଚିତ୍ରଦୁର୍ଗ ବିଧାୟକ କେସି ବୀରେନ୍ଦ୍ରଙ୍କୁ ସିକିମରୁ ଗିରଫ କରିଥିଲା, ସେ ବର୍ତ୍ତମାନ ଇଡି ହେପାଜତରେ ଅଛନ୍ତି। କେନ୍ଦ୍ର ସରକାର ସମ୍ପ୍ରତି ଏକ ନୂତନ ଆଇନ ମାଧ୍ୟମରେ ପ୍ରକୃତ ଟଙ୍କା ଅନଲାଇନ ଗେମିଂକୁ ନିଷିଦ୍ଧ କରିଛି।

# କ୍ରିକେଟ୍‌ରୁ ଅବସର ନେଲେ ଅମିତ୍



ନୂଆଦିଲ୍ଲୀ: ଦୀର୍ଘ ୨୫ ବର୍ଷର କ୍ରିକେଟ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି ଭେଟରାନ ଲେଗ ସ୍ପିନର ଅମିତ ମିଶ୍ରା। ଗୁରୁବାର ସେ କ୍ରିକେଟର ସବୁ ଫର୍ମାଟକୁ ଅଲବିଦା କହିଛନ୍ତି। ୨୦୦୩ରେ ଭାରତ ପାଇଁ ଡେବ୍ୟୁ କରିଥିବା ଅମିତ ମିଶ୍ରା ୨୦୧୭ରେ ଶେଷଥର ବ୍ଲୁ ଜର୍ସିରେ ନଜର ଆସିଥିଲେ। ୮ ବର୍ଷ ହେଲା ଅନ୍ତର୍ଜାତୀୟ କ୍ରିକେଟରୁ ଦୂରେଇ ରହିଥିଲେ ହେଁ ୪୨ ବର୍ଷୀୟ ମିଶ୍ରା ଘରୋଇ କ୍ରିକେଟ ଓ ଆଇପିଏଲ ଖେଳୁଥିଲେ। କିନ୍ତୁ ଏବେ ସେ କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ଅମିତ ମିଶ୍ରା ୨୦୨୪ ଆଇପିଏଲରେ ଲକ୍ଷ୍ନୌ ସୁପର ଜାଏଣ୍ଟସ ପାଇଁ ଶେଷ ଥର ପ୍ରତିଯୋଗିତା ମୂଳକ କ୍ରିକେଟ ଖେଳିଥିଲେ। ଦେଶ ପାଇଁ ୨୨ଟି ଟେଷ୍ଟ, ୩୬ଟି ଦିନିକିଆ ଓ ୧୦ଟି ଟି-୨୦ ଖେଳିଥିବା ଅମିତ ମିଶ୍ରା ମୋଟ ୧୫୬ଟି ୱିକେଟ ନେଇଛନ୍ତି। ୨୦୦୮ରେ ଭାରତ ପାଇଁ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିଥିଲେ ଅମିତ ମିଶ୍ରା। ଅଷ୍ଟ୍ରେଲିଆ ବିପକ୍ଷ ଡେବ୍ୟୁ ଟେଷ୍ଟରେ ସେ ୫ଟି ୱିକେଟ ଦଖଲ କରିଥିଲେ। ଆଇପିଏଲରେ ବିଭିନ୍ନ ଫ୍ରାଞ୍ଚାଇଜ ପକ୍ଷରୁ ଖେଳି ଅମିତ ନିଜର ଦକ୍ଷତା ଦେଖାଇଥିଲେ। ସେ ୧୬୨ଟି ଆଇପିଏଲ ମ୍ୟାଚ୍‌ରେ ମୋଟ ୧୭୪ଟି ୱିକେଟ ନେଇଛନ୍ତି। ସେ ଏକମାତ୍ର ବୋଲର ଭାବେ ଆଇପିଏଲରେ ୩ଥର ହ୍ୟାଟ୍ରିକ ନେଇଥିଲେ। ୨୦୦୮ରେ ଦିଲ୍ଲୀ ଡେୟାର ଡେଭିଲ୍ସ, ୨୦୧୧ରେ ଡେକାନ ଚାର୍ଜର୍ସ ଓ ୨୦୧୩ରେ ସନ ରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳିବା ବେଳେ ସେ ଏପରି ବିରଳ ରେକର୍ଡର ଅଧିକାରୀ ହୋଇଥିଲେ। ଏହି ଦଳ ବ୍ୟତୀତ ସେ ଲକ୍ଷ୍ନୌ ପାଇଁ ମଧ୍ୟ ୨୦୨୪ରେ ଖେଳିଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୨୦୨୨ ଆଇପିଏଲକୁ ଛାଡ଼ି ଅମିତ ମିଶ୍ରା ଆଇପିଏଲର ବାକି ସଂସ୍କରଣରେ ମ୍ୟାଚ ଖେଳିଥିଲେ। ୨୦୦୮ରୁ ୨୦୨୪ ଯାଏ ଅନୁଷ୍ଠିତ ଆଇପିଏଲରେ ଅମିତ ମିଶ୍ରା ନିଜର ଦବଦବା ଦେଖାଇଥିଲେ। ଘରୋଇ କ୍ରିକେଟରେ ଅମିତ ମିଶ୍ରା ହରିୟାଣରୁ ନିଜର ଅଭିଯାନ ଆରମ୍ଭ କରିଥିଲେ। ୨୦୦୦-୦୧ରେ ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ଡେବ୍ୟୁ କରି ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ୨୦୦୩ରେ ଭାରତ ପାଇଁ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆରେ ଡେବ୍ୟୁ କରିଥିଲେ। ସେହି ସମୟରେ ହରଭଜନ ସିଂହ ଓ ଅନୀଲ କୁମ୍ବଲେ ଟେଷ୍ଟ କ୍ରିକେଟରେ ନିଜ ସ୍ଥାନ ସୁରକ୍ଷିତ କରି ସାରିଥିଲେ। ତେଣୁ ୨୦୦୩ରେ ଦିନିକିଆରେ ଡେବ୍ୟୁ କରିଥିବା ମିଶ୍ରା ୨୦୦୮ରେ ଦେଶ ପାଇଁ ଟେଷ୍ଟ ଖେଳିବାର ସୁଯୋଗ ପାଇଥିଲେ। ଅନୀଲ କୁମ୍ବଲେ ଆହତ ହେବାରୁ ମିଶ୍ରାଙ୍କୁ ସୁଯୋଗ ମିଳିଥିଲା। ଡେବ୍ୟୁ ଟେଷ୍ଟରେ ହିଁ ସେ ୫ ୱିକେଟ ଦଖଲ କରି ନିଜ ଯାଦୁ ଦେଖାଇଥିଲେ। ୨୦୧୩ ଚାମ୍ପିୟନ୍ସ ଟ୍ରଫି ଓ ୨୦୧୪ ଟି-୨୦ ବିଶ୍ୱକପ ଦଳରେ ମଧ୍ୟ ଅମିତ ମିଶ୍ରା ରହିଥିଲେ। ୧୫୨ ପ୍ରଥମ ଶ୍ରେଣୀ କ୍ରିକେଟରେ ୫୩୫ ୱିକେଟ ନେଇଥିବା ମିଶ୍ରା ୧୫୨ଟି ଲିଷ୍ଟ ଏ ମ୍ୟାଚରେ ୨୫୨ଟି ଓ ୨୫୯ଟି ଟି-୨୦ରେ ୨୮୫ଟି ସଫଳତା ପାଇଛନ୍ତି। ଦକ୍ଷ ସ୍ପିନରର ମାନ୍ୟତା ପାଇଥିବା ଅମିତ ମିଶ୍ରା ୨୦୧୨ ରଣଜୀ ଟ୍ରଫିର କର୍ଣ୍ଣାଟକା ବିପକ୍ଷ ମ୍ୟାଚରେ ଅପରାଜିତ ୨୦୨ ରନର ଇନିଂସ ଖେଳିଥିଲେ। ଏହି ଘୋଷଣା ସହିତ ଭାରତୀୟ କ୍ରିକେଟର ଏକ ଯୁଗର ଅନ୍ତ ହୋଇଛି। ମିଶ୍ରା ତାଙ୍କର ଚମତ୍କାର ବୋଲିଂ ବିଭିନ୍ନତା ପାଇଁ ଜଣାଶୁଣା ଥିଲେ। ସେ ଘରୋଇ କ୍ରିକେଟରେ ଦିଲ୍ଲୀ କ୍ୟାପିଟାଲ୍ସ ଓ ହରିୟାଣା ପାଇଁ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ।

ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍

# କ୍ୱାର୍ଟରଫାଇନାଲ୍‌ରେ ଭାମ୍ବ୍ରି

ନ୍ୟୁୟର୍କ: ଭାରତୀୟ ଟେନିସ୍ ତାରକା ୟୁକି ଭାମ୍ବ୍ରି ଚଳିତ ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍‌ର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରି ଇତିହାସ ରଚିଛନ୍ତି। ଏହା ହେଉଛି ବିଶ୍ୱମାନ୍ୟତାର ୩୨ତମ ସ୍ଥାନରେ ଥିବା ଭାମ୍ବ୍ରିଙ୍କ କ୍ୟାରିୟର ପ୍ରଥମ ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟରଫାଇନାଲ୍ ପ୍ରବେଶ। ଚତୁର୍ଦ୍ଦଶ ସିଡ୍ ଭାମ୍ବ୍ରି ଓ ନ୍ୟୁଜିଲାଣ୍ଡର ମାଇକେଲ୍ ଭେନସ୍‌ଙ୍କ ଯୋଡ଼ି ପ୍ରିକ୍ୱାର୍ଟରରେ ଚତୁର୍ଥ ସିଡ୍ ଜର୍ମାନୀର କେଭିନ କ୍ରାୱିଜ୍ ଓ ଟିମ୍ ପୁଏଜ୍‌ଙ୍କୁ ୬-୪, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରି ଏହି ଅନନ୍ୟ ସଫଳତା ଲାଭ କରିଛନ୍ତି। ନିଜଠାରୁ ୧୦ଟି ସ୍ଥାନ ଉଚ୍ଚ ମାନ୍ୟତାପ୍ରାପ୍ତ ତଥା ଅଧିକ ସଫଳ ଓ ଅଭିଜ୍ଞ କ୍ରାୱିଜ୍ ଓ ପୁଏଜ୍‌ଙ୍କୁ ହରାଇବାକୁ ଭାମ୍ବ୍ରି-ଭେନସ୍ ଏକ ଘଣ୍ଟା ୨୩ ମିନିଟ୍ କାଳ ଲଢ଼ିଥିଲେ। କ୍ୱାର୍ଟରଫାଇନାଲ୍‌ରେ ସେମାନେ ଏକାଦଶ ସିଡ୍ କ୍ରୋଏସିଆର ନିକୋଲା ମେକଟିକ୍ ଓ ଆମେରିକାର ପୁରୁଖା ଖେଳାଳି ରାଜୀବ ରାମଙ୍କୁ ଭେଟିବେ। ଆଘାତ ଜନିତ ସମସ୍ୟା ଜର୍ଜରିତ ୩୩ବର୍ଷୀୟ ଭାମ୍ବ୍ରି କେବବି କୌଣସି ଗ୍ରାଣ୍ଡସ୍ଲାମ୍‌ର ପୁରୁଷ ଏକକର ପ୍ରଥମ ରାଉଣ୍ଡ୍ ଆଗକୁ ବଢ଼ି ପାରିନାହାନ୍ତି। ତେବେ ଯୁଗଳରେ ଅପେକ୍ଷାକୃତ ଭଲ ପ୍ରଦାର୍ଶନ କରି ଚଳିତ ବର୍ଷର ଫ୍ରେଞ୍ଚ୍ ଓପନ୍ ଓ ୱିମ୍ବଲଡନ୍ ଓପନ୍ ପୁରୁଷ ଯୁଗଳର ତୃତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଥିଲେ।

# ଶ୍ରୀନିବାସନ ହେଲେ ଚେନ୍ନାଇ ସୁପର କିଙ୍ଗସ୍ ଚେୟାରମ୍ୟାନ



ଚେନ୍ନାଇ: ଆଇପିଏଲରେ ଏବେ କେତୋଟି ସଂସ୍କରଣରେ ଚେନ୍ନାଇ ସୁପର କିଙ୍ଗସର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି । ଗୁରୁବାର ଚେନ୍ନାଇ ସୁପର କିଙ୍ଗସ ଏନ.ଶ୍ରୀନିବାସନଙ୍କୁ ପୁନର୍ବାର ଚେୟାରମ୍ୟାନ ନିଯୁକ୍ତ କରିଛି । ଶ୍ରୀନିବାସନଙ୍କ ଉପସ୍ଥିତି ମହେନ୍ଦ୍ର ସିଂ ଧୋନୀଙ୍କ ଚାହିଦା ବୃଦ୍ଧି କରିବ କି ନାହିଁ ତାହା ଖୁବ ଶୀଘ୍ର ଜଣାପଡିବ । ୨୦୦୮ ନିଲାମରେ ଧୋନୀଙ୍କୁ ମୋଟା ଅଙ୍କର ଅର୍ଥ ଦେଇ ଶ୍ରୀନିବାସନ ଚେନ୍ନାଇ ଟିମ ସହିତ ଯୋଡିଥିଲେ । ଏହା ପରେ ଧୋନୀ ଓ ଶ୍ରୀନିବାସନଙ୍କ ସମ୍ପର୍କ ଭାରତୀୟ କ୍ରିକେଟରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା । ଏହି ଯୋଡି ଆଇପିଏଲରେ ସଫଳତା, ବିଫଳତା ଓ ବିବାଦର କେନ୍ଦ୍ର ସାଜିଥିଲେ । ତେବେ ୪୪ ବର୍ଷୀୟ ଧୋନୀଙ୍କୁ ଶ୍ରୀନିବାସନ ଏଥର ସମାନ ଗୁରୁତ୍ୱ ଦେବେ କି ନାହିଁ ତାହା ସ୍ପଷ୍ଟ ହୋଇ ପାରିନି। ରିପୋର୍ଟ ମୁତାବକ ଅଧିନାୟକ ରିତୁରାଜ ଗାଏକ୍ୱାଡ, କୋଚ ଷ୍ଟିଫେନ ଫ୍ଲେମିଂ ଓ ଧୋନୀଙ୍କୁ ଏକ ଶକ୍ତିଶାଳୀ ଟିମ ଗଠନ କରିବା ପାଇଁ ଶ୍ରୀନିବାସନ ଦାୟିତ୍ୱ ପ୍ରଦାନ କରିଛନ୍ତି । ୨୦୨୬ ଆଇପିଏଲରେ ଧୋନୀ ଖେଳିବେ କି ନାହିଁ ତାହା ସ୍ପଷ୍ଟ ହୋଇନି । ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ମୁଁ ମୋ ଫିଟନେସକୁ ଅନୁଧ୍ୟାନ କରିବା ପରେ ଖେଳିବା ସମ୍ପର୍କରେ ନିଷ୍ପତି ନେବି । ଧୋନୀ ୨/୩ଟି ସିଜନ ହେବ ଆଘାତ ସମସ୍ୟାରେ ରହୁଛନ୍ତି । ଏହାର ପ୍ରଭାବ ଦଳର ପ୍ରଦର୍ଶନ ଉପରେ ମଧ୍ୟ ପଡୁଛି। ଅନ୍ୟ ପକ୍ଷରେ ସିଇଓ କାଶୀ ବିଶ୍ୱନାଥନ୍ କହିଛନ୍ତି ଯେ, 'ଶ୍ରୀନିବାସନ୍ ଫେରିବା ଆମ ପାଇଁ ଏକ ବରଦାନ ସଦୃଶ। ୮୦ ବର୍ଷୀୟ ଶ୍ରୀନିବାସନ୍‌ଙ୍କୁ କିଛି ସପ୍ତାହ ତଳେ ବସିଥିବା ଚେନ୍ନାଇ ଫ୍ରାଞ୍ଚାଇଜର ବୋର୍ଡ ମିଟିଂରେ ଚେୟାରମ୍ୟାନ ନିଯୁକ୍ତ କରାଯାଇଥିଲା। ସେ ସିଏସ୍‌କେକୁ ଫେରି ଆସିଥିବାରୁ ମୁଁ ବହୁତ ଖୁସି। ଅଧିକ ଟ୍ରାଭେଲ କରୁ ନ ଥିବାରୁ ସେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବେ। କିନ୍ତୁ ଆମେ ତାଙ୍କ ଯୋଗାଯୋଗରେ ରହିବୁ' ବୋଲି ବିଶ୍ୱନାଥନ୍ କହିଛନ୍ତି।

# ଏସିଆ କପ୍ ହକି ସୁପର ଫୋର: ମାଲେସିଆକୁ ୪-୧ ଗୋଲରେ ପରାସ୍ତ କଲା ଭାରତ



ରାଜଗୀର: ବିହାରରେ ଚାଲିଥିବା ଏସିଆ କପ ହକିରେ ଭାରତର ପ୍ରଭାବୀ ପ୍ରଦର୍ଶନ ଜାରୀ ରହିଛି । ଭାରତ ସୁପର ଫୋରର ଦ୍ୱିତୀୟ ମୁକାବିଲାରେ ମାଲେସିଆକୁ ୪-୧ ଗୋଲରେ ପରାସ୍ତ କରିଛି। ଏଥିସହ ଭାରତ ତାର ସ୍ଥିତି ମଜଭୁତ କରିଛି। ମାଲେସିଆ ଆରମ୍ଭରୁ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଭାରତ ବିପକ୍ଷରେ ପ୍ରଥମ ଗୋଲ ସ୍କୋର କରିଥିଲା । ଶଫିକ ହାସନ ଏହି ଗୋଲଟି ଦେଇଥିଲେ । ଏହା ପରେ ଭାରତ ମ୍ୟାଚକୁ ହାତମୁଠାକୁ ଆଣିଥିଲା । ଦ୍ୱିତୀୟ କ୍ୱାର୍ଟରରେ ମନପ୍ରୀତ ସିଂ ଗୋଲ ସ୍କୋର କରି ମ୍ୟାଚକୁ ୧-୧ ସ୍ଥିତିକୁ ଆଣିଥିଲେ। ସୁଖଜିତ ସିଂ, ଶୀଲାନନ୍ଦ ଲାକ୍ରା ଓ ବିବେକ ପ୍ରସାଦ ଗୋଲ ସ୍କୋର କରି ଭାରତକୁ ୪-୧ରେ ଜିତାଇଥିଲେ। ମାଲେସିଆ ମ୍ୟାଚକୁ ପ୍ରତ୍ୟାବର୍ତନ କରିବା ପାଇଁ ଯଥାସମ୍ଭବ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଅନ୍ୟପକ୍ଷରେ ବୁଧବାର ଭାରତ ଓ କୋରିଆ ମଧ୍ୟରେ ସୁପର ଫୋରର ଏକ ରୋମାଞ୍ଚକର ମ୍ୟାଚ୍ ଦେଖିବାକୁ ମିଳିଥିଲା। ଦୁଇ ଦଳଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା। ଯାହାଫଳରେ ମ୍ୟାଚ୍ ଡ୍ର ରହିଥିଲା। ଶେଷ କ୍ୱାର୍ଟରରେ ଭାରତ ଗୋଲ ସ୍କୋର କରିବା ଯୋଗୁ ମ୍ୟାଚ ୨-୨ରେ ଡ୍ର ରହିଥିଲା।

**AFFIDAVIT**

By virtue of an affidavit sworn before the Executive Magistrate, Bonth, Bhadrak, dated: 02.09.2025, I Gopabandhu Jena, Address: village-Tillo(Badasahi), Po-Tillo (Badasahi), Ps- Bonth, Dist- Bhadrak, Odisha, PIN-756114, declare that I have changed my daughter's name from Asarani Jena to Barsarani Jena. Henceforth, She shall be known as Barsarani Jena for all purposes.

**Sd/- Gopabandhu Jena**

# କୈଫଙ୍କ ପରାମର୍ଶ : ସାମ୍‌ସନ୍‌ଙ୍କୁ ୩ନମ୍ବରରେ ଖେଳାଅ

ମୁମ୍ବାଇ: ଏସିଆ କପ୍‌ରେ ୱିକେଟ୍‌କିପର ବ୍ୟାଟର୍ ସଞ୍ଜୁ ସାମ୍‌ସନ୍‌ଙ୍କୁ ନିୟମିତ ସୁଯୋଗ ଦେବାକୁ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ପୂର୍ବତନ କ୍ରିକେଟର୍ ମହମ୍ମଦ କୈଫ ପରାମର୍ଶ ଦେଇଛନ୍ତି। ଏପରିକି ତିଳକ ବର୍ମାଙ୍କ ସ୍ଥାନରେ ସାମ୍‌ସନ୍‌ଙ୍କୁ ବ୍ୟାଟିଂ ପାଇଁ ପଠାଇବାକୁ ପରାମର୍ଶ ଦେଇଛନ୍ତି। ସାମ୍‌ସନ୍ ଭାରତୀୟ କ୍ରିକେଟ୍ ଦଳର ସବୁଠାରୁ ଅନୁଭବୀ ଖେଳାଳି। ଆଫଗାନିସ୍ତାନର ତାରକା ସ୍ପିନର ରସିଦ ଖାନ୍‌ଙ୍କ ଭଳି ବିଶ୍ୱସ୍ତରୀୟ ବୋଲରଙ୍କ ବିରୋଧରେ ସେ ସବୁବେଳେ ଭଲ ପ୍ରଦର୍ଶନ କରିଛନ୍ତି। ଅଭିଷେକ ଶର୍ମାଙ୍କ ସହ ଓପନିଂ କରି ୩୦ ବର୍ଷୀୟ ସାମ୍‌ସନ୍ ମଧ୍ୟ ଗତବର୍ଷ ବାଂଲାଦେଶ ବିପକ୍ଷରେ ଗୋଟିଏ ଏବଂ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦୁଇଟି ଶତକ ହାସଲ କରିଥିଲେ। ତେବେ ଯୁବ ତାରକା ତିଳକଙ୍କୁ ଦଳରୁ ବାଦ୍ ଦେବା କିନ୍ତୁ ସହଜ ହେବନି। ୩ ନମ୍ବର ସ୍ଥାନରେ ଖେଳି ସେ ମଧ୍ୟ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଲଗାତାର ଶତକ ହାସଲ କରିସାରିଛନ୍ତି। ଅନେକ ମ୍ୟାଚ୍‌ରେ ବି ସେ ଏହି ସ୍ଥାନରେ ବ୍ୟାଟିଂ କରି ଭାରତକୁ ବିଜୟୀ କରାଇ ସାରିଛନ୍ତି। ପୁଣି ଶୁବମନ୍ ଗିଲ୍ ଉପଅଧିନାୟକ ହେବା ମୁଖ୍ୟ ପ୍ରଶିକ୍ଷକ ଗମ୍ଭୀର ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ପାଇଁ ସୁଖଦ ମୁଣ୍ଡବ୍ୟଥା ହେବାକୁ ଯାଉଛି। କାହାକୁ ଚୂଡ଼ାନ୍ତ ଏକାଦଶରେ ନେବେ, କାହାକୁ ନନେବେ ସେ ଦ୍ୱନ୍ଦ୍ୱ ନିଶ୍ଚୟ ଉଭୟଙ୍କ ମନରେ ସୃଷ୍ଟି ହେବ। ସୂଚନାଯୋଗ୍ୟ ଯେ ଭାରତ ତା'ର ଅଭିଯାନ ଚଳିତ ସେପ୍ଟେମ୍ବର ୧୦ ତାରିଖରେ ୟୁଏଇ ବିପକ୍ଷରୁ ଆରମ୍ଭ କରିବ।

# ଆଇପିଏଲ୍‌କୁ ଜିଏସ୍‌ଟି ଝଟ୍‌କା: ମହଙ୍ଗା ହେବ ଟିକେଟ୍

ନୂଆଦିଲ୍ଲୀ: ଜିଏସ୍‌ଟିର ନୂତନ ଦର କ୍ରିକେଟକୁ ମଧ୍ୟ ପ୍ରଭାବିତ କରିବ। ଏବେ ପ୍ରଶଂସକମାନଙ୍କ ପାଇଁ ଷ୍ଟାଡିୟମକୁ ଯାଇ ଆଇପିଏଲ୍ ମ୍ୟାଚ ଦେଖିବା ମହଙ୍ଗା ହେବ। ସେପ୍ଟେମ୍ବର ୩ରେ, କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ, ଆଇପିଏଲ୍ ଟିକେଟ ଉପରେ ଜିଏସ୍‌ଟି ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହାର ପ୍ରଭାବ ଆଇପିଏଲ୍ ୨୦୨୬ରେ ଦେଖାଯିବ। ଜିଏସ୍‌ଟି ପରିଷଦ ବୈଠକରେ, ଇଣ୍ଡିଆନ ପ୍ରିମିୟର ଲିଗ ମ୍ୟାଚର ଟିକେଟ ଉପରେ ୪୦ ପ୍ରତିଶତ ଜିଏସ୍‌ଟି ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏପର୍ଯ୍ୟନ୍ତ ଏହା ୨୮ ପ୍ରତିଶତ ଥିଲା। ଅର୍ଥାତ୍ ଆଇପିଏଲ୍ ମ୍ୟାଚର ଟିକେଟ ଉପରେ ୧୨ ପ୍ରତିଶତ ଜିଏସ୍‌ଟି ବୃଦ୍ଧି କରାଯାଇଛି। ଏହା କ୍ରିକେଟ ପ୍ରଶଂସକଙ୍କ ପକେଟକୁ ପ୍ରଭାବିତ କରିବ। ଯଦି ଗୋଟିଏ ଆଇପିଏଲ୍ ଟିକେଟ ମୂଲ୍ୟ ୧୦୦୦ ଟଙ୍କା ସ୍ଥିର ହୋଇଛି। ପୂର୍ବରୁ ଏଥିରେ ୨୮ ପ୍ରତିଶତ ଜିଏସ୍‌ଟି ଥିଲା, ତେଣୁ ଏହା ଅନୁସାରେ ମୋଟ ୧୨୮୦ ଟଙ୍କା ଦେବାକୁ ପଡୁଥିଲା, କିନ୍ତୁ ବର୍ତ୍ତମାନ ନୂତନ ହାର ଅନୁସାରେ ଏଥିପାଇଁ ୧୪୦୦ ଟଙ୍କା ଦେବାକୁ ପଡିବ। ଏହାର ଅର୍ଥ ହେଉଛି ଯେ ବର୍ତ୍ତମାନ ପ୍ରଶଂସକମାନଙ୍କୁ ୧୨୦ ଟଙ୍କା ଅଧିକ ଦେବାକୁ ପଡିବ। ଏହିପରି ଭାବରେ, ଯଦି ଟିକେଟ ମୂଲ୍ୟ ୨୦୦୦ ଟଙ୍କା ହୁଏ, ତେବେ ଏହା ଉପରେ ୮୦୦ ଟଙ୍କା ଜିଏସ୍‌ଟି ନିଆଯିବ ଏବଂ ମୋଟ ମୂଲ୍ୟ ୨୮୦୦ ଟଙ୍କା ହେବ। ଏହାର ପ୍ରଭାବ ଆଇପିଏଲ୍ ୨୦୨୬ ସମୟରେ ଦେଖାଯିବ। ଯଦି ଆୟୋଜକମାନେ ଟିକେଟ ମୂଲ୍ୟରେ କୌଣସି ଆଶ୍ୱସ୍ତି ନ ଦିଅନ୍ତି କିମ୍ବା ବୃଦ୍ଧି ନ କରନ୍ତି, ତେବେ ଷ୍ଟାଡିୟମରେ ପ୍ରଶଂସକଙ୍କ ଅଭାବ ହୋଇପାରେ। ଭାରତରେ କ୍ରିକେଟକୁ ପୂଜା କରାଯାଏ ଏବଂ କ୍ରିକେଟ ପ୍ରେମୀମାନେ ଆଇପିଏଲ୍‌କୁ ଏକ ଉତ୍ସବ ପରି ପାଳନ କରନ୍ତି। ସ୍ୱୀକୃତିପ୍ରାପ୍ତ ଟୁର୍ଣ୍ଣାମେଣ୍ଟ ପାଇଁ ଟିକେଟ ଉପରେ ଜିଏସ୍‌ଟି ବୃଦ୍ଧି କରାଯାଇ ନାହିଁ। ଜାତୀୟ କିମ୍ବା ଅନ୍ତର୍ଜାତୀୟ ସ୍ତରର ଖେଳ ପାଇଁ ୫୦୦ ଟଙ୍କା ମୂଲ୍ୟର ଟିକେଟ ଉପରେ ଜିଏସ୍‌ଟି ଲାଗୁ ହେବ ନାହିଁ, ଯେତେବେଳେ ଏହାଠାରୁ ଅଧିକ ମୂଲ୍ୟର ଟିକେଟ ଉପରେ ପୂର୍ବ ପରି ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ ହେବ।

**AFFIDAVIT**

By virtue of an affidavit sworn before the Executive Magistrate, Tangi-Choudwar, dated: 03.09.2025, I Narayan Maharana, Address: At-Ganaraba, Po-Bhatimunda, Ps- Tangi, Dist- Cuttack, Odisha, PIN-754022, declare that I have changed my son's name from Pruthiraj Maharana to Pruthwiraj Maharana. Henceforth, he shall be known as Pruthwiraj Maharana for all purposes.

**Sd/- Narayan Maharana**

**AFFIDAVIT**

By virtue of an affidavit SlNo. 5556 sworn before the Executive Magistrate, Umerkote, Dist- Nabarangpur on dated: 01.09.2025, I Pradeep Kumar Ananta, S/o-Champalal Ananta, resident of village-Near Pendrani Temple, Umerkote, Post/Ps-Umerkote, Dist-Nabarangpur, declares that my actual name is Pradeep Kumar Ananta which is mentioned in Aadhar Card, but wrongly mentioned as P.K. Anant in Driving Licence. Pradeep Kumar Ananta & P.K. Anant is same and one person myself. This affidavit is to be produced before concerned authority as and when required to avoid confusion & necessary correction.

Sd/- Pradeep Kumar Ananta

**NOTICE**

(Above 18 years of age)
By virtue of an affidavit sworn before Notary Public, Bhubaneswar, dated: 05.08.2025, I Sitara Bibi (New Name), Address: At- Jayarsasan, Po- Jagannathpur, Ps- Pahal, Dist- Khordha-752101, declare that I have changed my name from Aisa Sidhika (Old name) to Sitara Bibi (New name). Henceforth, I shall be known as Sitara Bibi (New name) for all purposes.

**Sd/- Sitara Bibi**

**DECLARATION**

I Sri G Mohan aged above 49 Years, S/o G. Raju at Present resident at Plot No-23(P), Unit-2, Ashok Nagar, Po-Ashok Nagar, Ps-New Capital, Bhubaneswar, Dist-Khurdha, Pin 751009 Hereby swear through this declaration that I have lost my original sale deed bearing No-11532202731 dt-07/06/2022, along with some other document's somewhere when I am coming to my house from Bhubaneswar court campus on dt-04/08/2025, which the document (sale deed) was purchased from Sahadeba pradhan and others from rev-vil-Kanhupur, under Pipili Tahasil in the district of Puri and it can't trace it out still now and also collect the true Certified copy from SRO Pipilli, Therefore this declaration.

**Seal**

**OFFICE OF THE ROURKELA MUNICIPAL CORPORATION**
**UDITNAGAR, ROURKELA, ODISHA-769012**
**E-mail ID: rourkelamunicipality@gmail.com**
**C-1010**
**No:10570** **Date: 03.09.2025**

**Tender Call Notice for Supply of Park machinery items under Rourkela Municipal Corporation.**

Sealed Tenders are invited from the intending reputed Manufacturers/ Authorized Dealer having PAN and valid GST certificate for Supply of Park machinery items under Rourkela Municipal Corporation.

The sealed Tender should reach to the Commissioner, Rourkela Municipal Corporation, Uditnagar, Rourkela, Sundargarh-769012 on or before 11.09.2025 by 1.00 PM through postal/ courier/ speed post/ registered post or by hand . The Tender will be opened on 12.09.2025 at 11.30 AM in presence of the bidders who wish to attend.

Details terms and conditions of the tender process can be downloaded from the official website of Rourkela Municipal Corporation (www.rmc.nic.in).

The undersigned reserves the right to negotiate or reject / cancel any or all the tenders at any time without assigning any reason thereof.

**Commissioner**
**Rourkela Municipal Corporation**

**OIPR 13131/11/0164/2526**

**OFFICE OF THE MUNICIPAL COUNCIL, TALCHER**
**DIST :- ANGUL**
Phone No.- (06760) 240259
E-Mail ID : e.o.talcher@gmail.com
No. 3269 / Date. 03.09.2025
**C-999**

**QUOTATION FOR AUCTION CALL NOTICE**

The Executive Officer, Talcher Municipality on behalf of Talcher, Dist- Angul invites sealed quotations from the intending local registered firms / authorized dealers / distributors / suppliers and contractors for **"Auction sale of Damage Electrical Materials and Damage Water Tanker under Talcher Municipality".** The prescribed auction schedule can be obtained from the Cash Section of Talcher Municipality on payment of Rs.500/- (Rupees Five Hundred) only (non-refundable) in shape of cash in favour of the Executive Officer, Talcher Municipality from date **04.09.2025** to date **12.09.2025** up to **05.00 PM**. during office hour except holidays.

The auction paper along with all documents should reach the undersigned by Regd. Post /Speed Post/Courier service or by person on or before date **13.09.2025** up to **01.30 PM**. and this office will in no way, be responsible for any delay in receipt of the auction documents. The auction will be opened on the **same date** at **03.30 PM** in presence of the auctioneer or their authorized representative if any. The auction paper received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept, cancel or reject any or all the auction without assigning any reason thereof.

**Sd/-Executive Officer**
**Talcher Municipality**

**OIPR 13077/11/0061/2526**

**OFFICE OF THE PANCHAYAT SAMITI, ASKA, GANJAM.**
Email ID: ori-aska@nic.in/bdoaska123@gmail.com Ph No: 06822-273619
**i-294**
Letter No: 5014 / Dated:- 02.09.2025

**QUOATATION/ TENDER CALL NOTICE**
**FOR HIRING OF VEHICLE FOR PANCHAYATA SAMITI, ASKA**

Sealed Quotations are invited from the interested reputed Traveling agencies/Tour Operator/ individuals for providing of vehicle as detailed below having sitting capacity not more than seven including driver, which shall conform to the Terms and conditions (Appendix - A ) for official use in Panchayata Samiti, Aska .

1. The service provider shall have a valid GST registration to participate in the tendering
2. The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Pollution Certificate, valid Contract Carriage Permit, proof of up-to-date tax payment etc. mandatory for plying of vehicle.
3. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport/passenger vehicle.
4. The Driver should be well behaved, gentle and obedient in nature.
5. A sum of **Rs. 13400/- ( Rupees Thirteen thousand six hundred four hundred)** only shall be deposited by the intending bidders in shape of Account Payee Bank Draft drawn in favour of the **BDO, Aska** and submitted along with the tender as EMD. After completion of tender process, EMD shall be refunded to unsuccessful bidders.
6. The monthly rate of hire charge, excluding GST be quoted separately, excluding fuel.
7. The Vehicle must achieve a fuel efficiency of 10 K.M per litre.
8. The details of the make and year of manufacture of the vehicle, registration no. mileage (K.M covered per litre) and name of the Driver, Driving License No. and period of validity should be specifically provided in the general bid information to be furnished with the Quotation/Tender (Appendix-B).
9. The quotation completed in all respect should reach the undersigned on or before 16th September by 4 P.M and shall be opened on the same day at 5 P.M in presence of the bidder or their authorized representative.
10. The application form of quotation/tender containing General Bid Information & Terms and conditions for Hiring of Vehicles etc. will be available with Panchayat Samiti, Aska, can be downloaded from Odisha Govt. Website www.ganjam.nic.in from Date dt. 02.09.2025 to dt.16.09.2025.
11. The service provider is responsible to depute suitable driver in case of absence of the driver engaged.

| Sl. No | Scheme | Vehicle required | Mileage of the vehicle | Sitting capacity | Tender value | EMD (1% of tender value) |
|---|---|---|---|---|---|---|
| 1 | MGNREGA | 01 | 10km/lit | 7seater | Rs.13,39,200.00 | Rs.13,400.00 |

**Sd/-Block Development Officer**
**Aska.**

**OIPR 19169/11/0008/2526**



ଆପଣଙ୍କ ଦାନ୍ତ ମଧ୍ୟ ହଳଦିଆ ପଡ଼ିଯାଇଛି କି? ଏଥିପାଇଁ ଆପଣ ଅନ୍ୟ ଆଗରେ ଖୋଲାଖୋଲି ଭାବେ ହସି ବି ପାରୁ ନଥିବେ। ତେବେ ଆପଣ ଦିନକୁ ଦୁଇଥର ବ୍ରଶ୍ କରିବା ଆରମ୍ଭ କରିବା ଉଚିତ। ଏହା ବ୍ୟତୀତ, ଆପଣ ଆପଣଙ୍କ ଦାନ୍ତରେ ଥିବା ହଳଦିଆ ପରସ୍ତ ଏବଂ ମଇଳା ଶୀଘ୍ର ଦୂର କରିବା ପାଇଁ ଏହି ଘରୋଇ ଉପଚାର ମଧ୍ୟ ଚେଷ୍ଟା କରିପାରିବେ। ବେକିଂ ସୋଡା ଏବଂ ଲେମ୍ବୁ, ଯାହା ରୋଷେଇ ଘରେ ସହଜରେ ଉପଲବ୍ଧ। ଏହି ଦୁଇଟି ଜିନିଷ ଆପଣଙ୍କ ଦାନ୍ତକୁ ଧଳା ଏବଂ ଚମକଦାର କରିବାରେ ପ୍ରଭାବଶାଳୀ। ଉତ୍ତମ ଫଳାଫଳ ପାଇବା ପାଇଁ, ଆପଣ ସପ୍ତାହରେ ଥରେ କିମ୍ବା ଦୁଇଥର ଏହି ଘରୋଇ ଉପଚାର ଚେଷ୍ଟା କରିପାରିବେ। କିଛି ସପ୍ତାହ ମଧ୍ୟରେ, ଆପଣ ଆପେ ଆପେ ଏହାର ସକାରାତ୍ମକ ପ୍ରଭାବ ଦେଖିବା ଆରମ୍ଭ କରିବେ।

ବ୍ୟବହାର ପଦ୍ଧତି: ପ୍ରଥମେ, ଏକ ଛୋଟ ପାତ୍ରରେ ଏକ ଚିମୁଟାଏ ବେକିଂ ସୋଡା ନିଅନ୍ତୁ। ବର୍ତ୍ତମାନ ସେହି ପାତ୍ରରେ କିଛି ବୁନ୍ଦା ଲେମ୍ବୁ ନିଅନ୍ତୁ ଏବଂ ଉଭୟ ଜିନିଷକୁ ଭଲ ଭାବରେ ମିଶ୍ରଣ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ବ୍ରଶ୍ ସାହାଯ୍ୟରେ ଏହି ପେଷ୍ଟକୁ ଆପଣ ନିଜର ସମସ୍ତ ଦାନ୍ତରେ ଲଗାନ୍ତୁ। କିଛି ସମୟ ପାଇଁ ବ୍ରଶ୍ ସହ ଧୀରେ ଧୀରେ ଦାନ୍ତ ଘଷିବା ପରେ, ଆପଣ କୁଳି କରିପାରିବେ। ବେକିଂ ସୋଡା ଏବଂ ଲେମ୍ବୁ ମିଶ୍ରଣ ବ୍ୟତୀତ, ଆପଣ ଲୁଣ ସାହାଯ୍ୟରେ ଆପଣଙ୍କ ଦାନ୍ତର ହଳଦିଆ ପରସ୍ତକୁ ମଧ୍ୟ ଦୂର କରିପାରିବେ। ଧଳା ଏବଂ ଚମକଦାର ଦାନ୍ତ ପାଇବା ପାଇଁ ଆପଣ ଲୁଣ ସହିତ ବ୍ରଶ୍ କରିପାରିବେ। ସପ୍ତାହରେ ଦୁଇରୁ ତିନିଥର ଏହି ଭାବରେ ଲୁଣ ବ୍ୟବହାର କରନ୍ତୁ। ହେଲେ ଭଲ ଫଳାଫଳ ପାଇବା ପାଇଁ, ଆପଣଙ୍କୁ କମ ପରିମାଣରେ ଲୁଣ ବ୍ୟବହାର କରିବା ଉଚିତ।

## ବର୍ଷା ଋତୁରେ ଖାଉଛନ୍ତି କି ରାସ୍ତା କଡ଼ ଖାଦ୍ୟ
## ଭୋଗିବେ ଅନେକ ଗମ୍ଭୀର ସମସ୍ୟା



*ବଦଳୁଛି ପାଣିପାଗ ଆଉ ଜଳବାୟୁରେ ହେଉଛି ପରିବର୍ତ୍ତନ । ଦେଖିବାକୁ ମିଳୁଛି ବର୍ଷା, ପବନ ଓ ସନ୍ତସନ୍ତିଆ ପାଗ । ଏହି ଋତୁରେ ଶରୀର ଅସୁସ୍ଥ ହେବାର ଅନେକଗୁଡ଼ିଏ କାରଣ ମଧ୍ୟ ରହିଛି। ତେବେ, ଆସନ୍ତୁ ଜାଣିବା କ'ଣ ସବୁ ଏହି ଦିନେ ନଖାଇବା ଦ୍ୱାରା ଆମେ ଆମ ସ୍ୱାସ୍ଥ୍ୟକୁ ନିୟନ୍ତ୍ରଣରେ ରଖିପାରିବା ....*

■ ଖାସ୍ କରି ବର୍ଷା ଦିନିଆ ରାସ୍ତାକଡ଼ ଖାଦ୍ୟ ଖାଆନ୍ତୁ ନାହିଁ । ବିଶେଷ କରି ରାସ୍ତା କଡ଼ରେ ମିଳୁଥିବା ଦୋକାନମାନଙ୍କରେ ତେଲଭାଜି ଖାଇବା ଦ୍ୱାରା ଶରୀର ଅସୁସ୍ଥ ହେବାର ବହୁ ସମ୍ଭାବନା ରହିଛି । ବର୍ଷା ଦିନିଆ ବନ୍ଧା କୋବି ଆଦୌ ଖାଆନ୍ତୁ ନାହିଁ। ବନ୍ଧା କୋବିର ପତ୍ରରେ ବହୁ କୁନି କୁନି ପୋକ ସବୁ ଲାଗି କରି ରହିଥାନ୍ତି । ଏହା ପେଟକୁ ଗଲେ ଖାଦ୍ୟକୁ ବିଷାକ୍ତ କରିପକାନ୍ତି ।



■ ଏଥିସହ ବର୍ଷା ଦିନେ ଖଟା କିମ୍ବା ଆଚାର ଖାଇବା ଆଦୌ ଦେହ ପକ୍ଷେ ସୁସ୍ଥକର ନୁହେଁ । ଏସବୁ ଖାଦ୍ୟରୁ ନିଜକୁ ଦୂରେଇ ରଖିଲେ ଭଲ । କୌଣସି ବି ପରିବା କିମ୍ବା ଫଳ କାଟିକି ରଖି ପରବର୍ତ୍ତୀ ମୁହୂର୍ତ୍ତରେ ଖାଆନ୍ତୁ ନାହିଁ । କଟା ଫଳ କିମ୍ବା ପରିବା ବର୍ଷା ଦିନେ କିଛି କ୍ଷଣ ବାହାରେ ରହିବା ପରେ ବିଷାକ୍ତ ହୋଇଯାଏ ।

■ ଏଥିସହ ଆପଣମାନେ ନିଶ୍ଚିତ ଭାବରେ ଜାଣିଥିବେ ଯେ, ଥଣ୍ଡା ଥଣ୍ଡା ପାଗ ଯୋଗୁଁ ସୁଆଦିଆ ଖାଦ୍ୟ ଖାଇବାକୁ ଇଚ୍ଛା ହୁଏ । ଏହି ଋତୁରେ ଅଧିକ ଦେହ ଖରାପ ହେଉଥିବାରୁ ଲୋକମାନେ ଫାଷ୍ଟଫୁଡ୍ ଖାଇବାଠାରୁ ମୁହଁ ବୁଲାଇ ଦେଇଥାନ୍ତି । ଯେମିତି ବର୍ଷାଦିନେ ସିଙ୍ଗଡା, ପକୁଡି, ବରା ଭଳି ଖାଦ୍ୟ ଖାଇବାକୁ ପାଟିରେ ପାଣି ଆସିଯାଏ । କିନ୍ତୁ ସେ ସବୁ ବଦଳରେ ମକା ଦେହ ପାଇଁ ଭଲ ଭାବି ଖାଇଥାନ୍ତି ।

■ ବର୍ଷା ଋତୁର ସନ୍ଧ୍ୟାରେ ରାସ୍ତା କଡରେ ହେଉଥିବା ମକା ଭଜାର ବାସ୍ନା ସମସ୍ତଙ୍କୁ ଆକର୍ଷିତ କରିଥାଏ । ଯାହା ଖୁବ୍ ସାଧାରଣ କଥା । ଏହା ଟେଷ୍ଟି ହୋଇଥାଏ ସତ କିନ୍ତୁ ଯଦି ଆପଣ ଏହାକୁ ସ୍ୱାସ୍ଥ୍ୟ ପାଇଁ ଲାଭକାରୀ ବୋଲି ଭାବୁଛନ୍ତି ତେବେ ଏହା ସମ୍ପୂର୍ଣ୍ଣ ଭୁଲ୍ । ରାସ୍ତା କଡ଼ରେ ବିକ୍ରି ହେଉଥିବା ମକା ଆପଣଙ୍କୁ କ୍ଷତି ପହଞ୍ଚାଇଥାଏ। ଯାହା ପରବର୍ତ୍ତୀ ସମୟରେ ବିପଦଜନକ ସମସ୍ୟା ସୃଷ୍ଟି କରିଥାଏ । ଯଦି ଆପଣ ଏହି ଋତୁରେ ଏପରି କିଛି ଖାଦ୍ୟ ଖାଉଛନ୍ତି, ତେବେ ଏଥିରୁ ଦୂରେଇ ରଖନ୍ତୁ ନଚେତ୍ ଭୋଗିବେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ।

## ଗୁରୁ ଦିବସ

**ଭା**ରତର ପ୍ରଥମ ଉପରାଷ୍ଟ୍ରପତି ତଥା ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମ ଦିବସକୁ ଭାରତରେ ଗୁରୁ ଦିବସ ଭାବେ ପାଳନ କରାଯାଉଛି। ଏକାଧାରରେ ସେ ଥିଲେ ଶିକ୍ଷକ, ଶିକ୍ଷାବିତ୍, ଦାର୍ଶନିକ ଓ କୂଟନୀତିଜ୍ଞ । ୧୮୮୮ ମସିହା ସେପ୍ଟେମ୍ବର ୫ ତାରିଖରେ ତାମିଲନାଡୁର ତିରୁଟ୍ଟନୀରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଶୈଶବ ତିରୁଟ୍ଟନୀ ଓ ତିରୁପତିରେ କଟିଥିଲା । ଉଚ୍ଚଶିକ୍ଷା ପରେ ୧୯୦୯ରେ ତାଙ୍କୁ ମାଡ୍ରାସ ପ୍ରେସିଡେନ୍ସି ମହାବିଦ୍ୟାଳୟରେ ଦର୍ଶନ ବିଭାଗର ଅଧ୍ୟାପକ ଭାବେ ନିଯୁକ୍ତି ମିଳିଥିଲା । ଏହା ପରଠାରୁ ସେ ମୁଖ୍ୟତଃ ଭାରତୀୟ ଦର୍ଶନ ଶାସ୍ତ୍ର ଏବଂ ଧର୍ମଶାସ୍ତ୍ର ଅଧ୍ୟୟନରେ ନିଜକୁ ନିୟୋଜିତ ରଖିଥିଲେ। ୧୯୧୮ରେ ସେ ମୈସୂର ବିଶ୍ୱବିଦ୍ୟାଳୟରେ ଦର୍ଶନ ବିଭାଗର ପ୍ରଫେସର ଭାବେ ନିଯୁକ୍ତ ହୋଇଥିଲେ । ତାହାପରେ କାଲାକାତା ବିଶ୍ୱବିଦ୍ୟାଳୟ, ଲଣ୍ଡନର ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟ, ମାଞ୍ଚେଷ୍ଟର ବିଶ୍ୱବିଦ୍ୟାଳୟ ଓ ଶେଷରେ ଅକ୍ସପୋର୍ଡ଼ ବିଶ୍ୱବିଦ୍ୟାଳୟ । ଶିକ୍ଷକ ଜୀବନରେ ସେ ଭାରତୀୟ ଦର୍ଶନ, ଧର୍ମ ଦର୍ଶନ, ତୁଳନାତ୍ମକ ଧର୍ମଦର୍ଶନ ଓ ନୀତିଶାସ୍ତ୍ର ଆଦିରେ ଶିକ୍ଷାଦାନ କରି ବିଦ୍ୟାର୍ଥୀମାନଙ୍କର ବିଶେଷ ଶ୍ରଦ୍ଧାଭାଜନ ହୋଇପାରିଥିଲେ । ଏକଦା ବିଦ୍ୟାର୍ଥୀମାନେ ତାଙ୍କ ଜନ୍ମ ଦିନ ପାଳନ କରିବାକୁ ଅନୁରୋଧ କରିବାରୁ, ତାଙ୍କ ଜନ୍ମ ଦିବସକୁ ଗୁରୁ ଦିବସ ଭାବେ ପାଳନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ବିଦେଶରେ ବେଶ୍ କିଛି ବର୍ଷ ଶିକ୍ଷାଦାନ ପରେ ସେ ଭାରତ ଫେରି ୧୯୩୯ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ନିଯୁକ୍ତି ପାଇଥିଲେ । ୧୯୪୯ରେ ସେ ସୋଭିଏତ୍ ଋଷିଆକୁ ଭାରତୀୟ ରାଷ୍ଟ୍ରଦୂତ ଭାବେ ପ୍ରେରିତ ହୋଇଥିଲେ । ୧୯୫୨ରେ ପ୍ରଥମ ଉପରାଷ୍ଟ୍ରପତି ଏବଂ ୧୯୬୨ରେ ସର୍ବସମ୍ମତିକ୍ରମେ ସେ ହୋଇଥିଲେ ଭାରତର ଦ୍ୱିତୀୟ ରାଷ୍ଟ୍ରପତି । ୧୯୫୪ରେ ତାଙ୍କୁ ପ୍ରଦାନ କରାଯାଇଥିଲା ସମ୍ମାନଜନକ ଭାରତ ରତ୍ନ ।



## ଇତିହାସ ରଚିଲା ଫିଲ୍ମ 'ଲଭ୍ ଇନ୍ ଭିଏତନାମ'

**ବି**ଶ୍ୱର ଅନେକ ଦେଶ ପରି, ଚୀନରେ ମଧ୍ୟ ହିନ୍ଦୀ ଫିଲ୍ମ ପାଇଁ ଏକ କ୍ରେଜ୍ ରହିଛି । କିଛି ହିନ୍ଦୀ ଫିଲ୍ମ ଚୀନରେ ବହୁତ ଭଲ ବ୍ୟବସାୟ ମଧ୍ୟ କରିଛି । ବଲିଉଡରେ ଏକ ସିନେମା ଅଛି ଯାହା ଚୀନ ଯୋଗୁଁ ରୋଜଗାରର ସମସ୍ତ ରେକର୍ଡ ଭାଙ୍ଗି ଦେଇଛି । ସେହିଭଳି, ଅବନୀତ କୌର ଏବଂ ଶାନ୍ତନୁ ମିଶ୍ରଙ୍କ ଫିଲ୍ମ 'ଲଭ୍ ଇନ୍ ଭିଏତନାମ' ଧମାକା ସୃଷ୍ଟି କରିଛି । ଏହା ଚୀନରେ ୧୦,୦୦୦ ସ୍କ୍ରିନରେ ମୁକ୍ତିଲାଭ କରୁଥିବା ପ୍ରଥମ ଭାରତୀୟ ସିନେମା ହେବ । ଏହି ବଡ଼ ସଫଳତା ବିଷୟରେ କଥା ହୋଇ ଫିଲ୍ମର ନିର୍ଦ୍ଦେଶକ ରାହତ ଶାହ କାଜମୀ କହିଛନ୍ତି, 'ଲଭ୍ ଇନ୍ ଭିଏତନାମ ସମସ୍ତଙ୍କ ମନ କିଣିନେଇଛି । ଆମେ ଏହି ଫିଲ୍ମରେ ଆମର ହୃଦୟ ଏବଂ ଆତ୍ମା ଲଗାଇଛୁ । ଏଥିସହ ଏହା ପ୍ରକୃତରେ ଗର୍ବର ବିଷୟ, କାରଣ ଆମେ ଭାରତରେ ରିଲିଜ୍ ହେବା ପୂର୍ବରୁ ଚୀନ୍ରେ ୧୦,୦୦୦ ସ୍କ୍ରିନ୍ ହାସଲ କରି ଇତିହାସ ସୃଷ୍ଟି କରିଛୁ ।' ଏଥିସହ ଜାଣିରଖନ୍ତୁ ଯେ, ଶାନ୍ତନୁ ମାହେଶ୍ୱରୀଙ୍କ ବ୍ୟତୀତ, ଭିଏତନାମୀୟ ଅଭିନେତ୍ରୀ ଖା ନାଗନ ମଧ୍ୟ ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅଛନ୍ତି । ଫରିଦା ଜଲାଲ, ଗୁଲସନ ଗ୍ରୋଭର, ରାଜ ବବରଙ୍କ ଭଳି ବରିଷ୍ଠ ଅଭିନେତା ମଧ୍ୟ ନଜର ଆସିବେ । ଏହା ବ୍ୟତୀତ ଫିଲ୍ମରେ ପଞ୍ଜାବ ଏବଂ ଭିଏତନାମର ସୁନ୍ଦର ସ୍ଥାନଗୁଡ଼ିକୁ ମଧ୍ୟ ଦେଖାଯାଇଛି । ଓମୁଙ୍ଗ କୁମାର, କ୍ୟାପଟ୍ଟେନ୍ ରାହୁଲ ବାଲିଙ୍କ ଦ୍ୱାରା ପ୍ରଯୋଜିତ ଏବଂ ରାହତ ଶାହ କାଜମୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ୧୨ ସେପ୍ଟେମ୍ବର ୨୦୨୫ରେ ସାରା ଦେଶରେ ମୁକ୍ତିଲାଭ କରିବ ।



**ଅ**ଭିନେତ୍ରୀ ଓ ବିଜେପି ନେତ୍ରୀ କଙ୍ଗନା ରାନାୱତ ବଲିଉଡର ଜଣେ ପ୍ରତିଷ୍ଠିତ କଳାକାର । ସେ ଜାତୀୟ ପୁରସ୍କାର ଜିତିବା ସହ ଅନେକ ହିଟ ଫିଲ୍ମ ଦେଇଛନ୍ତି । ତାଙ୍କର ବହୁଚର୍ଚ୍ଚିତ ଫିଲ୍ମ କୁଇନ ଓ ତନୁ ୱେଡସ ମନୁ ବକ୍ସ ଅଫିସରେ ଭଲ ବ୍ୟବସାୟ କରିବା ସହ ଲୋକଙ୍କୁ ପସନ୍ଦ ଆସିଥିଲା । ଏବେ କୁଇନ ୨ ଓ ତନୁ ୱେଡସ ମନୁ ୩ର ଶୁଟିଂ ପାଇଁ କଙ୍ଗନା ପ୍ରସ୍ତୁତି ଆରମ୍ଭ କରିଛନ୍ତି । ନଭେମ୍ବର ୨୦୨୫ରେ କଙ୍ଗନା ପ୍ରଥମେ କୁଇନ ୨ ଶୁଟିଂରେ ଯୋଗଦେବେ ବୋଲି ଖବର ପ୍ରକାଶ ପାଇଛି । ଫିଲ୍ମର ପ୍ରଥମ ପାର୍ଟ ଭାରତରେ ଏବଂ ଦ୍ୱିତୀୟ ପାର୍ଟ ୟୁକେର ଶୁଟିଂ ହେବ ବୋଲି ସ୍ଥିର ହୋଇଛି । ମେକର୍ସ ବିକାଶ ବହଲ ଓ ତାଙ୍କ ଟିମ ଲୋକେଶନ ଖୋଜିବା ଆରମ୍ଭ କରି ଦେଇଛନ୍ତି । କୁଇନ ୨ ପରେ ତନୁ ୱେଡସ ମନୁର ୩ ସଂସ୍କରଣ ରୂପରେଖ ପ୍ରସ୍ତୁତି କରାଯିବ । ଆନନ୍ଦ ଏଲ ରାୟ ଏହାର ଷ୍ଟୋରୀ ଲକ କରିଛନ୍ତି । ଏଥିରେ ପୂର୍ବ ଫିଲ୍ମଗୁଡିକ ପରି କଙ୍ଗନା ଓ ଆର.ମାଧବନ ଅଭିନୟ କରିବେ । ଆନନ୍ଦ ରାୟ ଏବେ ସେ ତାଙ୍କର ଆଗାମୀ ଫିଲ୍ମ ତେରେ ଇଶ୍କ ମେଁର ଶୁଟିଂରେ ବ୍ୟସ୍ତ ଅଛନ୍ତି । କଙ୍ଗନା ମଝିରେ ଟ୍ରାକ ଚେଂଜ କରି କେତେଗୁଡିଏ ଫିଲ୍ମରେ ଅଭିନୟ କରିଥିଲେ ମଧ୍ୟ ତାହା ବକ୍ସ ଅଫିସରେ ବିଫଳ ହୋଇଥିଲା ।

## କୁଇନ ୨, ତନୁ ୱେଡସ ମନୁ ୩ ପାଇଁ ପ୍ରସ୍ତୁତି ଆରମ୍ଭ କଲେ କଙ୍ଗନା



## ଗିରଫ ହେଲେ 'ୟେ ରିସ୍ତା କ୍ୟା କେହ୍‌ଲାତା ହେ' ଅଭିନେତା ଆଶିଷ



**ଟେ**ଲିଭିଜନ ଅଭିନେତା ଆଶିଷ କପୁରଙ୍କୁ ଗିରଫ କରାଯାଇଛି। ତାଙ୍କୁ ମହାରାଷ୍ଟ୍ରର ପୁଣେରୁ ଗିରଫ କରାଯାଇଛି। ଦିଲ୍ଲୀ ପୋଲିସ କହିଛି ଯେ ଆଶିଷ କପୁର ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଅଛନ୍ତି । ମହିଳା ଜଣକ ତାଙ୍କ ବିରୋଧରେ ନର୍ଥ ଦିଲ୍ଲୀ ପୋଲିସ ଷ୍ଟେସନରେ ଏକ ଏଫଆଇଆର ଦାୟର କରିଥିଲେ । ଗିରଫଦାରୀ ଏଡାଇବା ପାଇଁ ଆଶିଷ କପୁର ଫେରାର୍ ଥିଲେ । ତାଙ୍କୁ ଟ୍ରାକ୍ କରାଯାଉଥିଲା । ପୋଲିସ ଗୋଆରେ ତାଙ୍କ ଲୋକେସନ୍ ଟ୍ରାକ୍ କରିଥିଲା । ପରେ ତାଙ୍କୁ ଗୋଆ ଦେଇ ପୁଣେରେ ଟ୍ରାକ୍ କରାଯାଇଥିଲା । ଅନେକ ପୋଲିସ ଟିମ ତାଙ୍କୁ ଖୋଜୁଥିଲେ । ଖୋଜାଖୋଜି ପରେ ତାଙ୍କୁ ହେପାଜତକୁ ନିଆଯାଇଥିଲା । ପୋଲିସ ଷ୍ଟେସନରେ ଦାଖଲ ହୋଇଥିବା ଅଭିଯୋଗରେ ମହିଳା ଜଣକ କହିଛନ୍ତି ଯେ ସେ ଇନଷ୍ଟାଗ୍ରାମରେ ଆଶିଷ କପୁରଙ୍କୁ ଫଲୋ କରୁଥିଲେ । ଆଶିଷ ତାଙ୍କୁ ଫଲୋ କରିଥିଲେ। ତା'ପରେ ସେ ମେସେଜ ପଠାଇବା ଆରମ୍ଭ କରିଥିଲେ । ଉଭୟ ବନ୍ଧୁ ହୋଇଗଲେ । ଆଶିଷ କପୁର ତାଙ୍କୁ କହିଥିଲେ ଯେ ସେ ଅଗଷ୍ଟ ମାସରେ ଦିଲ୍ଲୀ ଆସୁଛନ୍ତି। ତାଙ୍କ ବନ୍ଧୁଙ୍କ ଘରେ ଏକ ଘରୋଇ ପାର୍ଟି ଅଛି । ଆଶିଷ କପୁର ତାଙ୍କୁ ମଧ୍ୟ ନିମନ୍ତ୍ରଣ କରିଥିଲେ । ମହିଳା ଜଣକ ରାଜି ହୋଇଥିଲେ । ମହିଳା ଜଣକ କହିଛନ୍ତି ଯେ ସେ ଆଶିଷ କପୁରଙ୍କ ବନ୍ଧୁଙ୍କ ଘରେ ଏକ ଘରୋଇ ପାର୍ଟିକୁ ଯାଇଥିଲେ । ସେଠାରେ ତାଙ୍କୁ ଦୁଷ୍କର୍ମ କରିଥିଲେ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କଣ୍ଟାପଡ଼ା, (ଭାସ୍କର ନ୍ୟୁଜ): କଟକ ଜିଲ୍ଲା କଂଗ୍ରେସ ସଭାପତି ଚୟନ ନିମନ୍ତେ ନିଆଳୀ ନିର୍ବାଚନମଣ୍ଡଳ ସ୍ତରୀୟ ସାଂଗଠନିକ ଶୃଜନ ଅଭିଯାନର ବୈଠକ ଅଡଶପୁର ପଞ୍ଚାୟତ ବା ରାହିପୁରରେ ଥିବା ଏକ ଘରୋଇ ମଣ୍ଡପରେ ୪୩ଟି ପଞ୍ଚାୟତର ଆଗଧାଡ଼ିର ଛାମୁଆ କର୍ମିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ଏହି ବୈଠକରେ ଏ.ଆଇ.ସି.ସି ର ସଦସ୍ୟ ଓ ପର୍ଯ୍ୟବେକ୍ଷକମାନେ ଉପସ୍ଥିତ ରହିଥିଲେ। ବୈଠକରେ ଜିଲ୍ଲା ସଂଯୋଜକ ପ୍ରଦିପଦାସ ସଭାପତିତ୍ୱ କରିଥିବାବେଳେ ଏଆଇସିସିର ଡ଼ା. ସା ସଂମ୍ଫଦ କୁମାର ଜି, ପୂର୍ବତନ ସାଂସଦ ତଥା ମନ୍ତ୍ରୀ ନରେନ୍ଦ୍ର ପ୍ରଧାନ, ନିଆଳୀର ପୂର୍ବତନ ବିଧାୟକ ରବିନ୍ଦ୍ର କୁମାର ମଲ୍ଲିକ, ମନୋଜ ଲେଙ୍କା, ଦେବା ଶିଶ ଭୂୟାଁ, କର୍ମିମାନଙ୍କ ସହ ବୈଠକରେ ଆଲୋଚନା କରିଥିଲେ, ଏହି ବୈଠକରେ ପ୍ରାୟତଃ କଂଗ୍ରେସର ଆଗଧାଡ଼ିର ନେତାଙ୍କ ସହିତ ଆଲୋଚନା ସମୟରେ, କଟକ ବାରବାଟି ବିଧାୟକ ସୋଫିଆ ଫିର୍ ଦୋଷଙ୍କ ନାଁରେ ଅଧିକ ଚର୍ଚ୍ଚା ହୋଇଥିଲା, ଆଗଧାଡିର କର୍ମିମାନଙ୍କ ମଧ୍ୟରେ ଦୁଃ ଶାସନ ସାହୁ, ନିମାଇଁ ରାଉତରାଏ, କିଶୋର ରାଉତରାଏ, ସୌଭାଗ୍ୟ ବସ୍ତିଆ, ଭରତ ବେହେରା, ମଲ୍ଲିକ ଇସ୍ ମାଇଲ, ସବିତା ପ୍ରଧାନ, କବି ପ୍ରସାଦ ମଲ୍ଲିକ, ଚୈତନ୍ୟ ଭୋଇ, ମଧୁସ୍ମିତା ମହାପାତ୍ର, ସୁଭ୍ରକାନ୍ତ ସେଠି, ମନୋରଞ୍ଜନ ପଣ୍ଡା, ପ୍ରକାଶ ପ୍ରଧାନ, କ୍ଷେତ୍ରମୋହନ ବେହେରା, ପଦ୍ମନାଭ ମହାନ୍ତି, ବାହାନ ପରିଡା, ବିଶ୍ୱମ୍ଭର ସେନାପତି, ଆଲୋକ ସ୍ୱାଇଁ, ନିଳମଣି ରାଉତ, ଶ୍ୟାମସୁନ୍ଦର ସ୍ୱାଇଁ, ମନୋଜ ସ୍ୱାଇଁ, ସୁଦର୍ଶନ ସନ ଦଳାଇ, ଆଲୋକ କୁମାର ଭୋଇ, ଉପସ୍ଥିତ ରହିଥିବା, ବେଳେ ଡ଼ା.କେଦାର ନାଥ ସାହୁ, ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜେପିର ମିଶ୍ରଣ ପର୍ବ

କାଳିମେଳା, (ଭାସ୍କର ନ୍ୟୁଜ୍): ମାଲକାନାଗିରି ଜିଲ୍ଲା ପଡ଼ିଆ ବ୍ଲକ କଲଦାପଲ୍ଲୀ ପଞ୍ଚାୟତରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ବିଜେଡି ଓ କଂଗ୍ରେସ ଛାଡ଼ି ବହୁ ତୃଣମୂଳ କର୍ମୀ ବିଜେପିରେ ସାମିଲ ହୋଇଥିଲେ। ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ଉପସ୍ଥିତ ରହି ନବାଗତଙ୍କୁ ଦଳକୁ ସ୍ୱଗତ କରିଥିଲେ। ନବାଗତଙ୍କୁ ଦଳର କାହ୍ନୁଚରଣ ମାଡ଼କାମୀ, ଦେବେନ୍ଦ୍ରକୁମାର ମାଡ଼କାମୀ, କର୍ମା କବାସୀ ପ୍ରମୁଖଙ୍କୁ ଉତ୍ତରୀୟ ଓ ଦଳୀୟ ଟପି ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି ଅବସରରେ ବିଧାୟକ କହିଛନ୍ତି, ନବାଗତ କର୍ମୀଙ୍କ ଯୋଗୁ ଦଳ ମଜବୁତ ହେବ। ଅନ୍ୟପଟେ ବିଜେଡ଼ି କାର୍ଯ୍ୟକର୍ତ୍ତାମାନେ ବହୁ ସଂଖ୍ୟାରେ ବିଜେପିରେ ସାମିଲ ହେବା ପରେ ସ୍ଥାନୀୟ ରାଜନୈତିକ ସମୀକରଣରେ ପରିବର୍ତ୍ତନ ହେବ ବୋଲି ଆକଳନ କରାଯାଉଛି। କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି ନିହାର ରାୟ, ପର୍ଡ଼ିଆ ମଣ୍ଡଳ ସାଧାରଣ ସଂପାଦକ ଦେବା ମାଡ଼କାମୀ, ବିଧାୟକଙ୍କ ପଡିଆ ବ୍ଲକ ପ୍ରତିନିଧି ମନୋଦିପନ ରାୟଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# କାଶିଆ(କ) ୟୁପି ସ୍କୁଲରେ ଜିନ୍ଦଲ ସୁବିଧା କେନ୍ଦ୍ର ଉଦ୍‌ଘାଟିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଯୋଡ଼ା ବ୍ଲକ ଅନ୍ତର୍ଗତ ସେରେଣ୍ଡା ପଞ୍ଚାୟତ କାଶିଆ(କ) ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ନିର୍ମିତ ଜିନ୍ଦଲ ସୁବିଧା କେନ୍ଦ୍ରର ଉଦଘାଟନ ହୋଇଯାଇଛି। ଜିନ୍ଦଲ ଷ୍ଟିଲର ଇଭିପି ତଥା ବିକେଟି କ୍ଲଷ୍ଟର ମୁଖ୍ୟ ପ୍ରମୋଦ କୁମାର ପାତ୍ରଙ୍କ ଉପସ୍ଥିତିରେ ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଏହାକୁ ଉଦଘାଟନ କରିଛନ୍ତି। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡ଼ା ବିଇଓ କ୍ଷେତ୍ରମୋହନ ହାଁସଦା, ସେରେଣ୍ଡା ସରପଞ୍ଚ ଇଞ୍ଜିନିୟର ସୁସ୍ମିତା ସିଦ୍ଧୁ, ସିଏଏସଆର ମୁଖ୍ୟ ଭର୍ଜିଲ ଲାକ୍ରାଙ୍କ ସମେତ ଜିନ୍ଦଲ ଷ୍ଟିଲ୍ ଓ ଜିନ୍ଦଲ ଫାଉଣ୍ଡେସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା ଭିତ୍ତିଭୂମି ମଜଭୁତ କରିବା ସହ ଶିଶୁଙ୍କ ପାଇଁ ଅନୁକୂଳ ଶିକ୍ଷଣ ପରିବେଶ ପ୍ରସ୍ତୁତି ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ସ୍କୁଲକୁ ଆସିବା ପାଇଁ ଶିଶୁମାନଙ୍କ ମନରେ ଆଗ୍ରହ ସୃଷ୍ଟି କରିବାକୁ ଏହି ସୁବିଧା କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ରୋଷେଇ ଘର ତଥା ଭୋଜନାଳୟ ଦ୍ୱାରା ୨୨୦ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱଚ୍ଛ ଓ ପରିଚ୍ଛନ୍ନ ପରିବେଶ ମଧ୍ୟରେ ଖାଇବାର ସୁବିଧା ମିଳିବ। ଏହା ସହିତ ଜିନ୍ଦଲ ଫାଉଣ୍ଡେସନ ନିରାପଦ ପାନୀୟ ଜଳ ବ୍ୟବସ୍ଥା, ଉନ୍ନତ ପରିମଳ ବ୍ୟବସ୍ଥା ଏବଂ ଖେଳିବା ପାଇଁ ଭିତ୍ତିଭୂମିର ବିକାଶ କରିଛି। କାଶିଆ (ଖ) ପ୍ରାଥମିକ ବିଦ୍ୟାଳୟ, ଭୁସଗାଁ ପ୍ରାଥମିକ ବିଦ୍ୟାଳୟ ଓ ଝାରଡଗାଁ ଉଚ୍ଚ ପ୍ରାଥମିକ ସ୍କୁଲରେ ମଧ୍ୟ ସମାନ ସୁବିଧା କେନ୍ଦ୍ର ନିର୍ମାଣ ଚାଲିଛି। ଆସନ୍ତା ମାସରେ ଏହାର ହସ୍ତାନ୍ତର କରାଯିବ। ଉଦଘାଟନୀ ଉତ୍ସବରେ ଏହି ଅଭିଯାନକୁ ଉପ ଜିଲ୍ଲାପାଳ ପରିଡ଼ା ପ୍ରଶଂସା କରିବା ସହ ଗ୍ରାମାଞ୍ଚଳର ଶିଶୁମାନଙ୍କ ବିକାଶ ଏବଂ ସରକାରଙ୍କ ସମାବେଶୀ ଶିକ୍ଷା କାର୍ଯ୍ୟକ୍ରମରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। 'ଶିକ୍ଷା' ପ୍ରକଳ୍ପ, ସ୍କୁଲ ଶିକ୍ଷା ପରବର୍ତ୍ତୀ ଶିକ୍ଷଣ କାର୍ଯ୍ୟକ୍ରମ, ପରିବହନ ପାଇଁ ସ୍କୁଲ ବସର ସୁବିଧା, ଶିକ୍ଷକ ନିଯୁକ୍ତି ଓ ଶିକ୍ଷଣ ସାମଗ୍ରୀ ବଣ୍ଟନ ଦ୍ୱାରା ଜିନ୍ଦଲ ଫାଉଣ୍ଡେସନ ଶିକ୍ଷାର ମାନ ବୃଦ୍ଧି ସହ ପ୍ରତ୍ୟକ ଶିଶୁର ବିକାଶ ଓ ଶିକ୍ଷା ଅଧିକାରକୁ ସୁନିଶ୍ଚିତ କରିଆସୁଛି।

# 'ମାଁ ପାଇଁ ଗଛଟିଏ' କାର୍ଯ୍ୟକ୍ରମର ଶୁଭାରମ୍ଭ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ତଥା ସବୁଜ ମାଲକାନଗିରି ଗଠନ ପାଇଁ ଭାରତ ସରକାରଙ୍କ ଯେଉଁ ମାଁ ପାଇଁ ଗଛଟିଏ (ଏକ ପେଡ଼ ମାଁ କେ ନାମ) କାର୍ଯ୍ୟକ୍ରମ ରହିଛି। ଜିଲ୍ଲାର ପ୍ରତ୍ୟେକ ଗାଁକୁ ଚାରା ପହଞ୍ଚାଇବା ପାଇଁ ରଥ ଆଜି ଠାରୁ ଗଡ଼ିବ। ଏ ନେଇ ଆଜି ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି କହିଛନ୍ତି ବିଧାୟକ ମାଡ଼କାମି। ତେଣୁ ଆସନ୍ତା ୧୦ ତାରିଖ ସୁଧା ଜିଲ୍ଲାର ମୋଟ ୧୧୧ଟି ପଞ୍ଚାୟତର ସମସ୍ତ କୋଣ ଅନୁକୋଣରେ ଥିବା ଗାଁ ତଥା ବିଏସଏଫ କ୍ୟାମ୍ପ, ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବୃକ୍ଷ ପହଞ୍ଚାଇବ ଜିଲ୍ଲା ପ୍ରଶାସନ। ମୋଟ ୨ଲକ୍ଷରୁ ଊର୍ଦ୍ଧ୍ୱ ବୃକ୍ଷ ଆସନ୍ତା ୧୭ ତାରିଖ ଅର୍ଥାତ ମୋଦିଜିଙ୍କ ଜନ୍ମ ଦିନରେ ଗୋଟିଏ ଦିନରେ ଲଗାଇବାକୁ ଧାର୍ଯ୍ୟ କରାଯାଇଥିବା କହିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଏବଂ ମାଲକାନଗିରି ଡିଏଫଓ ଡିଏନ କିରଣ କୁମାର। ଏହି ରଥର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ସୁଶ୍ରୀ ଅଶ୍ୱିନୀ ଏ.ଲ, ଏସ୍ ପି ମାଲକାନଗିରି ବିନୋଦ ପାଟିଲ ଇଚ, ଏସିଏଫଙ୍କ ସମେତ ମାଲକାନଗିରି ବନ ବିଭାଗର ସମସ୍ତ ଅଧିକାରୀମାନଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ରାସ୍ତାରେ ନଳକୂପ ବସିବା ନେଇ ଅସନ୍ତୋଷ

# ବିଡିଓଙ୍କ ଦୃଷ୍ଟି ଆକର୍ଷଣ ପରେ କାର୍ଯ୍ୟ ବନ୍ଦ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସାହାପୁର ପଞ୍ଚାୟତ ଅଧୀନ ଗୋପାଳ ଦୋହରା ଗ୍ରାମ ରାସ୍ତା ଉପରେ ନଳକୂପ ବସାଯିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗୁରୁବାର ୱାର୍ଡ଼ ସଦସ୍ୟ ପ୍ରଦୀପ ମାଝୀ, ଭରତ ମାଝୀ, ରମାକାନ୍ତ ମାଝୀ, ଅନନ୍ତ ମାଝୀ, ବିଜୟ ମାଝୀ, ଭାଗିରଥି ମାଝୀ, ବସନ୍ତ ମାଝୀ, ବାପୁଜୀ ମାଝୀ ପ୍ରମୁଖ ବହୁ ଗ୍ରାମବାସୀ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗ ପାଇବା ପରେ ବିଡିଓ ନିରଂଜନ ବାରିକ ନଳକୂପ ଖନନ କାର୍ଯ୍ୟ ବନ୍ଦ କରିଥିବା ଜଣାପଡ଼ିଛି। ଅପରପକ୍ଷେ ଗ୍ରାମରେ ଏକ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ହେବା ପାଇଁ ଯେଉଁ ସ୍ଥାନ ନିରୂପଣ କରାଯାଇଛି ଗ୍ରାମବାସୀ ମାନେ ସେହି ସ୍ଥାନରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ସହମତି ପ୍ରକାଶ କରୁନାହାନ୍ତି। ଅଙ୍ଗନୱାଡ଼ି କେନ୍ଦ୍ରକୁ ସ୍କୁଲ ପାଖରେ ନିର୍ମାଣ କରିବା ପାଇଁ ସେମାନେ ଦାବି କରିଛନ୍ତି। ପ୍ରକାଶ ଯେ, ଗୋପାଳ ଦୋହରା ଗ୍ରାମର ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଏକ ନଳକୂପ ବସିବାକୁ ଅନୁଦାନ ମିଳିଛି। ଏହି ନଳକୂପ ଖନନ ଦାୟିତ୍ୱରେ ଥିବା ଠିକାଦାର ଗୋପାଳ ଦୋହରା ରାସ୍ତାର ଏକ ନିଛାଟିଆ ସ୍ଥାନରେ ବସାଉଛନ୍ତି। ରାସ୍ତା ଉପରେ ନଳକୂପ ବସିଲେ ଗ୍ରାମବାସୀମାନଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହେବା ସହିତ ଜରୁରୀକାଳିନ ଗାଡ଼ି ଗ୍ରାମକୁ ଯାଇ ପାରିବ ନାହିଁ। ଏପରିକି ରାସ୍ତାରେ ନଳକୂପ ବସିଲେ ସେଠାରେ ପାଣି ଜମି ରହି ରାସ୍ତା ନଷ୍ଟ ହେବା ସହିତ ଗ୍ରାମବାସୀମାନେ ଅସୁବିଧାରେ ସମ୍ମୁଖୀନ ହେବେ। ତେବେ ନଳକୂପଟିକୁ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ନିକଟରେ ବସାଇବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ଅସୁରକ୍ଷିତ ସୁରକ୍ଷା ବଳୟ, ଆତଙ୍କିତ ଆଳିବାସୀ



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ସୁରକ୍ଷା ବଳୟ ଆଳି ରିଙ୍ଗ ବନ୍ଧ ଆଜି ଅସୁରକ୍ଷିତ। ଦୁଃଖ ଓ ପରିତାପର ବିଷୟ କିଛି ଅସାଧୁ ବ୍ୟକ୍ତି ତଥା ଘରୋଇ କମ୍ପାନୀଙ୍କ ମନମାନି ଯୋଗୁଁ ଆଜି ଉକ୍ତ ସୁରକ୍ଷା ବଳୟ ଧରାଶାୟୀ ହୋଇ ପଡିଛି। ସୂଚନା ଅନୁସାରେ ଆଳି ରିଙ୍ଗବନ୍ଧର ବଡ଼ମଙ୍ଗ ଠାରେ ସଲଗ୍ନ ଖରସ୍ରୋତାର ଶାଖାକାଣୀ ନଦୀ କୂଳରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ଏକ ଘରୋଇ ସଂସ୍ଥା ପାର୍ବତୀଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ର କାର୍ଯ୍ୟ ଚାଲୁ ରହିଛି। ଉକ୍ତ ପ୍ରକଳ୍ପ ପାଖ ଦେଇ ଆଳି ର ରିଙ୍ଗ ବନ୍ଧ ଯାଇଥିବା ବେଳେ ସେଠାରେ ବନ୍ଧକୁ ଡ୍ରିଲ କରାଯାଇ ବଡ଼ବଡ଼ ପାଇପ ବନ୍ଧର ମଧ୍ୟ ଦେଇ ଅପରପାର୍ଶ୍ୱକୁ ବିଛାଯାଇଛି। ଯେଉଁ କାର୍ଯ୍ୟକୁ ରିଙ୍ଗବନ୍ଧର ସୁରକ୍ଷାକୁ ଚିନ୍ତା କରି ଆରମ୍ଭରୁ ଅଞ୍ଚଳବାସୀମାନେ ବିରୋଧ କରି ଆସୁଛନ୍ତି। ହେଲେ ଦୁଃଖ ଓ ପରିତାପର ବିଷୟ ଉକ୍ତ ଘରୋଇ ସଂସ୍ଥା ଅଞ୍ଚଳବାସୀମାନଙ୍କୁ ନାଲି ଆଖି ଦେଖାଇ ଜୋର ଜବରଦସ୍ତି ଭାବେ ଉକ୍ତ କାର୍ଯ୍ୟକୁ କରିନେଇ ଥିଲେ। ବର୍ତ୍ତମାନ କାଣୀନଦୀରେ ତିନିତିନି ଥର ବନ୍ୟା ଆସିବା ଫଳରେ ରିଙ୍ଗ ବନ୍ଧ ଦେଇ ପାଇପ ଯାଇଥିବା ଅଞ୍ଚଳ ବନ୍ଧ ଦବି ଯିବା ସହ ସୁରକ୍ଷା ବଳୟ ତଥା ରିଙ୍ଗ ବନ୍ଧରେ ଫାଟ ସୃଷ୍ଟି ହୋଇଛି। ଯାହାକୁ ନେଇ ଲୋକେ ଆତଙ୍କିତ ଭାବେ ଜୀବନଯାପନ କରୁଛନ୍ତି। କିଛିଦିନ ତଳେ ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକରେ ହୋଇଥିବା ୭୦ ଫୁଟର ଘାଇ ଓ ସେଥିରେ ହୋଇଥିବା ଭୟାଭୟ ବିଭୀଷକା ମନରୁ ନ ଲିଭୁଣୁ। ଆଳି ରିଙ୍ଗ ବନ୍ଧର ଉକ୍ତ ଅଞ୍ଚଳ ଦବିଯାଇ ଫାଟ ସୃଷ୍ଟି ହେବା ପରେ ଆଳିବାସୀ ମାନଙ୍କ ମନରେ ପ୍ରଶ୍ନ ଆଳି ରିଙ୍ଗ ବନ୍ଧରେ ସୃଷ୍ଟି ହେବକି ଘାଇ? ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଯେତେବେଳେ ଉକ୍ତ କାର୍ଯ୍ୟ ହେଉଥିଲା ସେତେବେଳେ ରିଙ୍ଗ ବନ୍ଧ କଥା ଚିନ୍ତା ନ କରି ଘରୋଇ ସଂସ୍ଥା ପାଇପ ବିଛାଇଥିବା ସ୍ଥାନ ରେ କୌଣସି ବାଲି ନ ଭରିବା ଏବଂ ଉଭୟ ପାର୍ଶ୍ୱରେ ଢ଼ଳେଇ ୱାଲ ନ କରିବା ଯୋଗୁଁ ଆଜି ଏଭଳି ସମସ୍ୟା ଦେଖାଦେଇଛି। ଏଠି ପ୍ରଶ୍ନ ଉଠେ ଯେ ରିଙ୍ଗ ବନ୍ଧର ସୁରକ୍ଷା ଜଳ ସମ୍ପଦ ବିଭାଗରେ ଥିବା ବେଳେ ଏତେ ବଡ଼ ଅଘଟଣ ଘଟି ସାରିଥିବା ବେଳେ କୌଣସି ଅଧିକାରୀ ଘଟଣା ସ୍ଥଳରେ ନ ପହଞ୍ଚିବା ନେଇ ନରତମ ରାଉତ, ପରମେଶ୍ୱର ମଲିକ, କାଳ୍ପତରୁ ଦାସ, ହୀରକ ମଲିକ, ଖଗେଶ୍ୱର ମଲିକ, ସାଉଁଟି ମଲିକ, ଅନ୍ତର୍ଯ୍ୟାମୀ ମଲିକ, ସରୋଜ ପାତ୍ର, ଗୌତମ ରାଉତ, ଶୁଭକାନ୍ତ ରାଉତ ପ୍ରମୁଖ ଅଞ୍ଚଳବାସୀ କ୍ଷୋଭରେ ମତ ପ୍ରକାଶ କରିଛନ୍ତି। ଏନେଇ ଜଳ ସମ୍ପଦ ବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଧ୍ରୁବଚରଣ ବେହେରାଙ୍କ ସହ ଯୋଗାଯୋଗ ହୋଇ ପାରି ନଥିବା ବେଳେ ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସମ୍ବିତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଆସନ୍ତାକାଲି କାଲି ଘଟଣାସ୍ଥଳକୁ ଅଧିକାରୀମାନଙ୍କ ଏକ ଟିମକୁ ପଠାଇ ଅନୁଧ୍ୟାନ କରିବା ସହ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ। ତେବେ ଏଠି ଚିନ୍ତାର ବିଷୟ ଯେ ବିଭାଗର ଅଗୋଚରରେ ନିୟମ ନ ଥାଇ କିପରି ଆଳିର ସୁରକ୍ଷା ବଳୟ ତଥା ରିଙ୍ଗବନ୍ଧକୁ ଭେଦ କରି ଏହାର ମଧ୍ୟ ଦେଇ ପାଇପ ବିଛାଗଲା।

## ମାଷ୍ଟର ଟ୍ରେନର୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ସହରସ୍ଥ ଖମାରସାହି ଆଶ୍ରମ ବିଦ୍ୟାଳୟ ସଭାଗୃହ ଠାରେ କର୍ମଯୋଗୀ ଅଭିଯାନ ଅନ୍ତର୍ଗତ ବ୍ଲକ୍ ସ୍ତରୀୟ ମାଷ୍ଟର ଟ୍ରେନର ମାନଙ୍କର ତିନିଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଅଛି। ଏହି ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ୬ଟି ବ୍ଲକର ସମୁଦାୟ ୧୭ଜଣ ମାଷ୍ଟର ଟ୍ରେନର୍‌ଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ୭ଜଣ ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନର ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ପ୍ରଶିକ୍ଷଣ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଦ୍ୱିତୀୟ ଦିବସରେ ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ବିଭାଗର ଅନୁଶାସନ ସଚିବ ସତୀଶ କୁମାର ସିଂ ଯୋଗଦେଇ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା କଲ୍ୟାଣ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା ପରିଚାଳନା କରିଥିଲେ।

## ନରଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହିନ୍ଦୀ ବକ୍ତୃତା ପ୍ରତିଯୋଗିତା



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବ୍ୟାଙ୍କ ଅଫ ଇଣ୍ଡିଆର ୧୨୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ନରଣପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ୟାଙ୍କ ଅଫ ଇଣ୍ଡିଆ କେନ୍ଦୁଝର ଜୋନ ତରଫରୁ ହିନ୍ଦୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ବ୍ୟାଙ୍କ ତରଫରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରା ଯାଇଥିଲା। ଏହି ବକ୍ତୃତା ପ୍ରତିଯୋଗିତା ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ ଗୋଟିଏ ଓ ଏକାଦଶ ଦ୍ୱାଦଶଶ୍ରେଣୀ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଗୋଟିଏ ପ୍ରତିଯୋଗିତା କରାଯାଇଥିଲା। ଉଚ୍ଚ ବିଦ୍ୟାଳୟ ସ୍ତରରେ ୧୦ଜଣ ପ୍ରତିଯୋଗୀ ଥିବାବେଳେ ଉଚ୍ଚ ମଧ୍ୟମିକ ସ୍ତରରେ ୧୨ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତ୍ୟେକ ସ୍ତରରୁ ପାଞ୍ଚ ଜଣ ଲେଖାଏଁ କୃତି ପ୍ରତଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା। ବିଦ୍ୟାଳୟର ଅଧକ୍ଷ କିଶୋର ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପୁରସ୍କାର ବିତରଣ ଉତ୍ସବରେ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ କେନ୍ଦୁଝର ଜୋନର ଡେପୁଟି ଜୋନାଲ ମ୍ୟାନେଜର ସିଦ୍ଧାର୍ଥ କୁମାର ବେହେରା, ନରଣପୁର ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାର ପରିଚାଳକ ବିକାଶ ଯାଦବ, ମାର୍କେଟିଙ୍ଗ ସିନିୟର ମ୍ୟାନେଜର ଲକ୍ଷ୍ମୀକାନ୍ତ ବେହେରା, ମାର୍କେଟିଙ୍ଗ ମ୍ୟାନେଜର ସୌମ୍ୟରଞ୍ଜନ ସାହୁ ଓ ରାଜାଭାଷା ଅଧିକାରୀ ଦେବ ଜୟସ୍ୱାଲ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ। ବ୍ୟାଙ୍କ ଅଧିକାରୀ ମାନେ ବ୍ୟାଙ୍କର ବିଭିନ୍ନ ପ୍ରକାର ଠକେଇ ଓ ଏଥିରୁ ରକ୍ଷା ପାଇବାର ଉପାୟ ମାନ ପ୍ରକାଶ କରିଥିଲେ। ଏହି ସଭାକୁ ସଫଳ କରିବାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ପୋଚ ଓ ଦେଶୀ ମଦ ଜବତ, ତିନି ଗିରଫ

ବୋଲଗଡ, (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ, ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ୱାବଧାନ ଓ ବେଗୁନିଆ ଓଆଇସି ସଞ୍ଜୟ କୁମାର ସୁବୁଦ୍ଧିଙ୍କ ନେତୃତ୍ୱରେ ଅବକାରୀ ପୁଲିସ କର୍ମଚାରୀଙ୍କ ସହଯୋଗରେ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲା। ଏଥିରୁ ବରପଦା ଗ୍ରାମର ଦକ୍ଷିଣେଶ୍ୱରରୁ ମୋଟ ୩୩ ଶହ କେଜି ପୋଚ, ୪୫୦ ହାତ ରନ୍ଧା ଦେଶୀ ମଦ ଓ ଗୋଟିଏ ମୋଟର ବାଇକ ଜବତ ସହ ବ୍ୟବହୃତ ସରଞ୍ଜାମ ଗୁଡ଼ିକୁ ନଷ୍ଟ କରିଛି।



ଅଭିଯୁକ୍ତ ମାନେ ହେଲେ ମୁଗମଣ୍ଡା ଗ୍ରାମର ସୁରେଶ ପ୍ରଧାନ, ଡିଙ୍ଗର ଗ୍ରାମର ରେଖା ବରାଳ ଓ ବୋଲଗଡ ଥାନା ଅନ୍ତର୍ଗତ ମର୍ଦ୍ଦାବାଡି ଗ୍ରାମର ନୀଳମଣି ସାମନ୍ତରାୟଙ୍କ ଠାରୁ ବ୍ୟବହୃତ ମୋଟର ସାଇକେଲ।

# ଗଞ୍ଜାମ ପୋଲିସ ପକ୍ଷରୁ ଦୁଇଦିନିଆ 'ସାଗର କବଚ' ସମରାଭ୍ୟାସ



ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ପୋଲିସ ଜିଲ୍ଲା ପକ୍ଷରୁ ଦୁଇ ଦିନିଆ ମିଳିତ 'ସାଗର କବଚ' ସମରକ୍ଷଭ୍ୟାସ ଶେଷ ହୋଇଛି। ଗତ ୨୦୧୧ ମସିହାରେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପରେ ଉପକୂଳର ସୁରକ୍ଷା ପାଇଁ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତ୍ୟକ ବର୍ଷ ଦୁଇଥର ଏହି ମିଳିତ ସାଗର କବଚ ସମରକ୍ଷଭ୍ୟାସ ଆୟୋଜିତ ହେଉଛି। ତେବେ ଚଳିତ ବର୍ଷର ଦ୍ୱିତୀୟ ସମରାଭ୍ୟାସ ଦୁଇଦିନ ଧରି ଗଭୀର ସମୁଦ୍ରରେ ବୁଧବାର ଠାରୁ ଆରମ୍ଭ ହୋଇ ଆଜି ଶେଷ ହୋଇଛି। ଗଞ୍ଜାମ ପୋଲିସ ଜିଲ୍ଲା ପକ୍ଷରୁ ଗଭୀର ସମୁଦ୍ର ରେ ମେରାଇନ ପୋଲିସ ସମେତ ବିଭିନ୍ନ ବିଭାଗ ପଇଁତରା ମାରିବା ସହିତ ଅନ୍ୟ ବିଭାଗ ଗୁଡିକ ସ୍ଥଳ ଭାଗରେ ଉପକୂଳକୁ ସୁରକ୍ଷା ଯୋଗାଉଛନ୍ତି। ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ସମୁଦ୍ର ନିକଟ ଥାନା ଆର୍ଯ୍ୟପଲ୍ଲୀ, ଗଞ୍ଜାମ, ଛତ୍ରପୁର, ରମ୍ଭା, ଚମାଖଣ୍ଡି ପୁଲିସ ପକ୍ଷରୁ ଏହି ସମରଭ୍ୟାସ କରାଯାଇଛି। ଗଞ୍ଜାମ ପୁଲିସ ଜିଲ୍ଲା ଆର୍ଯ୍ୟପଲ୍ଲୀ ମେରାଇନ ଥାନା ଅଧିନରେ ପ୍ରୟାଗି ଠାରୁ ହରିପୁର ପର୍ଯ୍ୟନ୍ତ ଦୀର୍ଘ ୪୩ କିମି ପର୍ଯ୍ୟନ୍ତ ପେଟ୍ରୋଲିଂ କରାଯାଇଛି। ଏହା ବ୍ୟତୀତ ବିଭିନ୍ନ ଛକ ମାନଙ୍କରେ ମେରାଇନ ଥାନା ପୋଲିସ ପକ୍ଷରୁ ଗାଡି ଗୁଡ଼ିକୁ ଅଟକାଇ ଚେକିଂ କରାଯାଇଛି। ଏହି ସମରାଭ୍ୟାସ ରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼େଇ, ମେରାଇନ୍ ଥାନା ଅଧିକାରୀ ବିଦ୍ୟା ଭାରତୀ, ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚି ମଲ୍ଲ, ଚମାଖଣ୍ଡି ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି, ଗଞ୍ଜାମ ଥାନା ଅଧିକାରୀ ସୁମିତ୍ରା ପାତ୍ର ଏବଂ ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି ଆଦି ତଦାରଖ କରିଥିଲେ। ସେହିପରି ଛତ୍ରପୁର ଅଗ୍ନିଶମ ବିଭାଗ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଏକ ସ୍ୱାସ୍ଥ୍ୟ ଟିମ ସାମିଲ ହୋଇଥିବା ଦେଖିବାକୁ ମିଳିଛି।

# ଚୋରକୁ ଧରି ପୋଲିସ ଜିମା ଦେଲେ ଲୋକେ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଗାଡି ଚୋରି କରି ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ଲୋକେ ଗୋଡ଼ାଇ ଧରିଲେ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଂଚଳରେ ବିଭିନ୍ନ ଘଟଣାରେ ସମ୍ପୃକ୍ତି ଥିବା ନିଶାଶକ୍ତ ଯୁବକ ବୁଧବାର ରାତ୍ର ୧୦ଘଟିକା ସମୟରେ ଶ୍ରୀରାମ ଗ୍ରାମର ବିଶ୍ୱଜିତି ବେହେରା ନିଜ କର୍ମକ୍ଷେତ୍ରରୁ ଫେରି ଅସ୍ତରଙ୍ଗ ବଜାରରେ ଏକ ପାନ ଦୋକାନ ନିକଟରେ ଅଟକି ପାନ କିଣିବା ସମୟରେ ନିଶାଶକ୍ତ ଯୁବକ କ୍ଷଣିକ ମଧ୍ୟରେ ହିରୋ ପ୍ୟାସନ ପ୍ରୋ ଗାଡିଟିକୁ ଗଡ଼ାଇ ଗଡ଼ାଇ ନେଇ ଯାଉଥିବା ଦେଖିବାକୁ ପାଇଥିଲେ। ଏହା ଦେଖି ବିଶ୍ୱଜିତି ନିଶା ଶକ୍ତ ଯୁବକ ନିକଟରେ ପହଂଚି ଗାଡି ଚୋରି କରି ନେଇ ଯାଉଥିବା ବ୍ୟକ୍ତିକୁ ପଚାରିବାରୁ ନିଶା ଶକ୍ତ ଯୁବକ ଓଲଟା ଜବାବ ଦେଇ ଗାଡିଟିକୁ ନେବାକୁ ପ୍ରୟାସ କରିଥିଲେ। ସ୍ଥାନୀୟ ଲୋକ ସମାଗମ ହେବାରୁ ଚୋରି କରିଥିବା ବ୍ୟକ୍ତି ପବିତ୍ର ଦାସ ଘଟଣା ସ୍ଥଳରୁ ଖସିବାକୁ ଚେଷ୍ଟା କରିଥିଲେ। ଖବର ପାଇଁ ଅସ୍ତରଙ୍ଗ ପୋଲିସ ଚୋରକୁ କାବୁ କରି ଥିବା ବେଳେ ବିଶ୍ୱଜିତି ବେହେରାଙ୍କ ଅଭିଯୋଗକୁ ଭିତ୍ତି କରି ଅସ୍ତରଙ୍ଗ ଥାନା କେଶ ନମ୍ବର ୧୮୩/୨୫ମାମଲା ରୁଜୁ କରି ଅଭିଯୁକ୍ତ ପବିତ୍ର ଦାସକୁ ଅଦାଲତ ଚାଲାଣ କରାଯାଇଛି। କିନ୍ତୁ ଅଭିଯୁକ୍ତ ଜଣକ ପୂର୍ବରୁ ଅନେକ ମାମଲାରେ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା।

## ବଜ୍ରାଘାତରେ ଚାଷୀ ମୃତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଜଳମଣ୍ଡୁଆ ଗ୍ରାମ ଦୁର୍ଗାପୁର ସାହିର ଚାଷୀ ମଙ୍ଗୁଲ ପ୍ରଧାନ (୬୭) ବଜ୍ରାଘାତରେ ମୃତ୍ୟୁବରଣ କରିଥିବା ଜଣାଯାଇଛି। ଗୁରୁବାର ଦିନ ୧୧ଟା ସମୟରେ ମଙ୍ଗୁଲୁ ଧାନବିଲରେ କାର୍ଯ୍ୟ କରୁଥିବା ସମୟରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରାଘାତରେ ମଙ୍ଗୁଲୁ ଧାନବିଲରେ ଟଳି ପଡିଥିଲେ। ନିକଟ ବିଲରେ କାର୍ଯ୍ୟ କରୁଥିବା ଚାଷୀମାନେ ମଙ୍ଗୁଲୁକୁ ଉଦ୍ଧାର କରି ଆଣିଥିଲେ। ପରିବାର ଲୋକେ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁତ୍ର କାହ୍ନୁଚରଣ ପ୍ରଧାନଙ୍କ ଅଭିଯୋଗ କ୍ରମେ ଧାମନଗର ଥାନାରେ ୨୪/୨୫ନଂ ଅପମୃତ୍ୟୁ ମାମଲା ରଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି।

# ଲଘୁଚାପ ଜନିତ ବର୍ଷାଜଳକୁ ନେଇ ଚିନ୍ତାରେ ଭଦ୍ରକବାସୀ



ଭଦ୍ରକ (ଭାସ୍କର ନ୍ୟୁଜ): ଲଘୁଚାପ ଜନିତ ଲାଗାଁ ବର୍ଷାରେ ବେହାଲ ଭଦ୍ରକ। ଜଳ ନିଷ୍କାସନ ସମସ୍ୟାକୁ ନେଇ ବିଫଳ ପ୍ରଶାସନ, ଚିନ୍ତାରେ ଭଦ୍ରକବାସୀ। ଜଳ ନିଷ୍କାସନ ବ୍ୟବସ୍ଥାକୁ ସୁଧାରିବା ପାଇଁ ବର୍ଷା ଋତୁ ପୂର୍ବରୁ ଭଦ୍ରକର ବିଭିନ୍ନ ଅଂଚଳର ଜନସାଧାରଣ ଜିଲ୍ଲା ପ୍ରଶାସନର ଦ୍ୱାରସ୍ତ ବାରମ୍ବାର ହୋଇଥିଲେ ମଧ୍ୟ ତ୍ରୁଟି ସୁଧାରିବାରେ ପ୍ରଶାସନ ବିଫଳ। ଯାହାର ଫଳସ୍ୱରୂପ ଭଦ୍ରକ ସହରର ବିଭିନ୍ନ ଅଂଚଳରେ ପୁରି ରହିଛି ବର୍ଷାଜଳ। ବିଭାଗୀୟ କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବାବେଳେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଭଦ୍ରକବାସୀ। ଭଦ୍ରକ-ଆରଡ଼ି ଛକ ରାସ୍ତାର ଖେମକା ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖ ରାଜରାସ୍ତାରେ ପାଣି, ଆରଡ଼ିଛକରୁ ଆରଡ଼ି ଅଭିମୁଖେ ଯିବା ରାସ୍ତାରେ ବଡ଼ବଡ଼ ଖାଲ ଥିବାରୁ ସେଠାରେ ରାସ୍ତାରେ ପାଣି, ବନ୍ତଛକରୁ କଚେରୀ ବଜାର ରାସ୍ତାରେ ମାଳତୀ ଭବନ ସମ୍ମୁଖରେ ପାଣି, ଭଦ୍ରକ ପୌରପାଳିକାର ବିଭିନ୍ନ ଅଞ୍ଚଳରେ ଜଳ ନିଷ୍କାସନ ବ୍ୟବସ୍ଥା ତ୍ରୁଟି କାରଣରୁ ହୋଇପାରୁ ନଥିବାରୁ କଉଠି ଆଣ୍ଠୁଏ ତ କେଉଁଠି ଯଂଘେ ପାଣିରେ ଯାତାୟାତ କରୁଛନ୍ତି ସ୍ଥାନୀୟ ଜନସାଧାରଣ। ଏଥି ସମେତ ଜିଲ୍ଲା ମୁଖ୍ୟାଳୟର ବିଭିନ୍ନ ମୁଖ୍ୟ କାର୍ଯ୍ୟାଳୟ ପରିସର ମାନଙ୍କରେ ମଧ୍ୟ ବର୍ଷାଜଳ ଜମି ଥିବାର ଦେଖାଦେଇଛି ଓ ଲଘୁଚାପ ଜନିତ ଲଗାଣ ବର୍ଷା ସାଙ୍ଗକୁ ଜଳ ନିଷ୍କାସନ ଅବ୍ୟବସ୍ଥା ପାଇଁ ଦେଖା ଦେଇଛି ପୌରପାଳିକା ଅଂଚଳରେ ଜନ ଅସନ୍ତୋଷ। ପ୍ରକାଶ ଥାଉକି ଏହି ବ୍ୟବସ୍ତାରେ ତ୍ରୁଟି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଯେତିକି ଦାୟୀ ଭିନ୍ନ ଭିନ୍ନ ଅଂଚଳରେ ମୁଷ୍ଟିମେୟ ଜବର ଦଖଲକାରୀ ମାନେ ମଧ୍ୟ ସମ ପରିମାଣରେ ଦାୟୀ ବୋଲି ଜଣା ପଡିଛି। ଅନ୍ୟପଟେ ଯେଉଁ ସ୍ଥାନ ମାନଙ୍କରେ ଜଳ ନିଷ୍କାସନ ନିମନ୍ତେ ଡ୍ରେନ ମନନଙ୍କରେ ଆବର୍ଜନା ଓ ଅଳିଆରେ ପରିପୂର୍ଣ୍ଣ ଥିବାରୁ ଜଳ ନିଷ୍କାସନରେ ପ୍ରତିବନ୍ଧକ ସାଜୁଛି ସେଠି ମଧ୍ୟ ଡ୍ରେନ ସଠିକ ସମୟରେ ସଫା ନହେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଯେତିକି ଦାୟୀ ଡ୍ରେନରେ ଅଳିଆ ଆବର୍ଜନା ପକାଇବା ପାଇଁ ସ୍ଥାନୀୟ ବାସିନ୍ଦା ସମ ପରିମାଣରେ ଦାୟୀ ବୋଲି ଜଣା ପଡିଛି। ତେବେ ଜନସାଧାରଣ ଜଳ ନିଷ୍କାସନ ପାଇଁ ଯେତିକି ସଚେତନ ହେବାର ଆବଶ୍ୟକତା ରହିଛି ସେ ସମସ୍ୟା ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ମଧ୍ୟ ସେତିକି ଯତ୍ନବାନ ହେବାର ଆବଶ୍ୟକତା ଅଛି। ତେବେ ଜିଲ୍ଲା ପ୍ରଶାସନ ସୂଚନା ଅନୁଯାୟୀ ଗୁରୁବାର ସକାଳ ସୁଦ୍ଧା ଜିଲ୍ଲାରେ ମୋଟ ୩୫୯.୫ ମିମି ବର୍ଷା ହୋଇଥିବା ବେଳେ ଭଦ୍ରକ ଜିଲ୍ଲାର ଧାମନଗର ବ୍ଲକରେ ସର୍ବାଧିକ ୧୦୩ମିମି ବର୍ଷା, ଭଣ୍ଡାରିପୋଖରୀ ବ୍ଲକରେ ୬୦ ମିମି, ଚାନ୍ଦବାଲି ବ୍ଲକରେ ୬୦ ମିମି ବନ୍ତ ବ୍ଲକରେ ୩୯ମିମି ବ୍ଲକରେ ୨୭ ମିମି, ବାସୁଦେବପୁର ବ୍ଲକରେ ୧୨ ମିମି ଏବଂ ଭଦ୍ରକରେ ୨୪.୪ ମିମି ବର୍ଷା ହୋଇଛି। ତେବେ ଏହି ଲଘୁଚାପ ଜନିତ ଲାଗାଁ ବର୍ଷ ଯେବେ ଆଗକୁ ଆହୁରି ଲାଗିରହେ ତେବେ ବର୍ଷାଜଳକୁ ନେଇ ନାହିଁ ନଥିବା ପରିସ୍ଥିତିର ସାମନା କରିବେ ଭଦ୍ରକବାସୀ।

## ପରିତ୍ୟକ୍ତ ଟାଙ୍କିରୁ ନିଖୋଜ ଛାତ୍ରଙ୍କ ଶବ ଉଦ୍ଧାର

ରଣପୁର, (ଭାସ୍କର ନ୍ୟୁଜ୍): ନୟାଗଡ଼ ଜିଲ୍ଲା ରଣପୁର ଥାନା ରାଜ ସୁନାଖଳା ଫାଣ୍ଡି ଅନ୍ତର୍ଗତ କୁଳାସର ଗ୍ରାମ ପଞ୍ଚାୟତ ନିଳପଲ୍ଲୀ ଗ୍ରାମ ସିରାଜୁଲ୍ ଉଲୁମ ମାଦ୍ରାସା ପରିତ୍ୟକ୍ତ ଟାଙ୍କି ମଧ୍ୟରୁ ନିଖୋଜ ଛାତ୍ରର ମୃତଦେହ ମିଳିଥିବା ଜଣାପଡିଛି। ଏନେଇ ହତ୍ୟା ଅଭିଯୋଗ କରିଛନ୍ତି ମୃତ ଛାତ୍ରର ବାପା। ରଣପୁର ଥାନା ରେ ଅଭିଯୋଗ ପରେ ଏକ ହତ୍ୟା ମାମଲା ରଜୁ କରି ଫାଣ୍ଡି ଅଧିକାରୀ ପ୍ରିତି ପ୍ରକାଶ ମହାନ୍ତି ଶବ ଜବତ କରି ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପଞ୍ଚନାମା ପରେ ଶବ ପରିବାରକୁ ହସ୍ତାନ୍ତର କରିଥିବା ଜଣାପଡିଛି। ତଦନ୍ତ ଜାରୀ ରହିଛି। ମୃତ ଛାତ୍ର ହେଉଛନ୍ତି କଟକ ଜିଲ୍ଲା ବଡମ୍ବାର ଆଲିନୁରୁଦ୍ଦିନ୍ ଖାନ୍‌ଙ୍କ ପୁଅ ଫରାନୁଦ୍ଦିନ ଖାନ୍ (୧୨)। ଏକ ବର୍ଷ ହେଲା ଏହି ମାଦ୍ରାସା ରେ ରହି ପାଠ ପଢି ଆସୁଥିଲେ। ସେପ୍ଟେମ୍ବର ୨ ତାରିଖ ଅପରାହ୍ନରେ ମାଦ୍ରାସା ତରଫରୁ ପୁଅ ନିଖୋଜ ଘଟଣା ପରିବାରକୁ ମାଦ୍ରାସା ତରଫରୁ ଖବର ଦିଆଗଲା। ପରିବାର ଲୋକେ ମାଦ୍ରାସାକୁ ଆସି ସିସିଟିଭି ଫୁଟେଜ୍ ଯାଞ୍ଚ ପାଇଁ କହିବାରୁ ତାଙ୍କୁ ଦେଖାଯାଇ ନଥିଲା। ଥାନାରେ ଅଭିଯୋଗ ପାଇଁ କହିବାରୁ ବିଭିନ୍ନ ଆଳ ଦେଖାଇ ବାରଣ କରାଯାଇଥିଲା। ବହୁ ଖୋଜାଖୋଜି ପରେ ମୃତକର ବାପା ମାଦ୍ରାସା ପଛପଟକୁ ଯିବାରେ ଏକ ପରିତ୍ୟକ୍ତ ଟାଙ୍କି ଭିତରେ ପୁଅ ଭାସୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ଅଗ୍ନୀଶମ ବାହିନୀ ଡକାଇ ମୃତ ପୁତ୍ରର ଶବ ଉଦ୍ଧାର କରିଥିଲେ।



କଣାସ, (ଭାସ୍କର ନ୍ୟୁଜ୍): କଣାସ ବ୍ଲକ ଗଡବଳଭଦ୍ରପୁର ଗ୍ରାମପଞ୍ଚାୟତ ଗୌଡପାଟଣା ଗ୍ରାମରେ ପ୍ରତିଷ୍ଠିତ ଗୌଡପାଟଣା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଜେନା ସେହି ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ରୀ ଜ୍ୟୋସ୍ନା ମଲ୍ଲିକ୍‌ଙ୍କୁ ଗତ ୨ ତାରିଖ ଦିନ ବିଦ୍ୟାଳୟରେ ମାଡମାରିବା ଓ ଜାତିଆଣ ଅକ୍ଷେପ କରିଥିବା ଜ୍ୟୋସ୍ନାଙ୍କ ପିତା କଣାସ ବ୍ଲକ ଶିକ୍ଷାଧିକାରୀ ଓ କଣାସ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଆଜି ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଗୌଡପାଟଣା ପ୍ରାଥମିକ ବିଦ୍ୟାଳୟକୁ ଅତିରିକ୍ତ ଶିକ୍ଷାଧିକାରୀ ଗୋବର୍ଦ୍ଧନ ବେହେରା ଓ ସି.ଆର.ସି.ସି ଭୂପତି ଭୂଷଣ ତ୍ରିପାଠୀ ଯାଇ ଶିକ୍ଷୟିତ୍ରୀ, ଛାତ୍ରୀ ଜ୍ୟୋସ୍ନା ମଲ୍ଲିକ୍‌ଙ୍କ ପିତା ଓ ଅନ୍ୟାନ୍ୟ ଛାତ୍ରୀମାନଙ୍କୁ ଘଟଣା ସଂପର୍କରେ ବୁଝି ଫେରିଆସିଥିବା ବେଳେ ପୁରୀ ଜିଲ୍ଲା ଅତିରିକ୍ତ ଆରକ୍ଷି ଅଧିକ୍ଷକ ସଚ୍ଚିନ୍ ପଟେଲ୍, ପିପିଲି ସ.ଡି.ପି.ଓ ଦେବାଷିଶୀ ମିଶ୍ର, କଣାସ ଥାନା ଆଇ.ଆଇ.ସି ପ୍ରଶନ୍ନ ନାୟକ ଗୌଡପାଟଣା ଗ୍ରାମକୁ ଯାଇ ପ୍ରଧାନ ଶିକ୍ଷୟିତ୍ରୀ, ଛାତ୍ରୀଛାତ୍ରୀ ଅଭିବାବକ, ବିଦ୍ୟାଳୟରେ ଥିବା ଅନ୍ୟାନ୍ୟ ଛାତ୍ରୀମାନଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ।

## ଛାତ୍ରୀ ନିର୍ଯାତନା ଘଟଣା

# ଶିଶୁ ସୁରକ୍ଷା ଆୟୋଗଙ୍କ ହସ୍ତକ୍ଷେପ ଲୋଡ଼ିଲା ପ୍ୟାରେଣ୍ଟ୍ ଫେଡେରେସନ୍



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଗତ ମଙ୍ଗଳ ବାର ଦିନ ଡୁମୁଡୁମା ହାଉସିଂ ବୋର୍ଡ଼ କଲୋନୀ ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଅମାନୁଷିକ ଭାବରେ ମରା ଯାଇଥିବା ମାଡ଼ ଯୋଗୁଁ ଚତୁର୍ଥ ଶ୍ରେଣୀରେ ପଢୁଥିବା ଏକ ଛାତ୍ରୀ ଦୃଷ୍ଟି ଶକ୍ତି ହରାଇଥିବା ଘଟଣା ସମସ୍ତ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା ଘଟଣା ଜାଣିବାପରେ ପ୍ୟାରେଣ୍ଟ ଫେଡେରେସନ୍ ତରଫରୁ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ପୀଡ଼ିତା ଛାତ୍ରୀର ଘରେ ପହଞ୍ଚି ସମସ୍ତ ଘଟଣା ବିଷୟରେ ଅବଗତ ହେବାପରେ, ଛାତ୍ରୀର ଅଭିଭାବକଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଆଜି ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷାଙ୍କ ଦ୍ୱାରସ୍ଥ ହୋଇଥିଲେ। ଆୟୋଗର ଅଧ୍ୟକ୍ଷା ଏବଂ ସଦସ୍ୟା ମାନେ ଦୀର୍ଘ ସମୟଧରି ସମସ୍ତ ଘଟଣା ବିଷୟରେ ଟିକିନିଖି ଆଲୋଚନା କରି ଗତକାଲି ଠାରୁ ଏ ଘଟଣା ସମ୍ପର୍କରେ ଗଣମାଧ୍ୟମରୁ ଖବର ପାଇ ଏସମ୍ପର୍କରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ବୋଲି ଜଣାଇବା ସହ ସ୍ୱତଃ ନିଜ ତରଫରୁ ଭୁବନେଶ୍ୱର ଶିକ୍ଷା ଅଧିକାରୀ, ଖଣ୍ଡଗିରୀ ଥାନା ଅଧକାରୀ ଏବଂ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜଣାଇବା ସହ ପିଡୀତା ଛାତ୍ରୀଙ୍କୁ ଉପଯୁକ୍ତ ନ୍ୟାୟ, ଦୋଷୀଙ୍କୁ ଉପଯୁକ୍ତ ଦଣ୍ଡ ଏବଂ ଚିକିତ୍ସା ପାଇଁ ସମସ୍ତ ସହଯୋଗ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବା ସହ ଆୟୋଗଙ୍କ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ତୁରନ୍ତ ପିଡୀତା ଛାତ୍ରୀଙ୍କୁ ଭେଟିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଧ୍ୟକ୍ଷାଙ୍କ ସହ ଆଲୋଚନା ପରେ ସଭାପତି ପଟ୍ଟନାୟକ ଏବଂ ପୀଡ଼ିତା ଛାତ୍ରୀର ଅଭିଭାବକ ସନ୍ତୁଷ୍ଟି ପ୍ରକାଶ କରିବା ସହ ଉପଯୁକ୍ତ ନ୍ୟାୟ ମିଳିବ ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି। ଏହି ଆଲୋଚନାରେ ଫେଡେରେସନ୍‌ର ଉପସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ ସାଧାରଣ ସମ୍ପାଦକ ରମେଶ ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୁଗୋଳରେ ଖୋଲିଲା ଶ୍ରୀଲେଦର୍ସର ନୂତନ ଶୋ'ରୁମ




ଅନୁଗୋଳ, (ଭାସ୍କର ନ୍ୟୁଜ୍): ଦୀର୍ଘ ୭୦ ବର୍ଷର ପୁରାତନ ଫୁଟୱେୟାର ତଥା ଜୋତା ଶିଳ୍ପ ବ୍ୟବସାୟରେ ଏକ ନିର୍ଭରଯୋଗ୍ୟ ବ୍ରାଣ୍ଡ ଭାବେ ପରିଚିତ ଶ୍ରୀଲେଦର୍ସ, ଅନୁଗୋଳସ୍ଥିତ ହେମସୁରପଡ଼ା ଠାରେ ଖୋଲିଛି ନୂତନ ଶୋ'ରୁମ। ଏଠାରେ ଓଡ଼ିଶାର ଗ୍ରାହକଙ୍କ ପାଇଁ ରହିଛି ଉତ୍ତମ ମାନର, ଆରାମଦାୟକ ତଥା ଷ୍ଟାଇଲିସ୍ ସାମଗ୍ରୀ। ଏହି ନୂତନ ଶୋ'ରୁମରେ ବିଶ୍ୱସ୍ତରୀୟ ଜୋତା, ଚମଡ଼ାରେ ନିର୍ମିତ ବ୍ୟାଗ୍, ଟ୍ରାଭେଲ ବ୍ୟାଗ୍, ସ୍ପୋର୍ଟ ଜୋତା, ଆକ୍ଟିଭ୍ ୱେର୍ ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ଦେଶବାସୀଙ୍କୁ ଅପେକ୍ଷାକୃତ ସ୍ୱଳ୍ପ ମୂଲ୍ୟରେ ଆରାମଦାୟକ ଜୋତା ଯୋଗାଇ ଦେବା ପାଇଁ ୧୯୫୨ ମସିହାରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୁରେଶ ଚନ୍ଦ୍ର ଦେ, 'ଶ୍ରୀଲେଦର୍ସ' ବ୍ୟବସାୟ ଆରମ୍ଭ କରିଥିଲେ। ୭୦ ବର୍ଷ ପୁରାତନ ଏହି ବ୍ରାଣ୍ଡ ଜୋତା ବଜାରରେ ଗୁଣାତ୍ମକ ଉତ୍ପାଦ ଏବଂ ଗ୍ରାହକ ସନ୍ତୁଷ୍ଟୀକରଣ କ୍ଷେତ୍ରରେ ନିଜର ପ୍ରତିଷ୍ଠା ବଜାୟ ରଖିଛି। ଏହି ପରିପ୍ରେକ୍ଷୀରେ ଶ୍ରୀଲେଦର୍ସର ଅଂଶୀଦାର ଶେଖର ଦେ କହିଛନ୍ତି ଯେ, 'ପ୍ରତ୍ୟେକ ନୂତନ ଉତ୍ପାଦର ଗୁଣବତ୍ତା ଏବଂ ଗ୍ରାହକଙ୍କ ଗ୍ରହଣୀୟତା ବିଷୟରେ ନିଶ୍ଚିତ ହେବା ପରେ ହିଁ ଆମେ ଏହାକୁ ଆମର ଅନ୍ୟାନ୍ୟ ଫ୍ରାଞ୍ଚାଇଜ୍‌ରେ ବଣ୍ଟନ କରୁ।' ସମସ୍ତ ବର୍ଗର ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ଜୋତା, ବ୍ୟାଗ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ଚମଡ଼ା ସାମଗ୍ରୀ ଯୋଗାଇବାରେ 'ଶ୍ରୀଲେଦର୍ସ' ଜୋତା ବଜାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। 'ଏସ୍‌ଏଲ୍ ପ୍ରିମିୟମ' ହେଉଛି ଏହାର ଏକ ନୂତନ ବର୍ଗ, ଯାହାକୁ ଗ୍ରାହକମାନଙ୍କଠାରୁ ବେଶ୍ ଭଲ ଫିଡ୍‌ବ୍ୟାକ୍ ମିଳିଛି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରାଣ୍ଡର ଭବିଷ୍ୟତ ବିଷୟରେ ଅଭିବ୍ୟକ୍ତି ପ୍ରକାଶ କରି ପରିବାରର ତୃତୀୟ ପିଢି ତଥା ଅଂଶୀଦାର ସୁଶାନ୍ତୋ ଦେ କହିଛନ୍ତି ଯେ, 'ବର୍ତ୍ତମାନ ଆମେ କ୍ରୀଡ଼ାଭିତ୍ତିକ ଜୋତା ଉତ୍ପାଦନ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହୁଁଛୁ। ଜୋତାର ଗୁଣବତ୍ତା ବିଶ୍ୱସ୍ତରୀୟ ହେବା ସହ ଏହାର ମୂଲ୍ୟ ଗ୍ରାହକଙ୍କୁ ସୁହାଇଲା ଭଳି ହେବ।' ଏହି ସମସ୍ତ କ୍ରୀଡ଼ା ଭିତ୍ତିକ ଜୋତା, ସ୍ପୋର୍ଟସ ୱେର୍ ଏବଂ ଆକ୍ଟିଭ୍ ୱେର୍, ଏସ୍‌ଏଲ୍ ସ୍ପୋର୍ଟସ ବ୍ରାଣ୍ଡରେ ବିକ୍ରି ହୋଇଥାଏ। ଗତ ଏକ ବର୍ଷ ମଧ୍ୟରେ 'ଶ୍ରୀଲେଦର୍ସ' ପୂର୍ବ ଓ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟ ଯଥା ଝାଡ଼ଖଣ୍ଡ, ବିହାର, ଓଡ଼ିଶା ଆଦି ସ୍ଥାନରେ ପ୍ରାୟ ୧୦ରୁ ଅଧିକ ଷ୍ଟୋର ସଫଳତାର ସହ ପରିଚାଳନା କରୁଛି। ଆଞ୍ଚଳିକ ଷ୍ଟୋର ପ୍ରତିଷ୍ଠା, ଦେଶ ବ୍ୟାପୀ ଅଧିକରୁ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚିବାର ଆମ ପ୍ରୟାସକୁ ସମୃଦ୍ଧ କରିବାରେ ସହାୟକ ହେବ। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀଲେଦର୍ସ ଫ୍ରାଞ୍ଚାଇଜ୍ ଡେଭେଲପମେଣ୍ଟ ମୁଖ୍ୟ ରବି ଦେ' ଙ୍କ ସମେତ, ଶ୍ରୀଲେଦର୍ସ ମାର୍କେଟିଂ ମୁଖ୍ୟ ସୌରଭ ବିଶ୍ୱାସ, ଅନୁଗୋଳ ଫ୍ରାଞ୍ଚାଇଜ୍ ମାଲିକ ଜିତେନ୍ଦ୍ର କୁମାର ସାହୁ, ମହେନ୍ଦ୍ର କୁମାର ସାହୁ, ଏବଂ କୋମଳ ପ୍ରିୟଦର୍ଶିନୀ ଉପସ୍ଥିତ ଥିଲେ। ଦେଶର ସମସ୍ତ ଗ୍ରାହକ ମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ନୂତନ ଷ୍ଟୋର ଖୋଲିବା ପାଇଁ ଶ୍ରୀଲେଦର୍ସର ଯୋଜନା ରହିଥିବା ବେଳେ ଫ୍ରାଞ୍ଚାଇଜ୍ ଭାଗିଦାରୀକୁ ମଜଭୁତ କରିବା ଦିଗରେ ଏହା କାର୍ଯ୍ୟ କରୁଛି। ଗ୍ରାହକଙ୍କ ବିଶ୍ୱସ୍ତତା ପାଇଁ ବେଶ୍ ଗର୍ବିତ ଥିବା ଏହି ବ୍ରାଣ୍ଡ ଗତ ୩ ପିଢି ଧରି ନିଜର ଗ୍ରାହକଙ୍କ ସହ ଏହି ସଂଯୋଗ ବଜାୟ ରଖିପାରିଛି। ସେପ୍ଟେମ୍ବର ୨୦୨୦ରେ ଆରମ୍ଭ ହୋଇଥିବା ୱେବ୍‌ସାଇଟ୍ ଦ୍ୱାରା ଅନ୍‌ଲାଇନ୍ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଏହା ନିଜ ସ୍ଥାନ ସୁଦୃଢ଼ କରିପାରିଛି। ଭାରତର ବିଭିନ୍ନ ସ୍ଥାନରେ ଶ୍ରୀଲେଦର୍ସର ଫ୍ରାଞ୍ଚାଇଜ୍ ଖୋଲିବା ରଣନୀତି ହିଁ ଏହି ବ୍ରାଣ୍ଡର ସଫଳତାର ମୂଳମନ୍ତ୍ର।

# ଓଡ଼ିଶା ଫାୟାର୍ ସେଫ୍ଟି ଆସୋସିଏସନ୍‌ର କର୍ମକର୍ତ୍ତା ଓ ଡିଜି ଫାୟାର ମଧ୍ୟରେ ସାକ୍ଷାତ ଆଲୋଚନା

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଓଡ଼ିଶା ଫାୟାର ସେଫଟି ଆସୋସିଏସ୍‌ସନ୍‌ର ଏକ ଦଶଜଣିଆ ପ୍ରତିନିଧି ମଣ୍ଡଳ ଉଦୟ ଚାନ୍ଦ ମଲ୍ଲିକ୍ (ସଭାପତି) ଓ ରବିନନ୍ଦ୍ର କୁମାର ମିଶ୍ର (ସମ୍ପାଦକ)ଙ୍କ ନେତୃତ୍ୱରେ ସରକାରଙ୍କର ପରାମର୍ଶକ୍ରମେ ବିଭାଗୀୟ ମୁଖ୍ୟଙ୍କୁ (ଡିଜି ଫାୟାର) ତାଙ୍କର ସିଭିଲ୍ ଡ଼ିଫେନ୍ସ ଟ୍ରେନିଙ୍ଗ୍ ସେଣ୍ଟରର କନ୍‌ଫରେନ୍ସ ହଲରେ ସାକ୍ଷାତ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଫାୟାର୍ ସେଫ୍‌ଟି ଆମେଣ୍ଡମେଣ୍ଟ ରୁଲ୍ ବିଷୟରେ ସବିଶେଷ ଆଲୋଚନାରେ ଫାୟାର ସେଫ୍‌ଟି ଆମେଣ୍ଡମେଣ୍ଟ୍ ରୁଲ୍ ବିଷୟରେ ସବିଶେଷ ଆଲୋଚନା ହୋଇଥିଲା। ଡିଜି ସୁଧାଂଶୁ ଷଡ଼ଙ୍ଗୀ ଓଡ଼ିଶା ଆଧୁନୀକରଣରେ ଟ୍ରେନିଙ୍ଗ୍ ଓ ଟେକ୍ନୋଲୋଜିକୁ ଗୁରୁତ୍ୱ ଦେବାପାଇଁ ପ୍ରତିନିଧି ମଣ୍ଡଳକୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଆସନ୍ତା ଏକ ସପ୍ତାହ ମଧ୍ୟରେ ନୂତନ ଆମେଣ୍ଡ୍‌ମେଣ୍ଟ୍ ଓ ସରଳୀକରଣ ନୋଟିଫିକେସନ୍ ପୋର୍ଟାଲରେ ବାହାରିବ ବୋଲି ଓ ଏଥିରେ ଅଧିକାଂଶ କଣ୍ଟ୍ରାକ୍ଟର ସ୍ଥାନ ପାଇବେ ବୋଲି ଆଶାବ୍ୟକ୍ତ କରିଥିଲେ। ପ୍ରତିନିଧି ମଣ୍ଡଳର ପରାମର୍ଶ ଓ ଆଲୋଚନାରେ ଏକ ଫାୟାର ସେଫ୍‌ଟି କଣ୍ଟ୍ରାକ୍ଟର ସେମିନାରକୁ ଆୟୋଜନ କରିବାକୁ ଡ଼ିଜି ସମର୍ଥନ କରି ଆଗାମୀ ସପ୍ତାହରେ ଏହାର ଆୟୋଜନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଅଗ୍ନି ନିରାପତ୍ତା ଭିତ୍ତିଭୂମିରେ ଆଧୁନିକ ଜ୍ଞାନକୌଶଳକୁ ଗୁରୁତ୍ୱ ଦେବାପାଇଁ ପରାମର୍ଶ ଦେବା ସହ ଆଇଏସ୍‌ଆଇ ଷ୍ଟାଣ୍ଡାର୍ଡ ଯନ୍ତ୍ରପାତି ବ୍ୟବହାର କରିବା ନିମନ୍ତେ ପ୍ରତିନିଧି ମଣ୍ଡଳକୁ ପରାମର୍ଶ ଦେଇଥିଲେ। ଆଗାମୀ ଅକ୍ଟୋବର ମାସରେ ଅଗ୍ନି ନିରାପତ୍ତା ବା ଫାୟାର ସେଫ୍‌ଟି କଣ୍ଟ୍ରାକ୍ଟର୍‌ମାନଙ୍କର ଟ୍ରେନିଙ୍ଗ୍ ପ୍ରୋଗ୍ରାମ ଆୟୋଜନ ନିମନ୍ତେ ଆଶାବ୍ୟକ୍ତ କରିଥିଲେ। ଡିଜି ଷଡ଼ଙ୍ଗୀ ଓ ପ୍ରତିନିଧିମଣ୍ଡଳ ମଧ୍ୟରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଆଲୋଚନାର ପରିସମାପ୍ତି ହୋଇଥିଲା। ଏହି ଆଲୋଚନାରେ ପ୍ରତିନିଧିମଣ୍ଡଳର କାର୍ଯ୍ୟକର୍ତ୍ତା ସନ୍ତୋଷ ପ୍ରକାଶ କରି ଡିଜି ମହୋଦୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୋଟର କାର୍ଡରେ ବୟସ ଜାଲିଆତିର ଯାଞ୍ଚ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଭତ୍ତା ପାଇଁ ଆବେଦନ କରିଥିବା ବୃଦ୍ଧ ବୃଦ୍ଧା ନିଜର ଭୋଟର କାର୍ଡ ଜାଲିଆତି କରି ବୟସ ବଢ଼ାଇ କରୁଛନ୍ତି ଆବେଦନ। ସାମାଜିକ ସୁରକ୍ଷା ପେନସନ ପାଇଁ ଆବେଦନ କରୁଥିବା ଅନେକ ନୂତନ ଆବେଦନକାରୀ ସେମାନଙ୍କ ଜନ୍ମ ତାରିଖ ପରିବର୍ତ୍ତନ କରି ଭୋଟର ପରିଚୟପତ୍ର ପ୍ରସ୍ତୁତ କରୁଛନ୍ତି। ସେମାନଙ୍କ ଭୋଟର କାର୍ଡ ଯାଞ୍ଚ ପାଇଁ ଜିଲ୍ଲାପାଳମାନଙ୍କୁ ବିଭାଗ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ୮୦% ଅକ୍ଷମତା କିମ୍ବା ତଦୁର୍ଦ୍ଧ୍ୱ ଏବଂ ୮୦ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କ ପାଇଁ ସାମାଜିକ ସୁରକ୍ଷା ପେନସନ ପରିମାଣ ୩୫୦୦ଟଙ୍କାକୁ ବୃଦ୍ଧି କରାଯିବା ଏବଂ ଏନଏସଏପି ଏବଂ ଏମବିପିୱାଇ ଉଭୟରେ ସର୍ବନିମ୍ନ ସାମାଜିକ ସୁରକ୍ଷା ପେନସନ ପରିମାଣ ୧୦୦୦ ଟଙ୍କାକୁ ବୃଦ୍ଧି କରାଯିବା ପରେ, ଏପରି ସୁବିଧା ପାଇବା ପାଇଁ ଚାହିଦା ବୃଦ୍ଧି ପାଇଛି। ଭୋଟର ପରିଚୟପତ୍ରରେ ସେମାନଙ୍କ ବୟସ ସଂଶୋଧନ କରାଯାଇଛି କି ନାହିଁ ଯାଂଚ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ସ୍ଥିତି ଅନୁଧ୍ୟାନ କଲେ ପ୍ରଶାସନିକ ଅଧିକାରୀ

# ଜମିଜମା ସମସ୍ୟା ସମାଧାନ ହୋଇ ପକ୍କାରାସ୍ତା ଓ ନାଳ ଉପରେ ହେବ ସେତୁ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଖବର ପ୍ରକାଶିତ ପରେ ସ୍ଥିତି ଅନୁଧ୍ୟାନ କଲେ ପ୍ରଶାସନିକ ଅଧିକାରୀ ଓ ଅଧିକାରିଣୀ। ସ୍ୱାଧୀନତାକୁ ଦୀର୍ଘ ୭୮ବର୍ଷ ବିତିଲାଣି। ଅଥଚ ଗାଁ କୁ ପକ୍କା ରାସ୍ତା ଖଣ୍ଡିଏ ହୋଇପାରିଲା ନାହିଁ। ଫଳରେ କାଦୁଅ ପଚ ପଚ ରାସ୍ତାରେ ଯିବା ଆସିବା କରିବାକୁ ପଡୁଛି। ବର୍ଷା ହେଲେ ଯନ୍ତ୍ରଣା ଆହୁରି ବଢ଼ିଯାଉଛି। ଗାଡି ମୋଟର ଦୂରର କଥା, ଖାଲି ପାଦରେ ଚାଲି ଚାଲି ଯିବା କଷ୍ଟକର ହୋଇପଡୁଛି। ରାସ୍ତା ଅବସ୍ଥା ଏମିତି ହୋଇଛି ଯେ ବାଡ଼ି ଅବା କାହାର ସାହାରା ନ ହେଲେ ରାସ୍ତା ସହଜରେ ଅତିକ୍ରମ କରିହେବ ନାହିଁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ମାଣ୍ଡୁକି ଗ୍ରାମର ଦଳିତ ବର୍ଗର ବାସିନ୍ଦା କୁ ଏ ଦୁର୍ଦ୍ଦଶା ଚିତ୍ର ଦେଖିବାକୁ ମିଳୁଛି। ଗାଁ କୁ ଏବେ ମଧ୍ୟ ପକ୍କା ରାସ୍ତାଟିଏ ନିର୍ମାଣ ହୋଇ ପାରିଲା ନାହିଁ। ଗ୍ରାମବାସୀ ଅଭିଯୋଗରୁ ପ୍ରକାଶ ଯେ, ଅସ୍ତରଙ୍ଗ ବ୍ଲକ ମାଣ୍ଡୁକି ପଂଚାୟତ ମାଣ୍ଡୁକି ଗ୍ରାମର ଦଳିତ ବର୍ଗର ବାସିନ୍ଦା ବସବାସ କରନ୍ତି। ଛୋଟରୁ ବଡ଼ ପର୍ଯ୍ୟନ୍ତ ପାଖାପାଖି ୫ଶହରୁ ଊର୍ଦ୍ଧ୍ୱ ଲୋକ ଏହି ମାଟି କାଦୁଅ ରାସ୍ତାରେ ଆଣ୍ଠୁଏ କାଦୁଅ ପାଣିରେ ପଶି ଯିବା ଆସିବା କରୁଛନ୍ତି। ସ୍କୁଲ, କଲେଜ ପିଲାଙ୍କ ଠାରୁ ଆରମ୍ଭ କରି ବଜାର, ହାଟକୁ ଯିବା ସହିତ ଗାଈ, ଛେଳି, ମେଣ୍ଢା ନେଇ ପ୍ରତିଦିନ ଲୋକେ ଯାତାୟାତ କରିଥାନ୍ତି। ଯଦି ଦୈବାତ ରାତିରେ କାହାର ଦେହପା' ଖରାପ ହେଲା ଡାକ୍ତରଖାନା ଯିବା ଦୂରର କଥା; ଗାଁ ବାହାରକୁ ମଧ୍ୟ ରୋଗୀ ଟିଏ ବାହାରି ପାରେ ନାହିଁ। ପ୍ରସୂତି ଅବା ଅନ୍ୟ ଗୁରୁତର ରୋଗୀଙ୍କୁ ନେବା ପାଇଁ ଆମ୍ବୁଲାନ୍ସ ଟିଏ କାଦୁଅ ରାସ୍ତା ଯୋଗୁଁ ଗାଁରେ ପହଂଚି ପାରେ ନାହିଁ। ପୁଣି ଅଗ୍ନିଶମ ଭଳି ଜରୁରୀ କାଳୀନ ସେବା ମଧ୍ୟ ପ୍ରଭାବିତ ହୋଇଛି। ଖାଲି ସେତିକି ନୁହେଁ ବିଭିନ୍ନ ମୌଳିକ ସୁବିଧାରୁ ଏହି ଲୋକମାନେ ବଂଚିତ। ଯେପରିକି ସାଧାରଣ ଲୋକଙ୍କର ମୁଣ୍ଡ ଗୁଞ୍ଜିବା ପାଇଁ ଛାତ ଘର ନାହିଁ, ସ୍ୱଚ୍ଛ ଭାରତ ମାଧ୍ୟମରେ ଶୌଚାଳୟ ନାହିଁ, ପାନୀୟ ଜଳ ଭାବେ ଅନେକ ସମୟରେ ଲୁଣି ପାଣି ପିଇବାକୁ ବାଧ୍ୟ ହୋଇଥାନ୍ତି। ପିଇବା ପାଣି ପାଇଁ ୨କିଲୋମିଟରରୁ ଊର୍ଦ୍ଧ୍ୱ ବାଟ ଅତିକ୍ରମ କରି ଯିବାକୁ ପଡିଥାଏ। ଗ୍ରାମରେ ଥିବା ଅଙ୍ଗନବାଡିକେନ୍ଦ୍ର ବହୁ ଦୂରରେ ଅବସ୍ଥିତ। ଏ ଘଟଣା ସମ୍ପର୍କରେ ମାଣ୍ଡୁକି ପଂଚାୟତ ସରପଞ୍ଚ ରୋଜିନା ଜେନା ଅସ୍ତରଙ୍ଗ ବିଡ଼ିଓଙ୍କୁ ଅବଗତ କରାଇଥିଲେ ପରେ ଜିଲ୍ଲାପାଳ ଜନଶୁଣାଣୀ ଶିବିରରେ ଜଣାଇବା ପରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଅସ୍ତରଙ୍ଗ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ଉକ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ ଶହ ଲୋକ ସମସ୍ୟା ଖୁବ ଶୀଘ୍ର ଦୂର କରିବାକୁ। କିନ୍ତୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କୁ ଅବମାନନା କରି ସ୍ଥିତି ଅନୁଧ୍ୟାନ କରିନଥିଲେ ଅସ୍ତରଙ୍ଗ ବିଡ଼ିଓ। ଗୁରୁବାର ବିଭିନ୍ନ ଖବରକାଗଜରେ ଖବର ପ୍ରକାଶିତ ପରେ ଗୁରୁବାର ଅପରାହ୍ନରେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ବିଡ଼ିଓ ସୁଶ୍ରୀ ସସ୍ମିତା ବେହେରା, ସହକାରୀ ଯନ୍ତ୍ରୀ ସନ୍ତୋଷ ସେଠୀ, ଜଳସମ୍ପଦ ବିଭାଗ ଯନ୍ତ୍ରୀ ବିନୋଦ ମାଝୀ ଘଟଣା ସ୍ଥଳରେ ପହଂଚି ସ୍ଥିତି ଅନୁଧ୍ୟାନ କରି ସ୍ଥାନୀୟ ଲୋକଙ୍କ ସମସ୍ୟା ସମ୍ପର୍କ ଆଲୋଚନା କରିଥିଲେ। ଯାହାକି ଖୁବ ଶୀଘ୍ର ଜମିଜମା ସମସ୍ୟା ଦୂର କରାଯାଇ ଲୋକଙ୍କ ପାଇଁ ପକ୍କା ରାସ୍ତା ନିର୍ମାଣ ହେବ। ଏହା ସହ ପାଣି ନାଳ ଉପରେ ଏକ ସେତୁ ଖୁବ ଶୀଘ୍ର ହେବ ବୋଲି ପ୍ରଶାସନିକ ଅଧିକାରିଣୀ ସୂଚନା ଦେଇଛନ୍ତି।

## ଗାଡିଆରେ ବୁଡି ଯୁବତୀ ମୃତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଜଳମଣ୍ଡୁଆ ପଞ୍ଚାୟତ ଭଗିବିନ୍ଧା ଗ୍ରାମର ମାନସ ସାମଲଙ୍କ କନ୍ୟା ମୋନାଲିସା (୨୪) ଗାଡିଆରେ ବୁଡି ମୃତ୍ୟୁବରଣ କରିଥିବା ଜଣାଯାଇଛି। ଗୁରୁବାର ପ୍ରତ୍ୟୁଷରେ ପରିବାର ଲୋକେ ମୋନାଲିସା ଘରେ ନଥିବା ଜାଣି ଖୋଜାଖୋଜି କରିଥିଲେ। ଘରପଛ ଗାଡିଆ ହୁଡାରେ ମୋନାଲିସାଙ୍କ ଚପଲ ପଡିଥିବା ଦେଖି ଭଣ୍ଡାରିପୋଖରୀ ଦମକଳ ଓ ପୁଲିସକୁ ଖବର ଦେଇଥିଲେ। ଦମକଳ କେନ୍ଦ୍ର କର୍ମଚାରୀମାନେ ଗାଡିଆରୁ ମୋନାଲିସାଙ୍କୁ ଉଦ୍ଧାର କରି ଭଣ୍ଡାରିପୋଖରୀ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଧାମନଗର ଥାନାରେ ୨୩/୨୫ନଂ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ଭଦ୍ରକରେ କରାଯାଇଥିବା ଜଣାଯାଇଛି।

## ମହାପ୍ରଭୁଙ୍କ ଭୂସଂପତ୍ତି ଫେରାଇ ଆଣିବାକୁ ସରକାରଙ୍କ ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ମହାପ୍ରଭୁଙ୍କ ପାଖକୁ ଫେରିବ ବାହାରେ ପଡ଼ିରହିଥିବା ସମସ୍ତ ଭୂ-ସମ୍ପତି। ମହାପ୍ରଭୁଙ୍କ ଜମି ଫେରାଇ ଆଣିବାକୁ ଦ୍ରୁତ ଗତିରେ କାର୍ଯ୍ୟ କରୁଛନ୍ତି ରାଜ୍ୟ ସରକାର। ରାଜ୍ୟ ଓ ରାଜ୍ୟ ବାହାରେ ଯେଉଁଠି ବି ମହାପ୍ରଭୁଙ୍କ ଭୁସମ୍ପତ୍ତି ରହିଛି ତାହାର କାଗଜପତ୍ର ପ୍ରସ୍ତୁତ କରୁଛି ଶ୍ରୀମନ୍ଦିର ପ୍ରଶାସନ ବୋଲି ସୂଚନା ଦେଇଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସମସ୍ତ ସମ୍ପତି କେମିତି ପୁଣି ଆଉ ଥରେ ମହାପ୍ରଭୁଙ୍କ କାମରେ ବିନିଯୋଗ ହେବ ସେଥିପାଇଁ ଯାହା ଯାହା ଆବଶ୍ୟକ ତାହା କରାଯାଉଛି। ମହାପ୍ରଭୁଙ୍କର ୫୮ହଜାର ଏକର ଜମି ରାଜ୍ୟ ଓ ରାଜ୍ୟ ବାହାରେ ରହିଛି। ସେଥି ମଧ୍ୟରୁ ୩୬ ରୁ ୩୭ ହଜାର ଏକରର କାଗଜ ପତ୍ର ପ୍ରସ୍ତୁତ କରିସାରିଛୁ। ବାକି ଜମି ଗୁଡ଼ିକର କାଗଜ ପତ୍ର ପ୍ରସ୍ତୁତ କରିବାର ପ୍ରକ୍ରିୟା ମଧ୍ୟ ଜାରି ରହିଛି। ସରକାର ବହୁତ ଦ୍ରୁତ ଗତିରେ ଏହି କାର୍ଯ୍ୟ ଆରମ୍ଭ କରିଛନ୍ତି। ମହାପ୍ରଭୁଙ୍କର ଭୁସମ୍ପତି ଯେଉଁଠି ଯାହା ରହିଛି ତାହାର ଠିକ ଆକଳନ କରିବା ପାଇଁ ସରକାର କାର୍ଯ୍ୟ କରୁଛନ୍ତି।

## ଚବିଶପଡ଼ା ଉନ୍ନିତ ୟୁ.ପି.ସ୍କୁଲର ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ କାଁପଡ଼ା ଆଂଚଳିକ ସାଧନକେନ୍ଦ୍ର ଅଧୀନ ଚବିଶପଡ଼ା ଉନ୍ନୀତ ୟୁ.ପି. ସ୍କୁଲର ପୂର୍ବତନ ମେଧାବୀ ଛାତ୍ର ସତ୍ୟଜିତ୍ ମହାଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ବେହେରାଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ରାଜେନ୍ଦ୍ର କୁମାର ଦାସ, ନିର୍ମଳ ଚନ୍ଦ୍ର ଦାସ, ଶିକ୍ଷୟିତ୍ରୀ କୁନ୍ତଳା ମହାଲିକ, ରୁନୁଲତା ମହାଲିକ, ପୂର୍ବତନ ଛାତ୍ରୀ ରୋଜାଲିନ ମହାରଣା ପ୍ରମୁଖ ଯୋଗ ଦେଇ ଛାତ୍ର ସତ୍ୟଜିତ୍ ମେଧାବୃତ୍ତି ପାଇ ସ୍କୁଲର ଗୌରବ ଆଣିଛନ୍ତି ବୋଲି କହିଥିଲେ। ମେଧାବୃତ୍ତି ପାଇଁ ସତ୍ୟଜିତ୍‌ଙ୍କୁ ଗ୍ରାମବାସୀମାନେ ପ୍ରଶଂସା କରିବା ସହିତ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସୂଚନା ଯୋଗ୍ୟ ଯେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବ୍ଲକରେ ୪ର୍ଥ ସ୍ଥାନ ଅଧିକାର କରି ମେଧାବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ଲଗାଣ ବର୍ଷାରେ ଘର ଭାଙ୍ଗିଲା

ବେତନଟୀ, (ଭାସ୍କର ନ୍ୟୁଜ): ଲଘୁଚାପ ଜନିତ ବର୍ଷା ଫଳରେ ଗତକାଲି ରାତି ରେ ବେତନଟୀ ଥାନା ଅଧୀନ ସଠିଲୋ ଗ୍ରାମ ୬ ନମ୍ବର ୱାର୍ଡ ର ରଞ୍ଜନ ସିଂ ଙ୍କ ଘରଟି ଭୁଶୁଡ଼ି ପଡ଼ିଛି। ସେହି ସମୟରେ ଘର ଭିତରେ ରଞ୍ଜନ ଙ୍କ ସହ ତାଙ୍କ ମା, ପତ୍ନୀ ପୁଅ ଓ ଝିଅ ଥିଲେ। ତେବେ ସମସ୍ତେ ସୌଭାଗ୍ୟବଶତଃ ବର୍ତ୍ତି ଯାଇଛନ୍ତି। ଏହି ଖବର ଶୁଣି ବେତନଟୀ ଯୁବ ମୋର୍ଚ୍ଚା ସଭାପତି ରାକେଶ ମହାନ୍ତ, ବେତନଟୀ ସାମ୍ବାଦିକ ସଂଘ ର ସାଧାରଣ ସମ୍ପାଦକ ଅନୁପ କୁମାର ଦଣ୍ଡପାଟ, ସଦସ୍ୟ କେସ୍ୱ ନାଥ, ସମାଜସେବୀ ସୁଧାକର ପଣ୍ଡା ପ୍ରମୁଖ ପହଞ୍ଚି ତାଙ୍କ ପରିବାର ସହ କଥା ହୋଇ ତାଙ୍କ ପରିବାରଙ୍କୁ ସରକାରଙ୍କ ତରଫରୁ ପଲିଥିନ ଯୋଗାଇ ଦେଇଥିଲେ ଓ ସେ କେମିତି ଅତିଶିଘ୍ର ଘର ପାଇ ପାରିବେ ସେନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

କଣାସ, (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ପାଇଁ କଣାସ ବ୍ଲକରେ ୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଓ ଜଣେ ସିଆରସିସି ମନୋନୀତ ହୋଇଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀ ମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ୨୦୨୪ ବର୍ଷପାଇଁ ଗତକାଲି ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ତାଲିକାରେ ମାଧ୍ୟମିକ ବର୍ଗରେ ୨୧ ଜଣ, ପ୍ରାଥମିକ ବର୍ଗରେ ୧୧ ଜଣ ଓ ସି ଆର ସି ସି ବର୍ଗରେ ଜଣେ ଶିକ୍ଷକ ଶିକ୍ଷୟିତ୍ରୀ ପୁରୀ ଜିଲ୍ଲାରୁ ମନୋନୀତ ହୋଇଥିବା ଜଣାଯାଇଛି। ଏଥିମଧ୍ୟରେ ସିଆରସିସି ବର୍ଗରେ କଣାସ ବ୍ଲକ୍ ଅନ୍ତର୍ଗତ ମନ୍ଦାର ବସ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତଥା ବାରଦ। ବାଦଲ ପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବୈକୁଣ୍ଠ ନାଥ କୋଦମା ସିଂହ ଜିଲ୍ଲାସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ଏହି ବ୍ଲକ୍ ଅନ୍ତର୍ଗତ ଅଁଳା ଯୋଡ଼ି ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଶିକ୍ଷୟତ୍ରୀ ତଥା ବର୍ତ୍ତମାନ ଗଡ଼ ସାନ ପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମମତା ରାଣୀ ବେହେରା ପ୍ରାଥମିକ ବର୍ଗରେ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ସେହିପରି ଗଡ଼ବଡ଼ପୁଟ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପୀତବାସ ସୁନା, ଅଭିରାମ ସଂଯୁକ୍ତ ବିଦ୍ୟାପୀଠ ର ଆଶୁତୋଷ ଦାସ ଓ ପ୍ରଫୁଲ୍ଲ କୁମାର ପଲେଇ ପ୍ରମୁଖ ଶିକ୍ଷକ ମାଧ୍ୟମିକ ବର୍ଗରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଆସନ୍ତାକାଲି ପୁରୀ ସଦଭାବନା ଗୃହରେ ଗୁରୁ ଦିବସ ଅବସରରେ ଏହି କୃତି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ଆଜି କୃତି ଶିକ୍ଷକ ଓ ଶିକ୍ଷୟତ୍ରୀ ବୈକୁଣ୍ଠ ନାଥ ଓ ମମତା ରାଣୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସିଆରସିସି ବୈକୁଣ୍ଠନାଥ କୋଦମାସିଂହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବାରୁ ଅନ୍ୟ ସିଆରସିସି ମନେ ଶୁଭେଚ୍ଛା ଜଣାଇଥିଲେ।

# ଥିରୁ ଆସାନ ମୌଲାନାଙ୍କ ସାମ୍ବାଦିକ ସମ୍ମିଳନୀ




କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଆଜି ଚଳଚଞ୍ଚଳ ହୋଇ ଉଠିଥିଲା। ଜିଲ୍ଲା ସଭାପତି ଚୟନ ଲାଗି ଭାରତୀୟ ଜାତୀୟ କଂଗ୍ରେସ ମୁଖ୍ୟାଳୟରୁ ଥିରୁ ଆସାନ ମୌଲାନା କେନ୍ଦୁଝର ଜିଲ୍ଲା ଲାଗି ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପାଇ କାଲି ଆସି ପହଞ୍ଚି ଥିବା ଜଣାଯାଇଛି। ସେ କାଲି ପ୍ରବଳ ବର୍ଷା ସତ୍ତ୍ୱେ ଅନେକ ବୁଦ୍ଧିଜୀବୀ ଓ କଂଗ୍ରେସ କର୍ମୀଙ୍କୁ ଭେଟି ଆଲୋଚନା କରିଥିଲେ। କେନ୍ଦୁଝର ଜିଲ୍ଲାରେ କଂଗ୍ରେସର ଉପସ୍ଥିତି ନେଇ ଅନୁଧ୍ୟାନ କରିଥିଲେ। ତେବେ ଆଜି ଦିନ ୧୨ଟାରେ ଜିଲ୍ଲା କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ତାଙ୍କର ଗସ୍ତ କାର୍ଯ୍ୟକ୍ରମ ସହ କଂଗ୍ରେସର ଉତଥାନ ସମ୍ପର୍କରେ ଅବଗତ କରିଥିଲେ। ଆଜି ଲୋକେ କଂଗ୍ରେସକୁ ଲୋଡୁଛନ୍ତି ଏକ ଶକ୍ତ ବିରୋଧୀ ଦଳ ଭାବେ କଂଗ୍ରେସ ଏବେ ଲୋକଙ୍କ ଆସ୍ଥା ଭାଜନ ହୋଇଛି। ଦଳର ନେତା ରାହୁଲ ଗାନ୍ଧୀ ଦଳର ସଭାପତି ମଲ୍ଲୀକାର୍ଜୁନ ଖାଡ଼ଗେ ଭୋଟ ଚୋରୀ ପ୍ରସଙ୍ଗ ଉଠାଇ ଲୋକଙ୍କ ସମର୍ଥନ ପାଉଛନ୍ତି। ବିହାରରେ ରାହୁଲଙ୍କୁ ଅଭୁତପୂର୍ବ ଲୋକ ସମର୍ଥନ ସ୍ନେହ ମିଳିଛି। ଓଡ଼ିଶାରେ ମଧ୍ୟ କଂଗ୍ରେସ ଭକ୍ତ ଦାସଙ୍କ ନେତୃତ୍ୱରେ ଲଢେଇ କରି ଦକ୍ଷତା ପ୍ରତିପାଦନ କରିଛି। ଏଥର କଂଗ୍ରେସ ଲୋକଙ୍କ ସହ ବେଶୀ ଯୋଡ଼ି ହେବାକୁ ଜିଲ୍ଲା ସଭାପତି ଚୟନ ଲାଗି ବ୍ୟାପକ ବ୍ୟବସ୍ଥା କରିଛି। ତେଣୁ ଏଆଇସିସି ପକ୍ଷରୁ ତାମିଲନାଡୁର ବିଧାୟକ ଥିରୁ ଆସାନ ମୌଲାନାଙ୍କୁ କେନ୍ଦୁଝରେ ପଠା ଯାଇଛି ସେ ଦଳୀୟ କର୍ମୀ ନେତାଙ୍କୁ ବ୍ଲକ ନଗରପାଳିକା ସ୍ତରରେ ଯାଇ ଭେଟି ଜିଲ୍ଲା ସଭାପତି ଚୟନ ଲାଗି ସୁପାରିଶ କରିବେ। ତାଙ୍କୁ ଏହି କାର୍ଯ୍ୟେ ଲାଗି ପିସିସି ପକ୍ଷରୁ ସହ ପର୍ଯ୍ୟବେକ୍ଷକ ରୂପେ ପୂର୍ବତନ ସାଂସଦ ସୁଶୀଳା ତିରିଆ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଓ ବରିଷ୍ଠ କଂଗ୍ରେସ ନେତା ଯୋଗେଶ ଆଗ୍ରୱାଲ ସହଯୋଗ କରିବେ। ଆଜି ପ୍ରେସ ମିଟରେ ଜିଲ୍ଲା କଂଗ୍ରେସ ସଂଯୋଜିକା ସଂଗୀତା ସିଂହ ଅତିଥି ପରିଚୟ କରି ସ୍ୱାଗତ ଭାଷଣ ରଖିଥିଲେ ସେହିପରି ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ମାର୍ଗଦର୍ଶନ କରିଥିଲେ। ପ୍ରେସମିଟ ପରେ ପର୍ଯ୍ୟବେକ୍ଷକ ଜଣେ ଜଣେ କଂଗ୍ରେସ ନେତା କର୍ମୀଙ୍କୁ ଡାକି ଆଲୋଚନା କରିଥିଲେ ଜିଲ୍ଲା ସାରାରୁ ବହୁ କଂଗ୍ରେସ କର୍ମୀ ଓ ନେତା ଯୋଗ ଦେଇଥିଲେ ଅନେକ ଦଳ ଛାଡ଼ିଥିବା ନେତା ମଧ୍ୟ ଉପସ୍ଥିତ ଥିଲେ। ଏହାପରେ କାଲିଠାରୁ ପର୍ଯ୍ୟବେକ୍ଷକ ଜିଲ୍ଲା ସାରା ବୁଲି କଂଗ୍ରେସ କର୍ମୀଙ୍କୁ ଭେଟିବା ସହ ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ମିଳିଛି। ଜିଲ୍ଲାରେ ଅନେକ ସମସ୍ୟା ଥିବାରୁ ଜଣେ ଦକ୍ଷ ସଚ୍ଚୋଟ ବ୍ୟକ୍ତି ଜିଲ୍ଲା ସଭାପତି ହୁଅନ୍ତୁ ବୋଲି ସାଧାରଣରେ ଆଲୋଚନା ହେଉଛି।

## ରେଙ୍ଗାଲିରେ ନୂଆଁଖାଇ ଭେଟଘାଟ



କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଖଟଖଟିଆ ପଂଚାୟତ ଅନ୍ତର୍ଗତ ରେଙ୍ଗାଲି ଗ୍ରାମରେ ବୌଦ୍ଧ ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ମହାସଂଘ ପକ୍ଷରୁ ବ୍ଲକ ସ୍ତରୀୟ ନୂଆଖାଇ ଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶିବ ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ଗାଁ ପରିକ୍ରମା କରି ମଞ୍ଚରେ ପହଂଚି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା ଓ ବିଲୁପ୍ତ ହେବାକୁ ଥିବା ୫୦ରୁ ଊର୍ଦ୍ଧ୍ୱ ବିଲୁପ୍ତ ସାଂସ୍କୃତିକ ଦଳ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜ ନିଜର କଳା ପ୍ରଦର୍ଶନ କରିଥିଲେ ଓ ମଞ୍ଚରେ ପାଲା-ଦଣ୍ଡ-ବିଣା କାରିଆ, ନାମସଂକୀର୍ତ୍ତନ ଭଳି ଅନେକ କଳା ପଦର୍ଶନ ହୋଇ ଥିଲା। ଗାଁ ଗହଳିରେ ଲୁଚି ଯାଉଥିବା କଳା, ପରମ୍ପରା, ସଂସ୍କୃତି, ପ୍ରତିଭା ଆଦିକୁ ପୂନଃ ଉଦ୍ଧାର ପାଇଁ ଏକ ଛୋଟିଆ ପ୍ରୟାସ ଆରମ୍ଭ କରାଯାଇଛି ବୋଲି ଜିଲ୍ଲା ଧାର୍ମିକ ଓ ସାଂସ୍କୃତିକ ମହାସଂଘ ସଭାପତି ରମେଶ ପ୍ରସାଦ ମେହେର ସୂଚନା ଦେଇଛନ୍ତି।

# ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ




ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସମବାୟ ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସମବାୟ ଉପ ନିବନ୍ଧକ ଥିଓଫିଲ୍ ଶବର ଅଧ୍ୟକ୍ଷତା କରିଥିବାବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କେସିସି ବ୍ୟାଙ୍କ ଏଜିଏମ୍ ହରିଶ୍ ଚନ୍ଦ୍ର ବାନାଗାଦୀ, ଉପ ସହକାରୀ ନିବନ୍ଧକ ଚନ୍ଦ୍ର ସେଠୀଆ, କେସିସି ନିର୍ଦ୍ଦେଶକ ନୃସିଂହ ଚରଣ ମହାନ୍ତି, ଗୋପୀ ପାଙ୍ଗୀ,ଏଆରସିଏସ୍ ସଞ୍ଜୟ କୁମାର ଦାସ,ଡି. ଭେଙ୍କଟ ରାଓ, କାହ୍ନୁଚରଣ ଗୌଡ ଓ ଟଙ୍କଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବା ସହିତ, ଚାଷୀ ମାନଙ୍କୁ ଧାନ ଚାଷ ସହିତ ବିକଳ୍ପ ଫସଲ ଚାଷ ନିମନ୍ତେ ପ୍ରବର୍ତ୍ତାଇ ଥିଲେ ତତ୍ ସହିତ ପ୍ରୋଜେକ୍ଟର ମାଧ୍ୟମରେ ବିଭିନ୍ନ ଚାଷ ଓ ସମବାୟ ସମିତି ର କାର୍ଯ୍ୟଧାରା ବିଷୟରେ ଭିଡିଓ ମାଧ୍ୟମରେ ପ୍ରଦର୍ଶିତ କରାଇଥିଲେ। ଅନ୍ୟାନ୍ୟ ବିଷୟରେ ଆଲେଚନା ସହ ସମବାୟ ସମିତି ସଭ୍ୟମାନେ ବର୍ତ୍ତମାନ ଜିଲ୍ଲାରେ ୟୁରିଆ ସାରର କୃତ୍ରିମ ଅଭାବି ବିକ୍ରୀ ବିଷୟରେ ଉଦବେଗ ପ୍ରକାଶ କରିଥିଲେ ଓ ଏହାପରେ ଡିଆରସିଏସ୍ ଶ୍ରୀ ଶବର ସମସ୍ତଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ବିଭାଗ ଏହାକୁ ଗୁରୁତର ସହିତ ବିଚାରକୁ ନେଇଛି ଓ ଆଗାମୀ ଦିନରେ ସାର ବିକ୍ରିର ସୁବ୍ୟବସ୍ଥିତ ଯୋଗାଣ ପାଇଁ ପ୍ରୟାସ ଚାଲିଛି ବୋଲି କହିଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ କେସିସି ବ୍ୟାଙ୍କ ଗୁଡିକର ଶାଖା ପରିଚାଳକ, ସମସ୍ତ ଲ୍ୟାମ୍ପ ସଭାପତି, ସମସ୍ତ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଓ ପରିଚାଳନା ପରିଷଦର ସଭ୍ୟ ମାନେ ଉପସ୍ଥିତ ରହି ସମବାୟ ସମୂହର ଉନ୍ନତି ଦିଗରେ ନିଜ ନିଜର ଅଭିମତ ରଖିଥିଲେ। ବୈଠକ ଶେଷରେ ସହକାରୀ ଉପ ନିବନ୍ଧକ ସେଠୀଆ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କଂଗ୍ରେସ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ୟୁରିଆ ସାର ଯୋଗାଣ ଦାବି ନେଇ କନ୍ଧମାଳ ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କନ୍ଧମାଳ ବ୍ଲକ୍ ଅଂଚଳରେ ୟୁରିଆ ସାରର ଆକାଶ ଛୁଆଁ ଦର ଥିବାରୁ ଚାଷି ମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ଧାନ ଚାଷ ପାଇଁ ୟୁରିଆ ସାରର ନିହାତି ଆବଶ୍ୟକତା ରହିଥିବା ବେଳେ ଯଦି ଚାଷୀଙ୍କୁ ୟୁରିଆ ସାର ୧୦ଦିନ ଭିତରେ ଯୋଗାଇ ଦିଆ ନ ଯାଏ ଚାଷିର ଧାନ ଚାଷ ପ୍ରଭାବିତ ହେବା ସହ ଚାଷୀ କ୍ଷତିଗ୍ରସ୍ତ ହେବ ବୋଲି ଅଭିଯୋଗ କରିଛନ୍ତି। କନ୍ଧମାଳ ଅଂଚଳରେ ଥିବା ପ୍ୟାକ୍ସ ଓ ସ୍ୱିକୃତୀ ପ୍ରାପ୍ତ ସାର ବ୍ୟବସାୟୀ ମାନେ ଚାଷିଙ୍କ ଚାହିଦା ଅନୁଯାୟୀ ୟୁରିଆ ସାର ଯୋଗାଇ ପାରୁ ନାହାନ୍ତି। ଏଣୁ କନ୍ଧମାଳ ବ୍ଲକ କଂଗ୍ରେସ ତରଫରୁ ତୁରନ୍ତ ୟୁରିଆ ସାର ଚାଷୀଙ୍କୁ ଯୋଗାଇବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଯଦି ଚାଷିଙ୍କ ଚାହିଦା ଅନୁଯାୟୀ ୟୁରିଆ ସାର ଯୋଗାଇ ଦିଆ ନ ଗଲେ ଚାଷିଙ୍କ ହିତପାଇଁ ଆଗାମୀ ଦିନରେ କନ୍ଧମାଳ ବ୍ଲକ୍ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି କଡା ଚେତାବନୀ ଦେଇଛନ୍ତି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ସଦର ଅନ୍ତର୍ଗତ ପିଏମ୍ ଶ୍ରୀ ଡି.ଏନ୍. ଉଚ୍ଚ ବିଦ୍ୟାଳୟ ଅଡିଟୋରିୟମରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ କେନ୍ଦୁଝର ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଘର ସାଧାରଣ ସଭା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଥମିକ ନିର୍ଦ୍ଦେଶାଳୟ,ଭୁବନେଶ୍ୱରର ଉପନିର୍ଦ୍ଦେଶକ ହିମାଂଶୁ ଭୂଷଣ ଓଝା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ, ଶିକ୍ଷୟିତ୍ରୀ,ସ୍କାଉଟ ମାଷ୍ଟରସ୍,ଗାଇଡ କ୍ୟାପଟେନ୍ ଓ ଜୁନିଅର ରେଡ଼କ୍ରସ ପରାମର୍ଶଦାତାଙ୍କୁ ସମ୍ବୋଧିତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ସତ୍ୟନାରାୟଣ ମହାନ୍ତ, ରୁଦ୍ର ନାରାୟଣ ସାମଲ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକୃଷ୍ଣ ବେହେରା,ଡି.ଏନ୍. ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀର କୁମାର ମହାନ୍ତି, ସୁଶୀଲ କୁମାର ନାୟକ, ସନ୍ତୋଷିନୀ ସେଠୀ, ପରମେଶ୍ୱର ସାମଲ,ପ୍ରଫୁଲ୍ଲ ଚନ୍ଦ୍ର ଘୋଷ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ବିଭିନ୍ନ ବ୍ଲକରୁ ୩୫୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀଗଣ ଓ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ,ଶିକ୍ଷୟିତ୍ରୀମାନଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ଜୁନିଅର ରେଡ଼କ୍ରସ,ସ୍କାଉଟସ/ଗାଇଡସ୍ ଏବଂ କ୍ରୀଡ଼ାଙ୍ଗନ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଶେଷରେ ଜୁନିଅର ରେଡ଼କ୍ରସ ଅଫିସର ପ୍ରଶାନ୍ତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।



## ଚୋରାରେ ସାର ବିକି ଧରାପଡ଼ିଲେ ବ୍ୟବସାୟୀ

### ପୁଣି ସାତଦିନ ପାଇଁ ଗୋଦାମ ବନ୍ଦ, ନିର୍ଦ୍ଦେଶକୁ ଅବମାନନା କଲେ ହେବ ମାମଲା ରୁଜୁ



ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ହାଟରେ ଥିବା ଫର୍ଟିଲାଇଜର ଆଡ଼ ପେଷ୍ଟିସାଇଡ ଷ୍ଟୋରର ପ୍ରୋପାଇଟର ସଂଜୟ କୁମାର ସାହୁ ବେଆଇନ ଭାବରେ ୟୁରିଆ ସାର ବିକ୍ରି କରିବା, ଏହାକୁ ଗୋଦାମରେ ଷ୍ଟକ ନଦେଖାଇ ନିର୍ଦ୍ଧାରିତ ଦର ଠାରୁ ଅଧିକ ଦରରେ ବିକ୍ରି କରିବା ଅଭିଯୋଗରେ ନିଆଳି କୃଷି ଅଧିକାରୀ ଦିବ୍ୟରଂଜନ ମାଝୀ ୨୬. ୮. ୨୦୨୫ ତାରିଖ ରେ ଜିଲ୍ଲା କୃଷି ଅଧିକାରୀଙ୍କ ନିର୍ଦ୍ଦେଶରେ ୭ ଦିନ ପାଇଁ ଗୋଦାମ ବନ୍ଦ କରିବା ସହ ସାର ନବିକିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ସାର ବ୍ୟବସାୟୀ ଜଣକ ନିର୍ଦ୍ଦେଶକୁ ବେଖାତିର କରି ଚୋରା ରେ ସାର ବିକ୍ରି କରୁଥିବାବେଳେ ଗଣମାଧମ ପ୍ରତିନିଧି ଆଗରେ ଧରାପଡ଼ିଥିଲେ। ଏହି ଫଟୋ ଭାଇରଲ ହେବା ପରେ ବ୍ଲକ କୃଷି ଅଧିକାରୀ ଦିବ୍ୟ ରଂଜନ ମାଝୀ ପୁନର୍ବାର ଜିଲ୍ଲା କୃଷି ଅଧିକାରୀଙ୍କ ନିର୍ଦ୍ଦେଶରେ ପୁନର୍ବାର ଆଉ ୭ ଦିନ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏହି ନିର୍ଦ୍ଦେଶକୁ ଅବମାନନା କରେ ତାଙ୍କ ନାମରେ ମାମଲା ରୁଜୁ ହେବ ବୋଲି କହିଛନ୍ତି। ଏହି ସାର ଦୋକାନୀ ମାଲିକ ସଂଜୟ କୁମାର ସାହୁ ନିଆଳି ବ୍ଲକ ଆତ୍ମାର ସଭ୍ୟ ରହିଛନ୍ତି। ତାଙ୍କ ନାମରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବାବେଳେ କିଭଳି ଭାବରେ ତାଙ୍କୁ ସଭ୍ୟ ରଖାଗଲା। ଏହି କ୍ଷମତା ବଳରେ ସେ ଏଭଳି ବେଆଇନ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଚାଷୀମାନେ ସାରରୁ ବଂଚିତ ହେଉଥିବାବେଳେ ଚୋରାରେ ସାର ବିକ୍ରି ବ୍ୟବସାୟୀ ଜଣକ ମାଲେମାଲ ହେଉଛନ୍ତି।

## ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର



କଣ୍ଟାପଡ଼ା (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ପଞ୍ଚାୟତରାଜ ପାନୀୟ ଜଳ ବିଭାଗ ଓଡ଼ିଶା ସରକାର ଏବଂ ଓଡିଶା ସାମାଜିକ ସମୀକ୍ଷା ଉତ୍ତର ଦାୟିତ୍ୱ ଓ ସ୍ୱଚ୍ଛତା ପକ୍ଷରୁ ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ରାଜୀବ ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅବଧି ୧.୧୦.୨୪ଠାରୁ ୩୧.୩.୨୫ ପର୍ଯ୍ୟନ୍ତ ଆର୍ଥିକ ବର୍ଷ ୨୫ - ୨୬ରଏହି ଶିବିରରେ ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲା ପାଳ ଇପ୍ସିତା ମିଶ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ କଳ୍ପନା ବିଶ୍ୱାଳ, କଣ୍ଟାପଡ଼ା ଅତିରିକ୍ତ ବିଡିଓ ରୁବି ତପସ୍ୱିନୀ ଦାସ୍ ସହକାରୀ ଯନ୍ତ୍ରୀ ଧନଞ୍ଜୟ ସାମଲ ଜଳ ଯୋଗାଣ ଅଧିକାରୀ ମୋହିରାମ ଦାସ୍,ଏପି.ଓ ଭାରତୀ ସାହୁ ଏହି ଶିବିରରେ ଉପସ୍ଥିତ ରହିଥିବାବେଳେ ବିକ୍ରମ ସାହୁଙ୍କ ତତ୍ତ୍ୱାବଧାନରେ ୧୪ଗୋଟି ଗ୍ରାମପଞ୍ଚାୟତର ଦାୟିତ୍ୱରେ ଥିବା କାର୍ଯ୍ୟରତ ମହିଳାମାନେ ଓ ୩୪ଟି ଡିଲର ସମୀକ୍ଷା ବୈଠକରେ ଉପସ୍ଥିତ ରହିଥିଲେ ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବେ ସୁଶୀଳ ବ୍ରହ୍ମା



### ଶୁଭେଚ୍ଛା ଜଣାଇଲା ଶିକ୍ଷକ ସଂଗଠନ

ଗୋପ (ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ପକ୍ଷରୁ ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଘୋଷଣା କରାଯାଇଛି। ସମଗ୍ର ରାଜ୍ୟରୁ ୧୦ଜଣ ବ୍ଲକ ଶିକ୍ଷାଧିକାରୀ ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।ଏଥିରେ ପୁରୀ ଜିଲ୍ଲା ଅନ୍ତର୍ଗତ ଗୋପ ବ୍ଲକର ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ସୁଶୀଳ କୁମାର ବ୍ରହ୍ମାଙ୍କ ନାମ ସ୍ଥାନ ପାଇଛି। ଶ୍ରୀ ବ୍ରହ୍ମା ସଂପ୍ରତି ଓଡ଼ିଶା ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦର ଉପନିୟନ୍ତ୍ରକ ଭାବେ କଟକରେ କାର୍ଯ୍ୟରତ। ସେ ଶିକ୍ଷାବର୍ଷ ୨୦୨୨-୨୩ରୁ ୨୦୨୪-୨୫ ପର୍ଯ୍ୟନ୍ତ ତିନିବର୍ଷ ଧରି ଗୋପ ମଣ୍ଡଳ ଶିକ୍ଷାଧିକାରୀ ଭାବେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରି ପୁରୀ ଜିଲ୍ଲା ପ୍ରଶାସନ ଏବଂ ଗୋପ ବ୍ଲକର ଶିକ୍ଷକ ସମାଜ ଓ ସାଧାରଣ ଜନତାଙ୍କ ପ୍ରଶଂସା ସାଉଁଟି ଥିଲେ। ଶ୍ରୀ ବ୍ରହ୍ମାଙ୍କ କାର୍ଯ୍ୟକାଳ ସମୟରେ ପ୍ରାଥମିକ ତଥା ମାଧ୍ୟମିକ ଶିକ୍ଷା ନିମନ୍ତେ ଉଦ୍ଦିଷ୍ଟ ସରକାରଙ୍କ ବହୁବିଧ ଯୋଜନାଗୁଡିକର ସଫଳ ରୂପାୟନ କ୍ଷେତ୍ରରେ ଗୋପ ବ୍ଲକ ପୁରୀ ଜିଲ୍ଲାରେ ଆଗୁଆ ରହିଥିଲା। ୫ତାରିଖ ଗୁରୁ ଦିବସ ଅବସରରେ ରାଜ୍ୟ ସରକାରଙ୍କ ପଞ୍ଚସଖା ଶିକ୍ଷା ସେତୁ ସଂଗଠନ ପକ୍ଷରୁ ଲୋକସେବା ଭବନ ପରିସରରେ ଆୟୋଜିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହରେ ବିଇଓ ଶ୍ରୀ ବ୍ରହ୍ମାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ପାଇଁ ନିମନ୍ତ୍ରଣ ପତ୍ର ମିଳିଥିବା ଜଣାପଡିଛି। ଏହି ଖବର ମିଳିବା ପରେ ଗୋପ ବ୍ଲକ ଶିକ୍ଷକ ସମନ୍ୱୟ ସମିତି, ଓଷ୍ଟା, ପୁରୀ ଜିଲ୍ଲା ପ୍ରାଥମିକ ୟୁନିୟନ, ଗୋପ ବ୍ଲକ ଏନପିଏସ୍ ଶିକ୍ଷକ ସଂଘ, ଅଲୋଷ୍ଟା, ଅବସରପ୍ରାପ୍ତ ଶିକ୍ଷକ ସଂଘ, ବ୍ଲକର ସମସ୍ତ ସିଆରସିସି, ଗୋପ ବିଇଓ ପ୍ରମୋଦ କୁମାର କରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଖୁସିବ୍ୟକ୍ତ କରିବା ସହିତ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ବ୍ରହ୍ମାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏଥିସହିତ ପୁରୀ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଏଡିଇଓ ହିମାଂଶୁ ଭୂଷଣ ସମନ୍ତ, ଏଡିଇଓ ଦ୍ୱିତୀକାନ୍ତ ପ୍ରଧାନ, ଏଡିଇଓ ଉତ୍ତମ ପ୍ରଧାନ, ଡାଏଟ୍ ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ା, ଶିକ୍ଷା ସଂଯୋଜକ ରମେଶ ବଲ୍ଲଭ ସାହୁ ପ୍ରମୁଖ ଶ୍ରୀ ବ୍ରହ୍ମାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

## ଭଦ୍ରକର ସର୍ବାଙ୍ଗୀନ ଉନ୍ନତି ପାଇଁ 'ଦିଶା' ବୈଠକରେ ଗୁରୁତ୍ୱ



ଭଦ୍ରକ(ଭାସ୍କର ନ୍ୟୁଜ୍): ଜିଲ୍ଲା ପରିଷଦ ସଭାଗୃହରେ ବୁଧବାର ସାଂସଦ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ 'ଦିଶା' ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତିନିଧି ଅଶୋକ ପୁହାଣ, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ବାସୁଦେବପୁର ବିଧାୟକ ଅଶୋକ ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ଜିଲ୍ଲାପାଳ ଦିଲିପ ରାଉତ ରାଏ,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଶାଖା, ଭଦ୍ରକ ପ୍ରହଲ୍ଲାଦ ରଣା ତଥା ସମସ୍ତ ନଗରାଞ୍ଚଳର ଅଧ୍ୟକ୍ଷା, ବ୍ଲକର ଅଧ୍ୟକ୍ଷ,ଅଧ୍ୟକ୍ଷା,ଜିଲ୍ଲା ପରିଷଦର ସଭ୍ୟ, ସଭ୍ୟା, ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ, ଧାମରା ବନ୍ଦର ପ୍ରକଳ୍ପ ଓ ବେଦାନ୍ତ ଫେକରର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏହାପରେ ବିଭିନ୍ନ ବିଭାଗର ଯୋଜନାଗୁଡିକ ଉପରେ ସମୀକ୍ଷା ହୋଇଥିଲା । ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ନରେଗା, ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡକ ଯୋଜନା, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜାତୀୟ ଗ୍ରାମୀଣ ପାନୀୟ ଜଳ ଯୋଜନା, ସମଗ୍ର ଶିକ୍ଷା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ବେଟି ବଚାଓ ବେଟି ପଢାଓ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା, ଜାତୀୟ ପ୍ରାଣୀଧନ ମିଶନ, ଜାତୀୟ ଗ୍ରାମୀଣ ଜୀବିକା ମିଶନ, ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା, ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ), ଅମୃତ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ପୂର୍ତ୍ତ ବିଭାଗର ବିଭିନ୍ନ ପ୍ରକଳ୍ପ, ପର୍ଯ୍ୟଟନ ବିଭାଗର ବିଭିନ୍ନ ପ୍ରକଳ୍ପ, ବୃକ୍ଷରୋପଣ କାର୍ଯ୍ୟକ୍ରମର ପ୍ରଗତି, ଜାତୀୟ ରାଜପଥ, ରେଲୱେ, ଡାକ ବିଭାଗ, ଯୋଗାଯୋଗ, ଜଳପଥ, ବେଦାନ୍ତ ଫେକର ଓ ଆଦାନୀ, ଧାମରା ବନ୍ଦର ପ୍ରକଳ୍ପ ଉପରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା ହୋଇ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତୀ ପାଇଁ ସମସ୍ତ ବିଭାଗ ଏକ ମନ ଏକ ପ୍ରାଣ ନେଇ ତଥା ସହଯୋଗିତାରେ କାମକରିବାପାଇଁ ସାଂସଦ ତଥା ବିଧାୟକମାନେ ନିର୍ଦ୍ଦେଶ ଦେଇଥିଲେ ।

## ୩୫ ଦିନ ହେଲା ଦାରିଙ୍ଗବାଡି ପୋଷ୍ଟାଲ୍ ସେବା ଠପ୍

କନ୍ଧମାଳ(ଭାସ୍କର ନ୍ୟୁଜ୍): ଦାରିଙ୍ଗବାଡି ପୋଷ୍ଟାଲ ସେବା ଆଜିବି ସମ୍ପୂର୍ଣ୍ଣ ଠପ। ଦୀର୍ଘ ୩୫ ଦିନ ହେଲା ଏ ଅଚଳାବସ୍ଥା। ପ୍ରଥମେ ସଫ୍ଟୱେୟାର ଅପଡେଟ ନାଁ ରେ ଅଗଷ୍ଟ ୧ ରୁ ୨୬, ଦିନ ଧରି ସେବା ମିଳିପାରିନଥିଲା। ଏବେ ସଫ୍ଟୱେୟାର ଅପଡେଟ ସରି ସେ ବାହାନା ମଧ୍ୟ ସରିଛି। ହେଲେ ନେଟୱାର୍କ ସେବା କେବଳ ସେ ଦାରିଙ୍ଗବାଡ଼ି ପୋଷ୍ଟ ଅଫିସରେ ଠିକ୍ ଭାବରେ ମିଳିପାରୁନଥିବାରୁ ଏବେ ଲିଙ୍କ୍ ଫେଲ ନା ରେ ସେବା ମିଳିବାକୁ ନାହିଁ । ରେଜିଷ୍ଟର୍ଡ଼ ହେଉ ଅବା ସ୍ପିଡ୍ ପୋଷ୍ଟ ତା ସାଙ୍ଗକୁ ଟଙ୍କା ଜମା ଆଦି କୌଣସି ବି ସେବା ମିଳିପାରୁନି ସବୁ ପାଇଁ ଲିଙ୍କ୍ ଫେଲ । ତେବେ ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ମାସର ପ୍ରଥମ ଦିନରୁ ହିଁ ସମଗ୍ର ରାଜ୍ୟର ପୋଷ୍ଟ ଅଫିସମାନଙ୍କରେ ସଫ୍ଟୱେୟାର ଅପ୍‌ଡେଟ ଆରମ୍ଭ ହୋଇଥିଲା। ଆଉ ୬ ରୁ ୭ ଦିନରେ ସବୁଠି ସ୍ଥିତି ସୁଧୁରିଥିବାବେଳେ ଦାରିଙ୍ଗବାଡ଼ି ପୋଷ୍ଟ ଅଫିସର ସ୍ଥିତି ସୁଧୁରିବାକୁ ଦୀର୍ଘ ୨୬ ଦିନ ଲାଗିଥିଲା। ଆଉ ଗୋଟିଏ ଦିନ ସେବା ଯୋଗାଇଛି କି ନାହିଁ ପୁଣି ଲିଙ୍କ ଫେଲ ନାଁ ରେ ସେବା ମିଳିବାକୁ ନାହିଁ। କନ୍ଧମାଳ ଜିଲ୍ଲାର ସମସ୍ତ ପୋଷ୍ଟ ଅଫିସରେ ପୂର୍ବଭଳି ସେବା ମିଳୁଥିବାବେଳେ, କେବଳ ଯେ ଦାରିଙ୍ଗବାଡି ପୋଷ୍ଟ ଅଫିସର ସ୍ଥିତି ବଦଳିବା ନାଁ ନେଉ ନାହିଁ। ଅନ୍ୟ ପକ୍ଷେ ବିଏସ୍‌ଏନ୍‌ଏଲ ନେଟୱାର୍କ ବି ପାଉନାହିଁ। ଯାହାର ଫାଇଦା ନେଇ ଦାରିଙ୍ଗବାଡ଼ି ପୋଷ୍ଟ ଅଫିସ ଆହୁରି ଅବହେଳାକୁ ଚାଲିଯାଉଛି । ଏମିତିରେ ସ୍ଥାନୀୟ ଲୋକ ଯେ ନାହିଁ ନଥିବା ସମସ୍ୟା ଦୀର୍ଘ ୩୫ ଦିନ ହେଲା ଭୋଗୁଛନ୍ତି। ପୋଷ୍ଟ କର୍ମଚାରୀଙ୍କୁ ପଚାରିଲେ ଆମେ ବା କଣ କରିବୁ ? ଆମ ହାତରେ କିଛି ନାହିଁ ବୋଲି ସେମାନେ ଉତ୍ତର ରଖୁଛନ୍ତି। ତେବେ ବିଭାଗୀୟ ଉପରିସ୍ଥ ଅଧିକାରୀ ମାନଙ୍କ ନିକଟରେ ମଧ୍ୟ ଏ ନେଇ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ବିଭାଗ ପକ୍ଷରୁ ଗ୍ରହଣ କରାଯାଉନଥିବା ଜନସାଧାରଣରେ ଚର୍ଚ୍ଚା ହେଉଛି। ତେବେ କେବେ ଯେ ଦାରିଙ୍ଗବାଡ଼ି ପୋଷ୍ଟ ଅଫିସର ସେବା ସ୍ୱାଭାବିକ ସ୍ଥିତିକୁ ଫେରିବ ଏ ଉତ୍ତର କାହାରି ପାଖରେ ନାହିଁ ।

## ଗୁପ୍ତ ବୃନ୍ଦାବନରୁ ଶ୍ରୀକ୍ଷେତ୍ରକୁ ପଦଯାତ୍ରା



ଶୁଳିଆପଦା(ଭାସ୍କର ନ୍ୟୁଜ୍): ପଶ୍ଚିମବଙ୍ଗ ରାଜ୍ୟ, ଝାଡଗ୍ରାମ ଜିଲ୍ଲା ଅଧିନ ଗୋପିବଲ୍ଲଭପୁର ରାଧାଗୋବିନ୍ଦ ଜୀଉ (ଗୁପ୍ତବୃନ୍ଦାବନ) ଠାକୁର ବାଡି ରୁ ଶ୍ରୀକ୍ଷେତ୍ର ଧାମ ପୁରୀ କୁ ଶତାଧିକ ଗୌଡିଓ ବୈଷ୍ଣବ ସଂପ୍ରଦାୟର ପଦଯାତ୍ରା।ମହନ୍ତ ଶ୍ରୀ ଶ୍ରୀ କୃଷ୍ଣ କେଶବା ନନ୍ଦ ଦେବ ଗୋସ୍ୱାମୀ ପ୍ରଭୁପାଦ ଙ୍କ ନେତୃତ୍ୱ ରେ ଏହି ପଞ୍ଚମ ବର୍ଷର ପଦଯାତ୍ରା ରେ ୧୨୦ ଜଣ ପୁରୁଷ,ମହିଳା ଭକ୍ତ ଅଛନ୍ତି।ପଦଯାତ୍ରା ସହିତ ଶ୍ରୀକୃଷ୍ଣ ଚୈତନ୍ୟ ମହାପ୍ରଭୁଙ୍କ ଚରଣ ପାଦୁକା ମଧ୍ୟ ବିଦ୍ୟମାନ ଅଛନ୍ତି। ଶୁଳିଆପଦା ବ୍ଲକ୍ ଅଧିନ ଅଁଳାକୁଡା,ଦେଉଳି ଦେଇ ଏହି ପଦଯାତ୍ରା ଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ କରାଯାଇଥଗଲା।୧୫ ରୁ ୧୮ ଦିନ ମଧ ରେ ଏହି ପଦଯାତ୍ରା ପୁରୀ ରେ ପହଞ୍ଚିବ ବୋଲି ସୁଚନା ମିଳିଛି ।ନିତ୍ୟାନନ୍ଦ ଦାସ, ବିଷ୍ଣୁପଦ ମହାପାତ୍ର, ଭବାନୀ ଶଙ୍କର ବାଡି ପ୍ରମୁଖ ପଦଯାତ୍ରା ପରିଚାଳନା କରୁଛନ୍ତି ।

## ମେଲାଣି ନେଲେ ପ୍ରଭୂ ଗଜାନନ

ଗୋପ(ଭାସ୍କର ନ୍ୟୁଜ୍): ଗୋପ ମୁଖ୍ୟ ବଜାରରେ ଥିବା ସର୍ବପୁରାତନ ପୂଜା ମଣ୍ଡପରେ କୁଶଭଦ୍ରା ବ୍ୟବସାୟୀ ସଂଘ ପକ୍ଷରୁ ଦୀର୍ଘ ୫୨ ବର୍ଷ ହେଲା ପୂଜା ପାଇ ଆସୁଥିବା ପ୍ରଭୁ ଗଜାନନଙ୍କ ମେଲାଣି ଉତ୍ସବ ଆଜି ଅନୁଷ୍ଠିତ ହୋଇଛି । ଗତ ୨୭ ତାରିଖ ଗଜାନନଙ୍କ ପୂଜା ଦିବସରୁ ପୂଜା ପାଇ ଆସୁଥିବା ଏହି ମଣ୍ଡପରେ ୧ ତାରିଖ ପର୍ଯ୍ୟ କମିଟି ପକ୍ଷରୁ ପାଲା, ପ୍ରବଚନ, ଭଜନ ସମାରୋହ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ବାଜା ବାଣ ରୋଷଣୀରେ ପ୍ରଭୁଙ୍କୁ ବିଦାୟ ଦିଆଯାଇଥିବା ବେଳେ କୁଶଭଦ୍ରା ନଦୀରେ ବିସର୍ଜନ କରାଯାଇଥିଲା। ସେହିପରି ଗୋପ ପାଠାଗାର, କୁଶୁପୁର, ଉଦୟଗିରିସାହି ଗଣେଷ ଙ୍କୁ ବାଜା ବାଣ ରୋଷଣୀରେ କୁଶଭଦ୍ରା ନଦୀ ରେ ବିସର୍ଜନ କରାଯାଇଛି ।

## ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ବୈଠକ



କରଞ୍ଜିଆ (ଭାସ୍କର ନ୍ୟୁଜ୍) କରଞ୍ଜିଆ ମ୍ୟୁନିସପାଲିଟି ୧୫ ନମ୍ବର ୱାର୍ଡ଼ ବଣସାହି ସ୍ଥିତ ହୋ ସମାଜ ସାଂସ୍କୃତିକ ଭବନ ଠାରେ ମୟୂରଭଂଜ ଆଦିବାସୀ ହୋ ସମାଜ କମିଟି ଓ ସିଁଦାହରା ଆକଳାର ମିଳିତ ଉଦ୍ୟମରେ ନୂତନ ଭାବେ ପୁନର୍ଗଠିତ ହୋଇଥିବା ସର୍ବ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ ର କର୍ମକର୍ତ୍ତାଙ୍କୁ ନେଇ ସର୍ବଭାରତୀୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାମ ରାୟ ମୁନ୍ଦୁୟାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ରାଜ୍ୟ ଉପାଧ୍ୟକ୍ଷ ଚନ୍ଦ୍ର ମୋହନ ହାଇବୁରୁ, ଝାରଖଣ୍ଡ ରାଜ୍ୟ ଉପାଧ୍ୟକ୍ଷ କୁମାରୀ ଶାନ୍ତି ସିଦୁ, ରାଷ୍ଟ୍ରୀୟ ସାଧାରଣ ସଂପାଦକ ଡମ୍ବରୁଧର ଯାମୁଦା, ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ( ଓଡ଼ିଶା) ଖିରିଦ୍ ଚନ୍ଦ୍ର ହେମ୍ବ୍ରମ୍,(ଝାଡଖଣ୍ଡ) ସୋନା ସେଲେମ୍ ହସାଦ ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ରେ ହୋ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ୍ କରିବା ପାଇଁ ଆସନ୍ତା ଅକ୍ଟୋବର୍ ୩୧ ଏବଂ ନଭେମ୍ବର ୧ ତାରିଖରେ ଦିଲ୍ଲୀସ୍ଥିତ ଜନ୍ତର ମନ୍ତର ଠାରେ ଦୁଇଦିନିଆ ଧାରଣାକୁ ସଫଳ କରିବାକୁ ରଣନୀତି ପ୍ରସ୍ତୁତ କରଯାଇଥିଲା । ଏହା ସହିତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆସାମ ଓ ଓଡ଼ିଶାରେ ରାଜ୍ୟସ୍ତରୀୟ ଏବଂ ଜିଲ୍ଲା ସ୍ତରୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ସେପ୍ଟେମ୍ବର ମାସ ସୁଦ୍ଧା ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଦଲାବୁ ଦିଲି ୫୦ ପ୍ରୋଗ୍ରାମର ସଫଳତା ପାଇଁ ଅର୍ଥ ଯୋଗାଡ଼ ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ବୈଠକରେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବୈଠକରେ ମୟୂରଭଂଜ ଆଦିବାସୀ ସମାଜର ଅଧ୍ୟକ୍ଷ ମୋଟକ। ବିରୁଆ, ପାର୍ବତୀ ବିରୁଆ, ବୈଜୟନ୍ତୀ ଶୁଣ୍ଡି, ସିଦାହାର ସୁସାର ଆକାଲାର ଜୟପାଲ ସିଂ ମୁନ୍ଦୟା, ପଦ୍ମଚରଣ ବାଣ୍ଡ୍ରା, ସୁଭାଷ ହେମ୍ବ୍ରମ୍, ରାମଲାଲ ତିଉ, ପୂର୍ଣ୍ଣଚନ୍ଦ୍ର ସିଙ୍କୁ, କୁଞ୍ଜ ପୂର୍ତ୍ତି, ବିଷ୍ଣୁ ହାଂସଦା, ଯୋଗେଶ୍ୱର ଚାତାର, ପୋଖରିଆ ସରପଂଚ ଅଜିତ୍ ତିରିଆ, ଘନଶ୍ୟାମ ଚାତାର ପ୍ରମୁଖ ଯୋଗ ଦେଇଥିଲେ। ସିତାରାମ ଚାତାର ଓ ବାଗୁନ ସୁଣ୍ଡି ସଭା ପରିଚାଳନା କରିଥିଲେ। ଶେଷରେ ସିଦାହର ସୁଶାର ଆକଳାର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଧୁସୂଦନ ଜାରିକା ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ଗ୍ରାମରେ ପହଞ୍ଚି ଡିଡାୟୀ ଯୁବତୀ ଚମ୍ପାଙ୍କୁ ଶୁଭେଚ୍ଛା ଜଣାଇଲେ ଜିଲ୍ଲାପାଳ



ମାଲକାନଗିରି(ଭାସ୍କର ନ୍ୟୁଜ୍): ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ। ଆଦିମ ଡିଡ଼ାୟୀ ଜନଜାତିର ପ୍ରଥମ ଡାକ୍ତର ହେବାକୁ ଯାଉଥିବା ଚମ୍ପା ରାସପେଦାଙ୍କ ଗାଁରେ ପହଂଚିଛନ୍ତି ନିଜେ ଜିଲ୍ଲାପାଳ । ଚମ୍ପାଙ୍କ ଗାଁରେ ପହଞ୍ଚିବା ଖବର ପାଇ ନିଜେ କୋରକୁଣ୍ଡା ବ୍ଲକ୍ ନାକାମାମୁଡ଼ି ଗ୍ରାମ ପଞ୍ଚାୟତ ଅମ୍ବଲିବେଡା ଗ୍ରାମସ୍ଥିତ ତାଙ୍କ ବାସଭବନକୁ ଯାଇ ଜିଲ୍ଲାପାଳ ଶୁଭେଚ୍ଛା ଜଣାଇଛନ୍ତି। ଚମ୍ପା ଆଦିମ ଡିଡ଼ାୟୀ ଜନଜାତି ସମାଜର ପ୍ରଥମ ଡାକ୍ତର ହେବାକୁ ଯାଉଛନ୍ତି । ଯାହା ଆମ ଜିଲ୍ଲା ମାଲକାନଗିରି ଓ ସମସ୍ତଙ୍କ ପାଇଁ ଗୌରବର ବିଷୟ ବୋଲି ଜିଲ୍ଲାପାଳ କହିଛନ୍ତି। ଡ଼ାକ୍ତର ହୋଇ ନିଜ ଜିଲ୍ଲାରେ ସେବା କରିବା ପାଇଁ ଜିଲ୍ଲାପାଳ ଚମ୍ପାଙ୍କୁ ପ୍ରୋତ୍ସାହିତ କରିଛନ୍ତି। ତତ୍ ସହିତ ଆଗାମୀ ଦିନରେ ବିଶେଷଜ୍ଞ ଡାକ୍ତର ହେବାକୁ ଲକ୍ଷ୍ୟ ରଖି ନିଜ ଅଞ୍ଚଳ ଓ ସମାଜର ସେବା କରିବା ପାଇଁ ଚମ୍ପାଙ୍କୁ ମାର୍ଗ ଦର୍ଶନ କରିଛନ୍ତି ଜିଲ୍ଲାପାଳ। ଏହି ଅବସରରେ ଜିଲ୍ଲାପାଳ ଚମ୍ପାଙ୍କ ସ୍କୁଲ ଓ କଲେଜ ଶିକ୍ଷା ଓ ନିଟ୍ ପ୍ରସ୍ତୁତି କିପରି ରହିଥିଲା ସେ ବିଷୟରେ ପଚାରି ବୁଝିଥିଲେ। ତାଙ୍କ ସଫଳତା ଅନେକ ଜନଜାତି ଛାତ୍ରଛାତ୍ରୀ ଓ ସମସ୍ତ ଛାତ୍ରଛାତ୍ରୀ ବର୍ଗଙ୍କୁ ଅନୁପ୍ରାଣୀତ କରିବ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଉକ୍ତ ଗ୍ରାମରେ ଅନେକ ଉଚ୍ଚ ଶିକ୍ଷିତ ଯୁବକଯୁବତୀ ଥିବା କଥା ଜାଣିବାକୁ ପାଇଥିଲେ। ଅମ୍ବଲିବେଡା ଗ୍ରାମ ଜଣେ ଡାକ୍ତରଙ୍କୁ ତିଆରି କରିଛି। ତେଣୁ ଅଗ୍ରାଧିକାର ଭିତ୍ତିରେ ସେହି ଗ୍ରାମର ମୌଳିକ ଆବଶ୍ୟକତା ଯେପରିକି ପାନୀୟ ଜଳ ଯୋଗାଣ, ରାସ୍ତାଘାଟ, ବିଜୁଳି, ଆବାସ ଗୃହ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଜିଲ୍ଲାପାଳଙ୍କୁ ପାଖରେ ପାଇ ଗ୍ରାମବାସୀ ଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା। ସେହିପରି ଡ଼ାକ୍ତର ହୋଇ ନିଜ ଲୋକ ନିଜ ଅଞ୍ଚଳର ସେବା କରିବାର ଲକ୍ଷ୍ୟ ରହିଛି ବୋଲି ଚମ୍ପା କହିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଚମ୍ପାଙ୍କୁ ସମ୍ବର୍ଦ୍ଧନା ଜଣାଇ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଏକ ଆଣ୍ଡ୍ରଏଡ ମୋବାଇଲ୍, ପୋଷାକ ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ପାଠପଢ଼ା ପାଇଁ ୩୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଜିଲ୍ଲା ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, କୋରକୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁ, ଡିଡ଼ାୟୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପରିଚାଳକ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ମାଟିଉଠାଣ ପର୍ବ ପାଇଁ ଉତ୍ସବ ମୁଖର ରାଜନଗର

ରାଜନଗର (ଭାସ୍କର ନ୍ୟୁଜ୍): ରାଜନଗର ସଦର ଅଞ୍ଚଳର ଶାରଦୀୟ ଦୁର୍ଗାପୂଜା ଓ ଭସାଣି ଉତ୍ସବ ସମଗ୍ର କେନ୍ଦ୍ରାପଡା ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରମ୍ପରା ସୃଷ୍ଟି କରିଆସିଛି।ଧରାବକ୍ଷରେ ମାଆଙ୍କ ଆଗମନ ପାଇଁ ଆବାହନର ଶୁଭ ମୁହୂର୍ତ୍ତ । ପାର୍ବଣମୁଖର ଦଶହରା ପୂଜାର ଆଦ୍ୟ ବାଦ୍ୟନାଦରେ ଆଜି ରାଜନଗର ମାଟି ଦେବୀଙ୍କ ଶାରଦୀୟ ଆଗମନକୁ ଶୁଭ ସ୍ୱାଗତିକା ଜଣାଇଛି। ଆନନ୍ଦର ପ୍ରଥମ ଲହର ଖେଳିଯାଇଛି ହଂସୁଆ ନଦୀର ଉପକଣ୍ଠରେ । ରାଜନଗର ଦେବୀପୀଠରେ ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସୁଥିବା ଶାରଦୀୟ ଦୁର୍ଗାପୂଜା ନିମନ୍ତେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପବିତ୍ର ଶୁଭ ସୁନିଆଁ ଦିବସରେ ମାଆଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ନିମନ୍ତେ ହଂସୁଆ ନଦୀରୁ ମାଟିଉଠାଣ ପର୍ବ ଆରମ୍ଭ ହୋଇଛି। ପାରମ୍ପରିକ ଢୋଲମହୁରୀ ବାଜା ରୋଷଣିର ଜୟନାଦରେ ଜୟଦୁର୍ଗା ପୂଜା କମିଟିର ସଭାପତି ତଥା ପୋଲିସ୍ ଆଇଆଇସି ନରେଶ କୁମାର ସାହୁ,ସଂପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ସଦସ୍ୟ ରମେଶ ଚନ୍ଦ୍ର ଲାଲ୍,ନାରାୟଣ ମାହୁନ୍ତ ପ୍ରଭୃତି କାର୍ଯ୍ୟକର୍ତ୍ତାଙ୍କ ସହିତ ମୁଖ୍ୟ ପୁରୋଧା ପଣ୍ଡିତ ଶଙ୍କର୍ଷଣ ମିଶ୍ର,ପଣ୍ଡିତ ବିଜୟ କୁମାର ନନ୍ଦ ଓ ଅନ୍ୟ ବ୍ରାହ୍ମଣମାନେ ନଦୀକୂଳରେ ଉପସ୍ଥିତ ହେବାପରେ ପୂଜାପାଠ ସହିତ ମାଟିଉଠାଣ କାର୍ଯ୍ୟ କରାଯାଇଥିଲା । ସେହିପରି ରାଜନଗର ଗଳିଦାଣ୍ଡର ଆରାଧ୍ୟା ଦେବୀ ମା' ବୁଢୀମଙ୍ଗଳାଙ୍କ ଆଜ୍ଞାମାଳ ପ୍ରାପ୍ତ ହୋଇ ମା' ବନଦୁର୍ଗାଙ୍କ ପୂଜା ଆବାହନ ନିମନ୍ତେ ଗ୍ରାମକମିଟି ତରଫରୁ ମାଟିଉଠାଣ ପର୍ବ ମଧ୍ୟ ପ୍ରତିବର୍ଷ ପରି ଅତି ଉତ୍ସାହ ସହକାରେ ଆରମ୍ଭ ହୋଇଥିଲା। ଗ୍ରାମମୁରବି ସର୍ବଶ୍ରୀ ଦାଶରଥି ଲେଙ୍କା, ବୈକୁଣ୍ଠ ବଳ, ହେମନ୍ତ କୁମାର ସାହୁ,ଅରକ୍ଷିତ ପ୍ରଧାନ,ସଂପାଦକ ଅଭିରାମ ସାହୁ,ସୁରେଶ ଚନ୍ଦ୍ର ଲେଙ୍କା,ଶିବାନନ୍ଦ ରାଉତ,ବ୍ରହ୍ମାନନ୍ଦ ଲେଙ୍କା,ଜୟୀରାମ ସେଠୀ,ଅଲେଖ ଚନ୍ଦ୍ର ସାହୁ,ଅନାଦି ରାଉତ,ମନୋରଞ୍ଜନ ଦାସ,ବାଇଧର ସେଠୀ,ବିନୋଦ ସାହୁ,ସୁରେଶ ଓଝା,ବିଜୟ ସାହୁ ପ୍ରଭୃତି ପାରମ୍ପରିକ ମହୁରୀବାଦ୍ୟ ଶୋଭାଯାତ୍ରାରେ ମାଆଙ୍କ ପୀଠରୁ ବାହାରି ନଦୀକୂଳରେ ପହଞ୍ଚିବା ପରେ ବିଧିବିଧାନ ଅନୁସାରେ ପୂଜାପାଠ ଓ ହୋମାଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରମୁଖ ସଦସ୍ୟ ସୁକାନ୍ତ କୁମାର ବେହେରା ସଂକଳ୍ପରେ ବସିଥିଲେ ଓ ମୁଖ୍ୟ ପୁରୋଧାଙ୍କୁ ପୂଜାରେ ସହଯୋଗ କରିଥିଲେ ମାଆଙ୍କ ନିତ୍ୟପୂଜକ ରବି ନାରାୟଣ ପତି ଓ ବିଷ୍ଣୁ ଚରଣ ବାରିକ ।

## ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ




ତେନ୍ତୁଳି ଖୁଣ୍ଟି (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଅଂଚଳଗୁମା ଠାରେ ନୂଆଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଶିକ୍ଷାବିତ୍ ରମେଶ ଚନ୍ଦ୍ର ବିଷୋୟୀ ସଭାପତି ଭାର ତୁଲାଇ ଥିବା ବେଳେ ମୁଖ୍ୟ ଅତିଥି ଭାବେ ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗ ଦେଇ ନୂଆଖାଇ ଭାଇଚାରାର ପର୍ବ ବୋଲି ନିଜ ବକ୍ତବ୍ୟ ରେ କହିଥିଲେ । ସମ୍ମାନିତ ଅତିଥି ଭାବେ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତିର ଅଧ୍ୟକ୍ଷା ନିଳେନ୍ଦ୍ରି ନାୟକ ,ଜୋନ ୧ ର ଜିଲ୍ଲା ପରିଷଦ ସଭ୍ୟା କ୍ରିଷ୍ଣା ମଞ୍ଜରି ବିଷୋୟୀ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ,ସରପଞ୍ଚ କୁସୁମା ପୂଜାରୀ,ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଶିକ୍ଷକ ସରୋଜ ପଟ୍ଟନାୟକ, ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ଗଣେଶ୍ୱର ବିଷୋୟୀ, ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ସୁବ୍ରତ ଚୌଧୁରୀ ମଞ୍ଚାସୀନ ରହିଥିଲେ । ଏହି ଅବସରରେ ନିଟ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଗ୍ରାମର ଶିବମ ନାୟକଙ୍କୁ ମୁଖ୍ୟଅତିଥି ବିଧାୟକ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ । ଗ୍ରାମର ବିଶିଷ୍ଟ ମୂର୍ତ୍ତି କାରିଗର କମଳୁ ପୂଜାରୀ, ସୁମନ ଗୌଡ଼ ଓ ଚକ୍ରଧର ମାଝୀଙ୍କୁ ମଧ୍ୟ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଦିଆଯାଇଥିଲା । ନୂଆଖାଇ ଭେଟ୍‌ଘାଟ ଅବସରରେ ଗଣେଶ ପୂଜା କମିଟି ତରଫରୁ ଝିଲିକି ଝିପା ରଙ୍ଗ ମଞ୍ଚରେ କୋଟପାଡର ତାରା ତାରିଣୀ ମେଲୋଡି ଗ୍ରୁପ ସାମିଲ କରିଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ଯାଏଁ ଚାଲିଥିବାବେଳେ ସମସ୍ତ ଗ୍ରାମବାସୀ ଏହାକୁ ଉପଭୋଗ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଗଣେଶ ପୂଜା ପରିଚାଳନା କମିଟିର ରୁଦ୍ର ବିଷୋୟୀ, ସୁଶୀଳ ଗୌଡ଼, ସଚିନ ସାହୁ, ବାପି ପ୍ରଧାନୀ, ଟୁନୁ ମହାରଣା,ଭବାନୀ ମିଶ୍ର, ବିମଳ ଚୌଧୁରୀଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା, ବାହାରେ ବସି ପଢୁଛନ୍ତି ପିଲା



ବୌଦ୍ଧ(ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳ ଶିଶୁଙ୍କ ପ୍ରାକ୍ ଶିକ୍ଷାକୁ ପ୍ରାଧାନ୍ୟ ଦେବା ପାଇଁ ଅଙ୍ଗନବାଡି କେନ୍ଦ୍ର ରହିଛି। ଶିଶୁଙ୍କ ଭବିଷ୍ୟତ ଗଠନ କରିବାରେ ପ୍ରଥମ ପାହାଚ ଭଳି ଅଙ୍ଗନବାଡି କେନ୍ଦ୍ର ର ମୁଖ୍ୟ ଭୂମିକା ରହିଛି। ଏପଟେ ନୂତନ ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ ୧ବର୍ଷ ହେଲା ସରିଛି। କିନ୍ତୁ ମୁଖ୍ୟ ଫାଟକରେ ତାଲା ଝୁଲୁଛି। ଫଳରେ କୋମଳମତି ଶିଶୁ ବିଦ୍ୟାଳୟର ଡାଇନିଂ ହଲରେ ଅଣ୍ଡା ଭାତ ଖାଇ ଦିନ ସରୁଛି। ଏଭଳି ସମସ୍ୟା ଥିଲେ ମଧ୍ୟ ଜାଣି ଅଜଣା ସାଜିଛି ପ୍ରଶାସନ। ଫଳରେ ଦିନକୁ ଅଭିଭାବକଙ୍କ ଭିତରେ ଅସନ୍ତୋଷ ପ୍ରକାଶ ପାଉଛି। ଘଟଣାଟି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଛତ୍ରଙ୍ଗ ପଞ୍ଚାୟତ ଖରଭୂଇଁ ଗ୍ରାମରେ ଥିବା ନୂତନ ଅଙ୍ଗନବାଡି କେନ୍ଦ୍ରର । ସୂଚନା ମତେ ୨୦୨୪-୨୫ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ ଯୋଜନାରୁ ୪ଲକ୍ଷ ୭୫ହଜାର ଟଙ୍କା ଆସିଥିବା ବେଳେ ବ୍ଲକ ସେହି ଆର୍ଥିକ ବର୍ଷରେ ୨ଲକ୍ଷ ଦେଖିବାକୁ ଗଲେ ମୋଟ ୬.ଲକ୍ଷ ୭୫ ହଜାର ଟଙ୍କା ବ୍ୟୟ ବରାଦରେ ଅଙ୍ଗନବାଡି କେନ୍ଦ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ନିର୍ମାଣ ହୋଇଥିଲେ ମଧ୍ୟ ଏଯାଏ ଗୃହ କାର୍ଯ୍ୟ କରିଥିବା ଠିକାଦାରଙ୍କୁ ଟଙ୍କା ଟିଏ ବି ମିଳିପାରିଲା ନାହିଁ। ଏପରିକି ନିଜର ପ୍ରାପ୍ୟ ପାଇଁ ବ୍ଲକ ପ୍ରଶାସନକୁ ଗୁହାରି କଲେ ମଧ୍ୟ ଟଙ୍କା ପାଇ ପାରିନଥିବା ନେଇ ଠିକାଦାର ଜଣଙ୍କ ପ୍ରକାଶ କରିଛନ୍ତି। ଯାହାଫଳରେ ବାଧ ହୋଇ ମୁଁ ତାଲା ପକାଇଛି ବୋଲି କହିଛନ୍ତି। ସେପଟେ ଏହାକୁ ନେଇ ହରଭଙ୍ଗା ସିଡିପିଓ ଦୀପ୍ତିମୟୀ ପାତ୍ରଙ୍କୁ ପଚାରିବାରୁ ଆମେ ବିଡ଼ିଓ ଓ ସମ୍ପୃକ୍ତ ବ୍ଲକ ଏଇଙ୍କୁ ବାରମ୍ବାର ଲିଖିତ ଓ ମୌଖିକ ଜଣାଇଛୁ ତୁରନ୍ତ ଗୃହ ହସ୍ତାନ୍ତର ପାଇଁ ଏବଂ ଉକ୍ତ କେନ୍ଦ୍ରରେ ଅତ୍ୟଧିକ ପିଲା ଥିବାରୁ ପୁରୁଣା କୋଠରୀରେ ପାଠ ପଢ଼ାଇବା ସମ୍ଭବ ନଥିବାରୁ ଆମେ ଏକ ସ୍କୁଲ ଘରେ ଅନୁମତି ନେଇ ପାଠ ପଢ଼ାଉଚୁ ବୋଲି କହିଥିଲେ। ଅନ୍ୟପଟେ ସମସ୍ୟାକୁ ନେଇ ବିଡ଼ିଓଙ୍କ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବପର ନହେବାରୁ କୌଣସି ପ୍ରତିକ୍ରିୟା ମିଳିପାରିନଥିବା ବେଳେ ତୁରନ୍ତ ବୌଦ୍ଧ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ଭିତରେ ଦାବି ହେଉଛି ।

## ଦଳାଇସାହି ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା: ଭୋଟ୍ ଫଳାଫଳ ସଂରକ୍ଷିତ

ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଦଳାଇସାହି ଗ୍ରାମ ପଂଚାୟତ ସରପଞ୍ଚଙ୍କ ବିରୁଦ୍ଧରେ ବୁଧବାର କାର୍ଯ୍ୟାଳୟ ପରିସରରେ ଅନସ୍ଥା ଭୋଟ ଅନୁଷ୍ଠିତ ହୋଇଯାଇଛି। ଏ ସମ୍ପର୍କରେ ସରପଞ୍ଚଙ୍କ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ପିଟିସନ କରାଯାଇଥିବା ବେଳେ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଫଳାଫଳକୁ ସଂରକ୍ଷିତ ରଖାଯାଇଛି। ଦଳାଇସାହି ପଂଚାୟତର ମୋଟ ୧୮ଜଣ ସଭ୍ୟସଭ୍ୟା ଥାଇ ସେଥିମଧ୍ୟରୁ ଗତ ଜୁଲାଇ ୨୫ରେ ୧୨ଜଣ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କ ନିକଟରେ ଉପସ୍ଥିତ ରହି ସରପଞ୍ଚ ସତ୍ୟଭାମା ଦେଇଙ୍କ ବିରୁଦ୍ଧରେ ଅନସ୍ଥା ପ୍ରସ୍ତାବ ଆଣିବା ପାଇଁ ଫେରାଦ କରିଥିଲେ। ଏ ସମ୍ପର୍କରେ ଉପଜିଲ୍ଲାପାଳ ସଭ୍ୟସଭ୍ୟାମାନଙ୍କର ସ୍ୱାକ୍ଷର ସମ୍ପର୍କରେ ବିଧିବଦ୍ଧ ତନଖି ପାଇଁ ସ୍ଥାନୀୟ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୱାର୍ଡ ସଭ୍ୟସଭ୍ୟାମାନଙ୍କର ସ୍ୱାକ୍ଷର ଯାଞ୍ଚ ପରେ ଉପଜିଲ୍ଲାପାଳଙ୍କ ପକ୍ଷରୁ ୩ ସେପ୍ଟେମ୍ବରରେ ସ୍ୱତନ୍ତ୍ର ବୈଠକ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ସକାଳ ୯ଟାସମୟରେ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର ବିଜୟ କୁମାର ସେଠୀ ନିର୍ବାଚନ ଅଧିକାରୀ ଭାବେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।ଏଥିରେ ପଂଚାୟତର ମୋଟ ୧୮ଗୋଟି ୱାର୍ଡ ମଧ୍ୟରୁ ଗୋଟିଏ ୱାର୍ଡରେ ପଦବୀ ଖାଲି ଥିବା ବେଳେ ଅନ୍ୟ ଜଣେ ଅନୁପସ୍ଥିତ ରହିଥିଲେ।ତେଣୁ ଏହି ନିର୍ବାଚନରେ ୧୬ଜଣ ୱାର୍ଡ ସଭ୍ୟ ସଭ୍ୟାଓ ସରପଞ୍ଚଙ୍କ ସମେତ ୧୭ଜଣ ଅଂଶଗ୍ରହଣ କରିଥିଲେ। ଏହି ନିର୍ବାଚନ ପ୍ରକ୍ରିୟା ସକାଳ ୯ଟା ସମୟରୁ ଦିନ ୧ପର୍ଯ୍ୟନ୍ତ ଚାଲିଥିବାବେଳେ ବିଡ଼ିଓ ସୁମନ ସୁଦ୍ଧା କୁଣ୍ଡୁ, ଏବିଡ଼ିଓ ଡ଼ଃ ରତିକାନ୍ତ ମିଶ୍ର ଓ ପଂଚାୟତ ନିର୍ବାହୀ ଅଧିକାରୀ ଜୀବନ ଦାସ ପ୍ରମୁଖ ନିର୍ବାଚନ ପ୍ରକ୍ରିୟାରେ ସହାୟତା କରିଥିଲେ। ନିର୍ବାଚନ ପ୍ରକ୍ରିୟା ପରେ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ମୁତାବକ ବାଲାଟ ବକ୍ସକୁ ଜିଲ୍ଲା ସ୍ୱତନ୍ତ୍ର କୋଷାଗାରରେ ସୁରକ୍ଷିତ ରଖାଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଭୋଟ ବାକ୍ସକୁ ସୁରକ୍ଷା ବଳୟ ମଧ୍ୟରେ ସୁରକ୍ଷିତ ରଖାଯାଇଛି। ବିଶେଷ ଆଇନ ସୁରକ୍ଷା ଦୃଷ୍ଟିରୁ ଥାନାଧିକାରିଣୀ ସ୍ୱିଗ୍ଧାମୟୀ ବରାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୋଲିସ ଟିମ୍ ଉପସ୍ଥିତ ରହିଥିଲେ।



# ଆମ କଳାହାଣ୍ଡି




ଶୁକ୍ରବାର, ୦୫ ସେପ୍ଟେମ୍ବର ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର



## ଭିନ୍ନ ରୂପରେ ପୂଜା ପାଉଛନ୍ତି ଗଜାନନ

ଜୁନାଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହରସ୍ଥିତ ବଡ଼ପଡା ଛକ ଠାରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ମହାସମାରୋହରେ ପାଳିତ ହେଉଛି। ଏହି ଗଣେଷ ପୂଜା କମିଟି ପ୍ରତି ବର୍ଷ ଏକ ନିଆରା ଢଙ୍ଗରେ ମୂର୍ତ୍ତି ତିଆରି କରି ପୂଜା କରିବା ସହ ଅଞ୍ଚଳରେ ଚର୍ଚ୍ଚାରେ ରହିଥାନ୍ତି। କେଉଁବର୍ଷ ତିରୁପତି ବାଲାଜି, ତ କେବେ ଜଗନ୍ନାଥ, ବୁଦ୍ଧ, ବାଳଗଣେଶ, ଲାଲ ବାଗ କି ରାଜା ଭଳି ପ୍ରାୟ କୋଡିଏ ବର୍ଷରୁ ଉର୍ଦ୍ଧ୍ୱ ନିଆରା ଢଙ୍ଗରେ ଗଣେଶ ମୂର୍ତ୍ତି ତିଆରି କରି ପୂଜା କରି ଆସୁଛନ୍ତି। ଚଳିତ ବର୍ଷ ଏପରି ଏକ ସିଦ୍ଧି ବିନାୟକ ମୂର୍ତ୍ତି ନିର୍ମାଣ କରି ଏକ ଆକର୍ଷଣୀୟ ଢଙ୍ଗରେ ପୂଜା କରୁଥିବାରୁ ଶ୍ରଧାଳୁଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ମୂର୍ତ୍ତି ଯେତେ ଆକର୍ଷଣୀୟ ହୋଇଛି ପୂଜା ମଣ୍ଡପ ଓ ସାଜସଜ୍ଜା ଏହାର ଦ୍ୱିଗୁଣିତ ହୋଇଥିବା ଦେଖିବାକୁ ମିଳିଛି। ଏହି ପୂଜା ନଅ ଦିନ ଧରି ଅନୁଷ୍ଠିତ ହେବ। ଏହି ପୂଜା ଦେଖିବାପାଇଁ ପ୍ରତି ଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଏହି ପୂଜା କମିଟିର ରାଜନ ମାଝୀ, ସିକନ୍ଦର ମାଝୀ, ରବୀନ୍ଦ୍ର ଦୁର୍ଗା, କମଳାକାନ୍ତ ବେଶ୍ରା, ବିକ୍ରନ୍ତ କୁମାର, ସାଗର ଆନଦାନି, ଧର୍ମେନ୍ଦ୍ର ନାଏକ, କୁଞ୍ଜ ବେଶ୍ରା, କାହ୍ନୁ ବେଶ୍ରା, ଅଜିତ ନାଏକ, ବିକ୍ରମ କନ୍ଧପାନ, ସୋନୁ ମାଝୀ ପ୍ରମୁଖ ସକ୍ରିୟ ସଦସ୍ୟ ଦାୟିତ୍ୱ ତୁଲାଇ ସମ୍ପନ୍ନ କରିଥିଲେ।



## ସର୍ବଧର୍ମ ସାମୂହିକ ନୂଆଖାଇ ଭେଟଘାଟ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସୋମବାର ସନ୍ଧ୍ୟାରେ ମହାବୀର ରଙ୍ଗମଞ୍ଚରେ ପବିତ୍ର ନୂଆଖାଇ ଉପଲକ୍ଷେ ସର୍ବଧର୍ମ ସାମୂହିକ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ବେହେରାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ଭେଟଘାଟ ଉତ୍ସବରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟଙ୍କ ବ୍ୟତୀତ ବିଭିନ୍ନ ସମାଜ ଓ ସମ୍ପ୍ରଦାୟର ନିମନ୍ତ୍ରିତ ବ୍ୟକ୍ତିବିଶେଷ ଉପସ୍ଥିତରହି ଗଣପର୍ବ ନୂଆଖାଇ ଓ ଏହାର ବିଶେଷତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପୁରୋହିତଙ୍କ ମନ୍ତ୍ର ପାଠ ପରେ ପରମ୍ପରା ଅନୁଯାୟୀ କୁରେଇ ପତ୍ରରେ ସମସ୍ତେ ନବାନ୍ନ ଭକ୍ଷଣ କରିଥିଲେ ଓ ପ୍ରଥାନୁସାରେ ସାନ ମାନେ ବଡ଼ମାନଙ୍କୁ ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କରିଥଲେ। ଅନୁଷ୍ଠାନର ପ୍ରାକ୍ତନ ସଭାପତି ତଥା ବିଶିଷ୍ଟ ସମାଜସେବୀ ଜୟନ୍ତ ବେହେରା, ବରିଷ୍ଠ ସାମ୍ବାଦିକ ଓ ଗବେଷକ ଉମାଶଙ୍କର କର, ଅଧାପକ ଓ ଗବେଷକ ପରମେଶ୍ୱର ମୁଣ୍ଡ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶିଙ୍କ ସହ ବ୍ରାହ୍ମଣ ସମାଜର ସୁଧାଂଶୁ ଶେଖର ନେଗୀ, ଭବାନୀପାଟଣା ମସଜିଦ କମିଟିର ସଭାପତି ସାବନ ଅଲ୍ଲୀ ଖାଁ, ଶିଖସାମ୍ପ୍ରଦାୟର ପଟବନ୍ତ ସିଂ, ସିନ୍ଧି ସମାଜର ବିନୋଦ କୁକ୍ରେଜା, କରଣ ସମାଜ ମହିଳା ମଣ୍ଡଳ ପ୍ରମୁଖ ସବିତା ପଟ୍ଟନାୟକ, ଜିଲ୍ଲାର ଶୁଣ୍ଡି ସମାଜ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ, ଯାଦବ ସମାଜର ଶ୍ରବଣ ଗୁପ୍ତ, ପତଞ୍ଜଳି ଯୋଗ ସମିତିର ଅଶୋକ ମୁଣ୍ଡ, ଗଜେନ୍ଦ୍ର ପାଢ଼ୀ, ରାଜପୁତ କ୍ଷତ୍ରୀୟ ପାଇକ ସମାଜର ଅନୁପ ଦଣ୍ଡସେନା ପ୍ରମୁଖ ନୂଆଖାଇ ପର୍ବ ଭାଇଚାରା ଓ ପରମ୍ପରାର ସ୍ମୃତିବାହକ ଉତ୍ସବ ବୋଲି ପ୍ରକାଶ କରିବା ସହିତ ମହାବୀର ସାଂସ୍କୃତିକ ଅନୁଷ୍ଠାନର ଏହି ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂହ ପ୍ରାରମ୍ଭିକ ସୂଚନା ଦେଇଥିଲେ ଓ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଅନୁଷ୍ଠାନର ସଂଯୁକ୍ତ ସାଧାରଣ ସମ୍ପାଦକ ସଂଜୀବ ସିଂହ। ସଭାକାର୍ଯ୍ୟ ଶେଷରେ ଉପସଭାପତି ସଞ୍ଜୟ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ୩ଗୁରୁତର

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ଆଜି ଦିନ ପ୍ରାୟ ୧୧. ୩୦ ସମୟରେ ବିଶ୍ୱନାଥପୁର- ଲାଞ୍ଜିଗଡ଼ ମୁଖ୍ୟ ରାସ୍ତା ମସ୍କାପଦର ଛକ ନିକଟରେ ଗୋଟିଏ ବାଇକକୁ ଆଉ ଗୋଟିଏ ବାଇକ ପଛ ପଟୁ ପିଟିବାରୁ ତିନିଜଣ ଗୁରୁତର ହୋଇଛନ୍ତି। ସେଥିମଧ୍ୟରୁ ଲାଞ୍ଜିଗଡ଼ର ଶିକ୍ଷକ ମୂରଲୀ ଗଉଡ଼ ବାଇକରେ ଯାଉଥିବାବେଳେ ଚମ୍ପାଦେଇପୁର ପଞ୍ଚାୟତ ଯୋଡ଼ାବନ୍ଧ ଗାଁର ସରୋଜ ମାଝୀ, ଖଗେଶ୍ୱର ମାଝୀ ଆଉ ଏକ ବାଇକରେ ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ତିନିଜଣ ଯାକ ରାସ୍ତାରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତିନିଜଣଙ୍କୁ ଉଦ୍ଧାର କରି ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଅବସ୍ଥା ଗୁରୁତର ହେବାରୁ ତିନିଜଣଙ୍କୁ ଭବାନୀପାଟଣା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ଦୁଇଟି ବାଇକକୁ ଜବତ କରି ଲାଞ୍ଜିଗଡ଼ ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କେସିଙ୍ଗା ଆଦର୍ଶ ଥାନାରେ ନୂତନ ଅଧିକାରୀ ଭାବରେ ଜିତେନ୍ଦ୍ର କୁମାର ବିଶ୍ୱାଳ ଯୋଗ ଦେଇଛନ୍ତି।ପୂର୍ବରୁ ଥିବା ଥାନା ଅଧିକାରୀ ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ଭବାନୀପାଟଣା ଟାଉନ ଥାନା କୁ ବଦଳି ହେବା ପରେ ଲାଞ୍ଜିଗଡ ଥାନାରେ ଅଧିକାରୀ ଥିବା ଶ୍ରୀ ବିଶାଳଙ୍କୁ କେସିଙ୍ଗାକୁ ବଦଳି କରାଯାଇଛି। ଶ୍ରୀ ବିଶାଳ ତାଙ୍କ ପ୍ରତିକ୍ରିୟାରେ କେସିଙ୍ଗା ଚୋରା ନିଶା କାରବାର, ଟ୍ରାଫିକ ନିୟମକୁ ଅମାନିଆ କରୁଥିବା ଗାଡି ଚାଳକ, ଚୋରା ବାଲି ଚାଲାଣକାରୀଙ୍କ କବଳରୁ କେସିଙ୍ଗାକୁ ମୁକ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି। ଚୋର ଅପରାଧ ଓ ନିଶା ମୁକ୍ତ କେସିଙ୍ଗା କରିବାରେ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ବର୍ତ୍ତମାନ କେସିଙ୍ଗା ଆଦର୍ଶ ଥାନାର କାର୍ଯ୍ୟରତ ପ୍ରାୟ ସବୁ ଅଧିକାରୀ ନୂତନ ଭାବରେ ଯୋଗଦାନ କରିଛନ୍ତି।

## ତୃଣମୂଳସ୍ତରର କର୍ମୀମାନେ ହିଁ ଚୟନ କରିବେ ଜିଲ୍ଲା କଂଗ୍ରେସ ସଭାପତି



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଂଗ୍ରେସ ଦଳକୁ ଅଧିକ ସଂଗଠିତ କରିବାପାଇଁ ଦଳ ପକ୍ଷରୁ ଆରମ୍ଭ ହୋଇଥିବା 'ସଙ୍ଗଠନ ସୃଜନ ଅଭିଯାନ' କ୍ରମରେ କଳାହାଣ୍ଡି ଜିଲ୍ଲା କଂଗ୍ରେସ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଅଛି।ଏହି ଉପଲକ୍ଷେ ଜାତୀୟ କଂଗ୍ରେସ ସଭାପତି ମଲ୍ଲୀକାର୍ଜୁନ ଖଡ଼ଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ତିନି ଜଣ ପର୍ଯ୍ୟବେକ୍ଷକ ୩ ତାରିଖ ବୁଧବାର ଦିନ କଳାହାଣ୍ଡି ଗସ୍ତରେ ଆସି ସ୍ଥାନୀୟ ଭବାନୀପାଟଣା ହୋଟେଲ ଆମ୍ରପଲ୍ଲୀ କ୍ଲାସିକ ଠାରେ ପହଞ୍ଚିଥଲେ। ସେଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କଳାହାଣ୍ଡି ଜିଲ୍ଲାରେ କିପରି ସଭାପତି ଚୟନ ପ୍ରକ୍ରିୟା ସୁରୁଖୁରୁରେ ହୋଇପାରିବ ସେ ନେଇ ବିଭିନ୍ନ ସୂଚନା ଦେଇଥିଲେ। ଏହି କ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକମାନେ କଳାହାଣ୍ଡି ଜିଲ୍ଲା ଗସ୍ତ କରି ତୃଣମୂଳ ସ୍ତରର କଂଗ୍ରେସ କର୍ମୀମାନଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନେତୃବୃନ୍ଦ ଏବଂ ଦଳର ଜିଲ୍ଲା ପଦାଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ହାତକୁ ନିଆ ଯାଇଥିବା ସ୍ପଷ୍ଟ କରିଥିଲେ। ଜିଲ୍ଲା ସଭାପତି ଚୟନ ନେଇ ଯେଉଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ସେଥିରେ ଏସଟି, ଏସସି, ଓବିସି, ମହିଳା, ଯୁବ ଏହିପରି ସମସ୍ତ ବର୍ଗରୁ ୬ ଜଣଙ୍କ ନାମ ଯେପରି ରହିବ ସେଥିପାଇଁ ସେମାନେ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ତାହାକୁ ଏଆଇସିସିକୁ ସୁପାରିଶ କରାଯିବ ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ଶେଖ ମସ୍ତାନ ଅଲ୍ଲୀ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା ବିଧାୟକ ତାରା ପ୍ରସାଦ ବାହିନୀପତି ସୂଚନା ଦେଇଥିଲେ ଯେ ଏଆଇସିସି ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଏକ ଗ୍ରାଉଣ୍ଡ ରିପୋର୍ଟ ଏଆଇସିସିରେ ଦାଖଲ କରାଯିବା ପରେ ଜିଲ୍ଲା ଓ୍ୱାରି ଜଣଙ୍କୁ ଜିଲ୍ଲା କଂଗ୍ରେସ ସଭାପତି ଭାବେ ଚୟନ କରାଯିବ। ଏହି ପ୍ରକ୍ରିୟା ଆସନ୍ତା ୧୪ ତାରିଖ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ଏଆଇସିସି ପର୍ଯ୍ୟବେକ୍ଷକ ଶ୍ରୀ ଅଲ୍ଲୀ ମତ ରଖିଥିଲେ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସିରୁ ଆସିଥିବା ଶେଖ ମସ୍ତାନ ଅଲ୍ଲୀଙ୍କ ସମେତ ପିସିସି ପର୍ଯ୍ୟବେକ୍ଷକ ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ଫକୀର ଜଗତ, କଳାହାଣ୍ଡି ଜିଲ୍ଲା କଂଗ୍ରେସ ସଂଯୋଜକ ଜଳନ୍ଧର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ପରେ ଦଳପକ୍ଷରୁ ଜିଲ୍ଲାର ବହୁ ବରିଷ୍ଠ କର୍ମକର୍ତ୍ତା ଏବଂ କର୍ମୀମାନଙ୍କୁ ନେଇ ପର୍ଯ୍ୟବେକ୍ଷକ ମାନଙ୍କ ଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା।

## ପ୍ରାଣୀ ଚିକିତ୍ସା ସେବା ସଙ୍ଘର କଳାବ୍ୟାଚ ଧର୍ମଘଟ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣର ଆବଶ୍ୟକତା ସମ୍ପର୍କରେ ଓଡିଶା ପ୍ରାଣୀ ଚିକିତ୍ସା ସେବାସଙ୍ଘ ତରଫରୁ ବର୍ଷ ବର୍ଷ ଧରି ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ ରାଜ୍ୟ ସରକାର ଏଥି ପ୍ରତି ଦୃଷ୍ଟି ନଦେବା ଯୋଗୁଁ, ଅନ୍ୟ ଉପାୟ ନ ପାଇ ଗତ ଅଗଷ୍ଟ ୨୫ ତାରିଖରୁ ରାଜ୍ୟର ସମସ୍ତ ପ୍ରାଣୀ ଚିକିତ୍ସିକ ପ୍ରତିବାଦ ସ୍ୱରୂପ କଳା ବ୍ୟାଚ ପରିଧାନ କରି କରିଛନ୍ତି। ସେହି କ୍ରମରେ କଳାହାଣ୍ଡି ଜିଲ୍ଲା ପ୍ରାଣୀ ଚିକିତ୍ସା ସେବା ସଙ୍ଘ ପକ୍ଷରୁ ମଧ ଜିଲ୍ଲାର ପ୍ରାୟ ସମସ୍ତ ପ୍ରାଣୀ ଚିକିତ୍ସିକ କଳା ବ୍ୟାଚ ପିନ୍ଧି କାମକରୁଥିବା ଦେଖିବାକୁ ମିଳିଛି। ରାଜ୍ୟ ସରକାର ଗୋମାତା ସୁରକ୍ଷା ଓ ଗୋଧନ ଅଭିବୃଦ୍ଧି ପାଇଁ ଅଶେଷ ପ୍ରୟାସ କରୁଥିବା ସମୟରେ ପ୍ରାଣୀ ଚିକିତ୍ସିକ ମାନଙ୍କ ପ୍ରତି ବୋମାତୃକ ଭାବ ପୋଷଣ ନ କରି ଖୁବ ଶୀଘ୍ର ସେମାନଙ୍କ ଦାବି ଗୁଡିକୁ ସହୃଦୟତାର ସହ ବିଚାର କରି ପୂରଣ କରିବାପାଇଁ ଚେଷ୍ଟା କରିବା ନିହାତି ଜରୁରୀ ବୋଲି ବୁଦ୍ଧିଜୀବୀ ମାନେ ଦାବି କରିଛନ୍ତି।

## ମୁଣ୍ଡାବାହାଲକୁ ପହଞ୍ଚିନି ଆଲୁଅ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ଭୁର୍ଟିଗଡ଼ ପଞ୍ଚାୟତର ଗୋଟିଏ ଆଦିବାସୀ ଗାଁ ମୁଣ୍ଡାବାହାଲ। ଏହି ଗାଁରେ ବସବାସ କରନ୍ତି ୨୨ ଗୋଟି ଆଦିବାସୀ ଗଣ୍ଡ ସମ୍ପ୍ରଦାୟ ପରିବାର। ପଞ୍ଚାୟତ କାର୍ଯ୍ୟାଳୟରୁ ଏକ କିଲୋମିଟର ଦୂରତା ମଧ୍ୟରେ ଥିବା ମୁଣ୍ଡାବାହାଲ ଆଜି ବି ହେଉଛି ନାହିଁ ନାହିଁର ଗାଁ। ତେବେ ଧିରେ ଧିରେ ଲୋକଙ୍କୁ ବିଭିନ୍ନ ସରକାରୀ ସୁବିଧା ସୁଯୋଗ ମିଳୁଥିବାବେଳେ ଆଜି ବି ଗାଁକୁ ହୋଇପାରିନି ବିଦ୍ୟୁତ ସଂଯୋଗ। ଦୀର୍ଘ ବର୍ଷ ହେଲା ଗାଁ ଲୋକେ ବିଦ୍ୟୁତ ସଂଯୋଗ ପାଇଁ ଦାବି ଓ ଅଭିଯୋଗ କରି ଆସୁଥିବାବେଳେ ନା ପ୍ରଶାସନ ନା ସରକାର କେହି ବି ଗ୍ରାମବାସୀଙ୍କ ଏହି



ସମସ୍ୟାର ସମାଧାନ ପାଇଁ ଆନ୍ତରିକତା ଦେଖାଉନାହାନ୍ତି ବୋଲି କ୍ଷୋଭ ପ୍ରକାଶ କରନ୍ତି ଗାଁର ଦୈତାରୀ ପାତ୍ର, ଲୋକନାଥ ପୁଝାରୀ, ରମେଶ ପୁଝାରୀ, ଶିବରାମ ପାତ୍ର, ନନ୍ଦ ପାତ୍ର, ବଳଭଦ୍ର ପୁଝାରୀ, ବରୁଣ ପୁଝାରୀ ପ୍ରମୁଖ ଗ୍ରାମବାସୀ। ଆଜି ବି ଗ୍ରାମବାସୀଙ୍କ ପାଇଁ ବିଦ୍ୟୁତ ଆଲୁଅ ସତେ ଯେମିତି ପାଲଟିଛି ସାତ ସପନ। ତେବେ ଗ୍ରାମବାସୀଙ୍କ ପାଇଁ ବିଦ୍ୟୁତ ଆଲୁଅ ଭଳି ଏକ ମୌଳିକ ଆବଶ୍ୟକତା ପୂରଣ କରିବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିବାବେଳେ ଏଥିପ୍ରତି ସରକାର, ପ୍ରଶାସନ ଓ ବିଦ୍ୟୁତ ବିଭାଗ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

## ଟ୍ରାକ୍ଟର ଡ୍ରାଇଭରଙ୍କ ସହୃଦୟତା

ଭବାନୀପାଟଣା, (ଭାସ୍କର ନ୍ୟୁଜ): ବୁଧବାର ସଂଧ୍ୟା ୬ଟା ସମୟରେ ଥୁଆମୂଳ ରାମପୁର ବ୍ଲକ ଅଧୀନସ୍ଥ ଅତ୍ରି ଠାରେ ଏକ ବଡ଼ ଅଘଟଣରୁ ଦୁଇ ଯୁବତୀଙ୍କ ସମେତ ଜଣେ ମହିଳା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦେବଦୂତ ସାଜି ଜଣେ ଟ୍ରାକ୍ଟର ଡ୍ରାଇଭର ସେମାନଙ୍କୁ ଉଦ୍ଧାର କରିଛନ୍ତି। କାମ କରୁଥିବା ସମୟରେ ବର୍ଷା ହେବାରୁ, ବର୍ଷାରୁ ବଞ୍ଚିବା ପାଇଁ ୨ ଯୁବତୀ ଏବଂ ଜଣେ ମହିଳା ନିକଟସ୍ଥ ଚାନ୍ଦଗିରୀ ନାଳ ପୋଲ ତଳେ ଆଶ୍ରୟ ନେଇଥିଲେ। କିନ୍ତୁ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ପାହାଡିଆ ପାଣି ହଠାତ ଆସିଯାଇଥିଲା। ଦୁଇ ଯୁବତୀଙ୍କ ସମେତ ମହିଳା ଜଣକ ପାଣି ସ୍ରୋତରେ ଭାସିଯିବାର ଆଶଙ୍କା କରାଯାଉଥିଲା। ଏହି ସମୟରେ ସେହି ରାସ୍ତା ଦେଇ ଟ୍ରାକ୍ଟର ନେଇ ଯାଉଥିବା ଅନ୍ତି ଗ୍ରାମର ଟ୍ରାକ୍ଟର ଚାଳକ ଡମ୍ବୁ ମୁଦୁଲି ଯୁବତୀ ଏବଂ ମହିଳାଙ୍କ ଚିତ୍କାର ଶୁଣି ଅତ୍ରି ଗ୍ରାମର ଲୋକଙ୍କୁ ଡାକିଥିଲେ। ଏକ ଦଉଡ଼ି ସହାଯ୍ୟରେ ପୋଲ ତଳକୁ ଆସି ଦୁଇ ଯୁବତୀଙ୍କ ସମେତ ମହିଳାଙ୍କୁ ଉଦ୍ଧାର କରିଛନ୍ତି। ଦୁଇ ଯୁବତୀ ବଡ ବଫଲା ଗ୍ରାମର ହେଇଥିବାବେଳେ ମହିଳା ଜଣକ ଅତ୍ରି ଗ୍ରାମର ବୋଲି ସୂଚନା ମିଳିଛି।

## ପରଲୋକରେ କଣ୍ଠଶିଳ୍ପୀ ମଧୁ ରାମ ଗୋପାଳ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଆକାଶ ବାଣୀ ଭବାନୀପାଟଣା -ଜୟପୁର ଭଳି ବେତାର ଯନ୍ତ୍ରରେ ନିଜ ସୁମଧୁର କଣ୍ଠ ଗୀତରେ ମନମୋହି ଥିବା କଣ୍ଠଶିଳ୍ପୀ ମଧୁ ରାମ ଗୋପାଳଙ୍କ ୮୮ବର୍ଷ ରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ରୋଗାକ୍ରାନ୍ତ ରହିଥିଲେ।ଆଜି ତାଙ୍କ ବାସ ଗୃହରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ପୁଅ ବୋହୂ ନାତି ନାତୁଣୀ ଓ ପରିଜନ ଉପସ୍ଥିତ ରହିଥିଲେ। ତାଙ୍କୁ ଶେଷ ଦର୍ଶନ କରିବାକୁ ଲୋକଙ୍କ ସୁଅ ଛୁଟିଛି। ଗାଁ ମଶାଣିରେ ଶେଷକୃତ ସଂପନ୍ନ ହୋଇଥିବା ବେଳେ ପୁଅ ତୁଳସୀ ରାମ ଜୁଆଡ଼ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବିଧାୟକ ସୁଧୀରଞ୍ଜନ ପଟ୍ଟଯୋଶୀ, ପୁର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ସମେତ ସ୍ଥାନନୀୟ ସରପଞ୍ଚ ଜନ୍ମେଜୟ ଗୋପାଳ, ସାମ୍ବାଦିକ ନିରାକାର ଗୋପାଳ, ଯାଦବ ସମାଜ ସମିତି ସଦସ୍ୟ ବୃନ୍ଦ ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ଧାନ ଗଛରେ ରୋଗପୋକକୁ ନେଇ ଚିନ୍ତାରେ ଚାଷୀ



ଧର୍ମଗଡ (ଭାସ୍କର ନ୍ୟୁଜ୍) : ଚାଷୀ ପିଛା ଛାଡୁନି ଦୁର୍ଦ୍ଦଶା। ସମସ୍ୟା ଉପରେ ସମସ୍ୟା ଉପୁଜି ଥିବା ବେଳେ ମେରୁଦଣ୍ଡ ଭାଙ୍ଗି ପଡିଛି। ବିହନ ଠାରୁ ଆରମ୍ଭ କରି ସାର କୀଟନାଶକ ସବୁଠି ଶୋଷଣରେ ଶିକାର ସାଜିଥିବା ଚାଷୀ ପୁଣି ଏବେ ଧାନ ଗଛରେ ରୋଗପୋକ ଆବିର୍ଭାବକୁ ନେଇ ଚିନ୍ତାରେ ପଡ଼ି ଯାଇଛି। ରୁଆ ବେଉସା ଶେଷ କରି ଦ୍ୱିତୀୟ ପର୍ଯ୍ୟାୟ ସାର ଦେବା ଶେଷ କରିଛି। ଠିକ ଏତିକି ବେଳକୁ ଧାନ ଗଛରେ ରୋଗ ପୋକ ଦେଖା ଦେଲାଣି। ଗଣ୍ଠି ରୋଗ ପତ୍ରପୋଡ଼ା ଇତ୍ୟାଦି ରୋଗପୋକ ଧାନ ଗଛରେ ଲାଗି ନଷ୍ଟ ହେବା ଆରମ୍ଭ ହେଲାଣି।ଧାର କରଜ କରି ଚାଷୀ କୀଟ ନାଶକ ଔଷଧ ପ୍ରୟୋଗ କରିଛି ସତ ହେଲେ ଥମିବା ନା ନେଉ ନ ଥିବା ପ୍ରକାଶ କରନ୍ତି। ଧର୍ମଗଡ ବ୍ଲକ ଜୟନ୍ତପୁର ଗ୍ରାମର ଶତାଧିକ ଚାଷୀଙ୍କ ଜମିରେ ରୋଗପୋକ ଲାଗିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରେ ଡମ୍ବରୁ କାଣ୍ଡ, ହଳଧର ମାଝୀ, ରୋମାଞ୍ଚଳ ନାଏକ, ଜୟଧର ମେହେର, ଅଶୋକ ନାଏକ, ବେଳାର ନାଏକ, ପତିଧର ନାଏକ, ଗୋସିଂ ନାଏକ, ହେମାନନ୍ଦ ଝାଙ୍କର ନରସିଂ ଗୋଇନ୍ଥାଙ୍କ ପ୍ରାୟ ୨୦ ହେକ୍ଟର ଜମି ଧାନ ଚାଷରେ ବିଶେଷ ପ୍ରଭାବ ପଡିଥିବା ଅଭିଯୋଗ ହୋଉଛି। ଅନ୍ୟପଟେ ଏଭଳି ସ୍ଥିତିରେ କୃଷି ବିଭାଗ କର୍ମଚାରୀଙ୍କ ଦେଖା ନ ମିଳିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଯାହା ସଠିକ ପରାମର୍ଶ ପାଇବାରେ ଚାଷୀ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।ତୁରନ୍ତ କୃଷି ବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀଙ୍କ ଦାବି ହେଉଛି।

### ଭାଜପାର ବ୍ଲକସ୍ତରୀୟ ସାଂଗଠନିକ ସମାବେଶ

## କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଲେ ବିଧାୟକ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ) : କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ଦୂର୍ଗାମଣ୍ଡପଠାରେ ବୁଧବାର ଭାଜପାର ବ୍ଲକ ସ୍ତରୀୟ ସାଙ୍ଗଠନିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ଲାମୁଣ୍ଡା ଓ ଯୋରାଡବରା ମଣ୍ଡଳର ସଭାପତି ଡୋଳାମଣୀ ଭୋଇ ଓ ଯତିନ୍ଦ୍ର ସାହୁଙ୍କ ସଭାପତିତ୍ୱରେ କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର କଳାହାଣ୍ଡି ଜିଲା ସଭାପତି ଯୁଗଳ କିଶୋର ପୋଢ, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ପୂର୍ବତନ ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ଜିଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ ଯୋଗଦେଇ ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏଥି ସହିତ କର୍ମୀ ମାନେ ଲୋକଙ୍କ ପାଖକୁ ଯାଇ ସରକାରଙ୍କ ଜନହିତକର ଯୋଜନା ଉପରେ ବୁଝାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ସଭାପତି ଦୟାନିଧି ସାହୁ, ଗୋବିନ୍ଦ ଶଙ୍କର ସାହୁ , ବିଘ୍ନରାଜ ସାହୁ, ଚିତ୍ରସେନ ସାହୁ, ଗୋବିନ୍ଦ ସାହୁ, ଜିଲା ପ୍ରତିନିଧି ସଂଜୟ ଜୈନ, ଶିଶିର କୁମାର ସାହୁ, ଏସସି ମୋର୍ଚ୍ଚା ଜିଲା ସଭାପତି ଗଣେଶ କୁମାର ପ୍ରମୁଖ ମଞ୍ଚାସିନ ରହି ଭାରତୀୟ ଜନତା ପାର୍ଟିର କେମିତି ସୃଦୃଢ଼ ହେବ ଆଗାମୀ ପଞ୍ଚାୟତ ନିର୍ବାଚନରେ କେମିତି ବିଜେପିର ଆସନ ବଢିବ ସେ ଉପରେ ମତବ୍ୟକ୍ତ କରିଥିଲେ। ସଭା କାର୍ଯ୍ୟକୁ ପୂର୍ବତନ ଯୁବମୋର୍ଚ୍ଚା ସଭାପତି ନବୀନ କିଶୋର ସାହୁ ସଂଯୋଜନା କରିଥିବା ବେଳେ କର୍ଲାମୁଣ୍ଡା ମଣ୍ଡଳ ସାଧାରଣ ସମ୍ପାଦକ କ୍ଷମା ସାଗର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କର୍ମକର୍ତ୍ତା ପୂର୍ବତନ ଜିଲା ପରିଷଦ ସଭ୍ୟା ପୁଷ୍ପକାନ୍ତୀ କୁମାର, ପ୍ରଭାତୀ ଭୋଇ, ଏମପି ପ୍ରତିନିଧି ହୃଦାନନ୍ଦ ସାହୁ, ବନମାଳୀ ସାହୁ, ଗୁଣନିଧି ସାହୁ, ଲିଙ୍ଗରାଜ ସାହୁ, ଅବନୀ ସାହୁ, ଶୁଭ୍ରାଂଶୁ ସାହୁ, ଜୟନ୍ତୀ ସାହୁ, ସଞ୍ଜୁ ସାହୁ, ପୁଷ୍ପାଞ୍ଜଳି ସାହୁଙ୍କ ସମେତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ରାଶିଫଳ


ଶୁକ୍ରବାର, ୦୫ ସେପ୍ଟେମ୍ବର ୨୦୨୫




**ମେଷ:** ସୃଜନଶୀଳ କାର୍ଯ୍ୟ ସଫଳ ହେବ। ଆପଣ ଯେ କୌଣସି ଉତ୍ସବରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ। ସୁଖ ଏବଂ ମନୋରଞ୍ଜନ ଉପଲବ୍ଧ ହେବ। ବ୍ୟବସାୟ ଲାଭଦାୟକ ହେବ। ଭାଇମାନଙ୍କଠାରୁ ସମର୍ଥନ ପାଇବ। ଦୁର୍ଦ୍ଦଶା ଯୋଗୁଁ କ୍ଷତି ହେବ। ଚାକିରିରେ ତୁମେ ପ୍ରଶଂସା ପାଇବ। ତତ୍ପରତା ନାହିଁ।




**ବୃଷ:** ଟଙ୍କା ଅଭାବରୁ ନିରାଶ ହେବେ। ଥଟ୍ଟା ଠାରୁ ଦୂରେଇ ରୁହନ୍ତୁ। ଅଧିକାରୀମାନେ ଚାକିରିରେ ଅଧିକ ଆଶା କରିବେ। ବସଙ୍କ ସମର୍ଥିତ ହେବେ ନାହିଁ। କ୍ଲାନ୍ତ ହୋଇଯିବ। ବ୍ୟବସାୟ ଲାଭଦାୟକ ହେବ। ଖରାପ ଖବର ଗ୍ରହଣ କରାଯାଇପାରେ।



**ମିଥୁନ:** ଜମି କ୍ରୟ ଏବଂ ବିକ୍ରୟ ଲାଭଦାୟକ ହେବ। ପ୍ରଗତିର ରାସ୍ତା ପକ୍କା ହେବ। ବିପଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟ ବୃଦ୍ଧି ପାଇବ। ବିନିଯୋଗ ଶୁଭ ହେବ। ରୋଜଗାର ବୃଦ୍ଧି ପାଇବ। ଲାଭ ସୁଯୋଗ ଆସିବ। ଘର ବାହାରେ ସୁଖ ମିଳିବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।




**କର୍କଟ:** ରାଜ୍ୟ ସହାୟତାରେ କାର୍ଯ୍ୟ ସମାପ୍ତ ହେବ। ବ୍ୟବସାୟ ଅନୁକୂଳ ଲାଭ ଦେବ। ବିବାହ ପ୍ରସ୍ତାବ ମିଳିପାରିବ। ଯଦି ଜରୁରୀ ଜିନିଷ ଠିକ୍ ସମୟରେ ଉପଲବ୍ଧ ନହୁଏ ତେବେ ଅକ୍ଷମତା ସେଠାରେ ରହିବ ନାହିଁ। ବିନିଯୋଗ ଶୁଭ ହେବ। ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ।



**ସିଂହ:** ଯୋଜନା ଫଳପ୍ରଦ ହେବ। ପଦ୍ଧତିରେ ଉନ୍ନତି ହେବ। ଏହି ସଫଳତାରେ ଖୁସି ହେବେ। କଠିନ ପରିଶ୍ରମ ସଫଳ ହେବ। ଲାଭ ସୁଯୋଗ ଆସିବ। ସମ୍ମାନ ପାଇବେ। ବ୍ୟବସାୟ ଇଚ୍ଛାକୃତ ଲାଭ ପ୍ରଦାନ କରିବ। ସେୟାର ବଜାରରେ ଶୀଘ୍ର ଏଡ଼ାନ୍ତୁ।




**କନ୍ୟା:** ଆଧ୍ୟାତ୍ମିକତା ପାଇଁ ଆଗ୍ରହୀ ହେବ। କୌଣସି ଧାର୍ମିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ଆସିବ। ସୁଖ ଏବଂ ଶାନ୍ତି ରହିବ। ବ୍ୟବସାୟ ସୁରୁଖୁରୁରେ ଚାଲିବ। ସାଙ୍ଗମାନଙ୍କ ସହଯୋଗ ଲାଭ ବୃଦ୍ଧି କରିବ। ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ।



**ତୁଳା:** ପୁରୁଣା ସହକର୍ମୀ ଏବଂ ସମ୍ପର୍କୀୟଙ୍କୁ ଭେଟିବା ଆନନ୍ଦଦାୟକ ହେବ। ଭଲ ଖବର ଗ୍ରହଣ କରାଯିବ। ମୂଲ୍ୟ ବୃଦ୍ଧି ହେବ। ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଚିନ୍ତା କରାଯିବ। ଦୀର୍ଘ ଯାତ୍ରା ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିପଦ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ତତ୍ପରତା ନାହିଁ।



**ବିଛା:** ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଘର ବାହାରେ ପଚରାଉଚରା କରାଯିବ। ବ୍ୟବସାୟ ଅନୁକୂଳ ଲାଭ ଦେବ। ଟଙ୍କା ମିଳିବା ସହଜ ହେବ। ଲାଭ ସୁଯୋଗ ଆସିବ। ଚାକିରିରେ ଠିକ୍ ସମୟରେ ପ୍ରଶଂସା ପାଇବେ। ସମୟ ସୁସଙ୍ଗତତାର ସୁଯୋଗ ନିଅନ୍ତୁ। ପାରିବାରିକ ଚିନ୍ତା ହ୍ରାସ ପାଇବ।




**ଧନୁ:** ବୁଡିଯାଇଥିବା ଟଙ୍କା ଗ୍ରହଣ କରାଯାଇପାରେ। ଯାତ୍ରା ଅନୁକୂଳ ହେବ। ନୂତନ କାର୍ଯ୍ୟଗୁଡ଼ିକ ଆସିବ। ବ୍ୟବସାୟ ଅଭିବୃଦ୍ଧିରେ ଖୁସି ହେବେ। ସମୟ ସୁସଙ୍ଗତତାର ଲାଭ ନିଅ। ଅଧସ୍ତନମାନଙ୍କ ସହଯୋଗ ମିଳିବ। ଲାଭ ସୁଯୋଗ ଆସିବ। ଅଜ୍ଞାତ ଭୟ ରହିବ। ପାରିବାରିକ ସହଯୋଗରେ ଖୁସି ହେବେ। ତତ୍ପରତା ନାହିଁ।



**ମକର:** ନୂତନ ପୋଷାକ ପାଇଁ ଖର୍ଚ୍ଚ ହେବ। ଆପଣ ପରୀକ୍ଷା ଏବଂ ସାକ୍ଷାତକାର ଇତ୍ୟାଦିରେ ସଫଳତା ପାଇବେ। ଯାତ୍ରା ଅନୁକୂଳ ଲାଭ ଦେବ। ନୂତନ ଚାକିରି ମିଳିପାରିବ। କାର୍ଯ୍ୟ ସନ୍ତୁଷ୍ଟ ହେବେ। ସେଠାରେ ସୁଖ ଏବଂ ଉତ୍ସାହର ପରିବେଶ ରହିବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଏବଂ ଚାକିରି ଅନୁକୂଳ ଲାଭ ଦେବ। ଶୀଘ୍ର କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଉପହାସରୁ ଦୂରେଇ ରୁହନ୍ତୁ।



**କୁମ୍ଭ:** ଯାନ, ଯନ୍ତ୍ରପାତି ଏବଂ ଅଗ୍ନି ଇତ୍ୟାଦି ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବକ୍ତବ୍ୟରେ ହାଲୁକା ଶବ୍ଦ ବ୍ୟବହାର କରିବା ଠାରୁ ଦୂରେଇ ରୁହନ୍ତୁ। କୌଣସି ବ୍ୟକ୍ତିଙ୍କ ଉତ୍ତେଜନାରେ ଆସନ୍ତୁ ନାହିଁ। ବ୍ୟବସାୟରୁ ଲାଭବାନ ହେବ। ବିନିଯୋଗରେ ତତ୍ପର ହୁଅନ୍ତୁ ନାହିଁ। ଆୟ ରହିବ। ଥକ୍କା ଏବଂ ଦୁର୍ବଳତା ହୋଇପାରେ। ଅଜ୍ଞାତ ଭୟ ରହିବ। ଅପ୍ରତ୍ୟାଶିତ ଘଟଣାର ସମ୍ଭାବନା ରହିବ।



**ମୀନ:** କାର୍ଯ୍ୟରେ ମନ ରହିବ ନାହିଁ। ବ୍ୟବସାୟ ଲାଭଦାୟକ ହେବ। ଆୟରେ ନିଶ୍ଚିତତା ରହିବ। ପରିବାରରେ ଶାନ୍ତି ରହିବ। ଇଚ୍ଛାଶକ୍ତି ବୃଦ୍ଧି ପାଇବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ। ସ୍ୱାସ୍ଥ୍ୟ ଦୁର୍ବଳ ରହିବ। କୌଣସି ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ବକ୍ତବ୍ୟର ନିୟନ୍ତ୍ରଣ ନିଅନ୍ତୁ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯